
- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-16 ◆THURSDAY ◆10 JULY 2025 ◆PAGE-12 ◆₹ 6.00 | JEYPORE | ◆ବର୍ଷ-୪୩ ◆ସଂଖ୍ୟା-୧୬ ◆ଗୁରୁବାର ◆୧୦ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


ୱିମ୍ବଲଡନ୍ ସେମିରେ ସ୍ୱିଆଟେକ୍

▶ପୃଷ୍ଠା ୧୨ ଦେଖନ୍ତୁ...

## ପୋଲ ଭୁଶୁଡ଼ିଲା; ନଦୀକୁ ଖସିଲା ଗାଡ଼ି

# ୧୩ ମୃତ; ୮ ଉଦ୍ଧାର



■ **ଭଦୋଦରା, ୯।୭ (ଏଜେନ୍ସି):** ଗୁଜରାଟ ଭଦୋଦରାରେ ବୁଧବାର ସକାଳେ ବଡ଼ ଦୁର୍ଘଟଣା ଘଟିଛି। ମହିସାଗର ନଦୀ ଉପରେ ନିର୍ମିତ ପୋଲ ଅଚାନକ ଭୁଶୁଡ଼ିପଡ଼ିଛି। ଏହି ସମୟରେ ପୋଲ ଦେଇ ଅନେକ ଗାଡ଼ି ଯାଉଥିଲା। ମଝିରୁ ଗମ୍ଭୀରା ପୋଲ ଭାଙ୍ଗିଯିବାରୁ ୨ଟି ଟ୍ରକ, ୨ଟି କାର୍, ଗୋଟିଏ ଅଟୋ ଏବଂ ବାଇକ ନଦୀକୁ ଖସି ପଡ଼ିଥିଲା। ଏକ ତେଲ ଟ୍ୟାଙ୍କର ଅଳ୍ପକେ ବର୍ତ୍ତି ଯାଇଥିଲା। ଏହା ଭଗ୍ନ ଅଂଶରେ ଫସି ରହିଥିଲା। ନଦୀରେ ୬ରୁ ଅଧିକ ଗାଡ଼ି ପଡ଼ିଯିବାରୁ ୧୩ ଜଣଙ୍କ ମୃତ୍ୟୁ ହୋଇଛି। ସ୍ଥାନୀୟ ଲୋକେ ୮ ଜଣଙ୍କୁ ଉଦ୍ଧାର କରିଛନ୍ତି। ଦମକଳ ବାହିନୀର ତିନୋଟି ଟିମ୍ ଉଦ୍ଧାରକାର୍ଯ୍ୟରେ ନିୟୋଜିତ ▶ପୃଷ୍ଠା-୭

## ଉଦ୍‌ଘାଟନ ପୂର୍ବରୁ ଧୋଇଗଲା ରାଜପଥ

■ **ଜୟପୁର, ୯।୭ (ଏଜେନ୍ସି):** ରାଜସ୍ଥାନ ଝୁନଝୁନ୍ ଜିଲ୍ଲାରୁ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି। ଉନ୍ନତ ମାନର ରାସ୍ତା ନିର୍ମାଣ ନେଇ ସରକାର ଦାବି କରୁଥିବାବେଳେ ଉଦ୍‌ଘାଟନ ପୂର୍ବରୁ ଏକ ରାଜ୍ୟ ରାଜପଥ ବର୍ଷାରେ ଧୋଇ ହୋଇଯାଇଛି। ମାତ୍ର ୬ ମାସ ତଳେ ଏହି ରାସ୍ତା ନିର୍ମାଣ କରାଯାଇଥିଲା। ଜାତୀୟ ରାଜପଥ ୫୨କୁ ବାଘୁଲି ଏବଂ ଜାହାଜ ଗ୍ରାମ ସହ ଯୋଡ଼ିବା ପାଇଁ ଏହା ନିର୍ମାଣ କରାଯାଇଥିଲା। ରିପୋର୍ଟ ଅନୁଯାୟୀ କିଛି ଦିନ ହେଲା ଅଞ୍ଚଳରେ ପ୍ରବଳ ବର୍ଷା ଜାରି ରହିଛି। ▶ପୃଷ୍ଠା-୭



## ଖସିପଡ଼ିଲା ଯୁଦ୍ଧ ବିମାନ

ଦୁଇ ପାଇଲଟ୍ ମୃତ



■ **ନୂଆଦିଲ୍ଲୀ, ୯।୭ (ଏଜେନ୍ସି):** ରାଜସ୍ଥାନର ଚୁରୁରେ ଭାରତୀୟ ବାୟୁସେନାର ଆଉ ଏକ ଲଢୁଆ ବିମାନ ଜାଗୁଆର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ପାଇଲଟ୍ ଓ କୋ- ପାଇଲଟ୍‌ଙ୍କର ମୃତ୍ୟୁ ଘଟିଛି। ଦୁର୍ଘଟଣା ସ୍ଥଳରେ ବିମାନର ଛୋଟ ଛୋଟ ଅଂଶ ବିଛାଡି ହୋଇ ପଡ଼ିଛି। ଏହି ଦୁର୍ଘଟଣା ବୁଧବାର ଅପରାହ୍ଣ ୧୨.୪୦ ମିନିଟ୍‌ରେ ଘଟିଥିଲା। ଦୁର୍ଘଟଣାର କାରଣ ଜାଣିବା ପାଇଁ ଭାରତୀୟ ବାୟୁସେନା କୋର୍ଟ ଅଫ୍ ଇନ୍‌କ୍ୱାରି ଗଠନ କରିଛି। ଚୁରୁ ଜିଲ୍ଲାର ରାଜଲଦେସର ଅଞ୍ଚଳର ଭାଣୁଦା ଗାଁରେ ଏହି ଦୁର୍ଘଟଣା ଘଟିଛି ବୋଲି ସ୍ଥାନୀୟ ଏସ୍‌ପି ଜୟ ଯାଦବ କହିଛନ୍ତି। ଦୁର୍ଘଟଣାସ୍ଥଳରେ ପାଇଲଟ୍ ଓ କୋ- ପାଇଲଟ୍‌ଙ୍କ ଶବ କ୍ଷତ ବିକ୍ଷତ ହୋଇ ପଡ଼ିଛି। ବୈଷୟିକ ତ୍ରୁଟି କାରଣରୁ ବିମାନ ଦୁର୍ଘଣଟାର ସମ୍ମୁଖୀନ ହୋଇଥିଲା ଓ ପାଇଲଟ୍ ତ୍ରୁଟିକୁ ସୁଧାରିବାରେ ବିଫଳ ହୋଇଥିଲେ ବୋଲି ଅନୁମାନ କରାଯାଉଛି। ଏହି ଜାଗୁଆର ଜେଟ୍ ଶ୍ରୀଗଙ୍ଗାନଗର ନିକଟସ୍ଥ ସୁରତଗଡ଼ ଏୟାର ବେଶ୍‌ରୁ ଉଡିବା ଆରମ୍ଭ କରିଥିଲା। ଏହି ଜେଟ୍ ଟୁ ସିଟର ଅର୍ଥାତ୍ ଏଥିରେ ଦୁଇଜଣ ହିଁ ବସିବାର ସୁବିଧା ଥିଲା। ଟ୍ରେନିଂ ପାଇଁ ଏହି ଜେଟ୍‌ର ବ୍ୟବହାର ହୋଇଥାଏ। ଦୁର୍ଘଟଣାର କାରଣ ସମ୍ପର୍କରେ କିଛି କୁହାଯାଇନାହିଁ। ଯାଞ୍ଚ ପୁରା ହେବା ପରେ ଯାଇ ଦୁର୍ଘଟଣା ସମ୍ପର୍କରେ କିଛି କହିହେବ ବୋଲି ଅଧିକାରୀମାନେ କହିଛନ୍ତି। ଘଟଣାସ୍ଥଳରେ ବାୟୁସେନାର ହେଲିକପ୍ଟର ପହଞ୍ଚିଛି ଓ ଏହାକୁ ସଡକ ଉପରେ ଲ୍ୟାଣ୍ଡ କରାଯାଇଥିଲା। ଏହି ଦୁର୍ଘଟଣାରେ କୌଣସି ସାଧରଣ ଲୋକଙ୍କର ଧନଜୀବନର କ୍ଷତି ହୋଇନାହିଁ। ଉଲ୍ଲେଖଥାଉ କି, ଗତ ୫ ମାସ ମଧ୍ୟରେ ଦେଶରେ ୩ଟି ଜାଗୁଆର ବିମାନ ଦୁର୍ଘଟଣାରେ ଧ୍ୱଂସ ପାଇଛି।

## ଡ୍ରାଇଭରଙ୍କ ଷ୍ଟିୟରିଂ ଛାଡ଼ ଯୋଗୁଁ ସାରା ରାଜ୍ୟରେ ଅଚଳାବସ୍ଥା

# ପରିବହନ ବନ୍ଦ; ଟାଙ୍କି ଖାଲି

### ପରିବହନ କ୍ଷେତ୍ରରେ ସାଂଘାତିକ ଅବସ୍ଥା

### ବଢ଼ିବ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ

■ **ଭୁବନେଶ୍ୱର, ୯।୭ (ସମିସ):** ସାତ ଦଫା ଦାବି ନେଇ ଷ୍ଟିଅରିଂ ଛାଡ଼ ଆନ୍ଦୋଳନକୁ ଓହ୍ଲାଇଛନ୍ତି ରାଜ୍ୟର ଡ୍ରାଇଭର ସଂଘ। ଆନ୍ଦୋଳନର ଦ୍ୱିତୀୟ ଦିନରେ ପରିବହନ କ୍ଷେତ୍ରରେ ସମସ୍ୟା ସୃଷ୍ଟି ହେବା ସହ ପେଟ୍ରୋଲିୟମ ସାମଗ୍ରୀକୁ ନେଇ ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଛି। ପେଟ୍ରୋଲ ଟାଙ୍କିଗୁଡ଼ିକରେ ଗଚ୍ଛିତ ତେଲ ପ୍ରାୟ ଶେଷ ହୋଇ ଯାଇଛି ଓ ଗାଡ଼ି ଚଳାଚଳ ବନ୍ଦ ଯୋଗୁ ରାଜ୍ୟର ୪ଟି ସ୍ଥାନରେ ଥିବା ପେଟ୍ରୋଲିୟମ ଡ଼ିପୋରୁ ତେଲ ପରିବହନ ହୋଇ ପାରୁନାହିଁ। ଫଳରେ ଆସନ୍ତାକାଲିଠାରୁ ରାଜ୍ୟରେ ପେଟ୍ରୋଲ ଓ ଡ଼ିଜେଲ ମିଳିବା ନେଇ ଆଶଙ୍କା ସୃଷ୍ଟି ହୋଇଛି ।

ଆନ୍ଦୋଳନକାରୀ ଡ୍ରାଇଭର ସଂଘ ବିଭିନ୍ନ ସ୍ଥାନରେ ପିକେଟିଂ କରି ଗାଡି ଚଳାଚଳ ବନ୍ଦ କରୁଥିବାରୁ ତେଲ ଟ୍ୟାଙ୍କର ପରିବହନ ବାଧାପ୍ରାପ୍ତ ହୋଇଛି। ଫଳରେ ଜଟଣୀ, ପାରାଦୀପ, ବାଲେଶ୍ୱର, ଝାରସୁଗୁଡା ଭଳି ରାଜ୍ୟର ୪ ବଡ ଡିପୋରୁତେଲ ପରିବହନ ବନ୍ଦ ହୋଇଯାଇଛି। ଇତିମଧ୍ୟରେ ଅଧିକାଂଶ ପେଟ୍ରୋଲ ପମ୍ପଗୁଡ଼ିକରେ ଗଚ୍ଛିତ ତେଲ ଶେଷ ହୋଇଯାଇଛି। ଆନ୍ଦୋଳନକୁ ଦୃଷ୍ଟିରେ ରଖି ପେଟ୍ରୋଲ ଟାଙ୍କିଗୁଡ଼ିକରେ ତେଲ ଭର୍ତ୍ତି କରିବାକୁ ଗାଡ଼ିଗୁଡ଼ିକର ଲମ୍ବା ଧାଡ଼ି ଲାଗିଛି। ଫଳରେ ଯାହା କିଛି ତେଲ ରହିଛି, ତାହା ଗୁରୁବାର ସକାଳୁ ପ୍ରାୟ ଶେଷ ହୋଇ ହୋଇଯାଇପାରେ ବୋଲି କୁହାଯାଉଛି । ▶ପୃଷ୍ଠା-୭



## ଡ୍ରାଇଭର ମହାସଂଘ ଅଟଳ

### ଲିଖିତ ପ୍ରତିଶ୍ରୁତି ନ ମଳିବା ଯାଏଁ ଆନ୍ଦୋଳନ

■ **ଭୁବନେଶ୍ୱର, ୯।୭ (ସମିସ):** ଡ୍ରାଇଭରମାନଙ୍କ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ସାରା ରାଜ୍ୟରେ ସୃଷ୍ଟି କରିଛି ଅଚଳାବସ୍ଥା। କେବଳ ଜରୁରୀକାଳୀନ ସେବାରେ ନିୟୋଜିତ କିଛି ଯାନବାହନକୁ ଛାଡ଼ି ଦେଲେ ବାକି ସବୁ ସ୍ଥାନରେ ଗାଡ଼ି ମୋଟର ଠପ୍ ହୋଇଯାଇଛି। ଯାତ୍ରୀ ପରିବହନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଥିବା ବେଳେ ବିଭିନ୍ନ ସାମଗ୍ରୀର ଦରଦାମ ମଧ୍ୟ ଉପରମୁହାଁ ହେବାରେ ଲାଗିଛି। ମଙ୍ଗଳବାର ରାତିରେ ଡ୍ରାଇଭର ମହାସଂଘ ସହିତ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଆଲୋଚନା ବିଫଳ ହୋଇଛି। ଲିଖିତ ବା ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି ନ ମିଳିବା ଯାଏ ଡ୍ରାଇଭରମାନେ ଆନ୍ଦୋଳନରୁ ଓହ୍ଲାଇବେ ନାହିଁ ବୋଲି ସଂଘ ରୋକଠୋକ୍ ଘୋଷଣା କରିଛି। ମଙ୍ଗଳବାର ରାତିରେ ଡ୍ରାଇଭର ▶ପୃଷ୍ଠା-୭

## ଓଡ଼ିଶାରେ ‘ଭାରତ ବନ୍ଦ’

### ବନ୍ଦ ସଫଳ ହୋଇଛି: ଏଆଇଟିୟୁସି

### ସମର୍ଥନ ଦେଲା ବିଜୁ ଶ୍ରମିକ ସାମୁଖ୍ୟ

■ **ଭୁବନେଶ୍ୱର, ୯।୭ (ସମିସ):** ଏଆଇଟିୟୁସି ସମେତ ୧୦ଟି କେନ୍ଦ୍ରୀୟ ଟ୍ରେଡ ୟୁନିୟନ ପକ୍ଷରୁ ଆହୂତ ଭାରତ ବନ୍ଦର ପ୍ରଭାବ ରାଜ୍ୟରେ ଆଂଶିକ ଭାବେ ପରିଲିକ୍ଷିତ ହୋଇଛି। ବୁଧବାର ସକାଳୁ ଟ୍ରେଡ ୟୁନିୟନରର ସଦସ୍ୟ ସହ ବିଭିନ୍ନ ସଂଗଠନର କର୍ମକର୍ତ୍ତା ରାଜ୍ୟର ବିଭିନ୍ନ ସ୍ଥାନରେ ପିକେଟିଂ କରିବା ସହ ପ୍ରଦର୍ଶନ କରିଥିଲେ। ବିଭିନ୍ନ ସ୍ଥାନରେ ରାସ୍ତା, ରେଳରୋକ ଯୋଗୁଁ ସାଧାରଣ ଜୀବନଯାତ୍ରା କିଛିକାଂଶରେ ପ୍ରଭାବିତ ହୋଇଥିଲା। ତେବେ ବିଭିନ୍ନ ସ୍ଥାନରେ ପୁଲିସ ଆନ୍ଦୋଳନକାରୀଙ୍କୁ ଗିରଫ କରିଥିବା ବେଳେ ଧର୍ମଘଟ ସଫଳ ହୋଇଥିବା ନେଇ ଏଆଇଟିୟୁସି ପକ୍ଷରୁ ଦାବି କରାଯାଇଛି।

ବୁଧବାର ସକାଳୁ ରାଜଧାନୀ ଭୁବନେଶ୍ୱର ସମେତ ବିଭିନ୍ନ ସ୍ଥାନରେ ଆନ୍ଦୋଳନକାରୀ ରାଜରାସ୍ତାକୁ ଓହ୍ଲାଇଥିଲେ। ଓଡ଼ିଶାର ୩୦ଟି ଜିଲ୍ଲାରେ ସିପିଆଇ(ଏମ), ବାମପନ୍ଥୀ ଦଳ, ▶ପୃଷ୍ଠା-୭

## ପୂର୍ବାଞ୍ଚଳ କ୍ଷେତ୍ରୀୟ ପରିଷଦ ବୈଠକ ଆଜି

# ଓଡ଼ିଶାର ଦାବି ଉପରେ ନଜର

### କମୁଛି କେନ୍ଦ୍ରୀୟ ଅନୁଦାନ, ରାଜ୍ୟର ବିକାଶ ବାଧାପ୍ରାପ୍ତ

### ବଢୁନି କୋଇଲା ରାଜଭାଗ ଓ ମିଳୁନାହିଁ ଗ୍ରୀନ୍ ସେସ୍

■ **ଭୁବନେଶ୍ୱର, ୯।୭ (ସମିସ):** ଆସନ୍ତାକାଲି ଝାଡଖଣ୍ଡର ରାଜଧାନୀ ରାଞ୍ଚିଠାରେ ଅନୁଷ୍ଠିତ ହେବ ପୂର୍ବାଞ୍ଚଳ କ୍ଷେତ୍ରୀୟ ପରିଷଦର ୨୭ତମ ବୈଠକ। କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ଏହି ବୈଠକରେ ଯୋଗ ଦେବା ନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ରାଞ୍ଚିରେ ପହଞ୍ଚିଛନ୍ତି। ତେବେ ଏହି ବୈଠକରେ ଓଡ଼ିଶା କ'ଣ ଦାବି କରିବ ତାହା ଉପରେ ସମସ୍ତଙ୍କର ନଜର ରହିଛି। ବିଗତ ପରିଷଦ ବୈଠକଗୁଡ଼ିକରେ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟ ସ୍ୱାର୍ଥ ସମ୍ବଳିତ ଏକାଧିକ ଦାବି ଉପସ୍ଥାପନ କରିଥିଲେ ହେଁ କେନ୍ଦ୍ର ସରକାର ତାହାକୁ ପୂରଣ କରିନାହାନ୍ତି। କୋଇଲା ରାଜଭାଗ, ବିଭିନ୍ନ ସମ୍ପ୍ରଦାୟକୁ ଜନଜାତି ମାନ୍ୟତା, କେନ୍ଦ୍ରୀୟ ଅନୁଦାନ ବୃଦ୍ଧି ଦାବିଗୁଡ଼ିକୁ କେନ୍ଦ୍ର ସରକାର ଉପେକ୍ଷା କରିଆସିଛି। ମାତ୍ର ବର୍ତ୍ତମାନ ରାଜ୍ୟ ଓ କେନ୍ଦ୍ରରେ ଡବଲ ଇଞ୍ଜିନ ସରକାର ଚାଲୁଥିବା ବେଳେ ରାଜ୍ୟ ସ୍ୱାର୍ଥ ସମ୍ବଳିତ ଏହି ଦାବିକୁ ନେଇ ରାଜ୍ୟର ଆଭିମୁଖ୍ୟ ▶ପୃଷ୍ଠା-୭

## ପଞ୍ଚମ, ଅଷ୍ଟମରେ ଲାଗୁହେଲା ପାସ୍ ଫେଲ୍ ବ୍ୟବସ୍ଥା

■ **ଭୁବନେଶ୍ୱର, ୯।୭ (ସମିସ):** ପଞ୍ଚମ ଓ ଅଷ୍ଟମ ଶ୍ରେଣୀରେ ଲାଗୁ ହେଲା ପାସ୍-ଫେଲ୍ ବ୍ୟବସ୍ଥା। ଏହି ଦୁଇ ଶ୍ରେଣୀରେ ଫେଲ୍ ହେଲେ ଆଉଥରେ ପରୀକ୍ଷା ଦେବେ ଛାତ୍ରଛାତ୍ରୀ। ଏନେଇ ଓଡ଼ିଶା ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଅଧିନିୟମ ୨୦୧୦କୁ ସଂଶୋଧନ କରାଯାଇଥିବା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି। ନୂତନ ନିୟମ ଅନୁଯାୟୀ, ପ୍ରତିବର୍ଷ ପରି ବାର୍ଷିକ ପରୀକ୍ଷା ଅନୁଷ୍ଠିତ ହେବ। ପଞ୍ଚମ ଓ ଅଷ୍ଟମ ଶ୍ରେଣୀରେ ଫେଲ୍ ହେଉଥିବା ଛାତ୍ରଛାତ୍ରୀଙ୍କୁ ପୁନଃପରୀକ୍ଷା ପାଇଁ ସୁଯୋଗ ▶ପୃଷ୍ଠା-୭

ମନମୋହନଙ୍କ ଇଙ୍ଗିତ

## ମନ୍ତ୍ରୀ ଅସ୍ଥିର; ଆଶାୟୀ ଅଥୟ

### ଚଳିତ ମାସରେ ହେବ ମୋହନ ସରକାର ସମ୍ପ୍ରସାରଣ

■ **ଭୁବନେଶ୍ୱର, ୯।୭ (ସମିସ):** ଖୁବ୍ ଶୀଘ୍ର ହେବ ରାଜ୍ୟ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ। ଦିନକ ତଳେ ପୁନର୍ବାର ରାଜ୍ୟ ସଭାପତି ନିର୍ବାଚିତ ହୋଇଥିବା ମନମୋହନ ସାମଲଙ୍କ ଏହି ପଦକ ଇଙ୍ଗିତ ଆଶାୟୀଙ୍କୁ ଅସ୍ଥିର କରିଛି। ଅନ୍ୟପକ୍ଷରେ ମନ୍ତ୍ରିମଣ୍ଡଳରୁ ବାଦ ଆଶଙ୍କାରେ ଥିବା ତିନି ଚାରିଜଣ ମନ୍ତ୍ରୀ ଅସ୍ଥିର ଅନୁଭବ କରୁଛନ୍ତି। ଚଳିତ ମାସରେ ମୋହନ ସରକାରର ପ୍ରଥମ ସମ୍ପ୍ରସାରଣ ହୋଇପାରେ ଓ ସମ୍ଭବତଃ ୨୪ ତାରିଖରୁ ୩୧ ତାରିଖ ମଧ୍ୟରେ ଯେ କୌଣସି ମୁହୂର୍ତ୍ତରେ ନୂଆ ମନ୍ତ୍ରୀମାନେ ଶପଥ ନେଇ ପାରନ୍ତି। ଆସନ୍ତାକାଲିଠାରୁ କୃଷ୍ଣପକ୍ଷ, ତେଣୁ ୨୪ ତାରିଖରେ ଅମାବାସ୍ୟା ପରେ ନୂଆ ମନ୍ତ୍ରୀ ପରିଷଦ ଶପଥ ନେଇ ପାରନ୍ତି ବୋଲି ସୂଚନା ମିଳିଛି।

**ମୋହନ-ମନମୋହନ ଆଲୋଚନା ପରେ ଚୂଡ଼ାନ୍ତ ନିଷ୍ପତ୍ତି**

**ନୂଆ ମନ୍ତ୍ରିମଣ୍ଡଳ ଗଠନ ପରେ ବୋର୍ଡ, ନିଗମ ନିଯୁକ୍ତି**

ରାଜ୍ୟରେ ବର୍ତ୍ତମାନ ୬ଟି ମନ୍ତ୍ରୀପଦ ଖାଲି ପଡ଼ିଛି। ସେହିପରି ଅଧିକାଂଶ ମନ୍ତ୍ରୀମାନଙ୍କ କାର୍ଯ୍ୟ ମୁଖ୍ୟମନ୍ତ୍ରୀଙ୍କୁ ସନ୍ତୁଷ୍ଟ କରିପାରି ନାହିଁ। ସ୍ୱାସ୍ଥ୍ୟ, ଆଇନ, ଯୋଗାଣ, ଉଚ୍ଚଶିକ୍ଷା ଆଦି ବିଭାଗ ବର୍ଷକ ମଧ୍ୟରେ ଅନେକ ବିବାଦର ସମ୍ମୁଖୀନ ହୋଇଛି। ପୁନଶ୍ଚ ଏକାଧିକ ମନ୍ତ୍ରୀଙ୍କ ନିକଟରେ ଦୁଇ ତିନିଟି ବିଭାଗ ରହିଛି। ତେଣୁ ଏକ ସମତୁଳ ମନ୍ତ୍ରିମଣ୍ଡଳ ଗଠନ ପାଇଁ ଉଭୟ ରାଜ୍ୟ ସଭାପତି ଓ ମୁଖ୍ୟମନ୍ତ୍ରୀ ପ୍ରାଥମିକ ଆଲୋଚନା କରିଛନ୍ତି। ସେହିପରି ପ୍ରତି ଲୋକସଭା କ୍ଷେତ୍ରରୁ ଅନ୍ୟୂନ ଜଣକୁ ମନ୍ତ୍ରୀ ପରିଷଦରେ ସ୍ଥାନ ଦେବାକୁ ମଧ୍ୟ ବିଚାର ବିମର୍ଶ କରାଯାଇଛି। ମହିଳା ଭାଗିଦାରୀକୁ ବୃଦ୍ଧି କରିବାକୁ ଦଳୀୟ ନେତୃତ୍ୱ ଆପାତତଃ ସ୍ଥିର କରିସାରିଛନ୍ତି। ▶ପୃଷ୍ଠା-୭

ଅବସର ପରେ ପୁନଃ ନିଯୁକ୍ତି

## ସରକାରଙ୍କୁ ହାଇକୋର୍ଟ ଝଟ୍‌କା

■ **କଟକ/ଭୁବନେଶ୍ୱର; ୯।୭ (ସମିସ):** ଅବସରପରେ ଜଳସମ୍ପଦ ବିଭାଗ ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀଙ୍କ ପୁନଃନିଯୁକ୍ତି ପ୍ରସଙ୍ଗରେ ସରକାରଙ୍କୁ ଲାଗିଛି ହାଇକୋର୍ଟ ଝଟ୍‌କା। ବିଭାଗରେ ଅନେକ ଯୋଗ୍ୟ ଅଧିକାରୀ ଥିବାବେଳେ ଅବସରପ୍ରାପ୍ତ ଅଧିକାରୀଙ୍କୁ ପୁନଃନିଯୁକ୍ତିର ଯଥାର୍ଥତାକୁ ନେଇ ମଧ୍ୟ ହାଇକୋର୍ଟ ପ୍ରଶ୍ନ ଉଠାଇଛନ୍ତି । ଏହାସହ ରାଜ୍ୟ ସରକାରଙ୍କଠାରୁ ଅଦାଲତ ଏ ସଂକ୍ରାନ୍ତରେ ଜବାବତଲବ କରିଛନ୍ତି ।

ଗତ ଜୁନ ୩୦ ତାରିଖରେ ଶ୍ରୀ ପାଢ଼ୀଙ୍କର କାର୍ଯ୍ୟକାଳ ଶେଷ ହୋଇଥିଲା। ତାଙ୍କ ଅବସର ପରେ ସରକାର ତତ୍‌କ୍ଷଣାତ୍ ତାଙ୍କୁ ଜଳସମ୍ପଦ ବିଭାଗର ଇଆଇସି ତଥା ଓଏସଡି ଭାବେ ପୁନଃ ନିଯୁକ୍ତି ଦେଇଥିଲେ। ଇଞ୍ଜିନିୟର ଇନ୍ ଚିଫ(ସିଭିଲ) ଭାବେ ପଦୋନ୍ନତି ପାଇଁ ଯୋଗ୍ୟ ବିବେଚିତ ଥିବା ଅନେକ ବ୍ୟକ୍ତିଙ୍କୁ ଏଥିରୁ ବଞ୍ଚିତ କରାଯାଇଥିବା ଅଭିଯୋଗ କରି ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଥିଲା। କୃଷ୍ଣଚନ୍ଦ୍ର ମହାନ୍ତିଙ୍କ ପକ୍ଷରୁ ଦାୟର ମାମଲାର ଶୁଣାଣି କରି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ଉପରେ ପ୍ରଶ୍ନ ଉଠାଇଛନ୍ତି। ଏପରିକି ରାଜ୍ୟ ସରକାରଙ୍କ ଗତ ୨୦୨୪ସେପ୍ଟେମ୍ବର୧୨ର ନିଷ୍ପତ୍ତି ଅନୁସାରେ ନିୟମିତ ପଦରେ ଅବସରପ୍ରାପ୍ତ ଅଧିକାରୀଙ୍କୁ ପୁନଃ ନିୟୋଜିତ କରାଯାଇପାରିବ ନାହିଁ ରହିଥିବା ନିର୍ଦ୍ଦେଶନାମାକୁ ଅଦାଲତ ଗ୍ରହଣ କରି ଏ ସଂକ୍ରାନ୍ତରେ ଜବାବ ତଲବ କରିଛନ୍ତି। ଗତ ମେ୨ତାରିଖର ଡିପିସି ଅନୁସାରେ ମୁଖ୍ୟ ଯନ୍ତ୍ରୀ(ସିଭିଲ) କ୍ୟାଡରର ୧୦ଜଣ ଅଧିକାରୀଙ୍କ ମଧ୍ୟରୁ ୩ଟି ପଦବୀ ପୂରଣ ପାଇଁ ଆବେଦନକାରୀଙ୍କ ନାମକୁ ଗ୍ରହଣ କରାଯାଇଥିଲା। ଡିପିସିର କ୍ରମିକ ନମ୍ବର ୩ରେ

**ଜବାବ ଦାଖଲ ନିର୍ଦ୍ଦେଶ**



ଥିବା ବିଭୁତି ଭୂଷଣ ଦାଶଙ୍କୁ ପଦୋନ୍ନତି ପ୍ରଦାନ କରାଯାଇଥିଲେ ମଧ୍ୟ ୪ନମ୍ବର ସ୍ଥାନରେ ଥିବା ଆବେଦନକାରୀଙ୍କୁ ଇଞ୍ଜିନିୟର ଇନ ଚିଫ ପଦକୁ ପଦୋନ୍ନତି ମିଳି ନ ଥିଲା; କିନ୍ତୁ ଅବସର ପରେ ଶ୍ରୀ ପାଢ଼ୀଙ୍କୁ ପୁନର୍ବାର ଇଆଇସି ତଥା ଓଏସ୍‌ଡ଼ି ପଦରେ ଅବସ୍ଥାପିତ କରାଯାଇଥିଲା।

ଏଠାରେ ଉଲ୍ଲେଖଯୋଗ୍ୟଶ୍ରୀ ପାଢ଼ୀ ନିଜ କାର୍ଯ୍ୟକାଳ ମଧ୍ୟରେ ଶ୍ରୀ ପାଢ଼ୀ କେତେକ ନିଷ୍ପତ୍ତି ନେଇ ବିବାଦୀୟ ହୋଇଥିଲେ। ୧୮୦ କୋଟି ଟଙ୍କା ବ୍ୟୟ ଅଟକଳରେ ସାଣ୍ଡୁଲୁ ୟୁଜିପିଏଲ୍ ପ୍ରକଳ୍ପ, ୨୭୨ କୋଟି ଟଙ୍କା ଅଟକଳରେ ଅଙ୍ଗ ୟୁଜିପିଏଲ୍ ପ୍ରକଳ୍ପ, ୧୬୭ କୋଟି ବ୍ୟୟଅଟକଳରେ ହାଡୁଆ ୟୁଜିପିଏଲ୍ ପ୍ରକଳ୍ପ, ୧୫୭ କୋଟି ଟଙ୍କା ଅଟକଳରେ ଛେଳିଗଡ଼ ଡ଼୍ୟାମ୍ ପ୍ରକଳ୍ପରେ ଯାବତୀୟ ଅନିୟମିତତା ପଛରେ ଶ୍ରୀ ପାଢ଼ୀଙ୍କ ହାତ ଥିବା ଅଭିଯୋଗ ହୋଇଥିଲା। ଏପରିକି ଜାଲ ସତ୍ୟପାଠ ଦାଖଲ କରି ଟେଣ୍ଡର ହାତେଇଥିବା ଏକ ଗୁଜୁରାଟୀ କମ୍ପାନୀକୁ ଶ୍ରୀ ପାଢ଼ୀ ସହଯୋଗ କରିଥିବା ମଧ୍ୟ ଅଭିଯୋଗ ହୋଇଥିଲା। ତେଣୁ ଏପରି ଅଭିଯୋଗରେ ଅଭିଯୁକ୍ତ ଜଣେ ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟକାଳ କ'ଣ ପାଇଁ ସରକାର ବୃଦ୍ଧି କଲେ ତାହାକୁ ନେଇ କିଛି ବ୍ୟକ୍ତି ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ନିକଟରେ ଅଭିଯୋଗ କରି ତାଙ୍କର ହସ୍ତକ୍ଷେପ ଲୋଡ଼ିଥିଲେ ।

## ରାଜ୍ୟବ୍ୟାପୀ ମୁଣ୍ଡ ନେଉଛି ଝାଡ଼ାବାନ୍ତି

# ଦକ୍ଷିଣ ଓଡ଼ିଶାରେ ଭୟାବହ ସ୍ଥିତି

■ **ଭୁବନେଶ୍ୱର, ୯।୭ (ସମିସ):** ମାସକ ତଳେ ଉତ୍ତର ଓ ଉପକୂଳ ଓଡ଼ିଶା ସମେତ ପଶ୍ଚିମ ଓଡ଼ିଶାର କେତେକ ଜିଲ୍ଲାରେ ଡାଇରିଆ ବା ଝାଡ଼ାବାନ୍ତିର ଭୟାବହତା ଦେଖିବାକୁ ମିଳିଥିଲା। ଏଥିରେ ୨୧ ଜଣ ପ୍ରାଣ ହରାଇଥିବାବେଳେ ହଜାର ହଜାର ସଂଖ୍ୟାରେ ଆକ୍ରାନ୍ତ ହୋଇଥିଲେ। ବିଶେଷକରି ଯାଜପୁର ଜିଲ୍ଲାରେ ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲି ଯାଇଥିଲା। ଏହି ଜିଲ୍ଲାରେ ଝାଡ଼ାବାନ୍ତି ଉଗ୍ର ରୂପ ନେଇ ହଇଜାରେ ପରିଣତ ହେବା ସହ ସବୁଠୁ ଅଧିକ ଲୋକଙ୍କ ପ୍ରାଣ ନେଇଥିଲା। ଏହାପରେ କେନ୍ଦ୍ରୀୟ ଟିମ୍ ଆସି ସ୍ଥିତି ଯାଞ୍ଚ କରିଥିଲେ। ବିଷାକ୍ତ ଖାଦ୍ୟ ଓ ଦୂଷିତ ପାଣିରୁ ଡାଇରିଆ ବ୍ୟାପୁଛି ବୋଲି ରାଜ୍ୟ ସରକାର ତଥା ସ୍ୱାସ୍ଥ୍ୟ ବିଭାଗକୁ ରିପୋର୍ଟ ଦେଇଥିଲେ। ତା'ପରେ ସରକାର ଡାଇରିଆ ନେଇ ବ୍ୟାପକ ସଚେତନତା ଅଭିଯାନ ଆରମ୍ଭ କରିଥିବା ନେଇ ଜୋର୍‌ଦାର ପ୍ରଚାର କଲେ। ମାତ୍ର ଦକ୍ଷିଣ ଓଡ଼ିଶା ତଥା ଗଞ୍ଜାମ ଜିଲ୍ଲାରେ ଡାଇରିଆ ବ୍ୟାପିବା ପରେ ତୃଣମୂଳସ୍ତରରେ ଆଦୌ ସଚେତନତା ନ ଥିବା ସ୍ପଷ୍ଟ ହୋଇଛି। ଦକ୍ଷିଣ

### ସରକାରୀ ସଚେତନତା ଶୂନ୍

### ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ବି ମାନିଲେନି

ଓଡ଼ିଶାରେ ଝାଡ଼ାବାନ୍ତିରେ ଦୁଇ ଜଣ ମୃତ୍ୟୁବରଣ କରିଥିଲେ ହେଁ ସ୍ୱାସ୍ଥ୍ୟ ବିଭାଗ ଏହାକୁ ସ୍ୱୀକାର କରିବାକୁ ନାରାଜ। ଜଣଙ୍କର ମୃତ୍ୟୁ ବୟସାଧିକ୍ୟ କାରଣରୁ ହୋଇଥିବା କହି ଖଣ୍ଡନ କରିଥିବାବେଳେ ଅନ୍ୟ ଜଣଙ୍କ ମୃତ୍ୟୁ ନେଇ ସ୍ୱଷ୍ଟତା ଆସି ▶ପୃଷ୍ଠା-୭

ସକାଳ THE SAKALA
www.sakalaepaper.com


## ମୋଦୀଙ୍କୁ ନାମିବ୍ୟାର ସର୍ବୋଚ୍ଚ ସମ୍ମାନ

ୱିଣ୍ଡହୋଏକ୍, ୯ ।୭ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଦକ୍ଷିଣ ପଶ୍ଚିମ ଆଫ୍ରିକୀୟ ଦେଶ ନାମିବ୍ୟାରେ ସର୍ବୋଚ୍ଚ ନାଗରିକ ସମ୍ମାନ 'ଅର୍ଡର ଅଫ୍ ଦି ମୋଷ୍ଟ ଆନସିଏଣ୍ଟ ୱେଲୱିଟ୍‌ସିଆ ମିରାବିଲ୍ସ' ପ୍ରଦାନ



କରାଯାଇଛି । ନାମିବ୍ୟା ରାଷ୍ଟ୍ରପତି ନେଟୁମ୍ବୋ ନନ୍ଦୀ ଏନ୍‌ଦାୱେତ୍‌ୱା ମୋଦୀଙ୍କୁ ଏହି ସମ୍ମାନରେ ସମ୍ମାନୀତ କରିଛନ୍ତି । ତାଙ୍କୁ ୨୧ ତୋପର ସଲାମୀ ପ୍ରଦାନ କରାଯାଇଛି । ମୋଦୀ ଦିନିକିଆ ଗସ୍ତରେ ନାମିବ୍ୟା ପହଞ୍ଚିଛନ୍ତି । ଜୁଲାଇ ୨ରୁ ୧୦ ତାରିଖ ମଧ୍ୟରେ ମୋଦୀ ୫ଟି ଦେଶକୁ ଯାତ୍ର କରିବାର କାର୍ଯ୍ୟକ୍ରମ ରହିଛି ଓ ଏହି ନାମିବ୍ୟା ଗସ୍ତ ଏହାର ଏକ ଅଂଶବିଶେଷ । ମୋଦୀ ଘାନା, ତ୍ରିନିଦାଦ ଆଣ୍ଡ ଟବାଗୋ, ଆର୍ଜେଣ୍ଟିନା ଓ ବ୍ରାଜିଲ ଗସ୍ତରେ ଯାଇସାରିଛନ୍ତି । ଗତ ୮ ଦିନର ବିଦେଶ ଗସ୍ତରେ ମୋଦୀଙ୍କୁ ନାମିବ୍ୟା ସମେତ ବ୍ରାଜିଲ, ତ୍ରିନିଦାଦ ଆଣ୍ଡ ଟବାଗୋ ଓ ଘାନାରେ ସର୍ବୋଚ୍ଚ ନାଗରିକ ସମ୍ମାନରେ ସମ୍ମାନୀତ କରାଯାଇଛି । ପ୍ରଧାନମନ୍ତ୍ରୀ ଭାବେ ମୋଦୀ ଏଥିସହ ମୋଟ୍ ୨୭ତମ ଅନ୍ତର୍ଜାତୀୟ ସମ୍ମାନ ହାସଲ କରିଛନ୍ତି ।

## ଆମେରିକା ବନ୍ୟାରେ ୧୦୦ ମୃତ, ୧୬୧ ନିଖୋଜ

ସାଣ୍ଟା ଫେ, ୯ ।୭ (ଏଜେନ୍ସି): ଆମେରିକାର ଟେକ୍ସାସ ପରେ ପଡ଼ୋଶୀ ନ୍ୟୁ ମେକ୍ସିକୋ ରାଜ୍ୟରେ ପ୍ରଳୟଙ୍କରୀ ବନ୍ୟାର ତାଣ୍ଡବ ଦେଖିବାକୁ ମିଳିଛି । ପ୍ରବଳ ବର୍ଷା ହେବା ପରେ ମଙ୍ଗଳବାର ଅଚାନକ ବନ୍ୟା ଆସିଥିଲା । ରୁଡୋସୋ ନାମକ ଏକ ପାହାଡ଼ି ଗାଁରେ ବନ୍ୟାର ସର୍ବାଧିକ ପ୍ରକୋପ ଦେଖିବାକୁ ମିଳିଥିଲା । ବନ୍ୟାର ସ୍ରୋତ ଏତେ ପ୍ରଖର ଥିଲା ଯେ, ଘରଗୁଡିକ ଖେଳନା ପରି ବହିଯାଇଥିଲା । ଉଦ୍ଧାର କରିବାକୁ ଉଦ୍ଧାରକାରୀ ଦଳ ଯୁଦ୍ଧକାଳୀନ ଭିତ୍ତିରେ ଲାଗି ପଡ଼ିଛନ୍ତି । ଏହି ଅଞ୍ଚଳରେ ପୁଣି ବନ୍ୟା ହେବାର ଆଶଙ୍କା ରହିଛି ବୋଲି ପାଣିପାଗ ବିଭାଗ ତରଫରୁ ସତର୍କ କରାଇ ଦିଆଯାଇଛି । ଗତବର୍ଷ ଏହି ଅଞ୍ଚଳର ଜଙ୍ଗଲରେ ନିଆଁ ଲାଗିଥିଲା ଓ ହଜାର ହଜାର ଏକର ଜଙ୍ଗଲ ପୋଡି ଧ୍ୱଂସ ପାଇଯାଇଥିଲା । କେତେ ସଂଖ୍ୟାରେ ଲୋକ ପ୍ରାଣ ହରାଇଛନ୍ତି ଓ ନିଖୋଜ ହୋଇଛନ୍ତି ସେ ନେଇ ସରକାର କୌଣସି ସୂଚନା ଦେବାରେ ଅକ୍ଷମ ହୋଇଛନ୍ତି । ଏହାପୂର୍ବରୁ ଜୁଲାଇ ୪ତାରିଖରେ ଟେକ୍ସାସରେ ଆସିଥିବା ବନ୍ୟାରେ ୧୦୦ରୁ ଊର୍ଦ୍ଧ୍ୱ ଲୋକ ମୃତ୍ୟୁବରଣ କରିଥିବା ବେଳେ ୧୬୧ ଜଣ ନିଖୋଜ ଥିଲେ ।

## ମୋତେ ନୋବେଲ ପୁରସ୍କାର ମିଳୁ: କେଜ୍ରିୱାଲ୍

ନୂଆଦିଲ୍ଲୀ, ୯ ।୭ (ଏଜେନ୍ସି): ଆମ ଆଦମୀ ପାର୍ଟି (ଆପ୍) ସୁପ୍ରିମୋ ତଥା ଦିଲ୍ଲୀ ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଏକ ଅଜବ ଦାବି ଉପସ୍ଥାପନା କରି ଚର୍ଚ୍ଚା



ସୃଷ୍ଟି କରିଛନ୍ତି । ସୁଶାସନ ପାଇଁ ମୋତେ 'ନୋବେଲ ପୁରସ୍କାର' ମିଳିବା ଉଚିତ ବୋଲି ସେ କହିଛନ୍ତି । ଏଲ୍‌ଜି ରୋକିବା ସତ୍ତ୍ୱେ ଦିଲ୍ଲୀରେ ଯେଉଁ କାର୍ଯ୍ୟ କରିଛି ତାହା ନିଶ୍ଚିତ ଭାବେ ଦୃଷ୍ଟାନ୍ତମୂଳକ ବୋଲି ସେ କହିଛନ୍ତି । ପୂର୍ବରୁ ମଧ୍ୟ ସେ ନିଜର ଦୁଇ ସାଥି ମନୀଷ ସିସୋଦିଆ ଓ ସତ୍ୟେନ୍ଦ୍ର ଜୈନଙ୍କୁ ମଧ୍ୟ ସମକାରଣ ପାଇଁ ଭାରତ ରତ୍ନ ଦେବାକୁ କହିଥିଲେ । ଆପର ବରିଷ୍ଠ ନେତା ଜେସମିନ ଶାହା ତାଙ୍କ ଲିଖିତ ବହି 'କେଜ୍ରିୱାଲ ମଡେଲ'କୁ ପଞ୍ଜାବୀ ଭାଷାରେ ଉନ୍ମୋଚନ କରିବା ଅବସରରେ ସେ ଏହି କଥା କହିଛନ୍ତି । ସରକାରୀ ବିଦ୍ୟାଳୟ ଓ ହସ୍ପିଟାଲକୁ ନୂଆ ରୂପ ଦେବାକୁ ବୈକଳ୍ପିକ ପନ୍ଥା ଅବଲମ୍ବନ କରିଥିଲ ଓ ଏ ନେଇ ଏକ ନୂଆ ମଡେଲ ଉପସ୍ଥାପନା କରିବାକୁ ଚାହୁଁଥିଲି ବୋଲି ସେ କହିଛନ୍ତି ।

## ଆଲିଆ ଭଟ୍ଟଙ୍କଠାରୁ ୭୭ ଲକ୍ଷ ଟଙ୍କା ଠକେଇ

ନୂଆଦିଲ୍ଲୀ, ୯ ।୭ (ଏଜେନ୍ସି): ବଲିଉଡ ଅଭିନେତ୍ରୀ ତଥା ବର୍ଷୀଆନ ସିନେମା ନିର୍ଦ୍ଦେଶକ ମହେଶ ଭଟ୍ଟଙ୍କ ଝିଅ ଆଲିଆ ଭଟ୍ଟ ଠକାମିର ଶିକାର ହୋଇଛନ୍ତି । ପୂର୍ବତନ ସହାୟକ ବେଦୀକା ସେଟ୍ଟୀ ଆଲିଆଙ୍କ ନକଲି ହସ୍ତାକ୍ଷରକୁ ପାଥେୟ କରି ୭୬ ଲକ୍ଷ ଟଙ୍କା ଠକେଇ କରିବା ସହ ଲୁଟି ନେଇଛନ୍ତି । ୩୨ ବର୍ଷୀୟ ବେଦୀକାଙ୍କୁ ମୁମ୍ବଇ ପୁଲିସ ବେଙ୍ଗାଲୁରୁରେ ଗିରଫ କରିଛି । ୨୦୨୨ ମେ ଓ ୨୦୨୪ ଅଗଷ୍ଟ ମଧ୍ୟରେ ଏହି ଠକାମୀ ହୋଇଥିଲା ବୋଲି ପୁଲିସ କହିଛି । ଆଲିଆଙ୍କ ପ୍ରଡକ୍ସନ କମ୍ପାନୀ 'ଏଟରନାଲ ସନସାଇନ୍ ପ୍ରଡକ୍ସନ ପ୍ରାଇଭେଟ ଲିମିଟେଡ' ଓ ତାଙ୍କ ବ୍ୟକ୍ତିଗତ ଆକାଉଣ୍ଟରୁ ବେଦୀକା ୭୬. ୯ ଲକ୍ଷ ଟଙ୍କାର ଅନିୟମିତତା କରିବାର ଅଭିଯୋଗ ହୋଇଥିଲା । ଏନେଇ ଆଲିଆଙ୍କ ମା ତଥା ଅଭିନେତ୍ରୀ ତଥା ନିର୍ଦ୍ଦେଶିକା ସୋନୀ ରାଜାଦାନ ଜୁହୁ ଥାନାରେ ଅଭିଯୋଗ କରିବା ପରେ ଏହି ଘଟଣା ସମ୍ନାକୁ ଆସିଥିଲା । ୨୦୨୧ରୁ ୨୦୨୪ ମଧ୍ୟରେ ବେଦୀକା ଆଲିଆଙ୍କ ବ୍ୟକ୍ତିଗତ ସହାୟିକା ଭାବା କାର୍ଯ୍ୟ କରୁଥିଲେ । ଏହି ଅବସରରେ ସେ ଆଲିଆଙ୍କ ଆର୍ଥିକ ମାମଲା, ପେମେଣ୍ଟ ଓ ତାଙ୍କ କାର୍ଯ୍ୟସୂଚୀ ସ୍ଥିର କରୁଥିଲେ । ସେ ଏହି କ୍ରମରେ ଏକାଧିକ ନକଲି ବିଲ୍ ପ୍ରସ୍ତୁତ କରି ଆଲିଆଙ୍କୁ ବୋକା ବନାଇଥିଲେ । ବେଦୀକା କ୍ରମାଗତ ଭାବେ ସ୍ଥାନ ପରିବର୍ତ୍ତନ କରି ରାଜସ୍ଥାନ, କର୍ଣ୍ଣାଟକ, ପୁଣେ ଓ ବେଙ୍ଗାଲୁରୁ ଗସ୍ତ କରିଥିଲେ । ଶେଷରେ ପୁଲିସ ତାଙ୍କୁ ବେଙ୍ଗାଲୁରୁରେ ଗିରଫ କରିବାକୁ ସକ୍ଷମ ହୋଇଥିଲା ।

### ମାଆର ଆକୁଳ ନିବେଦନ

## ମୋ ପୁଅ ବୁଡ଼ି ଯାଉଛି, ରକ୍ଷା କର

ଭଦୋଦରା, ୯।୭ (ଏଜେନ୍ସି): ଗୁଜରାଟ ଭଦୋଦରାର ଗମ୍ଭୀରା ପୋଲ ଭଶୁଡ଼ି ପଡ଼ିଛି । ଏଥିଯୋଗୁ ଅନେକ ଗାଡ଼ି ନଦୀକୁ ଖସି ପଡ଼ିଛି । ଘଟଣାସ୍ଥଳରେ ଭୟର ବାତାବରଣ ଖେଳି ଯାଇଛି । ଏହାର ଏକ କରୁଣ ଦୃଶ୍ୟ ଭାଇରାଲ ହେବାରେ ଲାଗିଛି । ପୁଅ ବୁଡି ଯାଉଥିବାବେଳେ ଉଦ୍ଧାର ପାଇଁ ମାଆ କାନ୍ଦି କାନ୍ଦି ଚିତ୍କାର କରୁଛି । ପୁଅକୁ ଉଦ୍ଧାର କରିବା ପାଇଁ ଲୋକଙ୍କୁ ନିବେଦନ କରୁଛନ୍ତି । ରିପୋର୍ଟ ଅନୁଯାୟୀ ଏହି ମହିଳା ନିଜ ପୁଅ, ଝିଅ, ସ୍ୱାମୀ ଏବଂ ଜ୍ୱାଇଁଙ୍କ ସହ କାର୍‌ରେ ବଗଦଣା ଯାଉଥିଲେ । ଏହି ସମୟରେ ଅଚାନକ ପୋଲ ଭୁଶୁଡ଼ି ପଡ଼ିବାରୁ କାର୍ ନଦୀକୁ ଖସି ପଡ଼ିଥିଲା । ଏହି ମହିଳା କାର୍‌ର ଡିକି ପାଖରେ ବସିଥିଲେ । ତେଣୁ ସେ କାଚ ଭାଙ୍ଗି ବାହାରି ଆସିଥିଲେ । କିନ୍ତୁ ଗାଡ଼ିଟି ଲକ୍ ହୋଇଯିବାରୁ ପରିବାର ଅନ୍ୟ ସଦସ୍ୟମାନେ ଫସି ରହିଥିଲେ । ପରେ ସେମାନଙ୍କୁ ଉଦ୍ଧାର କରାଯାଇଥିବା କୁହାଯାଉଛି । ଅଧିକାରୀଙ୍କ ସୂଚନା ଅନୁଯାୟୀ ୧୯୮୫ରେ ୯୦୦ ମିଟର ବିଶିଷ୍ଟ ଏହି ପୋଲ ନିର୍ମାଣ ହୋଇଥିଲା । ଏହା ଦଦରା ହୋଇ ଯାଇଥିବା ନେଇ ବାରମ୍ବାର ଅଭିଯୋଗ ହୋଇଥିଲା । କିନ୍ତୁ ପ୍ରଶାସନ କୌଣସି ପଦକ୍ଷେପ ନେଇ ନ ଥିଲା । ତେବେ ନୂଆ ପୋଲ ନିର୍ମାଣ ପାଇଁ ତିନି ମାସ ତଳେ ୨୧୨ କୋଟି ଟଙ୍କା ମଞ୍ଜୁରୀ ଦିଆଯାଇଥିଲା ବୋଲି କୁହାଯାଇଛି ।

ଦୁର୍ଘଟଣା ସମୟରେ ମହୀସାଗର ନଦୀରେ ମାଛ ମାରୁଥିବା ନରେନ୍ଦ୍ର ମାଲି କହିଛନ୍ତି ଯେ ସକାଳେ ସେ ଏବଂ ତାଙ୍କ ସହଯୋଗୀମାନେ ପ୍ରଚଣ୍ଡ ଶବ୍ଦ ଶୁଣିବାକୁ ପାଇଥିଲେ । ଦେଖିବା ବେଳକୁ ପୋଲ ଖସି ପଡ଼ିଥିଲା । ଏହା ପରେ ପଛକୁ ପଛ ଅନେକ ଗାଡ଼ି ନଦୀକୁ ଖସିବାରେ ଲାଗିଥିଲା । ଦୁର୍ଘଟଣାରେ ଆହତ ରାଜୁଭାଇ ଅଠିଆ କହିଛନ୍ତି ଯେ ବାଇକରେ ଜଣେ ବନ୍ଧୁ ଏବଂ ସେ ଅଙ୍କଲେଶ୍ୱର ଯାଉଥିଲେ । ପୋଲରେ ଥିବା ସମୟରେ ଏହା ଅଚାନକ ଖସି ପଡ଼ିଥିଲା । ବାଇକ ସହ ଆମେ ନଦୀରେ ଖସି ପଡ଼ିଥିଲୁ । ମୁଁ ପାଣିରୁ ବାହାରି ଏକ ଗାଡ଼ି ଉପରେ ବସି ପଡ଼ିଥିଲେ । କିନ୍ତୁ ମୋ ସାଙ୍ଗ ନିଖୋଜ ଅଛି । ସେହିପରି ଗାଡ଼ି ପଙ୍କଚର ହୋଇଯିବାରୁ ମହେଶ ଭାଇ ପରମାରଙ୍କ ଜୀବନ ବଞ୍ଚି ଯାଇଛି । ଠିକ୍ କରି



ଆମେ ପୋଲ ନିକଟରେ ପହଞ୍ଚିବା ପରେ ଏହା ଭୁଶୁଡ଼ି ଯାଇଥିଲା । ପରେ ତଳକୁ ଖସି ପଡ଼ିଥିବା ଲୋକେ ଚିତ୍କାର କରିବାରେ ଲାଗିଥିଲେ ।

# ଥମୁନି ଭୋଟର ତାଲିକା ବିବାଦ

## ସଂଶୋଧନ ପ୍ରକ୍ରିୟାକୁ ବିରୋଧ; ମହାମେଣ୍ଟର ବିହାର ବନ୍ଦ

ପାଟନା, ୯।୭ (ଏଜେନ୍ସି): ଭୋଟର ତାଲିକା ସଂଶୋଧନ ନାମରେ ବିହାରରେ ନାମ କାଟିବା ଲାଗି ନିର୍ବାଚନ କମିସନ ଯେଭଳି ସ୍ୱତନ୍ତ୍ର ଅଭିଯାନ ଚଳାଇଛନ୍ତି, ତାହାକୁ ନେଇ ରାଜ୍ୟରେ ଘୋର ଅସନ୍ତୋଷ ଦେଖାଦେଇଛି । କମିସନଙ୍କ ଏଭଳି ଅଭିଯାନକୁ ବିରୋଧ କରି ଆଜି ବିରୋଧୀ ଦଳ ପକ୍ଷରୁ ବିହାରରେ ବନ୍ଦ ପାଳନ କରାଯାଇଛି । ଫଳରେ ବିଜେପି ମେଣ୍ଟ ଶାସନାଧୀନ ସାରା ବିହାର ଆଜି ଠପ୍ ହୋଇଯାଇଛି ।

### ନୂଆ, ପୁରୁଣା ଭୋଟର ଜନ୍ମ ପ୍ରମାଣପତ୍ର ଦେବାକୁ ବାଧ

### ଆଧାର କାର୍ଡ ଗ୍ରହଣ କରୁନାହାନ୍ତି

### ନିର୍ବାଚନ ଚୋରି କରିବାକୁ ପ୍ରୟାସ: ରାହୁଲ

କଂଗ୍ରେସ ଓ ଆରଜେଡି ସମେତ ଅନେକ ବିରୋଧୀ ଦଳ ଏହି ବନ୍ଦ ଡାକରା ଦେଇଥିଲେ । ବିରୋଧୀ ଦଳର ନେତାମାନେ ଅଭିଯୋଗ କରିଛନ୍ତି ଯେ ଚଳିତ ବର୍ଷ ଶେଷ ଆଡ଼କୁ ହେବାକୁ ଯାଉଥିବା ରାଜ୍ୟ ବିଧାନସଭା ନିର୍ବାଚନ ପୂର୍ବରୁ ନିର୍ବାଚନ କମିସନଙ୍କୁ ଅସ୍ତ୍ର କରି କେନ୍ଦ୍ର ସରକାର ଷଡ଼ଯନ୍ତ୍ର ଚଳାଇଛନ୍ତି । ସାଧାରଣତଃ ନିର୍ବାଚନ ପୂର୍ବରୁ ଅଧିକ ଭୋଟରଙ୍କୁ ସାମିଲ କରିବା ଲାଗି ଭୋଟର ତାଲିକାରେ ସଂଶୋଧନ କରାଯାଏ । କିନ୍ତୁ ଏଥର ବିହାରରେ ବ୍ୟତିକ୍ରମ ଦେଖିବାକୁ ମିଳିଛି । ଓଲଟା ଏଠାରେ ଭୋଟରଙ୍କ ନାମ କାଟିବା ଲାଗି ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି । ଏହାଫଳରେ ଅତିକମ୍‌ରେ କୋଟିଏ ଭୋଟରଙ୍କ ନାମ ବାଦ ପଡ଼ିବାର ଆଶଙ୍କା ଦେଖାଦେଇଛି । କାରଣ ଏହି ପ୍ରକ୍ରିୟାରେ ନୂଆ ଓ ପୁରୁଣା ଭୋଟରଙ୍କୁ ଭାରତୀୟ ନାଗରିକତ୍ୱ ପ୍ରମାଣ ଦେବାକୁ କୁହାଯାଉଛି । ସେମାନଙ୍କର ଜନ୍ମସ୍ଥାନ ଓ ତାରିଖ ସଂପର୍କରେ ପ୍ରମାଣପତ୍ର ଲୋଡ଼ୁଛନ୍ତି ନିର୍ବାଚନ ଅଧିକାରୀ । ସେମାନେ ଭାରତୀୟ ନାଗରିକ କି ନୁହନ୍ତି? ଯଦି ଭାରତୀୟ ନାଗରିକ, ତାହାହେଲେ ସେମାନଙ୍କୁ ସେମାନଙ୍କର ଜନ୍ମସ୍ଥାନ ଓ ଜନ୍ମ ତାରିଖ ସଂପର୍କରେ ପ୍ରମାଣପତ୍ର ଦାଖଲ କରିବାକୁ



କୁହାଯାଉଛି । କେବଳ ନିଜର ନୁହେଁ, ସେମାନଙ୍କ ପିତାମାତାଙ୍କର ପ୍ରମାଣପତ୍ର ମଧ୍ୟ ଲୋଡ଼ାଯାଉଛି । ୧୯୮୭ପୂର୍ବରୁ ଜନ୍ମ ହୋଇଥିବା ଭୋଟରମାନଙ୍କୁ ସେମାନଙ୍କର ଜନ୍ମସ୍ଥାନ ଓ ଜନ୍ମ ତାରିଖର ପ୍ରମାଣପତ୍ର ଦାଖଲ କରିବାକୁ କୁହାଯାଉଛି । ସେହିଭଳି ଜୁଲାଇ ୧୯୮୭ରୁ ଡିସେମ୍ବର ୨୦୦୪ ମଧ୍ୟରେ ଜନ୍ମ ହୋଇଥିବା ଭୋଟରମାନଙ୍କୁ ସେମାନଙ୍କର ଜନ୍ମସ୍ଥାନ ଓ ତାରିଖ ପ୍ରମାଣପତ୍ର ସହିତ ପିତାମାତାଙ୍କର ଜନ୍ମସ୍ଥାନ ଓ ଜନ୍ମତାରିଖ ସଂପର୍କରେ କାଗଜପତ୍ର ଦାଖଲ କରିବାକୁ କୁହାଯାଉଛି । ଆଧାର କାର୍ଡକୁ ପ୍ରମାଣପତ୍ର ଭାବେ ଗ୍ରହଣ କରିବାକୁ ମନା କରିଦେଇଛନ୍ତି କମିସନ ।

ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ବିରୋଧୀ ଦଳ । ରାଷ୍ଟ୍ରୀୟ ଜନତା ଦଳ ପକ୍ଷରୁ କୁହାଯାଇଛି ଯେ ରାଜ୍ୟରେ ଏମିତି ଲକ୍ଷ ଲକ୍ଷ ପରିବାର ଅଛନ୍ତି ଯେଉଁମାନଙ୍କ ପାଖରେ ଜନ୍ମସ୍ଥାନ ଓ ତାରିଖ ପ୍ରମାଣପତ୍ର ନାହିଁ । ସେମାନଙ୍କୁ ମତଦାନରୁ ବଞ୍ଚିତ କରିବା ଲାଗି ଏହା ଏକ ଷଡ଼ଯନ୍ତ୍ର । ଗରିବ ଓ ଅଶିକ୍ଷିତ ପରିବାର ସେମାନଙ୍କର ପ୍ରମାଣପତ୍ର କେଉଁଠୁ ଆଣିବେ ? କଂଗ୍ରେସ ନେତା ରାହୁଲ ଗାନ୍ଧୀ ଅଭିଯୋଗ କରିଛନ୍ତି ଯେ ମହାରାଷ୍ଟ୍ର ପରେ ବିହାରରେ ନିର୍ବାଚନ ଚୋରି କରିବାକୁ ପ୍ରୟାସ କରାଯାଉଛି । ମହାରାଷ୍ଟ୍ର ପରେ ଏବେ ବିହାର ମଡେଲ ଆଣିଛନ୍ତି । ଗରିବଙ୍କ ଭୋଟ ଛଡ଼ାଇ ନେବାକୁ ଷଡ଼ଯନ୍ତ୍ର କରୁଛନ୍ତି । କିଛି ମାସ ତଳେ ମହାରାଷ୍ଟ୍ରରେ ଲୋକସଭା ନିର୍ବାଚନ ହୋଇଥିଲା । ଏହା ପରେ ମହାରାଷ୍ଟ୍ର ଏବଂ ହରିୟାଣାରେ ବିଧାନସଭା ନିର୍ବାଚନ ହୋଇଥିଲା । ଇଣ୍ଡିଆ ମେଣ୍ଟ ଲୋକସଭା ନିର୍ବାଚନରେ ଅଧିକ ଆସନ ପାଇଥିଲା । କିନ୍ତୁ ବିଧାନସଭା ନିର୍ବାଚନରେ ହାରି ଯାଇଥିଲା । ଯାଞ୍ଚ ବେଳେ ଜଣାପଡ଼ିଥିଲା ଯେ ଲୋକସଭା ନିର୍ବାଚନ ପରେ, ବିଧାନସଭା ନିର୍ବାଚନରେ ଏକ କୋଟି ନୂତନ ଭୋଟର ଯୋଡି ହୋଇଥିଲେ । ଯେଉଁ ଯେଉଁ ନିର୍ବାଚନମଣ୍ଡଳୀରେ ଏହି ଭୋଟର ଯୋଡ଼ି ହୋଇଥିଲେ, ସେଠାରେ ବିଜେପି ବିଜୟୀ ହୋଇଥିଲା । ଏହି ଭୋଟର କେଉଁଠାରୁ ଆସିଥିଲେ? ତଥ୍ୟ ମାଗିବାରୁ ଇସି ନିରବ ରହିଛନ୍ତି । ଏପର୍ଯ୍ୟନ୍ତ ଉତ୍ତର ମିଳିପାରି ନାହିଁ । ବିହାରରେ ହାରିବା ଭୟରେ ବିଜେପି ନୂଆ ତରିକା ଆପଣାଇଛି ବୋଲି ସେ କହିଛନ୍ତି ।

ସୂଚନାଯୋଗ୍ୟ ଯେ ୨୦୨୬ରେ ଆସାମ, କେରଳ, ପୁଡୁଚେରୀ, ତାମିଲନାଡୁ ଏବଂ ପଶ୍ଚିମ ବଙ୍ଗରେ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ସେଠାରେ ମଧ୍ୟ ଏଭଳି ଅଭିଯାନ ଚଳାଇବାକୁ ଯୋଜନା କରିଛନ୍ତି ନିର୍ବାଚନ କମିସନ ।

## ବହିଷ୍କୃତ ହେବେ ଜଷ୍ଟିସ୍ ବର୍ମା

### ସରକାରଙ୍କୁ ସମର୍ଥନ ଜଣାଇଲେ ବିରୋଧୀ ଦଳ

ନୂଆଦିଲ୍ଲୀ, ୯ ।୭ (ଏଜେନ୍ସି): ଜଷ୍ଟିସ ଯଶୋବନ୍ତ ବର୍ମା କ୍ୟାସ ମାମଲା ଏବେ ନୂଆ ମୋଡ ନେବାକୁ ଯାଉଛି । ଆହ୍ଲାବାଦ ହାଇକୋର୍ଟ ବିଚାରପତି ଯଶୋବନ୍ତ ବର୍ମାଙ୍କୁ ପଦରୁ ହଟାଇବାକୁ ପାର୍ଲାମେଣ୍ଟର ଅଗାମୀ ମୌସୁମୀ ଅଧିବେଶନରେ ପ୍ରସ୍ତାବ ପାରିତ କରିବାକୁ କେନ୍ଦ୍ର ସରକାର ଯୋଜନା କରୁଛନ୍ତି । ଏହି ପ୍ରକ୍ରିୟାରେ ଇଣ୍ଡି ବ୍ଲକ ଅର୍ଥାତ ବିରୋଧୀ ଦଳଗୁଡିକ ସରକାରଙ୍କୁ ସମର୍ଥନ କରିବେ ବୋଲି କହିଛନ୍ତି । ମୌସୁମୀ ଅଧିବେଶନ ଜୁଲାଇ ୨୧ରୁ ଆରମ୍ଭ ହୋଇ ଅଗଷ୍ଟ ୧୨ରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି ।

୨୦୨୫ ମାର୍ଚ୍ଚରେ ଜଷ୍ଟିସ ବର୍ମାଙ୍କ ଦିଲ୍ଲୀ ସ୍ଥିତ ବାସଭବନରେ ନିଆଁ ଲାଗିବା କାରଣରୁ ସେଠାରେ ଅଧଜଳା ଟଙ୍କା ବିଡ଼ା ମିଳିଥିଲା । ଏହାପରେ ତାଙ୍କ ବିରୋଧରେ ଦୁର୍ନୀତି ତଥା ଭ୍ରଷ୍ଟାଚାର ଅଭିଯୋଗରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଛି । ସେତେବେଳେ ସେ ଦିଲ୍ଲୀ ହାଇକୋର୍ଟରେ ବିଚାରପତି ଥିଲେ । ଏହାକୁ ନେଇ ସରକାର ବିରୋଧୀ ଦଳଗୁଡିକ ସହ ଆଲୋଚନା ଆରମ୍ଭ କରିଛନ୍ତି । ଖୁବ୍‌ଶୀଘ୍ର ଏ ନେଇ ସାଂସଦମାନଙ୍କର ସ୍ୱାକ୍ଷର ସଂଗ୍ରହ କରିବା ପ୍ରକ୍ରିୟା ଆରମ୍ଭ ହେବ ବୋଲି କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ କହିଛନ୍ତି । ଲୋକସଭା ଅଧିବେଶନରେ ପ୍ରଥମେ ଏ ନେଇ ପ୍ରସ୍ତାବ ପାରିତ ହେବାର ଯଥେଷ୍ଟ ସମ୍ଭାବନା ରହିଛି । ଉଲ୍ଲେଖଥାଉ କି, ସମ୍ବିଧାନ ଅନୁସାରେ ଧାରା ୧୨୪(୪) ଅନୁସାରେ ଓ ଜଜେସ୍ ଇନକ୍ୱାରୀ ଆକ୍ଟ ୧୯୬୮ ଅନୁସାରେ କୌଣସି ହାଇକୋର୍ଟ କିମ୍ବା ସୁପ୍ରିମକୋର୍ଟର ଜଜ୍‌ଙ୍କୁ ଭ୍ରଷ୍ଟାଚାର ମାମଲାରେ ହଟାଯାଇ ପାରିବ ନାହିଁ । ଏଥିପାଇଁ ସଂସଦର ଉଭୟ ଗୃହରେ ଦୁଇ ତୃତୀୟାଂଶ ବହୁମତରେ ପ୍ରସ୍ତାବ ପାରିତ ହେବାର ଆବଶ୍ୟକତା ରହିଛି । ପ୍ରଥମେ ପ୍ରସ୍ତାବ ଆଗତ କରିବାକୁ ଲୋକସଭାର ୧୦୦ ଓ ରାଜ୍ୟସଭାର ୫୦ ସଦସ୍ୟଙ୍କ ହସ୍ତାକ୍ଷର ନିହାତି ଜରୁରୀ । ଏହି ପ୍ରସ୍ତାବ ସ୍ୱୀକାର ହେବା ପରେ ଲୋକସଭା ସ୍ପିକର କିମ୍ବା ରାଜ୍ୟସଭା ସଭାପତିଙ୍କ ଏକ ୩ ଜଣିଆ ଯାଞ୍ଚ କମିଟି ଗଠନ କରିବେ । ଏଥିରେ ଜଣେ ସୁପ୍ରିମକୋର୍ଟ ବିଚାରପତି, ହାଇକୋର୍ଟର ଜଣେ ମୁଖ୍ୟ ବିଚାରପତି ଓ ଜଣେ ଆଇନଜ୍ଞ ସାମିଲ ରହିବେ ।

## ଏହି ଯୁବ ସାଂସଦ ଜଣକ କିଏ ?

ନୂଆଦିଲ୍ଲୀ, ୯।୭ (ଏଜେନ୍ସି): ଦିଲ୍ଲୀ ରାଜନୀତିରେ ଏବେ ବିଜେପିର ଜଣେ ଯୁବ ସାଂସଦଙ୍କୁ ନେଇ ଜୋରଦାର ଚର୍ଚ୍ଚା । ଅପରେସନ ସିନ୍ଦୂର ସଂପର୍କରେ ବିଦେଶୀ ନେତାଙ୍କୁ ଅବଗତ କରାଇବା ଲାଗି ବିଦେଶ ଗସ୍ତରେ ଯାଇଥିବା ଭାରତୀୟ ପ୍ରତିନିଧି ଦଳରେ ଏହି ଯୁବ ନେତା ସାମିଲ ଥିଲେ । ସରକାରଙ୍କୁ ନଜଣାଇ ସେ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପଙ୍କୁ ସାକ୍ଷାତ କରିବାକୁ ଯାଇଥିବା ବେଳେ ଅପମାନିତ ହୋଇ ଫେରିଛନ୍ତି ।



### ଟ୍ରମ୍ପଙ୍କୁ ଭେଟିବାକୁ ଯାଇଥିଲେ; ଅପମାନିତ ହୋଇ ଫେରିଲେ

### ହାଇକମାଣ୍ଡଙ୍କ ଭର୍ତ୍ସନା ପରେ ଗାଏବ

କଂଗ୍ରେସ ନେତା ତଥା କର୍ଣ୍ଣାଟକର କ୍ୟାବିନେଟ ମନ୍ତ୍ରୀ ପ୍ରିୟଙ୍କ ଖାଡ଼ଗେ ଏସଂପର୍କରେ ଟୁଇଟ୍ କରିବା ପରେ ଘଟଣା ସାମନାକୁ ଆସିଛି । କୁହାଯାଉଛି ଯେ ଶଶୀ ଥରୁରଙ୍କ ନେତୃତ୍ୱରେ ଗତ ମାସ ଆମେରିକା ଯାଇଥିବା ଭାରତୀୟ ପ୍ରତିନିଧି ଦଳରରେ ଏହି ଯୁବ ସାଂସଦ ସାମିଲ ଥିଲେ । ଏହି ପ୍ରତିନିଧି ଦଳରେ ଅନ୍ୟତମ ସାଂସଦ ମିଳିନ୍ଦ ଦେଓରା ମଧ୍ୟ ସାମିଲ ଥିଲେ । କୌଣସି ବ୍ୟାବସୟିକ କାମରେ ଦେଓରା ରାଷ୍ଟ୍ରପତି ଟ୍ରମ୍ପଙ୍କ ପୁଅଙ୍କୁ ସାକ୍ଷାତ କରିଥିଲେ । ଏହି ସୂଚନା ପାଇବା ପରେ ଆଉ ଜଣେ ଯୁବ ସାଂସଦ ମଧ୍ୟ ଟ୍ରମ୍ପଙ୍କ ପୁଅ ସହିତ ସାକ୍ଷାତ କରିବାକୁ ଚାହିଁଥିଲେ । କିନ୍ତୁ ଜୁନିୟର ଟ୍ରମ୍ପ ତାଙ୍କୁ ଭେଟିବାକୁ ମନା କରିଦେଇଥିଲେ । ଏଥିରେ ବିଫଳ ହେବାପରେ ସେ ସିଧା ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଭେଟିବା ଲାଗି ସ୍ଥିର କରିଥିଲେ । ଏଥିପାଇଁ ଆମେରିକାରେ ଥିବା ତାଙ୍କର ଜଣେ ବନ୍ଧୁଙ୍କୁ ଯୋଗାଯୋଗ କରିଥିଲେ । ସେ ଟ୍ରମ୍ପଙ୍କ ସହିତ ସାକ୍ଷାତ ପାଇଁ କୁଆଡ଼େ ବ୍ୟବସ୍ଥା କରିଥିଲେ । ତେବେ ଏହି ସାକ୍ଷାତ ହ୍ୱାଇଟ୍ ହାଉସରେ ନହୋଇ ଟ୍ରମ୍ପଙ୍କ ନିଜସ୍ୱ ବାସଭବନରେ ହେବ ବୋଲି କୁହାଯାଇଥିଲା । ଯୋଜନା ମୁତାବକ ଏହି ଯୁବ ସାଂସଦ ଟ୍ରମ୍ପଙ୍କ ବେସରକାରୀ ବାସଭବନ ଯାଇଥିଲେ । ସେଠାରେ ଯୁବ ସାଂସଦ ଭାରତୀୟ ପ୍ରଶାସନର ସର୍ବୋଚ୍ଚ ନେତାଙ୍କ ଘନିଷ୍ଠ ରୂପେ ନିଜର ପରିଚୟ ଦେବାମାତ୍ରେ ଟ୍ରମ୍ପ କୁଆଡ଼େ ବିଗିଡ଼ି ଯାଇଥିଲେ । ଟ୍ରମ୍ପ ତାଙ୍କ ପ୍ରତି ଯେଭଳି ବ୍ୟବହାର କଲେ, ସେଥିରେ ଅପମାନିତ ହୋଇ ଯୁବ ସାଂସଦ ଜଣକ ଫେରି ଆସିଥିଲେ । ଏହି କଥା ସେ କାହାରି ଆଗରେ ପ୍ରକାଶ କରିନଥିଲେ ମଧ୍ୟ ଭାରତ ସରକାରଙ୍କ କାନରେ ପଡ଼ିଥିଲା । ଶୀର୍ଷ ନେତୃତ୍ୱ ତାଙ୍କୁ ଦିଲ୍ଲୀ ଡାକି ଭର୍ତ୍ସନା କରିଥିଲେ । ପ୍ରଥମେ ଆମେରିକା ଏବଂ ପରେ ଦିଲ୍ଲୀରେ ଭର୍ତ୍ସିତ ହେବାପରେ ଏହି ଯୁବ ସାଂସଦଙ୍କର ଆଉ ଦେଖା ମିଳୁନାହିଁ । ସଂସଦରେ ଏବଂ ସଂସଦ ବାହାରେ ବିରୋଧୀଙ୍କୁ ଟାର୍ଗେଟ କରି ଚର୍ଚ୍ଚାରେ ରହୁଥିବା ଏହି ନେତା ଏବେ କୁଆଡ଼େ ଗାଏବ ହୋଇଯାଇଛନ୍ତି ।

ଥରୁରଙ୍କ ଏହି ପ୍ରତିନିଧି ଦଳରେ ସମ୍ଭାବୀ ଚୌଧୁରୀ, ସରଫରାଜ ଅହମଦ, ହରିଷ ବାଲଯୋଗୀ, ଏସଏମ୍ ତ୍ରିପାଠି, ତେଜସ୍ୱୀ ସୂର୍ଯ୍ୟା. ଭୁବନେଶ୍ୱର କାଲିଟା, ମିଳିନ୍ଦ ଦେଓରା ଏବଂ ମଲିକାର୍ଜୁନ ଦେଓଡ଼ା ଥିଲେ ।

## ମହିଳାଙ୍କ ଭୋଟର କାର୍ଡରେ ନୀତୀଶଙ୍କ ଫଟୋ

ମାଧେପୁରା, ୯ ।୭ (ଏଜେନ୍ସି): ବିହାରର ମାଧେପୁରା ଜିଲ୍ଲାରେ ଚକିତ କଲା ଭଳି ଏକ ଘଟଣା ସାମ୍ନାକୁ ଆସିଛି । ଏଠାରେ ଜଣେ ମହିଳାଙ୍କ ଭୋଟର ପରିଚୟ ପତ୍ରରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଫଟୋ ଲାଗିଥିବାର ଦେଖାଯାଇଛି । ଏହା ନିର୍ବାଚନ କମିଶନଙ୍କ ବୈଷୟିକ




ତ୍ରୁଟିକୁ ଦର୍ଶାଇବା ସହ କାର୍ଯ୍ୟକରିବା ପ୍ରକ୍ରିୟା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ମାଧେପୁରା ସହରର ଜୟପାଲପଟ୍ଟୀରେ ରହୁଥିବା ଚନ୍ଦନ କୁମାର ନାମକ ଜଣେ ବ୍ୟକ୍ତି ଗଣମାଧ୍ୟମକୁ ପତ୍ନୀଙ୍କର ଭୋଟର ପରିଚୟ ପତ୍ର ଦେଖାଇଥିଲେ । ଅଢେଇମାସ ତଳେ ଡାକ ଯୋଗେ ଏହି କାର୍ଡ ଆସିଥିଲା । କିନ୍ତୁ ଲଫାଫା ଖୋଲିବାରେ ମୁଖ୍ୟମନ୍ତ୍ରୀଙ୍କ ଫଟୋ କାର୍ଡରେ ଦେଖିବାକୁ ମିଳିଥିଲା ବୋଲି ସେ କହିଛନ୍ତି । ଏବେ ଏହି ଘଟଣାକୁ ନେଇ ବିହାରରେ ଚର୍ଚ୍ଚା ସୃଷ୍ଟି ହୋଇଛି ।

## ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନ ନବୀକରଣ କାର୍ଯ୍ୟ ସ୍ଥଗିତ

ନୂଆଦିଲ୍ଲୀ, ୯ ।୭ (ଏଜେନ୍ସି): ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ସରକାରୀ ବାସଭବନର ନବୀକରଣ କାର୍ଯ୍ୟ ସ୍ଥଗିତ ରଖାଯାଇଛି । ୬୦ ଲକ୍ଷ ଟଙ୍କା ବିନିମୟରେ ଏହି କାର୍ଯ୍ୟ ଚାଲୁଥିଲା । ପିଡବ୍ଲ୍ୟୁଡି ବିଭାଗ ପ୍ରଶାସନିକ କାରଣରୁ ଏହି ନବୀକରଣ କାର୍ଯ୍ୟର ଟେଣ୍ଡରକୁ ବାତିଲ କରିଛି । ବଙ୍ଗଳାର ନବୀକରଣ ପାଇଁ ପିଡବ୍ଲ୍ୟୁଡି ୬୦ ଲକ୍ଷ ଟଙ୍କାରେ ଟେଣ୍ଡର ଜାରି କରିଥିଲା । ବଙ୍ଗଳାରେ ୧୪ଟି ଏୟାର କଣ୍ଡିସନ, ୯ ଲକ୍ଷ ଟଙ୍କାର ଟିଭି ୬ ଲକ୍ଷ ଟଙ୍କାର ଲାଇଟ ଲଗା ଯିବାର କାର୍ଯ୍ୟକ୍ରମ ଥିଲା । ମୁଖ୍ୟମନ୍ତ୍ରୀ ହେବା ପରେ ରେଖା ଗୁପ୍ତା ପରିବାର ସହ ଶାଲିମାରସ୍ଥିତ ନିଜ ବାସଭବନରେ ରହୁଛନ୍ତି । ସେ ଅରବିନ୍ଦ କେଜ୍ରିୱାଲଙ୍କ ଦ୍ୱାରା ନିର୍ମିତ ବିଳାସପୂର୍ଣ୍ଣ ତଥା ବହୁ ଚର୍ଚ୍ଚିତ ଶୀଶ ମହଲରେ ରହିବାକୁ ମନା କରିଦେଥିଲେ ।

## ମହାରାଷ୍ଟ୍ରରେ ବଢୁଛି ଅରାଜକତା; ଶିବସେନା ବିଧାୟକଙ୍କ ଗୁଣ୍ଡାଗିରି

ମୁମ୍ବାଇ, ୯।୭ (ଏଜେନ୍ସି): ମହାରାଷ୍ଟ୍ରରେ ଭାଷା ରାଜନୀତି ଦିନକୁ ଦିନ ଉଗ୍ର ହେବାରେ ଲାଗିଛି । ରାଜ୍ ଠାକରେଙ୍କ ନେତୃତ୍ୱାଧୀନ ଏମଏନଏସ ଅଣ-ମରାଠୀଙ୍କୁ ଆକ୍ରମଣ ଜାରି ରଖିଛି । ଏହା ବିରୋଧରେ ମଙ୍ଗଳବାର ବ୍ୟବସାୟୀମାନେ ପ୍ରତିବାଦ ଯାତ୍ରା କରିଥିବାବେଳେ ଏମଏନ୍‌ଏସ୍ କର୍ମୀ ଏହା ବିରୋଧରେ ବିକ୍ଷୋଭ କରିଥିଲେ । ବିଜେପି ନେତୃତ୍ୱାଧିନ ମହାୟୁତିରେ ସାମିଲ ଜଣେ ମନ୍ତ୍ରୀ ଏମଏନଏସ ରାଲିରେ ସାମିଲ ହୋଇ ଏହି ବିବାଦକୁ ଅଧିକ ବଢ଼ାଇ ଥିଲେ । ଏହାର ଦିନକ ପରେ ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ଗୋଷ୍ଠୀର ଶିବସେନା ବିଧାୟକ ସଞ୍ଜୟ ଗାଏକ୍ୱାଡ ଜଣେ କ୍ୟାଣ୍ଟିନ କର୍ମଚାରୀଙ୍କୁ ମାଡ଼ ମାରିଛନ୍ତି । ଏହାର ଏକ ଭିଡିଓ ବୁଧବାର ଭାଇରାଲ ହେବାରେ ଲାଗିଛି । ଏହା ଭାଷା ବିବାଦକୁ ଅଧିକ ଜଟିଳ କରିଦେଇଛି । ମଙ୍ଗଳବାର ରାତିରେ ମୁମ୍ବାଇର ଆକାଶବାଣୀ ବିଧାୟକ

### କାର୍ଯ୍ୟାନୁଷ୍ଠାନ ସପକ୍ଷରେ ମୁଖ୍ୟମନ୍ତ୍ରୀ ଫଡନାଭିସ୍

ଗେଷ୍ଟ ହାଉସ୍‌ରେ ଗାଏକ୍ୱାଡ ମାଡ଼ ମାରିଥିଲେ ବୋଲି ସୂଚନା



ମିଳିଛି । ଏହାକୁ ନେଇ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ସେ ମାମଲାକୁ ଗୁରୁତର କହିଛନ୍ତି । ସେ ବିଧାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ବାଚସ୍ପତିଙ୍କୁ ଅନୁରୋଧ କରିଛନ୍ତି । ସୂଚନା ଅନୁଯାୟୀ ଖରାପ ଡାଲି ଦେବାକୁ ନେଇ କ୍ୟାଣ୍ଟିନ କର୍ମଚାରୀଙ୍କ ସହ ବିଧାୟକ ଝଗଡ଼ା କରିଥିଲେ । ବିଧାୟକ ଏଥିରେ କ୍ଷୁବ୍ଧ ହୋଇ ଯାଇଥିଲେ । ପରେ ସେ କ୍ୟାଣ୍ଟିନକୁ ଯାଇ କର୍ମଚାରୀ ଯୋଗେଶ କୁଟରାମଙ୍କୁ ମାଡ଼ ମାରିଥିଲେ । ଗାଏକ୍ୱାଡ କହିଛନ୍ତି ଯେ ସେଠାରେ ଭଲ ଖାଦ୍ୟ ଦିଆଯାଇ ନ ଥିଲା । ଯାହା କରିଥିଲି ଠିକ୍ କରିଛି । ମାଡ଼ ମାରିବାକୁ ନେଇ ସେ ଅନୁତପ୍ତ ନୁହଁନ୍ତି । ଅନ୍ୟପଟେ ଶିବସେନା (ୟୁବିଟି) ବିଧାୟକ ଅନିଲ ପରବ ଆଜି ବିଧାନ ପରିଷଦରେ ଏହି ପ୍ରସଙ୍ଗ ଉଠାଇ ଥିଲେ । ସରକାର ରାଜନୈତିକ ମନୋଭାବ ନେଇ କାର୍ଯ୍ୟ କରୁଛନ୍ତି ବୋଲି ଅଭିଯୋଗ କରିଥିଲେ । ଏହା ଉପରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏଭଳି ଆଚରଣ ଭଲ ବାର୍ତ୍ତା ଦେଉନାହିଁ । ଏହା କାହା ପାଇଁ ସମ୍ମାନଜନକ ନୁହେଁ । ଗାଏକ୍ୱାଡ଼ଙ୍କ ଏଭଳି ଆଚରଣ ସମସ୍ତ ବିଧାୟକଙ୍କ ଛବିକୁ ଖରାପ କରିଛି ।

■ ମହଙ୍ଗା ପଡ଼ିଲା ପରକୀୟା ପ୍ରୀତି

## ପ୍ରେମିକର ଗୁପ୍ତାଙ୍ଗ, ସ୍ତ୍ରୀର ବେକ କାଟିଲା ସ୍ୱାମୀ

ଯାଜପୁର, ୯।୭ (ସମିସ): ସ୍ୱାମୀଙ୍କୁ ଛାଡ଼ି ଅନ୍ୟତ୍ର ରହିବା ଜଣେ ମହିଳା ଓ ତାଙ୍କ ପ୍ରେମିକଙ୍କୁ ମହଙ୍ଗା ପଡ଼ିଛି । ରାଗରେ ଜଳୁଥିବା ସ୍ୱାମୀ ବିଚ୍ ବଜାରରେ ସ୍ତ୍ରୀର ବେକ ଏବଂ ପ୍ରେମିକର ବେକ ସମେତ ଗୁପ୍ତାଙ୍ଗ କାଟି ଦେଇଛି । ଯାଜପୁର ବ୍ଲକ ମାଲହାଟପୁର ଅଞ୍ଚଳରେ ଆଜି ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଆହତଦ୍ୱୟ ହେଲେ, ଡଲି ମହାନ୍ତି ଓ ତାଙ୍କ ପ୍ରେମିକ ପ୍ରଶାନ୍ତ ନାଥ । ଉଭୟଙ୍କ ଘର କୋରେଇ ଥାନା ଅଞ୍ଚଳରେ ହୋଇଥିବା ବେଳେ ସେମାନେ ମାଳଆନ୍ଦପୁର ଟିପରା ଅଞ୍ଚଳରେ



ଏକ ଭଡ଼ାଘରେ ରହନ୍ତି । ରକ୍ତ ଜୁଡ଼ୁବୁଡ଼ୁ ଅବସ୍ଥାରେ ଦୁହିଁଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ଅଧିକ ଚିକିତ୍ସା ନିମନ୍ତେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି ।

ଅପରପକ୍ଷେ, ଏହି ନାରକୀୟ ଘଟଣା ଘଟାଇବା ପରେ ଡଲିଙ୍କ ଅଭିଯୁକ୍ତ ସ୍ୱାମୀ ମନୋଜ କୁମାର ମହାନ୍ତି ଫେରାର୍ ହୋଇଯାଇଛି । ସଦର ଥାନା ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ମନୋଜ ନିର୍ଯାତନା ଦେଉଥିବାରୁ ସେ ବାଧ୍ୟ ହୋଇ ଅଲଗା ରହୁଥିଲେ ବୋଲି ଡଲି କହିଛନ୍ତି ।

ସୂଚନାନୁଯାୟୀ, ବୁଧବାର ଡଲି ଓ ପ୍ରଶାନ୍ତ କୌଣସି କାମରେ ନିକଟସ୍ଥ ବଜାରକୁ ଆସିଥିଲେ । ଏହି ସମୟରେ ମନୋଜ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ଫେରାର୍ ହୋଇଯାଇଥିଲା । ଏ ସମ୍ପର୍କରେ ଏସ୍‌ଡିପିଓ ପ୍ରଶାନ୍ତ ମାଝୀଙ୍କୁ ପଚାରିବାରେ ଘଟଣାଟି ସଦର ଥାନା ଅଞ୍ଚଳରେ । କିନ୍ତୁ ଅଦ୍ୟାବଧି ଥାନାରେ ଅଭିଯୋଗ ହୋଇନାହିଁ । କିନ୍ତୁ ଉପରୋକ୍ତ ଅଞ୍ଚଳରୁ ଥାନାକୁ ଫୋନ କରି ସ୍ଥାନୀୟ ଲୋକେ କହିବାରୁ ସଦର ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି ବୋଲି ସୂଚନା ଦେଇଥିଲେ ।

# ଝାରସୁଗୁଡ଼ାରେ ପଶ୍ଚିମବଙ୍ଗ ଶ୍ରମିକ ଅଟକ

## ବର୍ଷିଲେ ତୃଣମୂଳ ସାଂସଦ ମହୁଆ ମୈତ୍ର

ଭୁବନେଶ୍ୱର, ୯।୭ (ସମିସ): ଝାରସୁଗୁଡ଼ାରେ ପଶ୍ଚିମବଙ୍ଗର ୪୪୦ ଜଣ ଶ୍ରମିକଙ୍କୁ ଅଟକ ରଖାଯାଇଛି । ଏହି ଅଟକ ଶ୍ରମିକମାନଙ୍କ ମଧ୍ୟରେ ତୃଣମୂଳ କଂଗ୍ରେସ ସାଂସଦ ମହୁଆ ମୈତ୍ରଙ୍କ ସଂସଦୀୟ କ୍ଷେତ୍ରର ୨୩ ଜଣ ଶ୍ରମିକ ରହିଛନ୍ତି । ଏହି ଶ୍ରମିକମାନଙ୍କ ଅଟକକୁ ନେଇ ଓଡ଼ିଶା ସରକାରଙ୍କ ଉପରେ ବର୍ଷିଛନ୍ତି ସାଂସଦ ମହୁଆ । ଏକ ଭିଡିଓ ବାର୍ତ୍ତା ଜରିଆରେ ମହୁଆ ଏହି ଘଟଣାରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ପୁଲିସ ଡିଜିଙ୍କ ହସ୍ତକ୍ଷେପ



ଲୋଡ଼ିବା ସହିତ ପଶ୍ଚିମବଙ୍ଗର ଶ୍ରମିକମାନଙ୍କୁ ତୁରନ୍ତ ମୁକ୍ତ କରିବାକୁ ଦାବି କରିଛନ୍ତି ।

ମହୁଆ କହିଛନ୍ତି ଯେ ଝାରସୁଗୁଡ଼ାରେ ୪୪୦ ଜଣ ପଶ୍ଚିମବଙ୍ଗ ଶ୍ରମିକଙ୍କୁ ଅଟକ ରଖାଯାଇଛି । ଏହି ଶ୍ରମିକମାନଙ୍କ ମଧ୍ୟରୁ ୨୩ ଜଣ ତାଙ୍କ ନିର୍ବାଚନ ମଣ୍ଡଳୀ କୃଷ୍ଣନଗରର ମିର୍ଜାପୁର ଗାଁର ବାସିନ୍ଦା । ଯେଉଁମାନେ ଆଧାରକାର୍ଡ ଭଳି ବୈଧ ପ୍ରମାଣପତ୍ର ରଖିଥିଲେ ମଧ୍ୟ ଓରିଏଣ୍ଟ ଥାନା ପୁଲିସ ଷ୍ଟେସନରେ ସେମାନଙ୍କୁ ବେଆଇନ ଭାବେ ଅଟକ ରଖାଯାଇଛି । ଏହି ପ୍ରସଙ୍ଗରେ ନଦିଆ ଏସ୍‌ପି ଝାରସୁଗୁଡ଼ା ଏସ୍‌ପିଙ୍କ ସହିତ ଆଲୋଚନା କରିଛନ୍ତି । ଏହା ସତ୍ତ୍ୱେ ପଶ୍ଚିମବଙ୍ଗର ଶ୍ରମିକମାନଙ୍କୁ ସେଠାରେ ଅଟକ ରଖାଯାଇଛି । ଭାରତ ଏକ ସାର୍ବଭୌମ

■ ଏଭଳି ଘଟିଲେ ଓଡ଼ିଶା ଆସିବେନି ପଶ୍ଚିମବଙ୍ଗ ପର୍ଯ୍ୟଟକ

■ ମୁଖ୍ୟମନ୍ତ୍ରୀ, ମୁଖ୍ୟ ସଚିବ ଓ ଡିଜିଙ୍କ ହସ୍ତକ୍ଷେପ ଲୋଡ଼ିଲେ

ରାଷ୍ଟ୍ର ଓ ଦେଶର ବାସିନ୍ଦାମାନେ ଦେଶର ଯେକୌଣସି ସ୍ଥାନରେ କାର୍ଯ୍ୟ କରିବାର ଅଧିକାର ପାଇଛନ୍ତି । ତେଣୁ ଭାବିବା ଉଚିତ ନୁହେଁ ଯେ ଏହି ଶ୍ରମିକମାନଙ୍କ ପାଇଁ ଲଢ଼ିବାକୁ କେହି ନାହାନ୍ତି । ଅତୀତରେ ନବୀନ ପଟ୍ଟନାୟକଙ୍କ ୨୪ ବର୍ଷର ଶାସନକାଳରେ କେବେ ଏଭଳି ଘଟଣା ଘଟିନଥିଲା । ମାତ୍ର ଓଡ଼ିଶାରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ବର୍ଷକ ମଧ୍ୟରେ ନିତିଦିନ ଏଭଳି ଘଟଣା ଘଟି ଚାଲିଛି । ଏହି ଶ୍ରମିକମାନଙ୍କୁ ଅଟକ ରଖିବାର କୌଣସି କାରଣ ନାହିଁ । ସ୍ଥାନୀୟ ଏସ୍‌ପି ସେମାନଙ୍କର ସମସ୍ତ ତଥ୍ୟ ପ୍ରଦାନ କରିଛନ୍ତି । ତେଣୁ ତୁରନ୍ତ ସେମାନଙ୍କୁ ଛାଡ଼ିବାକୁ ମହୁଆ ଅନୁରୋଧ କରିଛନ୍ତି । ଯଦି ସେମାନଙ୍କୁ ମୁକ୍ତ କରା ନ ଯାଏ ତେବେ ବିଭିନ୍ନ ସ୍ଥାନରେ ୨୩ ଟି ହେବିୟସ୍ କର୍ପସ କେସ୍ କରାଯିବ ବୋଲି ମହୁଆ ଚେତାବନୀ ଦେଇଛନ୍ତି ।

ସେ ପୁଣି କହିଛନ୍ତି ଯେ ଯଦି ଓଡ଼ିଶାରେ ପଶ୍ଚିମବଙ୍ଗର ଶ୍ରମିକମାନଙ୍କୁ ଏଭଳି ନିର୍ଯ୍ୟାତନା ଦିଆଯାଏ, ତେବେ ଆଗକୁ ପଶ୍ଚିମବଙ୍ଗର ଲୋକେ ଓଡ଼ିଶା ଭ୍ରମଣରେ ଯିବେ ନାହିଁ । ଓଡ଼ିଶାର ପର୍ଯ୍ୟଟନ ରାଜସ୍ୱର ୫୦ ପ୍ରତିଶତ ପଶ୍ଚିମବଙ୍ଗରୁ ଆସୁଛି । ଯଦି ଆପଣ ଆମ ଶ୍ରମିକମାନଙ୍କୁ ଅଟକାଇବେ, ତେବେ ଆମ ପର୍ଯ୍ୟଟକମାନେ ଓଡ଼ିଶା ଆସିବା ବନ୍ଦ କରିଦେବେ । ଓଡ଼ିଶାର ହୋଟେଲ୍ ଶିଳ୍ପ, ପର୍ଯ୍ୟଟନ କ୍ଷେତ୍ର ଉପରେ ଏହାର ବଡ଼ ପ୍ରଭାବ ପଡ଼ିବ । ପଶ୍ଚିମବଙ୍ଗରେ ମଧ୍ୟ ବହୁ ରାଜ୍ୟର ପ୍ରବାସୀ ଶ୍ରମିକ ରହିଛନ୍ତି । ମାତ୍ର ସେମାନଙ୍କୁ କେବେ କୌଣସି ସମସ୍ୟା ଭୋଗିବାକୁ ପଡୁନାହିଁ । ତେଣୁ ଓଡ଼ିଶା ସରକାର ଏହି ମାମଲାକୁ ଗୁରୁତର ସହ ନେଇ ଅଟକ ଶ୍ରମିକମାନଙ୍କୁ ତୁରନ୍ତ ମୁକ୍ତ କରନ୍ତୁ ବୋଲି ମହୁଆ ଦାବି କରିଛନ୍ତି ।

## ଆଇପିଏସ୍ ସ୍ତରରେ ଅଦଳବଦଳ: ସଞ୍ଜୀବ ପଣ୍ଡା ନକ୍ସଲ ବିରୋଧୀ ଅପରେସନ୍ ଏଡିଜି

ଭୁବନେଶ୍ୱର, ୯।୭ (ସମିସ): ରାଜ୍ୟରେ ଆଇପିଏସ୍ ସ୍ତରରେ ଛୋଟଧରଣର ଅଦଳବଦଳ ହୋଇଛି । ୩ ଜଣ ଆଇପିଏସ୍‌ଙ୍କର ବଦଳି କରାଯାଇଥିବା ବେଳେ ଜଣଙ୍କୁ ଅସ୍ଥାୟୀ ଦାୟିତ୍ୱ ଦିଆଯାଇଛି । ଏନେଇ ଆଜି ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ରାଜ୍ୟ ପୁଲିସ ଏକାଡେମିର ନିର୍ଦ୍ଦେଶକ ତଥା ୧୯୯୪ ବ୍ୟାଚ୍‌ର ଆଇପିଏସ୍ ସଞ୍ଜୀବ ପଣ୍ଡାଙ୍କୁ ନକ୍ସଲ ବିରୋଧୀ ଅପରେସନ୍‌ର ଏଡିଜି ଭାବେ ଦାୟିତ୍ୱ ଦିଆଯାଇଛି । ଏଥିସହ ସ୍ପେସାଲ ଇଣ୍ଟେଲିଜେନ୍ସ ୱିଙ୍ଗ୍ (ଏସ୍‌ଆଇଡବ୍ଲୁ) କାର୍ଯ୍ୟକାରିତା ତଦାରଖ କରି ସିଧାସଳଖ ପୁଲିସ ମହାନିର୍ଦ୍ଦେଶକଙ୍କୁ ରିପୋର୍ଟ କରିବାକୁ କୁହାଯାଇଛି । ଆଇଜି (ପ୍ରଶିକ୍ଷଣ) ଆଇପିଏସ୍ ଅନୁପ କୁମାର ସାହୁଙ୍କୁ ବିଜୁ ପଟ୍ଟନାୟକ ରାଜ୍ୟ ପୁଲିସ ଏକାଡେମିର ନିର୍ଦ୍ଦେଶକ ଦାୟିତ୍ୱ ତୁଲାଇବାକୁ ନିର୍ଦ୍ଦେଶ ଦିଆଯାଇଛି । ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ଶ୍ରୀ ସାହୁ ଅସ୍ଥାୟୀ ଭାବେ ଏହି ଦାୟିତ୍ୱ ତୁଲାଇବେ । ସେହିପରି, ଦକ୍ଷିଣ-ପଶ୍ଚିମାଞ୍ଚଳ ରେଞ୍ଜ ଡିଆଇଜି ତଥା ୨୦୦୯ ବ୍ୟାଚ୍‌ର ଆଇପିଏସ୍ ଅଖିଳେଶ୍ୱର ସିଂଙ୍କୁ ଭୁବନେଶ୍ୱରସ୍ଥିତ ସ୍ପେଶାଲ ଇଣ୍ଟେଲିଜେନ୍ସ ୱିଙ୍ଗ୍ (ଏସ୍‌ଆଇଡବ୍ଲୁ)କୁ ବଦଳି ହୋଇଛି । ଏସ୍‌ଆଇଡବ୍ଲୁ ଡିଆଇଜି ଥିବା ଆଇପିଏସ୍ କନୱର୍ ବିଶାଳ ସିଂଙ୍କୁ ଦକ୍ଷିଣ-ପଶ୍ଚିମାଞ୍ଚଳ ରେଞ୍ଜ ଡିଆଇଜି ଭାବେ ବଦଳି କରାଯାଇଛି ।

## ୧୧ରେ ଆସିବେ ରାହୁଲ

ଭୁବନେଶ୍ୱର, ୯।୭ (ସମିସ): ଆସନ୍ତା ୧୧ ଜୁଲାଇ କଂଗ୍ରେସର 'ସମ୍ବିଧାନ ବଞ୍ଚାଅ' ମହାସମାବେଶରେ ଯୋଗ ଦେବାକୁ ଓଡ଼ିଶା ଗସ୍ତରେ ଆସିବେ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ । ପୂର୍ବାହ୍ନ ୧୧ ଟାରେ ସେ ଭୁବନେଶ୍ୱର ବିମାନ ବନ୍ଦରରେ ପହଁଚି ସିଧା ବରମୁଣ୍ଡା ପଡ଼ିଆ ଯିବେ । ରାସ୍ତାରେ ବିଭିନ୍ନ ଛକରେ ରାହୁଲଙ୍କ ସ୍ୱାଗତ ପାଇଁ କଂଗ୍ରେସ କର୍ମୀ ରହିବେ । ମଧ୍ୟାହ୍ନ ୧୨ଟାରେ ସଭାରେ ରାହୁଲ ଯୋଗ ଦେବେ । ସଭା ସରିବା ପରେ ଚାଷୀଙ୍କ ଦୁଇଟି ପ୍ରତିନିଧି ଦଳକୁ ରାହୁଲଙ୍କୁ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି । ଅପରାହ୍ଣ ୩ଟାରେ କଂଗ୍ରେସ ଭବନରେ ଏକ୍ ବୈଠକରେ ରାହୁଲ




ଯୋଗ ଦେବେ । ପ୍ରଥମେ ରାଜନୈତିକ ବ୍ୟାପାର କମିଟି ଓ ପରେ ବିଧାୟକ, ପିସିସି କର୍ମକର୍ତ୍ତାଙ୍କ ସହ ଆଲୋଚନା କରିବେ । ତାଙ୍କ ସହ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ୍ ଖଡ଼୍‌ଗେ ଓ ଏଆଇସିସି ସଂଗଠନ ସମ୍ପାଦକ କେସି ଭେଣୁଗୋପାଳ ମଧ୍ୟ ଓଡ଼ିଶା ଆସିବେ ।

**ମହାସମାବେଶ ପରେ କଂଗ୍ରେସ ଭବନରେ ବୈଠକ**

ପିସିସି ସଭାପତି କହିଛନ୍ତି ଯେ ଦେଶର ସାମ୍ବିଧାନିକ ବିଧି ବ୍ୟବସ୍ଥାକୁ କେନ୍ଦ୍ର ଦଳିମକଚି ନଷ୍ଟ କରିଦେଇଥିବା ବେଳେ ରାଜ୍ୟ ସରକାରଙ୍କ ପ୍ରଥମ ବର୍ଷ ପ୍ରତାରଣାର ପ୍ରତୀକ ପାଲଟିଛି । ରାଜ୍ୟ ସରକାର ଶ୍ରୀଜଗନ୍ନାଥ ସଂସ୍କୃତି ସହ ମଧ୍ୟ ଖେଳୁଛନ୍ତି ବୋଲି ଅଭିଯୋଗ କରିଛନ୍ତି । ସେହିପରି ପୂର୍ବତନ ସଭାପତି ନିରଞ୍ଜନ ପଟ୍ଟନାୟକ ରାହୁଲଙ୍କ ଆଗାମୀ ଗସ୍ତ ରାଜ୍ୟରେ କଂଗ୍ରେସକୁ ପୁଣି ବଳଶାଳୀ କରିବ ବୋଲି ଆଶାପ୍ରକାଶ କରିଛନ୍ତି । ଦୁଇ ପୂର୍ବତନ ସଭାପତି ଶରତ ପଟ୍ଟନାୟକ ଓ ଜୟଦେବ ଜେନା ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ ଗଣମାଧ୍ୟମଗୁଡ଼ିକ ରାହୁଲଙ୍କ ଗସ୍ତର ବ୍ୟାପକ ପ୍ରଚାର ପ୍ରସାର କରିବା ପାଇଁ ଆହ୍ୱାନ ଦେଇଛନ୍ତି । ପୂର୍ବତନ ସଭାପତି ପ୍ରସାଦ ହରିଚନ୍ଦନ କଂଗ୍ରେସର ଐତିହ୍ୟ ସ୍ମରଣ କରାଇଥିବା ବେଳେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ସରକାର ଖଣି ସେସ୍ ନ ଆଦାୟ କରିବା ଦ୍ୱାରା ରାଜ୍ୟ ଦୁଇ ଲକ୍ଷ କୋଟିର ଅଣରାଜସ୍ୱ ଆୟ କାହା ସ୍ୱାର୍ଥରେ ହରାଇଲେ ବୋଲି ପ୍ରଶ୍ନ କରିଛନ୍ତି । ନବନିଯୁକ୍ତ ମିଡିଆ ସେଲ ଅଧ୍ୟକ୍ଷ ଅରବିନ୍ଦ ଦାସ ମହାସମାବେଶକୁ ସଫଳ କରିବାକୁ ଆହ୍ୱାନ ଦେଇଥିବା ବେଳେ ବରିଷ୍ଠ କଂଗ୍ରେସ ନେତା ତାରାପ୍ରସାଦ ବାହିନୀପତି ଧନ୍ୟବାଦ ଅର୍ପଣ କରିଥିଲେ ।

## ଭକ୍ତଙ୍କୁ ମିଳିଲା ନୀଳାଚଳ ଅବଢ଼ା

■ ମହାପ୍ରସାଦ ପାଇ ତୃପ୍ତହେଲେ ଶ୍ରଦ୍ଧାଳୁ

■ ଶ୍ରୀମନ୍ଦିରରେ ଲାଗିଲା ଗହଳିଚହଳି

ପୁରୀ, ୯।୭ (ସମିସ): ଶେଷ ହୋଇଛି ଶ୍ରୀଗୁଣ୍ଡିଚା ଯାତ୍ରା । ରତ୍ନ ସିଂହାସନରେ ବିରାଜମାନ କରିଛନ୍ତି ଚତୁର୍ଦ୍ଧାବିଗ୍ରହ । କିଛି ଦିନର ନିରବତା ପରେ ଶ୍ରୀମନ୍ଦିରରେ ପୁଣି ଆରମ୍ଭ ହୋଇଛି ଗହଳିଚହଳି । ବୁଧବାର ମହାପ୍ରଭୁଙ୍କୁ ଲାଗି ହୋଇଛି ମହାପ୍ରସାଦ; ଭକ୍ତ ପାଇଛନ୍ତି ନୀଳାଚଳ ଅବଢ଼ା । ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରି ଆନନ୍ଦ ବଜାରରେ ମହାପ୍ରସାଦ ପାଇ ତୃପ୍ତ ହୋଇଛନ୍ତି ଶ୍ରଦ୍ଧାଳୁ ।



ମଙ୍ଗଳବାର ରାତିରେ ଚତୁର୍ଦ୍ଧାବିଗ୍ରହ ଶ୍ରୀମନ୍ଦିରକୁ ବିଜେ କରିବା ପରେ ଭୋର୍ ସାଢ଼େ ୫ଟାରେ ରୁନ୍ଧା ସରିଥିଲା । ପରେ ଦଇତାପତି ସର୍ବାଙ୍ଗ, ଶ୍ରୀମୁଖ ଖଣ୍ଡୁଆ ସରି ବୁଧବାର ସକାଳ ୬ଟା ୧୦ରେ କୋଠସୁଆଁସୁଆ ଚାରମାଳ ଫିଟାକୁ ପ୍ରବେଶ କରିଥିଲେ । ସକାଳ ୮ଟା ୧୦ରେ ଚାରମାଳ ଫିଟା ସରି ଚକାପୋଛା ଓ ସିଂହାସନ ଧୁଆ ଯାଇଥିଲା । ମହାସ୍ନାନ ପରେ ପୂର୍ବାହ୍ନ ୧୧ଟାରେ ମଙ୍ଗଳଆଳତି, ଅପରାହ୍ଣ ୨ଟା ୨୫ରେ ଅବକାଶ ପୂଜା ବଢ଼ିଥିଲା । ପରେ ରୋଷହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ଏବଂ ଠାକୁରଙ୍କ ବେଶ ସରିଥିଲା । ଅପରାହ୍ଣ ୨ଟା ୫୦ରେ ଗୋପାଳ ବଲ୍ଲଭ ନୀତି ସମ୍ପନ୍ନ ହୋଇଥିଲା । ଅପରାହ୍ଣ ୪ଟା ୨୦ରେ ସକାଳ ଧୂପ ସରିବା ପରେ ଭୋଗମଣ୍ଡପ ବଢ଼ି ବାହାରିଥିଲା ନୀଳାଚଳ ଅବଢ଼ା । ରଥଯାତ୍ରା ପରେ ପ୍ରଥମ ଅବଢ଼ା ପାଇବା ପାଇଁ ଆନନ୍ଦବଜାରରେ ପ୍ରବଳ ଭିଡ଼ ହୋଇଥିଲା । ଯଦିଓ ବିଳମ୍ବରେ ମହାପ୍ରସାଦ ବାହାରିଥିଲା, କିନ୍ତୁ ଭକ୍ତମାନେ ଅପେକ୍ଷା କରି ରହିଥିଲେ ।

**ମେଘନାଦ ପାଚେରି ଡେଇଁ ପଶିଲେ**

# ଶ୍ରୀମନ୍ଦିର ସୁରକ୍ଷା ପ୍ରତି ପ୍ରଶ୍ନବାଚୀ

ପୁରୀ, ୯।୭ (ସମିସ): ପୁଣି ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି । ସବୁ ସୁରକ୍ଷାକୁ ଭେଦ କରି ମେଘନାଦ ପାଚେରି ଡେଇଁ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରିଛନ୍ତି ୪ ଯୁବକ । ଉଦ୍‌ବେଗର କଥା ହେଲା, ଏହି ଘଟଣାକୁ ୨୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିବା ବେଳେ ସେମାନେ କିଏ ଏବଂ କେଉଁ ଉଦ୍ଦେଶ୍ୟରେ ମନ୍ଦିର ଭିତରକୁ ପଶିଥିଲେ, ତାହା ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ । ରଥଯାତ୍ରାଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ଶ୍ରୀମନ୍ଦିର ଭିତରେ ଓ ବାହାରେ ମାଳମାଳ ସୁରକ୍ଷା କର୍ମୀ ଜଗି ରହିଥିବା ବେଳେ ଏଭଳି ଅଭାବନୀୟ ଦୃଶ୍ୟ ସାମ୍ନାକୁ ଆସିବା ଏବେ ସମସ୍ତଙ୍କର ଚିନ୍ତା ବଢ଼ାଇ ଦେଇଛି । ପୂର୍ବରୁ, ଶ୍ରୀମନ୍ଦିର ଆତଙ୍କବାଦୀଙ୍କ ଟାର୍ଗେଟ୍‌ରେ ଥିବା ନେଇ ଗୁଇନ୍ଦା ବିଭାଗ ସତର୍କ କରିଥିବା ବେଳେ ସୋମବାରର ଏହି ଘଟଣା ବଡ଼ଦେଉଳ ପ୍ରତି ଯେ ବିପଦ ସୃଷ୍ଟି କରିଛି; ଏଥିରେ ସନ୍ଦେହ ନାହିଁ । ସେହିପରି, ସେପଟେ ସମସ୍ତ ସୁରକ୍ଷାକର୍ମୀ ତିନିରଥ ସହ ଭକ୍ତଙ୍କୁ ସୁରକ୍ଷା ଦେବାକୁ ଅଣ୍ଟା ଭିଡ଼ିଥିବା ବେଳେ ଶ୍ରୀମନ୍ଦିର ବାହାର ଓ ଭିତର ସୁରକ୍ଷା ବ୍ୟବସ୍ଥାର ଚରମ ଅବହେଳା ପଦାରେ ପଡ଼ିଛି । ଏହି ଘଟଣା ଆଜି ସାମ୍ନାକୁ ଆସିବା ପରେ ଜଗନ୍ନାଥପ୍ରେମୀ ଭକ୍ତ, ସେବାୟତ, ବୁଦ୍ଧିଜୀବୀମହଲରେ କ୍ଷୋଭ ପ୍ରକାଶ ପାଇଛି ।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏବେ ଶ୍ରୀମନ୍ଦିର ସୁରକ୍ଷାରେ ମାଳମାଳ ସୁରକ୍ଷା କର୍ମୀ ୨୪ ଘଣ୍ଟିଆ ନିୟୋଜିତ ଅଛନ୍ତି । ଓଡ଼ିଶା ପୁଲିସ୍, ଜେଟିପି, ଶ୍ରୀମନ୍ଦିର ସୁରକ୍ଷାବାହିନୀ, ଅବସରପ୍ରାପ୍ତ ସେନା କର୍ମଚାରୀ ପ୍ରମୁଖ ସୁରକ୍ଷା ଦାୟିତ୍ୱରେ ରହିଛନ୍ତି । ହେଲେ, ସବୁ ସୁରକ୍ଷା



■ ମାଳ ମାଳ ସୁରକ୍ଷା କର୍ମୀ କରୁଥିଲେ କ'ଣ?

■ କ୍ଷୋଭ ପ୍ରକାଶ କଲେ ଭକ୍ତ, ସେବାୟତ ଓ ବୁଦ୍ଧିଜୀବୀ

■ ତଦନ୍ତ ପାଇଁ ମନ୍ଦିର ପ୍ରଶାସନ ଗଠନ କଲା ସ୍ୱତନ୍ତ୍ର ଟିମ୍

ବ୍ୟବସ୍ଥାକୁ କାଟି ଦକ୍ଷିଣଦ୍ୱାର ପାର୍ଶ୍ୱ ମେଘନାଦ ପାଚେରୀ କଡ଼ରେ ପଡ଼ିଥିବା ଅଳିଆ ଗଦା ଉପରେ ଚଢ଼ି ଭିତରକୁ ଯୁବକମାନେ ଗଲେ କେମିତି? ସେହିଠାରେ ସିସିଟିଭି କ୍ୟାମେରା ଥିବା ବେଳେ ନିୟମିତ ସୁରକ୍ଷା କର୍ମଚାରୀ ବି ରହୁଛନ୍ତି । ହେଲେ କାହା ନଜରରେ ପଡ଼ିଲାନି କେମିତି?

ବଡ଼ କଥା ହେଉଛି, ଏବେ ଶ୍ରୀମନ୍ଦିର ରତ୍ନଭଣ୍ଡାରର ରତ୍ନଅଳଙ୍କାର ଅସ୍ଥାୟୀ ଷ୍ଟ୍ରଙ୍ଗରୁମ୍‌ରେ ଥିବା ଭିତରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡି କରାଯାଇଛି । ମେଘନାଦ ପାଚେରୀ ଡେଉଁଥିବା ବେଳେ ଭିତରେ ଥିବା ସୁରକ୍ଷା କର୍ମଚାରୀ ଜାଣିପାରିଲେନି କେମିତି? ଏହାକୁ ନେଇ ଭକ୍ତ, ସେବାୟତ ଓ ବୁଦ୍ଧିଜୀବୀ ସୁରକ୍ଷା ବ୍ୟବସ୍ଥା ଉପରକୁ ଅଙ୍ଗୁଳି ଉଠାଇଛନ୍ତି ।

ବୁଦ୍ଧିଜୀବୀ ସଞ୍ଜୀବ ମହାନ୍ତି କହିଛନ୍ତି, ଏ.ଆଇ କ୍ୟାମେରା ଲଗାଯାଇଥିବା ବଡ଼ବଡ଼ ଭାଷଣ ଦିଆଯାଉଥିଲା । ସେହି କ୍ୟାମେରା ଲାଗିଛି କେଉଁଠି? ମାଳମାଳ ସୁରକ୍ଷା କର୍ମଚାରୀ କରୁଥିଲେ କ'ଣ? ଏହାକୁ ହାଲୁକା ଭାବେ ନେବା ଉଚିତ ନୁହେଁ । ଆଜି ଯଦି ଶ୍ରୀମନ୍ଦିର ଭିତରେ କେହି ଆତଙ୍କବାଦୀ ପଶି କିଛି ଅଘଟଣ ଘଟାଇଥାନ୍ତା, ଏଥିପାଇଁ କିଏ ଦାୟୀ ହୋଇଥାନ୍ତା ବୋଲି ସେ ପ୍ରଶ୍ନ କରିଛନ୍ତି ।

ଅନ୍ୟପକ୍ଷରେ, ମଙ୍ଗଳବାରର ଏହି ଘଟଣା ଜଣାପଡ଼ିବା ପରେ ଏହାକୁ ଗୁରୁତ୍ୱର ସହ ନେଇଛି ଶ୍ରୀମନ୍ଦିର ପ୍ରଶାସନ । ଘଟଣାର ତଦନ୍ତ ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ଉନ୍ନୟନ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି । ଏହି ଟିମ୍‌ରେ ସୁରକ୍ଷା ପ୍ରଶାସକ (ଓଏସ୍‌ଡି), ସଫେଇ ସୁପରଭାଇଜର୍ ଏବଂ ମନ୍ଦିରରେ ଥିବା ପୂର୍ତ୍ତ ଅଧିକାରୀ ରହିଛନ୍ତି । ସେମାନେ ଏହାର ତଦନ୍ତ କରି ମୁଖ୍ୟ ପ୍ରଶାସକଙ୍କୁ ରିପୋର୍ଟ ପ୍ରଦାନ କରିବେ ।

ଏ ସମ୍ପର୍କରେ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ଚଞ୍ଚଳ ରାଣା କହିଛନ୍ତି, ମେଘନାଦ ପାଚେରୀ ଡେଇଁ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରିଥିବା ବ୍ୟକ୍ତିଙ୍କ ବିରୋଧରେ ଏତଲା ଦିଆଯିବ । ଏହା ଏକ ପାପ ଓ ନିନ୍ଦନୀୟ କାର୍ଯ୍ୟ । କୌଣସି ପରିସ୍ଥିତିରେ ଶ୍ରୀମନ୍ଦିର ସୁରକ୍ଷା ସହ ସାଲିସ କରାଯିବ ନାହିଁ । ଶ୍ରୀ ମନ୍ଦିର ମୁଖ୍ୟ ପ୍ରଶାସକ ମଧ୍ୟ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ସଫା କରିବା ଲାଗି ଦାୟିତ୍ୱରେ ଥିବା ଏଜେନ୍ସି ଏବଂ ପୁରୀ ପୌରସଂସ୍ଥାକୁ କୁହାଯାଇଥିଲା । ସେମାନେ ବି ସଫା କରୁଥିଲେ । କିନ୍ତୁ ଅଳିଆ ଆବର୍ଜନା କେତେ ଦିନ ହେବ ଜମା ହୋଇ ରହିଥିଲା, କ'ଣ ପାଇଁ ଆବର୍ଜନା ସ୍ଥାନାନ୍ତର ହୋଇ ନ ଥିଲା, ତା'ର ମଧ୍ୟ ତଦନ୍ତ କରାଯିବ । କିନ୍ତୁ ଏହା ହେବା କଥା ନୁହେଁ ବୋଲି ଜିଲ୍ଲାପାଳ ଶ୍ରୀ ରାଣା କହିଛନ୍ତି ।

ଖବର ପ୍ରସାରଣ ପରେ ସଫେଇ ସଂସ୍ଥାର କର୍ମଚାରୀମାନେ ଜେସିବି ଓ ଟ୍ରାକ୍ଟର ସାହାଯ୍ୟରେ ତୁରନ୍ତ ଅଳିଆ ଖାଲି କରିଥିବା ବେଳେ ମେଘନାଦ ପାଚେରୀ ପାଖରେ ରୋଷଘର ଅଳିଆ ପକାଇବାକୁ ଉଦ୍ଦିଷ୍ଟ ଥିବା ଗେଟ୍‌ଟି ତାଲା ପକାଯାଇଥିଲା ।

**ସରିଲା ଘଟଣାବହୁଳ ରଥଯାତ୍ରା**

# ଆରମ୍ଭରୁ ଶେଷ ଯାଏ ଚର୍ଚ୍ଚାରେ 'ବିଭ୍ରାଟ'

ପୁରୀ, ୯।୭ (ସମିସ): ଶେଷ ହେଲା ଚଳିତବର୍ଷର ରଥଯାତ୍ରା । ରତ୍ନସିଂହାସନରେ ବିଜେ କରିଛନ୍ତି ମହାପ୍ରଭୁ । ହେଲେ ଏଥର ରଥଯାତ୍ରା ଅନେକ ଘଟଣା, ଦୁର୍ଘଟଣା ଓ ବିଭ୍ରାଟର ମୂକସାକ୍ଷୀ ପାଲଟିଛି । ଅର୍ଥାତ୍ ଘୋଷଯାତ୍ରା ଆରମ୍ଭରୁ ଶେଷ ଯାଏ ବିଶୃଙ୍ଖଳା, ବିଭ୍ରାଟକୁ ନେଇ ଚର୍ଚ୍ଚାରେ ରହିଥିଲା । ରଥଯାତ୍ରା ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏଥରର ରଥଯାତ୍ରା ଐତିହାସିକ ଏବଂ ସ୍ମରଣୀୟ ହେବ ବୋଲି କହିଥିଲେ । ଏଥିପାଇଁ ଘନଘନ ବୈଠକ ବସିବା ସହ ଶୃଙ୍ଖଳିତ ରଥଯାତ୍ରାର ବ୍ଲୁ-ପ୍ରିଣ୍ଟ ବି ପ୍ରସ୍ତୁତ ହୋଇଥିଲା । କିନ୍ତୁ ଠିକଣା ବେଳକୁ ସବୁ ଫେଲ୍ ମାରିଲା । ତେଣୁ, ବିଭ୍ରାଟକୁ ନେଇ ଏଥର ରଥଯାତ୍ରା ସ୍ମରଣୀୟ ରହିବ ବୋଲି ବୁଦ୍ଧିଜୀବୀମହଲରେ ଚର୍ଚ୍ଚା, ଆଲୋଚନା ହେଉଛି ।

ଚଳିତବର୍ଷ ରଥଯାତ୍ରାକୁ ସୁରକ୍ଷିତ ଏବଂ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ଲାଗି ବହୁ ବୈଠକ ବସିଥିଲା । ଜିଲ୍ଲାପାଳଙ୍କଠାରୁ ଆରମ୍ଭ କରି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଆରଡିସି, ଆଇନ ମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ସମୀକ୍ଷା ବୈଠକ । ଏପରିକି, ମନ୍ତ୍ରିସ୍ତରୀୟ କମିଟି ଏକାଧିକଥର ସମୀକ୍ଷା କରିଥିବା ବେଳେ ଉଚ୍ଚସ୍ତରୀୟ ଅଧିକାରୀଙ୍କୁ ନେଇ ମାନସମନ୍ଥନ ବି ହୋଇଥିଲା । ମୁଖ୍ୟମନ୍ତ୍ରୀ ବି ଏଥର ତ୍ରୁଟିଶୂନ୍ୟ ଏବଂ ଦିବ୍ୟ ଓ ଭବ୍ୟ ରଥଯାତ୍ରା ଉପରେ ଜୋର୍ ଦେଇଥିଲେ । ହେଲେ ଠିକଣା ବେଳକୁ ସବୁ ପ୍ରସ୍ତୁତି, ସବୁ ଯୋଜନା ଫେଲ୍ ମାରିଥିଲା ।

ରଥ ନିର୍ମାଣଠାରୁ ହିଁ ବିଶୃଙ୍ଖଳା ଆରମ୍ଭ ହୋଇଥିଲା । ରଥ ନିର୍ମାଣ ଲାଗି କାଠର ଅଭାବକୁ ନେଇ ଅସନ୍ତୋଷ ଝାଡ଼ିଥିଲେ ନିର୍ମାଣକାରୀ । ପରେ ସେମାନଙ୍କୁ ଆବଶ୍ୟକ କାଠ ଯୋଗାଇ ଦିଆଯାଇଥିଲା । ସେହିପରି ମହାପ୍ରଭୁଙ୍କ ସୁସ୍ଥ ପାଇଁ ଆସିଥିବା ଦଶମୂଳ ମୋଦକ ଚୋରି ଘଟଣା ସମସ୍ତଙ୍କୁ ମର୍ମାହତ କରିଥିଲା ।

■ ସିଂହଦ୍ୱାରରୁ ପାହୁଣ୍ଡେ ଗଡ଼ି ଅଟକିଥିଲା ନନ୍ଦିଘୋଷ

■ ଅଶୁଦ୍ଧି ବେଳେ ମନ୍ଦିରରେ ପଶିଲେ ବିଧାୟକ

■ ଦଳାଚକଟାରେ ପ୍ରାଣ ହରାଇଲେ ଶ୍ରଦ୍ଧାଳୁ

ଠାକୁରମାନଙ୍କୁ ଲାଗି ପୂର୍ବରୁ କିଏ ନେଇଯାଇଥିଲା ୭୦ ମୋଦକ । ମାରା ମୋଦକ ଶ୍ରୀବିଗ୍ରହମାନଙ୍କୁ ଲାଗି କରାଯାଇଥିଲା । ତେଣୁ ମାରା ମୋଦକ ଲାଗି କରାଯାଇଥିବାରୁ ଠାକୁରମାନେ ସୁସ୍ଥ ହେଲେ କିପରି ବୋଲି ଅନେକ ପ୍ରଶ୍ନ ଉଠାଇଥିଲେ ।

ସେହିପରି ରଥଯାତ୍ରା ଦିନ ରଥଟଣାରେ ଦେଖା ଦେଇଥିଲା ବିଭ୍ରାଟ । ନିର୍ଘଣ୍ଟ ସମୟରେ ନୀତିକାନ୍ତି ସତ୍ତ୍ୱେ ଗୋଟିଏ ବି ରଥ ଶରଧାବାଲି ଛୁଇଁପାରି ନ ଥିଲା । ତାଳଧ୍ୱଜ ରଥ ବଳଗଣ୍ଡିରେ ଏବଂ ଦର୍ପଦଳନ ରଥ ମରୀଚିକୋଟରେ ଅଟକି ରହିଥିବା ବେଳେ ନନ୍ଦିଘୋଷ ରଥ ପାହୁଣ୍ଡେ ଗଡ଼ି ସିଂହଦ୍ୱାର ଆଗରେ ଠିଆ ହୋଇଥିଲା । ସେହିଦିନ ନନ୍ଦିଘୋଷ ରଥ ତଳେ ଜଣେ ମହିଳା ନମାଜ ପାଠ କରୁଥିଲେ । ବର୍ଷା ହେବାରୁ ନନ୍ଦିଘୋଷ ରଥ ତଳେ ଅନେକ ଶ୍ରଦ୍ଧାଳୁ ଆଶ୍ରୟ ନେଇଥିଲେ । ହେଲେ ଜଣେ ମହିଳା ନମାଜ ପାଠ କରୁଥିବା ବେଳେ ଏହାକୁ ନେଇ ସେଠାରେ କିଛି ସମୟ ଉତ୍ତେଜନା ପ୍ରକାଶ ପାଇଥିଲା । ରଥଯାତ୍ରା ଦିନ ସନ୍ଧ୍ୟା ସମୟରେ ନନ୍ଦିଘୋଷ ରଥ କର୍ଡନ୍ ପାଖରେ ଠେଲାପେଲା ଘଟି ବହୁ ଭକ୍ତ ତଳେ ପଡ଼ି ଆହତ ହୋଇଥିଲେ । ସେହିପରି ଅଶୁଦ୍ଧି ଲାଗିଥିବା ବେଳେ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରିଥିଲେ ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର । ତାଙ୍କ ଦଦେଇଙ୍କ ପରଲୋକର ୬ଦିନରେ ସେ ରଥଯାତ୍ରା ଦିନ ମୁଖ୍ୟମନ୍ତ୍ରୀଙ୍କ ସହିତ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରିଥିଲେ, ଯାହାକୁ ନେଇ ବେଶ୍ ହୋ ହଲ୍ଲା ହୋଇଥିଲା । କଡ଼ା କଟକଣା ସତ୍ତ୍ୱେ ରଥ ଉପରକୁ ମୋବାଇଲ ଫୋନ ନେବା, ବାହୁଡ଼ା କର୍ଡନ ଭିତରେ ପୁଲିସକୁ ସେବାୟତଙ୍କ ତାଗିଦ ଭଳି ଅନେକ ବିବାଦୀୟ ସ୍ଥିତିର ମୂକସାକ୍ଷୀ ରହିଛି ଚଳିତବର୍ଷର ରଥଯାତ୍ରା ।

ଏବର୍ଷ ଘୋଷଯାତ୍ରାରୁ ସବୁଠୁ ସମ୍ବେଦନଶୀଳ ପ୍ରସଙ୍ଗ ରହିଥିଲା ଶରଧାବାଲିରେ ଦଳାଚକଟା । ନବଦିନାତ୍ମକ ଯାତ୍ରାରେ ଆସିଥିବା ଶ୍ରୀଜୀଉମାନେ ରଥ ଉପରେ ଥିବା ବେଳେ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଦଳାଚକଟା ଘଟି ୩ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଥିଲା । ଏହା ସମ୍ପୂର୍ଣ୍ଣ ରଥଯାତ୍ରା ପ୍ରସ୍ତୁତି ଉପରେ ପ୍ରଶ୍ନବାଚୀ ଟାଣି ଦେଇଥିଲା । ଏଥିପାଇଁ ରଥଯାତ୍ରା ଅଧାରୁ ଜିଲ୍ଲାପାଳ ଏବଂ ଏସ୍‌ପିଙ୍କର ବଦଳି କରାଯାଇଥିବା ବେଳେ ଦୁଇଜଣ ପୁଲିସ ଅଧିକାରୀଙ୍କୁ ନିଲମ୍ବିତ କରାଗଲା । ଏପରିକି, ରଥଯାତ୍ରା ମଝିରେ ମୁଖ୍ୟମନ୍ତ୍ରୀ ପୁରୀ ଆସି ପୁଣି ପ୍ରସ୍ତୁତିର ସମୀକ୍ଷା କଲେ । ସେହିପରି ସୁନାବେଶରେ ବି ଅଘଟଣ ଘଟିଲା । ସିଂହଦ୍ୱାର ସମ୍ମୁଖ ରାଧାବଲ୍ଲଭ ମଠରୁ ପଡ଼ି ଜଗତ୍‌ସିଂହପୁର ଜିଲ୍ଲା ପାଟେଲୀ ଗାଁର ବାବାଜୀ ବେହେରାଙ୍କର ମୃତ୍ୟୁ ହୋଇଥିଲା । ଅସୁସ୍ଥ ଏବଂ ଆହତଙ୍କ ସଂଖ୍ୟା ଏଥର ରେକର୍ଡ କରିଥିବା ବେଳେ ଏ ବର୍ଷ ରଥଯାତ୍ରାର ଟ୍ରାଫିକ ବ୍ୟବସ୍ଥା ସବୁଠୁ ବିପର୍ଯ୍ୟସ୍ତ ରହିଥିଲା । ୮/୯ ଦିନ ଧରି ଶରଧାବାଲି ସଂଲଗ୍ନ ପୁରୀବାସୀ ଏକପ୍ରକାର ବନ୍ଦୀ ଜୀବନ କାଟିଥିଲେ । ଘରୁ ବାଇକ୍ ବାହାର କଲେ, ସେମାନଙ୍କୁ ପୁଲିସର ଆକ୍ରୋଶର ଶିକାର ହେବାକୁ ପଡ଼ିଥିଲା । ମୋଟାମୋଟି ଭାବେ ଚଳିତବର୍ଷ ରଥଯାତ୍ରା ବିବାଦ, ବିଶୃଙ୍ଖଳା ଏବଂ ବଭ୍ରାଟ ବହୁଳ ରହିଥିଲା ବୋଲି ଚର୍ଚ୍ଚା ହେଉଛି ।

■ ଶାସକ ବିଜେପିର ମୁକାବିଲା ପାଇଁ କଂଗ୍ରେସର ପ୍ରସ୍ତୁତି

## ୨୦ ମୁଖପାତ୍ର, ୮ ପ୍ୟାନେଲିଷ୍ଟ ନିଯୁକ୍ତ

ଭୁବନେଶ୍ୱର, ୯।୭ (ସମିସ): ଏଆଇସିସି ପକ୍ଷରୁ ରାଜ୍ୟ କଂଗ୍ରେସ ଗଣମାଧ୍ୟମ ବିଭାଗର ପଦାଧିକାରୀ ତାଲିକା ପ୍ରକାଶ ପାଇଛି । ଓଡ଼ିଶା ପ୍ରଦେଶ କଂଗ୍ରେସ ଗଣମାଧ୍ୟମ ବିଭାଗକୁ ସୁଦୃଢ଼ କରିବା ପାଇଁ ଏଆଇସିସି ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ପୱନ ଖେରା ଓଡ଼ିଶା ପ୍ରଦେଶ କଂଗ୍ରେସ ଗଣମାଧ୍ୟମ ବିଭାଗର ପଦାଧିକାରୀଙ୍କୁ ନିଯୁକ୍ତି ଦେଇଛନ୍ତି । ଏହି କମିଟିରେ ଅମୀୟ ପାଣ୍ଡବ ଉପାଧ୍ୟକ୍ଷ ରହିଥିବାବେଳେ, ଦୀପକ କୁମାର ମହାପାତ୍ର ଗଣମାଧ୍ୟମ ସଂଯୋଜକ ଓ ପ୍ରେସ ଦାୟିତ୍ୱରେ ରହିଛନ୍ତି । ସେହିପରି ଜଗଦାନନ୍ଦ ପ୍ରଧାନ ରିସର୍ଚ୍ଚ ଡାଟା ଇନ୍‌ଫରମେସନ ଦାୟିତ୍ୱରେ ରହିଛନ୍ତି । ପୂର୍ବତନ ମନ୍ତ୍ରୀ ଦେବାଶିଷ ନାୟକ, ବିଧାୟକ ସାଗର ଚରଣ ଦାସ, ସୋଫିଆ ଫିର୍‌ଦୋସ୍, ବରିଷ୍ଠ ନେତା ହମିଦ ହୁସେନ୍, ଅଭିଷେକ ମହାନନ୍ଦ, ରଜନୀ କୁମାର ମହାନ୍ତି, ପଦ୍ମାକର ଗୁରୁ, ନିଶିକାନ୍ତ ମିଶ୍ର, ପ୍ରଶାନ୍ତ କୁମାର ଶତପଥୀ, ସୋନାଲି ସାହୁ, ସମ୍‌ସିଦ୍ ତାୟବ, ଦେବାଶିଷ ଭୂୟାଁ, ଜୟଶ୍ରୀ ପାତ୍ର, ମନିଷା ଦାସ ପଟ୍ଟନାୟକ, ହିମାଂଶୁ କୁମାର ଲେଙ୍କା, ଲଲାଟେନ୍ଦୁ ଦାସ, ବିଭୁତି ଭୂଷଣ ମହାପାତ୍ର, ମାନସ ରଞ୍ଜନ ଚୌଧୁରୀ, ନଳିନୀକାନ୍ତ ନାୟକ ପ୍ରମୁଖ ମୁଖପାତ୍ର ରହିଛନ୍ତି । ଅନ୍ୟପକ୍ଷରେ ଅମିତା ଦାସ, ସଂଗ୍ରାମ କେଶରୀ ମାଝୀ, ରୂପଦୀପ୍ତା ମହାପାତ୍ର, ଅଶୋକ କୁମାର ସ୍ୱାଇଁ, ଝୁନା କୁମାରୀ ପଟ୍ଟନାୟକ, ମଧୁସ୍ମିତା ଆଚାର୍ଯ୍ୟ, ରାକେଶ କୁମାର ସାହୁ, ନିହାର ରଞ୍ଜନ ବେହେରା ପ୍ରମୁଖ ଗଣମାଧ୍ୟମ ପାନେଲିଷ୍ଟ ଭାବେ କମିଟିରେ ରହିଛନ୍ତି । ଉଲ୍ଲେଖଯୋଗ୍ୟ ଗତକାଲି ଓଡ଼ିଶା ପ୍ରଦେଶ ଗଣମାଧ୍ୟମ ବିଭାଗର ଅଧ୍ୟକ୍ଷ ଭାବେ ଅରବିନ୍ଦ ଦାସଙ୍କୁ ଏଆଇସିସି ନିଯୁକ୍ତି ପ୍ରଦାନ କରିଥିଲା ।

# ବାଇକ୍‌କୁ ଘୋଷାଡ଼ି ନେଲା ଆମ୍ବୁଲାନ୍ସ: ଜଣେ ମୃତ

ରାଇଘର, ୯।୭ (ସମିସ):

ରାଇଘର-କୁନ୍ଦେଇ ମୁଖ୍ୟରାସ୍ତାର ଗଞ୍ଜାପାରା ନିକଟରେ ଏକ ଜନନୀ ଏକ୍ସପ୍ରେସ (୧୦୨) ବାଇକ୍‌କୁ ଧକ୍କା ଦେଇ ପ୍ରାୟ ଶହେ ମିଟର ଘୋଷାରି ନେବା ଫଳରେ ବାଇକ୍‌ରେ ଯାଉଥିବା ଦୁଇ ଯୁବକଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ଖବର ପାଇ ରାଇଘର ପୁଲିସ ମେଡିକାଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ସନ୍ଧ୍ୟା ସାଢେ ୮ ଟା ସମୟରେ ପେସନପ୍ରୋ ବାଇକ ନମ୍ବର ସିଜି ୨୧ବି ୦୨୨୩ରେ ରାଇଘରରୁ ଚିକେନ ଧରି ବୁମରଡିହି ଗ୍ରାମର ବିଜୟ କୁମାର ମାଝୀ ଏବଂ ମଙ୍ଗଲ ଲୋହରା ଘରକୁ ଫେରୁଥିବା ବେଳେ ହାଟଭରାଣ୍ଡି ଆଡୁ ଏକ ଆମ୍ବୁଲାନ ଗାଡ଼ି ନମ୍ବର ଓଡି ୨୪ ଇ ୯୧୩୨ ମୁହାଁମୁହିଁ ଧକ୍କା ଦେବା ସହିତ ବାଇକ ଶହ ଦୁହିଁଙ୍କୁ ପ୍ରାୟ ଶହେ ମିଟର ଘୋଷାରି ନେଇଥିଲା । ଦୁହେଁ ଆମ୍ବୁଲାନ୍ସ ତଳେ ପସିଯିବା ଫଳରେ ଗୁରୁତର ଆହତ ହୋଇ ରାଇଘର ମେଡିକାଲରେ ଭର୍ତ୍ତି ହୋଇଥିଲେ। ବିଜୟ କୁମାର ମାଝୀ (୧୭) ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ମଙ୍ଗଳର ଅବସ୍ଥା ଶୋଚନୀୟ ଥିବାରୁ ତାକୁ ଉମରକୋଟକୁ ସ୍ଥାନାନ୍ତର କରାଯାଇଥିଲା। ଖବର ପାଇ ରାଇଘର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଆମ୍ବୁଲାନ୍ସକୁ ଜବତ କରି ଡ୍ରାଇଭର ସହିତ ଆଉ ଜଣେ ଯୁବକଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି।

# ବିପଦସଙ୍କୁଳ ଅବସ୍ଥାରେ ରାସ୍ତାକଡ଼ ଗଛ



କୋଟପାଡ଼, ୯।୭ (ସମିସ): କୋଟପାଡ଼ ସହର ଦେଇ ଯାଇଥିବା ୬୩ ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ବନ ବିଭାଗ କାର୍ଯ୍ୟାଳୟ ପରିସରରେ ଥିବା ଏକ ଗଛ ରାଜରାସ୍ତା ଆଡୁ ତଳକୁ ନଇଁ ପଡ଼ିବା ଅବସ୍ଥାରେ ରହିଛି। କୋଟପାଡ ପୋଷ୍ଟ ଅଫିସ ଏବଂ ବିଏସ୍‌ଭିଏନ କିଡସ ସ୍କୁଲ୍‌କୁ ଯିବା ପାଇଁ ଏହା ମାର୍ଗ ଅଟେ। ସହରବାସୀ ଓ ଅଭିଭାବକ ନିଜ ନିଜର ଛୋଟଛୋଟ ପିଲାମାନଙ୍କୁ ନେଇ ସେହି ରାସ୍ତାରେ ଯିବା ଆସିବା କରନ୍ତି। ପ୍ରତିଦିନ ଏହି ରାସ୍ତା ଦେଇ ପାଖ ସାହି ବାସିନ୍ଦା ମଧ୍ୟ ଯା'ଆସ କରନ୍ତି। ସେହି ରାସ୍ତାର ସାମନା ପଟେ ୬୩ ନଂ ଜାତୀୟ ରାଜପଥ ଯାଇଛି। ରାଜପଥର ବିପରୀତ ପାର୍ଶ୍ୱରେ ପିଏମ୍ ଶ୍ରୀ ସ୍କୁଲ୍ ଅବସ୍ଥିତ। ତେଣୁ ଆଖପାଖ ସାହିର ସ୍କୁଲ୍ ପିଲା ପାଠ ପଢିବା ପାଇଁ ପ୍ରତିଦିନ ପିଏମ୍ ଶ୍ରୀ ସ୍କୁଲ୍‌କୁ ସେହି ରାସ୍ତା ଦେଇ ଯା'ଆସ କରୁଛନ୍ତି। ଯଦି ସମୟ ପୂର୍ବରୁ ସେହି ଗଛ କଟା ନ ଯାଏ, ତେବେ ଅଘଟଣ ଘଟିବାର ସମ୍ଭାବନା ରହିଛି। କିଛି ଦିନ ହେବ ଅଞ୍ଚଳରେ ଲଘୁଚାପ ଜନିତ ବର୍ଷା ଲାଗି ରହୁଛି। ଯିବା ଆସିବା ରାସ୍ତାରେ ବହୁ ପୁରୁଣା ଗଛ ରହିଛି। ସେଥିମଧ୍ୟରୁ ବହୁ ଗଛ ଶୁଖିଗଲାଣି। ଏହି ଗଛ କୌଣସି ସମୟରେ ରାସ୍ତାରେ ଭାଙ୍ଗିପଡ଼ିବା ସମ୍ଭାବନା ଥିବାରୁ ଏଥିପ୍ରତି ପ୍ରଶାସନ ଦୃଷ୍ଟିଦେବାକୁ ଦାବି ହେଉଛି।

# ଗୁପ୍ତେଶ୍ୱରରେ ବୋଲବମ୍ ପ୍ରସ୍ତୁତି ବୈଠକ

ବୈପାରିଗୁଡା, ୯।୭ (ସମିସ):



ଶ୍ରାବଣ ମାସରେ ବୋଲବମ୍ କାଉଡ଼ିଆ ଭକ୍ତଙ୍କ ସୁବିଧା ପାଇଁ ଗୁପ୍ତେଶ୍ୱରଠାରେ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରାବଣ ମାସରେ ଗୁପ୍ତେଶ୍ୱର ଶୈବପୀଠରେ ଜଳାଭିଷେକ ନିମନ୍ତେ ହଜାର ହଜାର କାଉଡ଼ିଆଙ୍କର ସମାଗମ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି କାଉଡ଼ିଆଙ୍କ ପାଇଁ ସମସ୍ତ ସୁବିଧା ଯୋଗାଇଦେବା ପାଇଁ ନିଷ୍ପତି ନିଆଯାଇଥିଲା। ଟ୍ରାଫିକ ସମସ୍ୟା ସବୁବେଳେ ରହୁଥିବାରୁ ଏହାର ସମାଧାନ ଏବଂ ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ପୁଲିସ ବିଭାଗକୁ ସଂପୂର୍ଣ୍ଣ ଦାୟିତ୍ୱ ଦିଆଯାଇଛି। ଗୁପ୍ତେଶ୍ୱର ପୀଠକୁ ଲାଗି ବୋହି ଯାଇଥିବା ସାବେରୀ ନଦୀରେ କୌଣସି ଅଘଟଣ ନ ଘଟିବା ପାଇଁ ଅଗ୍ନିଶମ ବାହିନୀକୁ ସୁରକ୍ଷା ପାଇଁ ମୁତୟନ କରାଯିବାର ବ୍ୟବସ୍ଥା କରାଯାଇଛି। ଗୁପ୍ତେଶ୍ୱର ପୀଠ ନିକଟରେ ଯେପରି ଗହଳି ନହୁଏ ସେଥିପାଇଁ ଆଖପାଖରେ ରହିଥିବା ଅସ୍ଥାୟୀ ଦୋକାନ ଗୁଡ଼ିକୁ ଷ୍ଟଲ୍‌ରେ ସ୍ଥାନାନ୍ତର କରାଯିବାର ବ୍ୟବସ୍ଥା କରାଯାଇଛି। ପାନୀୟ ଜଳ, ଶୌଚାଳୟ, କାଉଡ଼ିଆଙ୍କ ଆଶ୍ରୟ ସ୍ଥଳୀ, ବିଦ୍ୟୁତ୍ ବ୍ୟବସ୍ଥା ଯେପରି ସୁରୁଖୁରୁରେ ସମ୍ପାଦନ କରାଯିବ ସେଥିପାଇଁ ସମସ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଦାୟିତ୍ୱ ଦିଆଯାଇଛି। ବୈଠକରେ ଜୟପୁର ତହସିଲଦାର ଚିତ୍ତରଞ୍ଜନ ବେହେରା, ବୈପାରିଗୁଡା ତହସିଲଦାର ସ୍ନିଗ୍ଧା ଚୌଧୁରୀ, ବୈପାରିଗୁଡା ବିଡ଼ିଓ ଶକ୍ତି ମହାପାତ୍ର, ବୈପାରିଗୁଡା ପୁଲିସ ଆଇଆଇସି ରଶ୍ମି ରଂଜନ ପ୍ରଧାନ, ଅଗ୍ନିଶମ ବିଭାଗର ଓଆଇସି ସୁକାନ୍ତ ପ୍ରଧାନଙ୍କ ସହ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଗୁପ୍ତେଶ୍ୱର ଶୈବପୀଠରେ ବୋଲବମ୍ ପ୍ରସ୍ତୁତି ବୈଠକ



ଜୟପୁର, ୯।୭ (ସମିସ): ଜୟପୁର ଉପ ଜିଲ୍ଲାପାଳଙ୍କ ସଭାଗୃହ ଠାରେ ଆସନ୍ତା ଶ୍ରାବଣ ମାସ ବୋଲବମ୍ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲ୍ଲାପାଳ ଏ.ଶଶ୍ୟା ରେଡ୍ଡିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଆଗାମୀ ଶ୍ରାବଣ ମାସ ପ୍ରଥମ ସୋମବାରଠାରୁ କାଉଡିଆଙ୍କ ଭିଡ଼ ରହିବ। ତେଣୁ କାଉଡିଆ ମାନେ କିପରି ଶାନ୍ତି ଶୃଙ୍ଖଳା ଏବଂ ସୁରକ୍ଷିତ ଭାବେ ବାବା ଗୁପ୍ତେଶ୍ୱରଙ୍କ ଦର୍ଶନ କରିବା ସହ ଶିବଲିଙ୍ଗରେ ଜଳ ଢାଳିବେ ସେଥିନେଇ ପ୍ରସ୍ତୁତି ବୈଠକରେ ଆଲୋଚନା କରାଯାଇଥିଲା। ପାନୀୟ ଜଳ ଯୋଗାଣ ଉପରେ ଅଧିକ ଧ୍ୟାନ ଦେବାକୁ ଉପଜିଲ୍ଲାପାଳ କୁମାରୀ ରେଡ୍ଡି ନିର୍ଦ୍ଦେଶ ଦେଇଥିଲେ। ସେହିପରି ଡାଇରିଆ, ଝାଡାବାନ୍ତି ପ୍ରତି ସତର୍କତା ଅବଲମ୍ବନ କରିବାକୁ ବୈଠକରେ ନିଷ୍ପତି ହୋଇଥିଲା। ଆସନ୍ତା ଶୁକ୍ରବାରଠାରୁ ଗୁପ୍ତେଶ୍ୱରରେ ସମସ୍ତ କାର୍ଯ୍ୟ ସମାପ୍ତ କରିବାକୁ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ପରିମଳ ବ୍ୟବସ୍ଥା ଓ ଧାଡି ଦର୍ଶନ ଉପରେ ଗୁରୁତ୍ୱ ଦେବା ପାଇଁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଏସ୍‌ଡିପିଓ ପାର୍ଥ କାଶ୍ୟପ, ବୈପାରୀଗୁଡା ଭାରପ୍ରାପ୍ତ ତଥା ଜୟପୁର ବିଡିଓ ଶକ୍ତି ମହାପାତ୍ର, ବୈପାରୀଗୁଡା ତହସିଲଦାର ସ୍ନିଗ୍ଧାରାଣି ଚୌଧୁରୀ, ଦେବତ୍ତୋର ଅଧିକାରୀ ଚିତ୍ତରଞ୍ଜନ ପଟ୍ଟନାୟକ, ବୈପାରୀଗୁଡା ଥାନା ଅଧିକାରୀ ରଶ୍ମିରଞ୍ଜନ ପ୍ରଧାନ, ଅଗ୍ନିଶମ ସହକାରୀ ଅଧିକାରୀ ସୁରେଶ ବାରିକ, ରାମଗିରି ଫାଣ୍ଡି ଅଧିକାରୀ ବିଷ୍ଣୁ ପ୍ରସାଦ ମାଡକାମୀ, ରାଜସ୍ୱ ପରିଦର୍ଶକ ହରିହର ଶତପଥି, ଦିଲ୍ଲିପ ପ୍ରଧାନଙ୍କ ସମେତ ଓଡ୍ରାଫ, ସ୍ୱାସ୍ଥ୍ୟ, ଜନସ୍ୱାସ୍ଥ୍ୟ, ଦେବତ୍ତୋର, ରାଜସ୍ୱ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ସଠିକ୍ ସମୟରେ ମିଳୁନି ଆମ୍ବୁଲାନ୍ସ ସେବା

# ଗର୍ଭ ଯନ୍ତ୍ରଣାରେ ଛଟପଟ ହେଲେ ମହିଳା

ମାଲକାନଗିରି, ୯।୭ (ସମିସ):

ମାଲକାନଗିରି ଜିଲ୍ଲାରେ ଗୁରୁତର ରୋଗୀଙ୍କୁ ମିଳୁନି ଆମ୍ବୁଲାନ୍ସ। ଗର୍ଭବତୀ ମହିଳା ବି ଏଥିରୁ ବାଦ୍ ପଡୁନାହାନ୍ତି। ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ କୋରାପୁଟ ଚିକିତ୍ସାଳୟକୁ ରେଫର ହୋଇଥିବା ଜଣେ ମହିଳା ପ୍ରାୟ ଅଢେଇ ଘଣ୍ଟା ଧରି ଆମ୍ବୁଲାନ୍ସ ନ ପାଇ ଗର୍ଭ ଯନ୍ତ୍ରଣାରେ ଛଟପଟ ହୋଇଥିବା ଜଣାପଡ଼ିଛି। ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ, ମାଲକାନଗିରି ଜିଲ୍ଲା ଏମଭି ୮୯ ଗ୍ରାମର ଶିଶିର ବିଶ୍ୱାସଙ୍କ ପତ୍ନୀ ସିଲା ଗର୍ଭ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ଡାକ୍ତର ସିଲାଙ୍କ ଯାଞ୍ଚ କରି ସେ ଗୁରୁତର ଥିବା କହି କୋରାପୁଟ ରେଫର କରିଥିଲେ। ତୁରନ୍ତ ପରିବାର ଲୋକେ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ ହେଁ ଆମ୍ବୁଲାନ୍ସ ଆସୁଥିବା କହି ପ୍ରାୟ ଦୁଇ ଘଣ୍ଟା ସମୟ ବିତି ଯାଇଥିଲା। ଏହାରି ମଧ୍ୟରେ



ସିଲା ଗର୍ଭ ଯନ୍ତ୍ରଣାରେ ଛଟପଟ ହେଉଥିଲେ ହେଁ କୌଣସି ଆମ୍ବୁଲାନ୍ସ ଆସି ନଥଲା। ପରିବାର ଲୋକେ ବାରମ୍ବାର ଆମ୍ବୁଲାନ୍ସ ପାଇଁ ଫୋନ କରିବାରୁ ତାଙ୍କୁ ଏକ ଗାଡି ଭଡା କରି ନେଇଯିବାକୁ କୁହାଯାଇଥିଲା। ପରିବାର ଲୋକେ ଏଥିରେ ଚିନ୍ତିତ ହୋଇ ପଡିଥିବା ବେଳେ ପ୍ରାୟ ଅଢେଇ ଘଣ୍ଟା ପରେ ଆମ୍ବୁଲାନ୍ସ ଆସି ସିଲାଙ୍କୁ କୋରାପୁଟ ମେଡିକାଲକୁ ନିଆଯାଇଛି। ଏନେଇ ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ବ୍ରଜ ବନ୍ଧୁ ଦାସଙ୍କୁ ଯୋଗାଯୋଗ କରିବାରୁ ସେ ଘଟଣା ବିଷୟରେ ତଦନ୍ତ କରିବେ ବୋଲି ପ୍ରକାଶ କରିଥିଲେ।

# ଜୁଆ ଆଡ୍ଡାରେ ଚଢଉ

ଜୟପୁର, ୯।୭ (ସମିସ): ଜୟପୁର ଟାଉନଥାନା ପକ୍ଷରୁ ସ୍ଥାନୀୟ ଧୋବାସାହି ଅଞ୍ଚଳରେ ଚାଲିଥିବା ଏକ ଜୁଆ ଆଡ୍ଡା ଉପରେ ସନ୍ଧ୍ୟାରେ ଚଢଉ କରାଯାଇଥିଲା। ଏହି ଜୁଆ ଆଡ୍ଡାରେ ୪ଜଣ ଜୁଆଡିଙ୍କୁ ଧରାଯାଇଥିବା ବେଳେ ସେମାନଙ୍କ ନିକଟରୁ ୮ ହଜାର ୩୦୦ ଟଙ୍କା ଜବତ କରାଯାଇଛି। ଜୁଆଡି ମାନଙ୍କୁ ଥାନାରୁ ଜାମିରେ ଛଡାଯାଇଥିବା ନେଇ ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଜୟପୁର ଟାଉନ ପୁଲିସ ଧୋବାସାହି ଅଞ୍ଚଳରେ ଜୁଆଖେଳ ଚାଲିଥିବା ଖବର ପାଇବା ପରେ ତୁରନ୍ତ ଘଟଣାସ୍ଥଳରେ ପୁଲିସ ଦଳ ପହଞ୍ଚିଥିବା ବେଳେ ଚଢଉ କରିଥିଲେ।

# ଡବ୍ଲୁଇଓଙ୍କ ତଦନ୍ତ

ନନ୍ଦପୁର, ୯।୭ (ସମିସ): କୋରାପୁଟ ଜିଲ୍ଲା ନନ୍ଦପୁର ସଦର ମହକୁମାର ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରାବାସରେ ନିମ୍ନମାନର ଖାଦ୍ୟ ସହ ଅବ୍ୟବସ୍ଥା ନେଇ ହଷ୍ଟେଲ ଛାତ୍ର ମାନେ ନନ୍ଦପୁର ବିଡ଼ିଓ ଦୁର୍ଗା ପ୍ରସାଦ ଦୋରାଙ୍କ ନିକଟରେ ଅଭିଯୋଗ କରିଥଇଲେ। ବୁଧବାର ନନ୍ଦପୁର ଡବ୍ଲୁଇଓ ନଗେନ କୁମାର ତ୍ରିପାଠୀ ଛାତ୍ରାବାସରେ ପହଞ୍ଚି ଅଭିଯୋଗ ଉପରେ ପଚାରି ବୁଝିଥିଲେ। ସବୁ ଠିକ୍‌ଠାକ୍ ଥିବା ନେଇ ନିଜେ ଉପଲବ୍ଧି କରିବା ସହ ଏହାର ପୁନରାବୃତ୍ତି ଯେପରି ନ ହୁଏ ସେ ନେଇ ଅନ୍ତେବାସୀ ଛାତ୍ରଙ୍କୁ ତାଗିଦ କରିଛନ୍ତି। ଦୀର୍ଘ ତିନି ଘଣ୍ଟା ଧରି ଛାତ୍ରଙ୍କ ଗହଣରେ ସେ ରହିଥିଲେ। କୌଣସି ଅସୁବିଧା ହେଲେ ଫୋନ୍ କରିବାକୁ କହି ପାଠପଢ଼ାରେ ରେ ଧ୍ୟାନ ଦେବାକୁ ଛାତ୍ରଛାତ୍ରୀଙ୍କୁ ସେ ପରାମର୍ଶ ଦେଇ ଥିବା ଜଣାପଡିଛି।

# ୫ବର୍ଷର ଶିଶୁ କନ୍ୟାକୁ ଦୁଷ୍କର୍ମ, ଅଭିଯୁକ୍ତ ଗିରଫ

କୋରାପୁଟ, ୯।୭ (ସମିସ): ୫ ବର୍ଷର ଶିଶୁ କନ୍ୟାକୁ ଦୁଷ୍କର୍ମ ଅଭିଯୋଗରେ ବନ୍ଧୁଗାଁ ଥାନା ପୁଲିସ ଅଭିଯୁକ୍ତକୁ ଗିରଫ କରିଛି। ଶିଶୁକନ୍ୟାର ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ପାଇଁ କୋରାପୁଟ ବଡ଼ ଡାକ୍ତରଖାନାକୁ ପଠାଇ ଦିଆଯାଇଛି। ଶିଶୁକନ୍ୟାର ବାପା ଗତକାଲି ରାତିରେ ବନ୍ଧୁଗାଁ ଥାନାରେ ଅଭିଯୋଗ କରିବା ପରେ ପୁଲିସ ପୋକ୍ସ ଧାରାରେ ଏକ ମାମଲା(କେଶ ନଂ ୭୫/୨୫) ରୁଜୁ କରି ଲକ୍ଷ୍ମୀପୁର କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ ବନ୍ଧୁଗାଁ ଥାନା କାନାଗାଁ ପଂଚାୟତ ଅନ୍ତର୍ଗତ ସାନ ମାଥୁର ଗାଁର ଜୈନିକ ବ୍ୟକ୍ତି ନିଜ ୫ ବର୍ଷର ଝିଅକୁ ନେଇ ସ୍ତ୍ରୀ ସହ ବିଲରେ କାମ କରିବାକୁ ଯାଇଥିଲେ। ଝିଅକୁ ବିଲ ନିକଟରେ ଥିବା କୁଡ଼ିଆରେ ଛାଡ଼ି ସେମାନେ କାମ କରୁଥିବାବେଳେ ତାଙ୍କ ସମ୍ପର୍କୀୟ ବେଙ୍କା ପିଡି (୩୦) ଶିଶୁକୁ ଚକଲେଟ ଦେବା ଆଳରେ ଡାକି ନେଇ ଦୁଷ୍କର୍ମ କରିଥିଲା। ଶିଶୁକନ୍ୟା କାନ୍ଦି କାନ୍ଦି ଆସିଥିଲା ଓ ତା ଦେହରୁ ରକ୍ତସ୍ରାବ ହେଉଥିବା ଦେଖି ପିତାମାତା ବନ୍ଧୁଗାଁ ଡାକ୍ତରଖାନା ନେଇଥିଲେ। ଚିକିତ୍ସା ପରେ ଡାକ୍ତରଙ୍କ ପରାମର୍ଶ କ୍ରମେ ପୀଡ଼ିତାର ବାପା ବନ୍ଧୁଗାଁ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ମଙ୍ଗଳବାର ରାତିରେ ଅଭିଯୁକ୍ତକୁ ଘରୁ ଉଠାଇ ଆଣିଥିଲା। ବୁଧବାର ପୀଡ଼ିତା ଓ ଅଭିଯୁକ୍ତର ଡାକ୍ତରୀ ମାଇନା କରିବା ପରେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଥିବା ଜଣାପଡିଛି।

# ବୁଥ୍‌ସ୍ତରୀୟ ଅଧିକାରୀଙ୍କୁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ନବରଙ୍ଗପୁର, ୯।୭ (ସମିସ): ନିର୍ବାଚନ ସଂକ୍ରାନ୍ତୀୟ ଜାତୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଯାୟୀ ନବରଙ୍ଗପୁର ଜିଲାରେ ବୁଥ ସ୍ତରୀୟ ଅଧିକାରୀଙ୍କୁ ତାଲିମ ପ୍ରଦାନ କରାଯାଉଛି। ଚଳିତ ମାସ ଜୁଲାଇ ୮ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ପର୍ଯ୍ୟାୟ କ୍ରମେ ତାଲିମ ଦିଆଯିବ। ଝରିଗାଁ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ୭୪ ଝରିଗାଁ ବିଧାନସଭା ନିର୍ବାଚନ ମଣ୍ଡଳୀ ବୁଥ ସ୍ତରୀୟ ଅଧିକାରୀଙ୍କୁ ୮ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ୨୫୫ ଜଣଙ୍କୁ ତାଲିମ ପ୍ରଦାନ କରାଯିବ। ବୁଧବାର ଉମରକୋଟ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ୩୬ ଓ ଝରିଗାଁ ବିଧାନ ସଭା ନିର୍ବାଚନ ମଣ୍ଡଳୀରୁ ୫୦ ଜଣ ତାଲିମ ନେଇଛନ୍ତି। ଅତିରିକ୍ତ ଜିଲ୍ଲାପାଳ ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତପନ ଖୁଣ୍ଟିଆ ସମେତ ଝରିଗାଁ ମଧୁସୂଦନ ମାଝୀ, ଉମରକୋଟ ବି ଡି ଓ ମନୋଜ କୁମାର ମେହେର, ଚନ୍ଦାହାଣ୍ଡି ବିଡିଓ ଚୟନୁ ଗଣ୍ଡ ଓ ବିଏଲଓ ସୁପରଭାଇଜର ସତ୍ୟବ୍ରତ କର ତାଲିମ ପ୍ରଦାନ କରିଥିଲେ। ପରେ ଶିବିରରେ ଯୋଗ ଦେଇଥିବା ବୁଥ ସ୍ତରୀୟ ଅଧିକାରୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା । ତେନ୍ତୁଳିଖୁଣ୍ଟି ବ୍ଲକ୍ ଠାରେ ୭୫ ନବରଙ୍ଗପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ୪୧ ଜଣ ବୁଥ ସ୍ତରୀୟ ଅଧିକାରୀଙ୍କୁ ତାଲିମ ପ୍ରଦାନ କରାଯାଇଛି। ଏହି ତାଲିମ କର୍ଯ୍ୟରମରେ ଜିଲ୍ଲାପାଳ ଶୁଭଙ୍କର ମହାପାତ୍ର ଓ ଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର ଯୋଗ ଦେଇଥିଲେ। ସେହିଭଳି ଡ଼ାବୁଗାଁ ବିଧାନସଭା ମଣ୍ଡଳୀ ପାଇଁ ପାପଡ଼ାହାଣ୍ଡି ବ୍ଲକ କାର୍ଯ୍ୟାଳୟ ପରିସରରେ ୫୦ ଜଣଙ୍କୁ ତାଲିମ ପ୍ରଦାନ କରାଯାଇଛି।

# ଅଙ୍ଗନବାଡି କର୍ମୀ ସଂଘର ଆନ୍ଦୋଳନ




କୋଷାଗୁମୁଡା, ୯।୭ (ସମିସ): ବୁଧବାର ଦିନ କୋଷାଗୁମୁଡା ବ୍ଲକ ମହକୁମା ଠାରେ ୮ଟି ସେକ୍ଟରର ଶତାଧିକ ଅଙ୍ଗନବାଡ଼ି କର୍ମୀ, ରାନ୍ଧୁଣିଆ ମିଳିତ ଭାବରେ ନିଖିଳ ଓଡିଶା ଅଙ୍ଗନବାଡ଼ି କର୍ମୀ ସଂଘର କର୍ମକର୍ତ୍ତା ବ୍ୟାନର ଓ ହାତରେ ସଂଘ ପତାକା ଧରି ଶୋଭାଯାତ୍ରାରେ ଜଗନ୍ନାଥ ମନ୍ଦିରଠାରୁ ବାହାରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ପ୍ରଥମେ ବିଡିଓ ଆଶିଷ ତ୍ରିପାଠୀଙ୍କୁ ଏକ ୮ଦଫା ଦାବିପତ୍ର ପ୍ରଦାନ କରିଥିଲେ। ସ୍ଥାନୀୟ ସିଡିପିଓ ଯମୁନା ଭତ୍ରାଙ୍କୁ ମଧ୍ୟ ୮ଦଫା ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦାବିପତ୍ର କମିଶନର କମ୍ ସେକ୍ରେଟାରୀ ମହିଳା ଓ ଶିଶୁ ବିକାଶ ବିଭାଗକୁ ଏହି ଦାବିପତ୍ର ପ୍ରଦାନ କରାଯାଇଛି।

# ଗଞ୍ଜେଇ ଓ ମଦ ଜବତ, ୩ ଗିରଫ

ନନ୍ଦପୁର, ୯।୭ (ସମିସ): ବୁଧବାର ପାଡୁଆ ଥାନା ଅନ୍ତର୍ଗତ ପାଙ୍କ ଲୁଙ୍ଗ ଓ ପରଜା ବଡପଡ଼ା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସତଡ଼ି ପୁଟ ଓ ଜୟନ୍ତୀ ଗିରି ଗ୍ରାମରେ ତିନି ଜଣଙ୍କୁ ଅବକାରୀ ପୁଲିସ ଗିରଫ କରିଥିବା ଜଣାପଡିଛି । ନନ୍ଦପୁର ଅବକାରୀ ଇନ୍ସପେକ୍ଟର ଅନୂପୂର୍ଣ୍ଣା ରଥଙ୍କ ଅଧକ୍ଷତା ଓ ଆଇସି ଅଭୟ କୁମାର ନାୟକଙ୍କ ସମେତ ଏକ ଅବକାରୀ ପୁଲିସ ଦଳ ବୁଧବାର ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଚଢ଼ଉ କରି ବ୍ୟବସାୟପାଇଁ ଗଚ୍ଛିତ କରିଥିବା ଗଞ୍ଜେଇ ଓ ଦେଶୀ ମଦ ଜବତ କରିବା ସହ ତିନି ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ପାଙ୍କ ଲୁଙ୍ଗ ପଞ୍ଚାୟତ ଜୟନ୍ତୀ ଗିରିର ସୀର୍ମେ ଖରା(୫୦) , ପରଜା ବଡପଡ଼ାର ଶତ୍ରୁ ଡି ପୁଟ ଗ୍ରାମର ଜୟରାମ ପାଙ୍ଗି ଓ ବୁଲକି ପାଙ୍ଗି । ତିନି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# କିଶୋରୀ ମେଳା

ପୋଡ଼ାଗଡ, ୯।୭ (ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକର ଲୁଲା ପଞ୍ଚାୟତ ସଦର ମହକୁମା ଠାରେ କିଶୋରୀ ମେଳା ତଥା ସଚେତନତା କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି। ସିଡିପିଓ ରଜେଶ୍ୱରୀ ତୁରୁକଙ୍କ ତତ୍ତ୍ୱାବଧାନରେ ଲୁଲା ପଞ୍ଚାୟତର ବିଭିନ୍ନ ଗ୍ରାମର ଅଙ୍ଗନବାଡି ମାନଙ୍କରେ ପୃଷ୍ଟିକର ଖାଦ୍ୟ ଖାଉଥିବା କିଶୋରୀ ବାଳିକା ମାନଙ୍କୁ ନେଇ ଏକ ସଚେତନ କାର୍ଯ୍ୟକ୍ରମ କରାଯାଇଥିଲା। କାର୍ଯ୍ୟକ୍ରମରେ ଦଶମନ୍ତପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ମିଳନ କୁମାର ଝଙ୍କାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏହି ସଚେତନ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚଙ୍କ ସମେତ ସୁପରଭାଇଜର ଆଖବତି ମୁସ୍କା ଓ ସମସ୍ତ ଅଙ୍ଗନବାଡି କର୍ମୀ ଉପସ୍ଥିତ ଥିଲେ।

# ବିଭିନ୍ନ ସ୍ଥାନରେ ଭାରତ ବନ୍ଦ ଶାନ୍ତିପୂର୍ଣ୍ଣ










ଜୟପୁର, ୯।୭ (ସମିସ): କୋରାପୁଟ ଜିଲ୍ଲା ଜୟପୁର ଠାରେ ବିଭିନ୍ନ ଶ୍ରମିକ ସଂଗଠନ (ଟ୍ରେଡ ୟୁନିୟନ) ପକ୍ଷରୁ କେନ୍ଦ୍ର ସରକାରଙ୍କ ବିରୋଧ ଭାରତ ବନ୍ଦ ଡାକରା ଆଂଶିକ ସଫଳତା ମିଳିଛି। ଏହିପରି ଜୟପୁରରେ ଭାରତ ବନ୍ଦର ଡାକରା ଆଂଶିକ ପ୍ରଭାବ ପଡିଛି। କେନ୍ଦ୍ର ସରକାରଙ୍କ ଦେଶରେ ଶ୍ରମ ବୋର୍ଡ ବାତିଲ ସହିତ ଅନ୍ୟାନ୍ୟ ୧୭ ଦଫା ଦାବି ନେଇ ମିଳିତ ଟ୍ରେଡ ୟୁନିଅନ, ସ୍ୱାଧୀନ ଫେଡରେସନ ଓ ସଂଯୁକ୍ତ କୃଷକ ମୋର୍ଚ୍ଚାକୁ ନେଇ ମିଳିତ ସଂଘ ପକ୍ଷରୁ ଧର୍ମଘଟ ଡାକରାରେ ଜୟପୁରରେ ଠାରେ ଆୟୋଜିତ ହୋଇଥିଲା। ବନ୍ଦ ଡାକରାକୁ ବିଜେଡି, କଂଗ୍ରେସ , ସିପିଆଇ ରାଜନୈତିକ ଜୟପୁର ଠାରେ ସମର୍ଥନ ଦେଇଥିଲେ। ୨୬ ଜାତୀୟରାଜପଥ ନିକଟରେ ବିଭିନ୍ନ ସଂଘର କର୍ମକର୍ତ୍ତା ମାନେ ଏକତ୍ରିତ ହୋଇ କିଛି ଘଣ୍ଟା ପାଇଁ ଗାଡି ମୋଟର ବନ୍ଦ କରିଥିଲେ। ଆନ୍ଦୋଳନରେ ଏଆଇଟିୟୁସି, ଏଆଇ ସିସିଟିୟୁ ଆଇଏନଟିୟୁସି,କେନ୍ଦ୍ରୀୟ ଶ୍ରମିକ ସଂଗଠନ, ମେଡିକାଲ ରିପ୍ରେଜେଣ୍ଟେଟିଭ କର୍ମକର୍ତ୍ତା ମାନେ ଭାଗ ନେଇଥିଲେ। ଟ୍ରାଫିକ୍ ଛକ ନିକଟରେ ଗାଡି ମୋଟର ଅଟକାଇଥିବା ବେଳେ ଗାନ୍ଧୀଛକ ନିକଟରେ କିଛି ଗାଡିକୁ ଅଟକାଇଯାଇଥିଲା। ଏହିପରି ଘରୋଇ ବିଦ୍ୟାଳୟ, କିଛି ବ୍ୟାଙ୍କ ଗୁଡିକକୁ ବନ୍ଦ କରାଯାଇଥିଲେ ସୁଦ୍ଧା ସରକାରୀ ବିଦ୍ୟାଳୟ, ମହାବିଦ୍ୟାଳୟ, ଅନ୍ୟାନ୍ୟ ବ୍ୟାଙ୍କ, କେନ୍ଦ୍ର ଓ ସରକାରୀ କାର୍ଯ୍ୟାଳୟ ଗୁଡିକ ଖୋଲା ରହିଥିଲା। ପେଟ୍ରୋଲ ପମ୍ପ ଗୁଡିକ ପୂର୍ବାହ୍ନରେ ଗ୍ରାହକ ସେବା କରାଯାଇଥିଲେ ସୁଦ୍ଧା ଆନ୍ଦୋଳନକାରୀଙ୍କ ଅନୁରୋଧ କ୍ରମ ଅପରାହ୍ଣ ୩ ଘଣ୍ଟା ପାଇଁ ପେଟ୍ରୋଲ ଓ ଡିଜେଲ ପ୍ରଦାନ ବନ୍ଦ ରହିଥିଲା। ଦୋକାନ ବଜାର ମଧ୍ୟ ଖୋଲା ରହିଥିଲା। ବନ୍ଦ ଡାକରାରେ ଶ୍ରମିକ ନେତା ପ୍ରମୋଦ ମହାନ୍ତି, ବାଲା ରାୟ, ରାମକୃଷ୍ଣ ଦାସ, ଭଗବାନ ବାହିନୀପତି, ନରେନ୍ଦ୍ର ମହାନ୍ତି, ଯୁଧିଷ୍ଠିର ରାଉଳ, ଟୁଟୁ ନନ୍ଦଙ୍କ ସମେତ ବିଭିନ୍ନ ସଂଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

**ନବରଙ୍ଗପୁର:** ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ଭାରତ ବନ୍ଦ ନବରଙ୍ଗପୁର ଜିଲ୍ଲାରେ ପାଳିତ ହୋଇଯାଇଛି। ନବରଙ୍ଗପୁର ଓ ଉମରକୋଟ ସହର ସମେତ ଜିଲ୍ଲାର ୧୦ଟି ବ୍ଲକରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। ନବରଙ୍ଗପୁର ସହରର ମଧ୍ୟ ଦେଇ ଯାଇଥିବା ୨୬ ନମ୍ବର ଜାତୀୟ ରାଜପଥକୁ ପ୍ରତିବାଦକାରୀଙ୍କ ଦ୍ୱାରା ଅବରୋଧ କରାଯାଇଛି। ନବରଙ୍ଗପୁର ସହରର ଚାଉଁରିଆଗୁଡା ଛକ, ମାଝୀଗୁଡା ଛକ ଓ ହିର୍ଲି ଠାରେ ପ୍ରତିବାଦକାରୀଙ୍କ ଦ୍ୱାରା ରାସ୍ତା ଅବରୋଧ କରାଯାଇଛି। ଫଳରେ ସହର ମଧ୍ୟ ଦେଇ ଗାଡି ମୋଟର ଚଳାଚଳ ବନ୍ଦ ରହିଛି। ରାସ୍ତାର ଉଭୟ ପାର୍ଶ୍ୱରେ ଅଟକି ରହିଥିଲା। ଶହ ଶହ ସଂଖ୍ୟାରେ ଗାଡି। ଯାହାଫଳରେ ସାଧାରଣ ଜନତା ହଇରାଣ ହୋଇଥିଲେ। ସହରର ସମସ୍ତ ଦୋକାନ ବଜାର ବନ୍ଦ ରହିଛି। ବନ୍ଦ ଡାକରା ସମୟରେ ସିଆଇଟିୟୁ ଜିଲ୍ଲା ସଂପାଦକ ରାଜେଶ ଜାନୀ, ଆଇଏନଟିୟୁସିର ଜିଲ୍ଲାସଭାପତି ବିଘ୍ନରାଜ ନାୟକ, ଏଆଇଟିୟୁସିର ଜିଲ୍ଲାସଭାପତି ସନାତନ ସାହୁ, ଟିୟୁସିସ ଜିଲ୍ଲାସଭାପତି ସୁଶାନ୍ତ କୁମାର ସୁନା, ଏଆଇକେଏସ୍ ଜିଲ୍ଲାସଂପାଦକ ଦେବରାଜ ନାଗ, ଡିୱାଇଏଫଆଇ ସଦସ୍ୟ ଦୟାନିଧି ସୁନା, ରାଷ୍ଟ୍ରୀୟ କିଷାନମଜଦୁର ମହାସଂଘ ଜିଲ୍ଲାସପାଦକ ଭଗବାନ ବୈରାଗୀ, ଖ୍ରୀଷ୍ଟିୟାନ ମାଇନୋରେଟି ଜିଲ୍ଲାସଭାପତି ସୁଧିର ପାତ୍ର, ଓଡିଶା ଆଦିବାସୀ ଅଧିକାର ମଞ୍ଚ ଜିଲ୍ଲା ସଭାପତି ନୂଆଁ ଖାଉ ଭତ୍ରା, ଓଡିଶା କୃଷକ ସଭା ଜିଲ୍ଲା ସଭାପତି ଧରମଦାସ ଭତା, ଜିଲ୍ଲା ରାଜମିସ୍ତ୍ରୀ ସଂଘ ସଭାପତି ବିପିନ ନାଗ , ଶ୍ରମିକ ନେତା ସିରାଜ୍ ଉଦ୍ଦିନ ଅହମ୍ମଦ ପ୍ରମୁଖଙ୍କ ସମେତ ବହୁ ଶ୍ରମିକ ଏବଂ ଶ୍ରମିକ ନେତା ସାମିଲ ହୋଇଥିଲେ। ବିଭିନ୍ନ ଦାବିକୁ ନେଇ ଟ୍ରେଡ ୟୁନିୟନ ଓ ସଂଗଠନ ଗୁଡିକ ପକ୍ଷରୁ ନବରଙ୍ଗପୁର ଜିଲ୍ଲାରେ ଏହି ବନ୍ଦ ଡାକରା ଦିଆଯାଇଛି ବୋଲି କହିଛନ୍ତି ରାଷ୍ଟ୍ରୀୟ କିଷାନମଜଦୁର ମହାସଂଘ ଜିଲ୍ଲା ସମ୍ପାଦକ ଭଗବାନ ବୈରାଗୀ ଏବଂ ସିଆଇଟିୟୁ ଜିଲ୍ଲା ସଂପାଦକ ରାଜେଶ ଜାନୀ କହିଛନ୍ତି।

**ରାଇଘର:** ବିଭିନ୍ନ ଟ୍ରେଡ୍ ୟୁନିଅନର ମିଳିତ ମଞ୍ଚ, କିଷାନ ମୋର୍ଚ୍ଚା, କୃଷକ ସଂଗଠନ, କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ ୧୨ ଘଣ୍ଟା ବନ୍ଦ ଡାକରାର ପ୍ରଭାବ ଦେଖିବାକୁ ମିଳିଛି। ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକରେ ରାଇଘର ମୁଖ୍ୟ ବଜାରର ପ୍ରତ୍ୟେକ ସରକାରୀ ବେସରକାରୀ ଅନୁଷ୍ଠାନ ଗୁଡିକକୁ ବନ୍ଦ କରାଯାଇଥିଲା। ଜରୁରୀକାଳୀନ ସେବାକୁ ବାଦ ଦେଲେ ଅନ୍ୟ ସମସ୍ତ ପରିବହନ ସେବାକୁ ବନ୍ଦ କରିଦିଆଯାଇଥିଲା। ସନ୍ଧ୍ୟା ୬ ଘଟିକା ପରେ ଯାତାୟାତ ସ୍ୱାଭାବିକ ହେବା ସହ ଦୋକାନ ବଜାର ଖୋଲା ହୋଇଥିଲା । ରାଇଘର ବନ୍ଦ ଡାକରାରେ କଂଗ୍ରେସ ମଧ୍ୟ ସାମିଲ ହୋଇଥିଲା। ବ୍ଲକ କଂଗ୍ରେସ ସଭାପତି ସନରାଜ ଗଣ୍ଡ ଯୋଗ ଦେଇଥି। ସେହିପରି ଓଡିଶା ନିର୍ମାଣ ଶ୍ରମିକ ସଂଘର ଜିଲ୍ଲା ସଭାପତି ତିଳକ ଗଣ୍ଡ, ସମ୍ପାଦକ ଉଷାରାଣୀ କଲାର, ବ୍ଲକ ସଭାପତି ଚଞ୍ଚଳା ଗଣ୍ଡ, ଉପସଭାପତି ଶୁକରାମ ଗଣ୍ଡ,ସମ୍ପାଦକ ସାଧୁରାମ କଲାର, ସଦସ୍ୟ ରୁକମଣି ଗଣ୍ଡ, ରାଧା ଗଣ୍ଡ, କୁମାରୀ ଗଣ୍ଡ, ଜଳନ୍ଦର ଗଣ୍ଡ, ରମେଶ ଗଣ୍ଡ, ରବୀନ୍ଦ୍ର ଗର୍ଣ୍ଡଙ୍କ ସମେତ ବିଭିନ୍ନ ସଂଗଠନର କର୍ମକର୍ତ୍ତା ଯୋଗ ଦେଇଥିଲେ।

**ଡାବୁଗାଁ:** ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ୍ ମହକୁମା ଠାରେ ରାଜ୍ୟ ରାଜପଥ-୩୯ ଉପରେ କେନ୍ଦ୍ରୀୟ ଟ୍ରେଡ଼ ୟୁନିଅନ୍ ତରଫରୁ ସର୍ବଭାରତୀୟ ଧର୍ମଘଟ ସକାଳ ୬ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିଥିଲା। ଏଥିରେ ଡାବୁଗାଁର ଶ୍ରମିକ, ଡ୍ରାଇଭର, ମିସ୍ତ୍ରୀ ସଂଘ,ଅଙ୍ଗନବାଡି କର୍ମୀ ଓ ବିଭିନ୍ନ ସଂଘର କର୍ମକର୍ତ୍ତା ମାନେ ଧର୍ମଘଟରେ ସାମିଲ ହୋଇଥିଲେ। ବନ୍ଦର ପ୍ରଭାବରେ ଡାବୁଗାଁରେ ସମସ୍ତ ଦୋକାନ ବଜାର ବନ୍ଦ ହୋଇଥିଲା। ଯାନବାହନ ଚଳାଚଳ ବନ୍ଦ ରହିଥିଲା। ଏଥିରେ ଅଙ୍ଗନବାଡି କର୍ମୀ ସଂଘ ତରଫରୁ ମହିଳା ଓ ଶିଶୁ ବିକାଶ ବିଭାଗର ସଚିବଙ୍କ ଉଦ୍ଦେଶ୍ୟରେ ୮ ଦଫା ଦାବିପତ୍ର ବିଡିଓ ଶରତ ମାଝିଙ୍କୁ ପ୍ରଦାନ କରାଯାଇଛି। ଏଥିରେ ଶ୍ରମିକ ନେତା ରାଜେଶ ଜାନୀଙ୍କ ସମେତ ସମସ୍ତ ଅଙ୍ଗନବାଡି କର୍ମୀ ଓ ଅନ୍ୟମାନେ ସାମିଲ ଥିଲେ।

**ବୈପାରିଗୁଡା :** ବୈପାରୀଗୁଡା ଠାରେ ବିଭିନ୍ନ ଟ୍ରଡ଼ ୟୁନିୟନ ପକ୍ଷରୁ ଭାରତ ବନ୍ଦ ପାଳିତ ହୋଇଯାଇଛି। କେନ୍ଦ୍ରରେ ୧୧ ଟି ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡରେସନ ସମୂହ ପକ୍ଷରୁ ୧୭ ଦଫା ଦାବି ନେଇ ଭାରତ ବନ୍ଦ ଡାକରା ଦିଆଯାଇଥିବା ବେଳେ ବୈପାରୀଗୁଡା ଠାରେ ମଧ୍ୟ ସମର୍ଥନ ମିଳିଛି। ସ୍ଥାନୀୟ ସହୀଦ ଲକ୍ଷ୍ମଣ ନାୟକ ଛକରେ ଏଆଇୟୁଟିୟୁସି, ଟିୟୁସିସି, ଏଆଇସିସିଟିୟୁର ମିଳିତ ଉଦ୍ୟମରେ ସ୍ଥାନୀୟ ଡ଼ାକ ବଙ୍ଗଳାରୁ ଶତାଧିକ ଶ୍ରମିକଙ୍କ ସହ ଟିୟୁସିସି ପକ୍ଷରୁ ଏକ ଶୋଭାଯାତ୍ରା ବାହାରି ଥିଲା। ଏହି ଅବସରରେ ବ୍ୟାଙ୍କ, ବ୍ଲକ କାର୍ଯ୍ୟାଳୟ, ସ୍କୁଲ, ପିକେଟିଂ କରିବା ସହ ବନ୍ଦ କରି ସହର ପରିକ୍ରମା ପରେ ସାଧାରଣ ସଭା କରିଥିଲେ। ଏଆଇୟୁଟିୟୁସି ପକ୍ଷରୁ କାହ୍ନୁ ବିଶ୍ୱାଳ, ସୂର୍ଯ୍ୟ ବିଷୋୟୀ, ଟିୟୁସିସିର ଶମ୍ଭୁ ପ୍ରସାଦ ମହାନ୍ତି,ଧନ ଘିୟୁରିଆ ଓ ଏଆଇସିସିଟିୟୁ ପକ୍ଷରୁ ଦିଲୀପ ମଲ୍ଲିକ,ବିମଳା କାଣ୍ଡିକୀ ପ୍ରମୁଖ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ।

# ଉନ୍ନୟନ ନାଁରେ ୪ କୋଟିର ଦୁର୍ନୀତି!



> ଜିଲ୍ଲାପାଳଙ୍କୁ ଦାୟୀ କଲେ ପ୍ରଦୀପ ମାଝୀ
> ଜେଲ୍ ଯିବାକୁ ପ୍ରସ୍ତୁତ ରୁହ: ମନୋହର ରନ୍ଧାରୀ

ନବରଙ୍ଗପୁର, ୯।୭ (ସମିସ) : ରାଜ୍ୟରେ ଭାରତୀୟ ଜନତା ପାର୍ଟିର ସରକାର ଗଠନ ହେବାର ମାତ୍ର ଏକ ବର୍ଷ ହୋଇଛି। କିନ୍ତୁ ନବରଙ୍ଗପୁର ଜିଲ୍ଲାରେ ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ସଲାସୁତୁରରେ ଦୁର୍ନୀତି ଚାଲିଛି। ଏପରିକି ନବରଙ୍ଗପୁର ଜିଲ୍ଲାପାଳଙ୍କ ନାକ ତଳେ ହୋଇଛି ପାଖାପାଖି ୧୩ କୋଟି ଟଙ୍କାର ହରିଲୁଟ୍ ହୋଇଥିବା ଅଭିଯୋଗ ଆଣିଛି ବିଜୁ ଜନତା ଦଳ। ବୁଧବାର ନବରଙ୍ଗପୁର ହୋଟେଲ ଗ୍ଲେଜ ସ୍ଥିତ ସମ୍ମିଳନୀ କକ୍ଷରେ ନବରଙ୍ଗପୁର ପୂର୍ବତନ ସାଂସଦ ତଥା ବିଜେଡି ରାଜ୍ୟ ବରିଷ୍ଠ ସାଧାରଣ ସମ୍ପାଦକ ପ୍ରଦୀପ କୁମାର ମାଝୀଙ୍କ ନେତୃତ୍ୱରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ୍‌ରେ ବ୍ଲକ୍ କାର୍ଯ୍ୟାଳୟର ବିଭିନ୍ନ କାର୍ଯ୍ୟ ସହିତ ବନ ବିଭାଗ, ଉଦ୍ୟାନ ବିଭାଗ ଏବଂ ଜଳଛାୟା, ମୃତ୍ତିକା ସଂରକ୍ଷଣ ବିଭାଗ ଭଳି ବିଭିନ୍ନ ବିଭାଗରେ ହୋଇଥିବା ମହାଦୁର୍ନୀତି ସହିତ ୧୨ କୋଟି ୬୨ ଲକ୍ଷ ୭୪ ହଜାର ଟଙ୍କା ଜିଲ୍ଲାପାଳ ସମେତ ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ କର୍ମଚାରୀଙ୍କ ସଲାସୁତୁରରେ ହୋଇଥିବା ଅଭିଯୋଗ କରିଛନ୍ତି ପୂର୍ବତନ ସାଂସଦ ପ୍ରଦୀପ କୁମାର ମାଝୀ। ଶ୍ରୀ ମାଝୀ କହିଛନ୍ତି, ଏହି ସବୁ ମନରେଗା କାର୍ଯ୍ୟ ଦେଖାଇ ପ୍ରକୃତରେ କୌଣସି ସ୍ଥାନରେ କାର୍ଯ୍ୟ କରା ନଯାଇ କେବଳ କାଗଜପତ୍ରରେ କାର୍ଯ୍ୟ କରାଯାଇଛି। ନନ୍ଦା ହାଣ୍ଡି ବ୍ଲକ୍‌ରେ ୨୦୨୨-୨୩, ୨୦୨୩-୨୪ ଏବଂ ୨୦୨୪-୨୫ ତିନି ବର୍ଷରେ ପାଖାପାଖି ବିଭିନ୍ନ ବିଭାଗ ମିଶି ୫ ହଜାରରୁ ଅଧିକ ପ୍ରକଳ୍ପ କାର୍ଯ୍ୟ କରାଯାଇଛି। ସେଥି ମଧ୍ୟରୁ ନନ୍ଦାହାଣ୍ଡି ବ୍ଲକ୍ ଅନ୍ତର୍ଗତ ପଡାଲଗୁଡା ପଞ୍ଚାୟତରେ ହିଁ ୫୩୬ ଗୋଟି ପ୍ରକଳ୍ପ କାର୍ଯ୍ୟ ହୋଇଛି। ସମ୍ପୂର୍ଣ୍ଣ ବ୍ଲକ୍‌ର ମାତ୍ର ୧୨୭ ଗୋଟି ପ୍ରକଳ୍ପର ତଥ୍ୟ ହାସଲ କରି ୧୨ କୋଟି ୬୨ ଲକ୍ଷ ୭୪ ହଜାର ଟଙ୍କାର ମିଥ୍ୟା ବିଲ କରି ଟଙ୍କା ଆତ୍ମସାତ କରିଥିବା ଅଭିଯୋଗ ହୋଇଛି। ନନ୍ଦାହାଣ୍ଡି ବ୍ଲକ୍ କାର୍ଯ୍ୟାଳୟରେ ମୋଟ ୪୮ ଗୋଟି ମନରେଗା କାର୍ଯ୍ୟକୁ କେବଳ କାଗଜ ପତ୍ର ମାଧ୍ୟମରେ କାର୍ଯ୍ୟ ହୋଇଥିବା ଦର୍ଶାଇଛନ୍ତି। କିନ୍ତୁ ପ୍ରକୃତରେ କାର୍ଯ୍ୟ ହୋଇନାହିଁ। କିନ୍ତୁ କାର୍ଯ୍ୟ ହୋଇଥିବା ଦର୍ଶାଇ ୩ କୋଟି ୨୬ ଲକ୍ଷ ୧୬ ହଜାର ଟଙ୍କାର ମିଥ୍ୟା ବିଲ କରି ଟଙ୍କା ଆତ୍ମସାତ କରିଛନ୍ତି ନନ୍ଦା ହାଣ୍ଡି ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ କର୍ମଚାରୀ। ସେହିଭଳି ଏହି ନନ୍ଦା ହାଣ୍ଡି ବ୍ଲକ୍‌ରେ ବନ ବିଭାଗ ପକ୍ଷରୁ ବନୀକରଣ ଏବଂ ଭାଲୁ ଗୁମ୍ଫା ବା ଭାଲୁ ମାନଙ୍କ ପାଇଁ ରହିବ ପାଇଁ ପଥରରେ ଘର ନିର୍ମାଣ ଭଳି ୨୪ ଗୋଟି କାର୍ଯ୍ୟ ଦର୍ଶାଇ ୨ କୋଟି ୮୯ ଲକ୍ଷ ୬୧ ହଜାର, ଉଦ୍ୟାନ ବିଭାଗ ପକ୍ଷରୁ ୩୪ ଗୋଟି କାଜୁ ପ୍ଲାଣ୍ଟେସନ ଏବଂ ଆମ୍ବ ପ୍ଲାଣ୍ଟେଶନ ଭଳି କାର୍ଯ୍ୟ ହୋଇଥିବା କାଗଜ ପତ୍ର ମାଧ୍ୟମରେ ଦେଖାଇ ୫ କୋଟି ୮୯ ଲକ୍ଷ ୭ ହଜାର ୨୭୫ ଟଙ୍କା ଆତ୍ମସାତ କରାଯାଇଛି। ଜଳ ଛାୟା ଓ ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ୨୧ ପୋଖରୀ ନିର୍ମାଣ ହୋଇଥିବା ନେଇ କେବଳ କାଗଜପତ୍ର ମାଧ୍ୟମରେ ମନରେଗା କାର୍ଯ୍ୟ ହୋଇଥିବା ଦର୍ଶାଯାଇଛି। ପ୍ରକୃତରେ ମାତ୍ର ୪ ଗୋଟି ଛୋଟିଆ ଆକାରର ଗର୍ତ୍ତ ଭଳି ଖୋଳାଯାଇ ୫୭ ଲକ୍ଷ ୮୦ ହଜାର ଟଙ୍କାର ମିଥ୍ୟା ବିଲ କରି ଟଙ୍କା ଆତ୍ମସାତ କରାଯାଇଛି। ବ୍ଲକ୍‌ର ସମସ୍ତ କାର୍ଯ୍ୟ ମିଶି ନନ୍ଦା ହାଣ୍ଡି ବ୍ଲକ୍‌ରେ ମାତ୍ର ୧୨୭ ଗୋଟି ପ୍ରକଳ୍ପରେ ମୋଟ ୧୨ କୋଟି ୬୨ ଲକ୍ଷ ୮୦ ହଜାର ଟଙ୍କା ଆତ୍ମସାତ କରିଥିବା ଅଭିଯୋଗ ଆଣିଛନ୍ତି ଶ୍ରୀ ମାଝୀ। ତେବେ ନବରଙ୍ଗପୁର ଜିଲ୍ଲାପାଳଙ୍କ ଘର ଏବଂ କାର୍ଯ୍ୟାଳୟ ନନ୍ଦା ହାଣ୍ଡି ବ୍ଲକ୍‌ରେ ଥାଉ ଥାଉ ଏଭଳି ପାଖାପାଖି ୧୩ କୋଟି ଟଙ୍କା ଆତ୍ମସାତ କରାଯାଇଛି। ଏହି କୋଟି କୋଟି ଟଙ୍କା ମହା ଦୁର୍ନୀତି ପଛରେ ଜିଲ୍ଲାପାଳ , ନନ୍ଦା ହାଣ୍ଡି ବ୍ଲକ୍ ଉନ୍ନୟନ ଅଧିକାରୀ, ସଂପୃକ୍ତ ଯନ୍ତ୍ରୀ, ଡିଏଫ୍‌ଓ ଏବଂ ଜଳ ଛାୟା ପ୍ରକଳ୍ପ ଓ ମୃତ୍ତିକା ସଂରକ୍ଷଣ ବିଭାଗ ପିଡି ହାତ ଥିବା ଅଭିଯୋଗ କରିଛନ୍ତି ପୂର୍ବତନ ସାଂସଦ ପ୍ରଦୀପ କୁମାର ମାଝୀ। ଏହି ଅବସରରେ ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବିଧାୟକ ତଥା ନବରଙ୍ଗପୁର ଜିଲ୍ଲା ବିଜେଡି ସଭାପତି ମନୋହର ରନ୍ଧାରୀ ଯୋଗ ଦେଇ ନବରଙ୍ଗପୁର ଜିଲ୍ଲାର ସବୁ ଠାରୁ ଛୋଟ ବ୍ଲକ୍‌ରେ ତାହା ପୁଣି ଜିଲ୍ଲାପାଳଙ୍କ ଖୋଦ୍ ରହିବା ଘର ଏବଂ କାର୍ଯ୍ୟାଳୟ ଥିବା ବ୍ଲକ୍‌ରେ ୧୩ କୋଟି ଟଙ୍କାର ମିଥ୍ୟା ବିଲ ଲୋକଙ୍କୁ ବିସ୍ମିତ କରିଥିବା କହିଛନ୍ତି। ଯଦି ଏଠି ଏତେ ଦୁର୍ନୀତି, ତେବେ ଅନ୍ୟ ୯ଟି ବ୍ଲକ୍‌ରେ କିପରି ଥିବ ତାହା ଅନୁମାନ କରାଯାଉଛି ବୋଲି ସେ କହିଛନ୍ତି। ଶ୍ରୀ ରନ୍ଧାରୀ ଚେତାବନୀ ଦେଇଛନ୍ତି ଯେ, ଗରିବ ନିରୀହ ଲୋକଙ୍କ ଟଙ୍କା ଆତ୍ମସାତ ହେଲେ ଆଗାମୀ ଦିନରେ ଜେଲ ଯିବ ବୋଲି ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ସଂପୃକ୍ତ କର୍ମଚାରୀ ମାନଙ୍କୁ ଚେତାବନୀ ଦେଇଛନ୍ତି। କାର୍ଯ୍ୟାନୁଷ୍ଠାନ ନ ହେଲେ ଜିଲ୍ଲା ବିଜେଡି ଭିଜିଲାନ୍ସ , ସିବିଆଇଙ୍କ ଦ୍ୱାରସ୍ଥ ହେବା ସହିତ ଆନ୍ଦୋଳନ ହେବ ବୋଲି ସେ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟ ମାନଙ୍କ ମଧ୍ୟରେ ନନ୍ଦା ହାଣ୍ଡି ଜିଲ୍ଲା ପରିଷଦ ସଦସ୍ୟ ଅରୁଣ କୁମାର ମିଶ୍ର, ନବରଙ୍ଗପୁର ପୌର ପରିଷଦ କାଉନସିଲର ନଗେନ୍ଦ୍ର ପ୍ରସାଦ ପଟ୍ଟନାୟକ, ମହିଳା ଜିଲ୍ଲା ଶୋଭାନେତ୍ରୀ ମଞ୍ଜୁଳା ମାଝୀ , ନଗର ବିଜେଡି ସଭାପତି ପ୍ରମୋଦ କୁମାର ରଥ , ଜିଲ୍ଲା ବିଜେଡି ଉପ ସଭାପତି ମିଟୁ ପାତ୍ର , ବ୍ଲକ୍ ବିଜେଡି ସଭାପତି ଦୟା ବିଷୋୟୀ , ଜିଲ୍ଲା ବିଜେଡି ସମ୍ପାଦକ ଉତ୍ତମ ତ୍ରିପାଠୀ, ସଞ୍ଜୟ ନାୟକ, ଲାଲୁ ତ୍ରିପାଠୀ, ସୁମିତ ପାଳ , ରାମ ପଟ୍ଟନାୟକ, ସୁମିତ ପୂଜାରୀ, ଜଗନ୍ନାଥ ବାଗେ ପ୍ରମୁଖଙ୍କ ସମେତ ବହୁ ବିଜେଡି ନେତା ଏବଂ କର୍ମୀ ଉପସ୍ଥିତ ଥିଲେ।

## ପୁଲିସ ଗାଡ଼ି ସହ ବାଇକ୍ ଧକ୍କା, ଦୁଇ ଗୁରୁତର

ବୈପାରିଗୁଡା, ୯।୭ (ସମିସ): ଛତିଶଗଡ଼ର ପୁଲିସ ଗାଡ଼ି ସହ ବାଇକ୍ ଧକ୍କା ହେବା ଫଳରେ ଛତିଶଗଡ଼ର ପୁଲିସ ଏବଂ ବାଇକ୍ ଚାଳକ ଗୁରୁତର ଆହତ ହୋଇଥିବା ଜଣାପଡିଛି। ସୂଚନା ଅନୁଯାୟୀ, ଜଣେ ଫେରାର ଗଞ୍ଜେଇ ଚାଲାଣକାରୀକୁ ଗିରଫ କରିବା ପାଇଁ ଛତିଶଗଡ଼ର ସୁକୁମା ଜିଲ୍ଲା ଟୁମ୍ପା ଥାନାର କିଛି ପୁଲିସ ଫୋନ୍ ଟ୍ରାକ୍ କରି କୋରାପୁଟ ଜିଲ୍ଲାରେ ପହଞ୍ଚିଥିଲା। ଫୋନ୍ ଟ୍ରାକିଂ ସମୟରେ ଅଭିଯୁକ୍ତ ଆର୍କୁରେ ଥିବା ଜଣାପଡିଥିଲା। ସିମିଳିଗୁଡା ପୁଲିସ ସହାୟତାରେ ଅଭିଯୁକ୍ତକୁ କାବୁ କରିବା ସହ



ବୈପାରିଗୁଡାରୁ ଭାୟା ମାଲକାନଗିରି ଦେଇ ଛତିଶଗଡ଼ ଯିବା ଯୋଜନା ହୋଇଥିଲା। ଛତିଶଗଡ଼ ପୁଲିସ ବୈପାରିଗୁଡାରେ ରାତି ୧୦ଟା ବେଳେ ପହଞ୍ଚି ଖାଇବା ପାଇଁ ପେଟ୍ରୋଲ ପମ୍ପ ନିକଟସ୍ଥ ଢ଼ାବାକୁ ଯିବା ସମୟରେ ବଳିଗୁଡା ଗ୍ରାମର ପ୍ରଫୁଲ୍ଲ ନାଉଡିଆ (୨୨) କୌଣସି କାମରେ ବାଇକ୍‌ରେ ରାମଗିରି ଯାଇ ବଳିଗୁଡାକୁ ଫେରୁଥିବା ବେଳେ ପୁଲିସ ଗାଡ଼ିରେ ଧକ୍କା ଦେଇଥିଲା। ଫଳରେ ପୁଲିସ ଗାଡ଼ିର କବାଟ ପାଖରେ ବସିଥିବା ଛତିଶଗଡ଼ ପୁଲିସ ହାବିଲଦାର ଅରେନ୍ଦ୍ର ଯାଦବ ଏବଂ ବଳିଗୁଡା ଗ୍ରାମର ଗାଡ଼ି ଚାଳକ ପ୍ରଫୁଲ୍ଲ ନାଉଡିଆ (୨୨) ଗୁରୁତର ଆହତ ହୋଇଥିଲେ। ଖବର ପାଇ ବୈପାରିଗୁଡା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ବୈପାରିଗୁଡା ଡାକ୍ତରଖାନାରେ ଭର୍ତ୍ତି କରାଇଥିଲା। ହାବିଲଦାର ଯାଦବଙ୍କ କାନରେ ଗଭୀର ଆଘାତ ଲାଗିଥିବା ବେଳେ ପ୍ରଫୁଲ୍ଲର ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଡାକ୍ତର ପ୍ରଫୁଲ୍ଲକୁ ଜୟପୁର ଜିଲ୍ଲା ହସପିଟାଲକୁ ସ୍ଥାନାନ୍ତର କରିଥିବା ବେଳେ ଛତିଶଗଡ଼ ପୁଲିସ ହାବିଲଦାର ଯାଦବଙ୍କୁ ସୁକୁମା ଜିଲ୍ଲାର ଟୁମ୍ପାକୁ ନେଇଯାଇଥିଲେ।

## ଅମ୍ବାଦଳା ଲ୍ୟାମ୍ପ୍‌ସରେ ଚାରାରୋପଣ




ମୁନିଗୁଡା, ୯।୭ (ସମିସ): ବନ ମହୋତ୍ସବ ସପ୍ତାହ ଅବସରରେ ଅମ୍ବାଦଳା ଲ୍ୟାମ୍ପ୍‌ସ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବନ ବିଭାଗ ଓ ଅମ୍ବାଦଳା ଲ୍ୟାମ୍ପ୍‌ସ କର୍ମଚାରୀଙ୍କ ମିଳିତ ସହଯୋଗରେ ଲ୍ୟାମ୍ପ୍‌ସ ପରିସରରେ ବିଭିନ୍ନ ପ୍ରକାରର ୫୦ରୁ ଅଧିକ ଚାରାରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲ୍ୟାମ୍ପ୍‌ସ ସଭାପତି ଜଗନ୍ନାଥ ନୁଣ୍ଡରୁକା ଯୋଗଦେଇ ଶୁଭ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଲାମ୍ପ୍‌ସର ଉପସଭାପତି ସୁଭାସିନୀ ମାଝିଙ୍କ ସମେତ ସମସ୍ତ ଡାଇରେକ୍ଟର ହୀରା କାରକରିଆ, ଏ ଜଗନ୍ନାଥ ପ୍ରସାଦ, ସୀମାଞ୍ଚଳ ରଣା, ଅନିଲ ସିକକା ଓ ସିମାଞ୍ଚଳ ପାତ୍ର ଯୋଗ ଦେଇଥିଲେ। ଲ୍ୟାମ୍ପ୍‌ସ ଏମ୍‌ଡି ଏମ ଶଙ୍କର ରାଓ ଓ ତାଙ୍କ ସହଯୋଗୀ , କୃଷି ବିଭାଗର ଏଏଓ , ଏଓ ଉତ୍ତମ ଦାସ ଅମ୍ବାଦଳା , ବନ ବିଭାଗ ପକ୍ଷରୁ ପୀତାମ୍ବର ଗୌଡ଼ ଏଲିଫ୍ୟାଣ୍ଟ ସ୍କ୍ୱାର୍ଡ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପନ୍ନ କରିଥିଲେ।

# ଚାକିରି ନାଁରେ ୩ ଲକ୍ଷ ୨୭ ହଜାର ଟଙ୍କା ଠକେଇ

ଜୟପୁର, ୯।୭ (ସମିସ): ରେଳ ବିଭାଗରେ ଚାକିରି କରାଇବା ନାମରେ ୩ ଲକ୍ଷ ୨୭ ହଜାର ଟଙ୍କା ଠକେଇ ହୋଇଥିବା କୋରାପୁଟ ଜିଲ୍ଲା ଜୟପୁର ସଦର ଥାନାରେ ଅଭିଯୋଗ ହୋଇଛି। ଲିଖିତ ଅଭିଯୋଗ କ୍ରମେ ଥାନାରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ଜୟପୁର ସଦର ଥାନା ହାଡିଆ ଗ୍ରାମପଞ୍ଚାୟତର ଖଇରିମୁଣ୍ଡି ଗ୍ରାମର ପ୍ରହ୍ଲାଦ ହରିଜନ ଗତ ୬ରୁ ୭ ମାସ ପୂର୍ବେ ସ୍ଥାନୀୟ କାଳିଆ ଗାଁର ବାସିନ୍ଦ ତଥା ବର୍ତ୍ତମାନ ଆମ୍ବାଗୁଡ ଠାରେ ରହୁଥିବା ମନୋଜ କୁମାର ନାୟକଙ୍କ ସହିତ ଅଭି ନାମକ ଜଣେ ଖ୍ରୀଷ୍ଟଧର୍ମ ପାଷ୍ଟରଙ୍କ ଜରିଆରେ ପରିଚୟ ହୋଇଥିଲା। ଅଭିଯୁକ୍ତ ମନୋଜ ରେଳ ବିଭାଗରେ ଅଭିଯୋଗକାରୀ ପ୍ରହ୍ଲାଦଙ୍କ ଝିଅ ଓ ଶଳାଙ୍କୁ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ ଚାକିରି କରାଇ ଦେବା ନେଇ କହିଥିଲେ। ଉଭୟଙ୍କୁ ଚାକିରି ବାବଦକୁ ୫ ଲକ୍ଷ ଟଙ୍କା ଲାଞ୍ଚ ନେବାକୁ ପଡିବ ବୋଲି କହିଥିଲେ। ତେଣୁ ଅନ୍‌ଲାଇନ ମାଧ୍ୟମରେ ଆବେଦନ କରିବାକୁ ଅଭିଯୋଗକାରୀଙ୍କୁ କହିଥିଲେ। ଅଭିଯୋଗକାରୀଙ୍କ ଉଭୟ ଝିଅ ଓ ଶଳା ଅନ୍‌ଲାଇନ ମାଧ୍ୟମରେ ଆବେଦନ କରଥିଲେ। ଅଭିଯୁକ୍ତ ମନୋଜଙ୍କ ଉପରେ ପୀଡିତଙ୍କ ଆଶା ଓ ଭରସା ବୃଦ୍ଧି ପାଇଥିଲା। ଏହାପରେ ଫୋନ ପେ ମାଧ୍ୟମରେ ପୀଡିତ ଅଭିଯୁକ୍ତଙ୍କୁ ଗତ ଏପ୍ରେଲ ମାସ ଠାରୁ ମେ ମାସ ପର୍ଯ୍ୟନ୍ତ ୪ଟି ପର୍ଯ୍ୟାୟରେ ୨୮ ହଜାର ଟଙ୍କା ପ୍ରଦାନ କରିଥିଲେ। ଏହିପରି ଗତ ଜୁନ ୨୬ ତାରିଖରେ ବିଶାଖପାଟଣା ରେଳ ବିଭାଗର ଡିଆରଏମଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୩ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ଅଭିଯୁକ୍ତ ମନୋଜ ପୀଡିତଙ୍କୁ ବାହାରେ ରହିବାକୁ କହିବା ସହ ଭିତରକୁ ଯାଇ ନିଯୁକ୍ତି ପତ୍ର ଆଣିବାକୁ କହି କାର୍ଯ୍ୟାଳୟ ଭିତରକୁ ଯାଇଥିଲେ। ବାହାରେ ଅପେକ୍ଷା କରିବା ସହ ଦୀର୍ଘ ସମୟ ପର୍ଯ୍ୟନ୍ତ ପୀଡିତ ନ ଫେରିବାରୁ ଅଭିଯୁକ୍ତଙ୍କୁ ଫୋନ କରିଥିଲେ। କିନ୍ତୁ ତାଙ୍କର ଫୋନ ସୁଇଚ୍ ଅଫ ରହିଥିଲା। ସଂଧ୍ୟା ପର୍ଯ୍ୟନ୍ତ ଅଭିଯୁକ୍ତଙ୍କ ସହିତ ଯୋଗାଯୋଗ ନ ହେବାରୁ ଶେଷରେ ପୀଡିତ ନିରାଶ ହୋଇ ନିଜ ଗ୍ରାମକୁ ଫେରି ଆସିଥିଲେ। ସେ ଅଭିଯୁକ୍ତ ରହୁଥିବା ଆମ୍ବାଗୁଡା ଘରକୁ ଯାଇଥିଲେ। କିନ୍ତୁ ତାଙ୍କ ଘରରେ ତାଲା ପଡିଥିବା ଯୋଗୁଁ ସାହିପଡିଶାଙ୍କୁ ପଚାରିବାରୁ ସେ ଘର ଛାଡି ଚାଲିଯାଇଥିବା ନେଇ କହିଥିଲେ। ସେ ତାଙ୍କର ନିଜ ଗ୍ରାମ କାଳିଆଗାଁକୁ ଯାଇଥିଲେ। କିନ୍ତୁ ସେଠାରେ ମଧ୍ୟ ତାଙ୍କର କୌଣସି ଦେଖା ମିଳିନଥିଲା। ଏହାପରେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ନିରାଶ ହୋଇ ଥାନାର ଦ୍ୱାରସ୍ଥ ହୋଇଥିଲେ।

## ଯୁବକଙ୍କ ଆତ୍ମହତ୍ୟା

ଉମରକୋଟ, ୯।୭ (ସମିସ): ବେକରେ ଗାମୁଛା ବାନ୍ଧି ଜଣେ ଯୁବକଙ୍କ ଆତ୍ମହତ୍ୟା କରିଛି। ଯୁବକ ଜଣକ ହେଲେ ଭାମିନୀ ପଞ୍ଚାୟତ ପଡେଇଗୁଡ଼ାର ଭସ୍ମନ ଗଣ୍ଡ(୪୨)। ସୂଚନା ଅନୁଯାୟୀ, ଭସ୍ମନ ଦୁଇ ଦିନ ତଳେ ମିରିଗୁଡ଼ାରେ ରହୁଥିବା ସମ୍ପର୍କୀୟ ରୂପଧରଙ୍କ ଘରକୁ ଯାଇଥିଲେ। ସୋମବାର ରାତି ୧୦ଟାରେ ପରିବାରର ସମସ୍ତେ ଖାଇପିଇ ଶୋଇବାକୁ ଯାଇଥିଲେ। ଭୋର୍ ୫ଟାରେ ରୂପଧର ନିଦରୁ ଉଠିବା ପରେ ବିଛଣାରେ ଭସ୍ମନ ନଥିବା ଦେଖିବାକୁ ପାଇଥିଲେ। ପରେ ସମ୍ପର୍କୀୟମାନେ ତାଙ୍କୁ ଖୋଜାଖୋଜି କରିଥିଲେ। ଶେଷରେ ଗାଁର ଏକ କାଜୁ ବଗିଚାରେ ଭସ୍ମନଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରିଥିଲା। ଏସ୍‌ଆଇ ସଞ୍ଜୟ ମଣ୍ଡଳ ଘଟଣାର ତଦନ୍ତ କରୁଛନ୍ତି। ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନର ସହମନ୍ତ୍ରୀ ହେଲେ ଗାୟତ୍ରୀ ବାହିନୀପତି

ବୋରିଗୁମ୍ମା, ୯।୭ (ସମିସ): ବୋରିଗୁମ୍ମା ବ୍ଲକ୍ ସଦ୍ୟ ଅବସରପ୍ରାପ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଗାୟତ୍ରୀ ବାହାନିପତିଙ୍କୁ ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନର ନୂତନ କାର୍ଯ୍ୟକାରିଣୀ କମିଟିର ସହମନ୍ତ୍ରୀ' ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ଗତ ଜୁନ୍ ୩୦ ତାରିଖରେ ସେ ସରକାରୀ ଚାକିରିରୁ ସେବା ନିବୃତ୍ତ ହୋଇଛନ୍ତି। ସର୍ବଭାରତୀୟସ୍ତରରେ କେବଳ ଓଡିଶାରୁ ଜଣେ ମାତ୍ର ମହିଳା ଶ୍ରୀମତୀ ବାହିନୀପତି ସ୍ଥାନ ପାଇବା ଜୟପୁର ସହର ତଥା କୋରାପୁଟ ଜିଲ୍ଲା ପାଇଁ ଏକ ଗୌରବର ବିଷୟ। ସୂଚନାଯୋଗ୍ୟ, ପୂର୍ବରୁ ସେ ବୋରିଗୁମ୍ମା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପର ସୁନାମ ଧନ୍ୟ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। ବର୍ତ୍ତମାନ ସେ ଜାତୀୟ ଶିକ୍ଷା ନୀତି (ଏନ୍‌ଇପି) ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଷ୍ଟିଅରିଂ କମିଟି ସଦସ୍ୟ ଭାବେ ମନୋନୀତ ହୋଇ କାର୍ଯ୍ୟରତ ଅଛନ୍ତି। ତାଙ୍କ କର୍ମମୟ ଜୀବନରେ ସେ ବହୁ ଅନୁଭୂତି ସଂଗ୍ରହ କରିଥିଲେ। ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୁଦ୍ଧରେ ସେ ଆଜୀବନ ସଂଘର୍ଷ କରି ଆସିଛନ୍ତି। ତାଙ୍କର ସ୍ମୃତି ପାଖୁଡା ପୁସ୍ତକଟି ସମସ୍ତ ସୁପରଭାଇଜର ଏବଂ ସିଡିପିଓଙ୍କୁ କିଛି ପ୍ରେରଣା ଯୋଗାଇବ ବୋଲି ଆଶା ରଖିଛନ୍ତି କୋରାପୁଟ ଜିଲ୍ଲାପାଳ ଶ୍ରୀ ଭି. କୀର୍ତ୍ତିଭାସନ, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି।

## ବାଇକ୍ ସହ ବିଦେଶୀ ମଦ ଜବତ, ଦୁଇ ଗିରଫ

ବୈପାରିଗୁଡ଼ା, ୯।୭ (ସମିସ): ବୈପାରିଗୁଡାର ବ୍ଲକ ମହୁଲି ରାସ୍ତାରେ ଅବକାରୀ ବିଭାଗ ପକ୍ଷରୁ ବାଇକ୍ ସହ ବିଦେଶୀ ମଦ ଜବତ କରାଯାଇଛି। ଏ ନେଇ ଦୁଇ ଜଣ ଗିରଫ ହୋଇଛନ୍ତି। ଗିରଫ ଦୁଇ ଅଭିଯୁକ୍ତ ଜୟପୁର ଏମଜି ରୋଡ଼ର ମନୋଜ କୁମାର ଯାଦବ (୪୬) ଏବଂ ନନ୍ଦିନୀ ଯାଦବ (୩୫)। ସୂଚନା ଅନୁଯାୟୀ, ଅବକାରୀ ଇନ୍ସପେକ୍ଟର ଅନ୍ନପୂର୍ଣ୍ଣା ରଥଙ୍କ ନେତୃତ୍ୱରେ ବୈପାରିଗୁଡା ଅବକାରୀ ଓଆଇସି ଭଗବାନ ମହାନନ୍ଦିଆ ଏବଂ ଟିମ୍ ବୈପାରିଗୁଡାର ମହୁଲି ରାସ୍ତାରେ ପାଟ୍ରୋଲିଂ ପାଇଁ ବାହାରିଥିଲେ। ଏହି ସମୟରେ ଜୟପୁର ପଟୁ ମହୁଲି ରାସ୍ତା ଦେଇ ଓଆର ୧୦ କେ ୧୫୪୪ ନମ୍ବର ବିଶିଷ୍ଟ ବାଇକ୍‌ରେ



ଧଳା ରଙ୍ଗର ବସ୍ତା ନେଇ ଦୁଇଜଣ ଆସୁଥିବା ଦେଖି ସନ୍ଦେହ କରି ଅଟକାଇ ଥିଲେ। ବସ୍ତା ଯାଞ୍ଚ କରିବାରୁ ସେଥିରେ ବିଦେଶୀ ମଦ ରହିଥିବା ଜଣାପଡିଥିଲା। ବୈପାରିଗୁଡା ଅବକାରୀ ଥାନାକୁ ଅଣାଯାଇ ଦେଖିବା ପରେ ବସ୍ତାରେ ୪.୬୮୦ ଲିଟର ବିଦେଶୀ ମଦ ଏବଂ ୧୦ ଲିଟର ବିୟର ମଦ ଥିବା ଜଣାପଡିଥିଲା। ଉଭୟଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରାଯାଇଥିବା ଇନ୍ସପେକ୍ଟର ଅନ୍ନପୂର୍ଣ୍ଣା ରଥ ପ୍ରକାଶ କରିଛନ୍ତି।

## ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରତିଯୋଗିତା



କୋରାପୁଟ, ୯।୭ (ସମିସ):

ଓଡ଼ିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ବୁଧବାର ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ କୋରାପୁଟ ବ୍ଲକ୍ ଓ ପୌରାଞ୍ଚଳର ଷଷ୍ଠରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ନେଇ ବକ୍ତୃତା, ପ୍ରବନ୍ଧ, କବିତା ଆବୃତ୍ତି ଓ ସାହିତ୍ୟ ସମ୍ପର୍କିତ ସାଧାରଣ ଜ୍ଞାନ ସହିତ ଇଂରାଜୀରୁ ଓଡ଼ିଆ ଅନୁବାଦ ଭଳି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତି ବର୍ଗରୁ ପ୍ରଥମ ସ୍ଥାନରେ ଚୟନ ହୋଇଥିବା ପ୍ରତିଯୋଗ ୧୦ ତାରିଖ ଦିନ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ ବୋଲି ସୂଚନା ମିଳିଛି। କୋରାପୁଟ ବ୍ଲକ ଶିକ୍ଷା ଅଧିକାରୀ ଜଗନ୍ନାଥ ଭତ୍ରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଚୟନ ପ୍ରକ୍ରିୟାରେ ରମେଶ ସାହୁ, ରଶ୍ମିରେଖା ପରିଡ଼ା, ସୃଜନୀ ପାଳ, ବନିତା ପଣ୍ଡା, ନିବେଦିତା ପଣ୍ଡା, ହର ପ୍ରସାଦ ମିଶ୍ର, ସୁବୋଧ ମାଝୀ, ଅଜୟ ମଲ୍ଲିକ, ସନ୍ତୋଷ ସାହୁ, ମମତା ନାୟକ, ରାଜଶ୍ରୀ ହରିଚନ୍ଦନ ଏବଂ ଚିତ୍ତରଞ୍ଜନ ପାହାଡସିଂ ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ। ଏହି କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ପାତ୍ର ପରିଚାଳନା କରିଥିବା ବେଳେ ମନୋଜ ଦାସ ଓ ସୁଜିତ ପଲେଇ ସହଯୋଗ କରିଥିଲେ।

## ବଦଳିଲେ ଦକ୍ଷିଣ-ପଶ୍ଚିମାଞ୍ଚଳ ଡିଆଇଜି

କୋରାପୁଟ, ୯।୭ (ସମିସ): ରାଜ୍ୟ ସରକାରଙ୍କ ଗୃହ ବିଭାଗ ବିଜ୍ଞପ୍ତି ଅନୁଯାୟୀ କୋରାପୁଟ ଠାରେ କାର୍ଯ୍ୟରତ ଦକ୍ଷିଣ ପଶ୍ଚିମାଞ୍ଚଳ ରେଞ୍ଜ ଡିଆଇଜି ଅଖିଲେଶ୍ୱର ସିଂଙ୍କର ଭୁବନେଶ୍ୱର ବଦଳି ହୋଇଛି। ଶ୍ରୀ ସିଂ ଭୁବନେଶ୍ୱର ସ୍ଥିତ ସ୍ପେଶିଆଲ ଇଣ୍ଟେଲିଜେନ୍ସ ୱିଙ୍ଗ ଡିଆଇଜି ଭାବେ ବଦଳି ହୋଇଥିବାବେଳେ ତାଙ୍କ ସ୍ଥାନରେ ୨୦୧୦ ବ୍ୟାଚ ଆଇପିଏସ ଅଫିସର ଡ. କନୱର୍ ବିଶାଳ ସିଂଙ୍କୁ ଦକ୍ଷିଣ ପଶ୍ଚିମାଞ୍ଚଳ ରେଞ୍ଜ ଡିଆଇଜି ଭାବେ ବଦଳି କରାଯାଇଛି। ଡ. ସିଂ ବର୍ତ୍ତମାନ ସ୍ପେଶିଆଲ୍ ଇଣ୍ଟେଲିଜେନ୍ସ ୱିଙ୍ଗ୍ ଭୁବନେଶ୍ୱରରେ ଡିଆଇଜି ଭାବେ କାର୍ଯ୍ୟରତ ଅଛନ୍ତି। ଡ. କେ.ଭି ସିଂ ଏଥିପୂର୍ବରୁ କୋରାପୁଟ ଏସ୍‌ପି ଭାବେ କାର୍ଯ୍ୟ କରି ମାଓବାଦୀ ଦମନ ଓ ଚୋରା ଗଞ୍ଜେଇ ଚାଲାଣ ରୋକିବା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଥିଲେ।

## ଲୋକଙ୍କ ସହ ମିଶି ରାସ୍ତା ନିର୍ମାଣ କଲେ ବିଧାୟକ



ଉମରକୋଟ/ଝରୀଗାଁ, ୯।୭ (ସମିସ): ନବରଙ୍ଗପୁର ଜିଲ୍ଲା ଝରିଗାଁ ନିର୍ବାଚନମଣ୍ଡଳୀର ବିଧାୟକ ନରସିଂ ଭତ୍ରାଙ୍କର ନିର୍ବାଚନ ମଣ୍ଡଳୀ ଗସ୍ତ ବେଳେ ଝରିଗାଁ ବ୍ଲକ ରତାଖଣ୍ଡିଗୁଡା ଗ୍ରାମ ପଞ୍ଚାୟତର ବିରିଡଙ୍ଗରିରୁ ଗୁଲିବଡନାର ହାମଲେଟ୍ ଗ୍ରାମ ନୂଆଗୁଡା ଧୋଡ୍ରା ଗ୍ରାମ ପଞ୍ଚାୟତକୁ ଯାତାୟତ କରିବାକୁ ଥିବା ରାସ୍ତାର ଅବସ୍ଥା ଶୋଚନୀୟ ଥିବା ଦେଖିଥିଲେ। ସେହି ଗ୍ରାମର ଯୁବ ଗୋଷ୍ଠୀ ମାନଙ୍କ ସହ କଥାବାର୍ତ୍ତା କରି ନିଜ ହାତରୁ ଅର୍ଥ ଖର୍ଚ୍ଚ କରି ନିଜେ ଉପସ୍ଥିତ ରହି ରାସ୍ତା ନିର୍ମାଣ କରିଥିଲେ। ଏଥିପାଇଁ ଲୋକେ ତାଙ୍କୁ ପ୍ରଶଂସା କରିଛନ୍ତି। ରାସ୍ତାଟି ଏକ କିଲୋମିଟର ହୋଇଥିବା ବେଳେ ରତାଖଣ୍ଡିଗୁଡା ଗ୍ରାମ ପଞ୍ଚାୟତର ବିରିଡଙ୍ଗରିରୁ ଗୁଲିବଡନାର ହାମଲେଟ୍ ଗ୍ରାମ ନୂଆଗୁଡା ଧୋଡ୍ରା ଗ୍ରାମପଞ୍ଚାୟତକୁ ଯୋଗଯୋଗ କରୁଛି।

## ୪୭ ଜବରଦଖଲକାରୀଙ୍କୁ ରାଜସ୍ୱ ବିଭାଗର ନୋଟିସ

ସୁନାବେଡ଼ା , ୯।୭ (ସମିସ): ସେମିଳିଗୁଡା ଓ ସୁନାବେଡ଼ା ଅଞ୍ଚଳରେ ସରକାରୀ ଜମିରେ ବେଆଇନ ନିର୍ମାଣକୁ ନେଇ ରାଜସ୍ୱ ବିଭାଗ କାର୍ଯ୍ୟାନୁଷ୍ଠାନ ନେଇଛି। ସେମିଳିଗୁଡ଼ା ତହସିଲ କାର୍ଯ୍ୟାଳୟ ପକ୍ଷରୁ ସୁନାବେଡା ପୌରପରିଷଦ ଅଧୀନ ସୁନାବେଡ଼ା ସହରାଞ୍ଚଳରେ ଖାଲି ଥିବା ସରକାରୀ ଜାଗା ଜବରଦଖଲ କରି ବେଆଇନ ନିର୍ମାଣ କରିଥିବା ପ୍ରାୟ ୪୭ ଜଣଙ୍କୁ ରାଜସ୍ୱ ବିଭାଗ ନୋଟିସ ଜାରି କରିଛି। କେବଳ ସୁନାବେଡା ଅଞ୍ଚଳବାସୀଙ୍କୁ ନୋଟିସ୍ ହୋଇଥିବାରୁ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେମିଳିଗୁଡା ଅଞ୍ଚଳର ବିଭିନ୍ନ ସ୍ଥାନରେ ଥିବା ସରକାରୀ ଜମିକୁ ଲୋକେ ଜବରଦଖଲ କରି ବାଣିଜ୍ୟିକ ପ୍ରତିଷ୍ଠାନ ଓ ବାସଗୃହ ନିର୍ମାଣ କରିଥିବା ବେଳେ କେବଳ ସୁନାବେଡ଼ା ଅଞ୍ଚଳବାସୀଙ୍କୁ କାହିଁକି ନୋଟିସ୍ କରାଯାଇଛି ବୋଲି ଲୋକେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସେମିଳିଗୁଡ଼ା ତହସିଲଦାର ଦେବବ୍ରତ କରାଟିଙ୍କୁ ପଚାରିବାରୁ ସେ କହିଲେ ସର୍ଭେ କରାଯିବ, ତାପରେ ଉଚ୍ଛେଦ କରାଯିବ। କେବଳ ସୁନାବେଡ଼ା ଅଞ୍ଚଳକୁ ନୁହେଁ, ସେମିଳିଗୁଡ଼ାରେ ମଧ୍ୟ ସର୍ଭେ କରି ବେଆଇନ ନିର୍ମାଣ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

## ୫ କିଲୋ ଚାଉଳରେ ୫ ପ୍ରାଣୀ କୁଟୁମ୍ବ

# ମାଟି କୁଡ଼ିଆରେ ନିରାଶ୍ରୟ ଜୀବନ



ମୁନିଗୁଡା, ୯।୭ (ସମିସ): ମାଟି କାନ୍ଥ ଭାଙ୍ଗି ମାଟିରେ ଲୋଟୁଛି। ଘର ଉପରେ ଦୁଇ ଖଣ୍ଡ ଟିଣ ସିଟ୍ ସାଙ୍ଗକୁ ଦର ଖଣ୍ଡିଆ ଆଖା ପାଲ। ପାଲ ଉପରେ କେଇ ଖଣ୍ଡ କାଠ ଓ ପଥର। ବର୍ଷା, ଖରା ଓ ଶୀତ କାକରକୁ ରୋକିବା ପାଇଁ ଏହା ଯଥେଷ୍ଟ ନ ହେଲେ ବି ଅନ୍ୟ କୌଣସି ବିକଳ୍ପ ନାହିଁ। ସରକାରଙ୍କ ୫ କିଲୋ ଚାଉଳ ଉପରେ ନିର୍ଭର ୫ ପ୍ରାଣୀ କୁଟୁମ୍ବଙ୍କ ଜୀବନ। ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ ରାଣୀପିଣ୍ଡା ପଞ୍ଚାୟତ ରାଣୀପିଣ୍ଡା ଆଦିବାସୀ ସାହିର ଗୁଟୁ ମାଝୀଙ୍କ ପରିବାରର ଏହା ହେଉଛି ଦୁଃଖ କାହାଣୀ। ଘର ମୁରବୀଙ୍କ ଆଧାର କାର୍ଡ ନଥିବାରୁ ଖାଦ୍ୟ ସୁରକ୍ଷା ଯୋଜନାରେ ଚାଉଳ ଗଣ୍ଡେ ମିଳୁନି। ଗୁଟୁ ମାଝୀଙ୍କ ପୁଅ ଲେକୁ ମାଝି କୌଣସି ଏକ ରୋଗରେ ଦୀର୍ଘ ଦିନ ଆକ୍ରାନ୍ତ ହୋଇ ତାଙ୍କର ମୃତ୍ୟୁ ହୋଇଥିବା ବେଳେ ବୋହୂ ବାକିଣି କୋଳରେ ୫ ଦିନର ଶିଶୁ ପୁତ୍ରଟିଏ ରହିଛି। ପରିବାରରେ ଥିବା ରାସନ କାର୍ଡରେ ମାଙ୍ଗୁ ବିଦ୍ରିକା ଓ ତାଙ୍କ ପୁଅକୁ ଚାଉଳ ମିଳୁଥିବା ବେଳେ ବୋହୂ ବାକିଣିଙ୍କ ନାମ ରାସନ କାର୍ଡରେ ସଂଯୋଗ ହୋଇନି । ସେପଟେ ଗୁଟୁଙ୍କ ଆଧାର କାର୍ଡ ନଥିବାରୁ ସେ ମଧ୍ୟ ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ୍ ପଡିଛନ୍ତି। ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଏହି ପରିବାର ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଅଛନ୍ତି। ଅର୍ଥାଭାବରୁ ଘର ଛପର ମରାମତି କରିପାରୁ ନାହାନ୍ତି। ଲଗାଣ ବର୍ଷାରେ କାନ୍ଥ ଭାଙ୍ଗି ଯିବାର ଭୟ ଘାରି ଥିବା ବେଳେ ଅର୍ଥ ଅଭାବରୁ ନୂଆ କରି ଘରଟିଏ ଠିଆକରିପାରୁ ନାହାନ୍ତି। ମୂଲମଜୁରୀ ଉପରେ ନିର୍ଭର କରୁଥିବା ଏହି ପରିବାର ବଡ଼ ପୁଅକୁ ହରାଇ ଅତ୍ୟନ୍ତ ଅସହାୟ ହୋଇପଡ଼ିଛନ୍ତି। ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ମିଳୁଥିବା ମାତ୍ର ୫ କିଲୋ ଚାଉଳ ୫ ପ୍ରାଣୀ କୁଟୁମ୍ବଙ୍କ ଏକମାତ୍ର ଭରସା ବୋଲି ସମ୍ପୃକ୍ତ ହିତାଧିକାରୀମାନେ କହିଛନ୍ତି। ତେବେ ବିଧବା ବାକିଣିଙ୍କୁ ସରକାରଙ୍କ ଅନ୍ତ୍ୟୋଦୟ ଯୋଜନାରେ ଆବାସ ଗୃହ ଯୋଗାଇ ଦେବା ସହ ପରିବାରର ବଳକା ସଦସ୍ୟଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରି ୩୫ କିଲୋ ଚାଉଳ ଯୋଗାଇ ଦେବାକୁ ପରିବାର ଲୋକେ ଅନୁରୋଧ କରିଛନ୍ତି।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ପ୍ରୋବେସନାରୀ ଅଫିସରମାନଙ୍କ ନିଯୁକ୍ତି

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ପ୍ରୋବେସନାରୀ ଅଫିସର ଭାବରେ ନିଯୁକ୍ତି ପାଇଁ ଯୋଗ୍ୟ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନଗୁଡ଼ିକ ଆମନ୍ତ୍ରଣ କରାଯାଉଛି

ଖାଲି ପଦବୀ ସଂଖ୍ୟା: 541

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା ଇତ୍ୟାଦି), ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ସହିତ ଅନଲାଇନ୍ ଆବେଦନ ଦାଖଲ ଓ ଆବେଦନ ଫିସ୍ ର ଅନଲାଇନ୍ ଦେୟ ପାଇଁ ଲିଙ୍କ୍, ବ୍ୟାଙ୍କର ୱେବସାଇଟ https://bank.sbi/careers/current-openings ରେ ବିଜ୍ଞାପନ ନମ୍ବର CRPD/PO/2025-26/04 ଅଧୀନରେ ଉପଲବ୍ଧ । ପ୍ରାର୍ଥୀମାନେ ଆବେଦନ କରିବା ଏବଂ ଫିସ୍ ପଠାଇବା ପୂର୍ବରୁ ସେମାନଙ୍କର ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହୋଇ ସବିଶେଷ ବିଜ୍ଞାପନକୁ ଭଲ ଭାବେ ପଢ଼ିବା ପାଇଁ ପରାମର୍ଶ ଦିଆଯାଉଛି ।


- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 24.06.2025 ରୁ 14.07.2025 ପର୍ଯ୍ୟନ୍ତ ।

ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" ଉପରୋକ୍ତ ବ୍ୟାଙ୍କର ଅଫିସିଆଲ୍ ୱେବସାଇଟରେ ଉପଲବ୍ଧ ।

ସ୍ଥାନ: ମୁମ୍ବାଇ
ତାରିଖ: 24.06.2025
ମହା ପ୍ରବନ୍ଧକ (ଆର୍‌ପି ଏବଂ ପିଏମ୍)

ସକାଳ
THE SAKALA

# ସମ୍ପାଦକୀୟ



ଅନ୍ୟାୟ ହେଉଥିବା ଦେଖି ମଧ୍ୟ ତୁମେ ଯଦି ନିରପେକ୍ଷ ରହୁଛ,
ତେବେ ତୁମେ ଅତ୍ୟାଚାରୀର ପକ୍ଷ ନେଉଛ ବୋଲି ପ୍ରମାଣ କରୁଛ ।
- ଡେସ୍‌ମଣ୍ଡ ଟୁଟୁ

## ବନ୍ଦ ଓ ଧର୍ମଘଟ

କର୍ପୋରେଟ ସଂସ୍କୃତି ଏଭଳି କାୟାବିସ୍ତାର କରିଛି ଯେ ଶ୍ରମିକ ଓ କର୍ମଜୀବୀଙ୍କ ନ୍ୟାୟୋଚିନ ଦାବି ଦିନକୁ ଦିନ ଗୁରୁତ୍ୱ ହରାଉଛି । ଦାବି ପୂରଣ ଦୂରର କଥା ଆପୋସ ଆଲୋଚନା ସକାଶେ ସୁବିଧା ଓ ସୁଯୋଗ ସୃଷ୍ଟି ନେଇ ବିଳମ୍ବିତ ନିଷ୍ପତ୍ତି ବିଭିନ୍ନ ମହଲରେ ହତାଶା ସୃଷ୍ଟି କରିଛି । ଧର୍ମଘଟ, ବନ୍ଦ ଓ ହରତାଳ କେବଳ ରାଜନୈତିକ ଉଦ୍ଦେଶ୍ୟ ସାଧନରେ ସୀମିତ ରହିଛି । ସଂସ୍ଥା ଓ କ୍ଷେତ୍ର ବିଶେଷରେ ଏହି ଧର୍ମଘଟ ଓ ଆନ୍ଦୋଳନ ସଂପ୍ରତି ବିଶେଷ ପ୍ରଭାବ ପକାଇ ପାରୁନି । ନିକଟ ଅତୀତରେ ବିବାଦୀୟ କୃଷି ଆଇନକୁ ନେଇ କୃଷକ ଆନ୍ଦୋଳନକୁ ଭଣ୍ଡୁର କରିବା ସକାଶେ ନାନା କଟକଣା ଓ ଆକ୍ରୋଶମୂଳକ କାର୍ଯ୍ୟାନୁଷ୍ଠାନ କାହାକୁ ଅଛପା ନାହିଁ । କେବଳ ରାଜନୈତିକ ସ୍ୱାର୍ଥସାଧନ ପାଇଁ ଆଇନ ପ୍ରତ୍ୟାହାର ହେଲା ସିନା ପ୍ରତିଶ୍ରୁତି ପୂରଣ ହେଲାନି । ମଙ୍ଗଳବାର ଓ ବୁଧବାର ଆମ ରାଜ୍ୟ ଦୋହରା ଧର୍ମଘଟ ଓ ଆନ୍ଦୋଳନର ସମ୍ମୁଖୀନ ହୋଇଛି । ୭ ଦଫା ଦାବିକୁ ନେଇ ଡ୍ରାଇଭରଙ୍କ ଷ୍ଟିୟରିଂ ଛାଡ଼ ଆନ୍ଦୋଳନକୁ ସଡ଼କ ପରିବହନ ଶ୍ରମିକ ମହାସଂଘର ମିଳିତ ମଞ୍ଚ ବିରୋଧ କରିବାରୁ ବିଶେଷ ଫଳପ୍ରଦ ହୋଇନାହିଁ । ଏକଥା ସତ ଯେ ଏହି ଆନ୍ଦୋଳନ ଯାନବାହନ ଚଳାଚଳକୁ ପ୍ରଭାବିତ କରିଥିଲେ ହେଁ ଅଚଳ ଅବସ୍ଥା ସୃଷ୍ଟି କରିପାରିନି ।

ଅବଶ୍ୟ ବୁଧବାର ଦେଶବ୍ୟାପୀ ଧର୍ମଘଟର ପ୍ରଭାବରେ ବ୍ୟାଙ୍କ କାରବାର ଏକ ପ୍ରକାର ଅଚଳ ହୋଇଯାଇଛି । ପ୍ରାୟ ୨୫ କୋଟି ଶ୍ରମିକ ଓ କର୍ମଚାରୀ ଅଂଶଗ୍ରହଣ କରିଥିବାରୁ ସେମାନଙ୍କ ୧୭ ଦଫା ଦାବି ଆଲୋଚନା ପରିସରକୁ ଆସିବାର ସୁଯୋଗ ସୃଷ୍ଟି କରିଛି । ବ୍ୟାଙ୍କ, ବୀମା ଓ ଡାକ କର୍ମଚାରୀଙ୍କ ସହ ବିଭିନ୍ନ ସରକାରୀ ଓ ରାଷ୍ଟ୍ରାୟତ୍ତ ଉଦ୍ୟୋଗ କର୍ମଚାରୀ ଓ ଶ୍ରମିକଙ୍କ ପକ୍ଷରୁ ଏହି ଧର୍ମଘଟ ପ୍ରତି ସମର୍ଥନ ମିଳିଛି । ଉପସ୍ଥାପନ କରାଯାଇଥିବା ଦାବିର ଯେ ଯଥାର୍ଥତା ନାହିଁ ଏ କଥା ନୁହେଁ । ଏହି ଦାବିଗୁଡ଼ିକ ମଧ୍ୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା, ସରକାର ବାତିଲ କରିଥିବା ଚାରି ଶ୍ରମ କୋଡ୍‌ର ପୁନଃ ପ୍ରଚଳନ । ଯେଉଁଠି ଠିକା ଶ୍ରମିକଙ୍କୁ ନିର୍ଦ୍ଧାରିତ ସମୟଠାରୁ ଅଧିକ ଖଟିବାକୁ ଚାପ ପଡୁଛି ଏବଂ କୌଣସିପ୍ରକାରେ ଅଳ୍ପଖର୍ଚ୍ଚରେ କାମ ଆଦାୟ କରିବାର ମାନସିକତାକୁ ପ୍ରୋତ୍ସାହନ ମିଳୁଛି, ସେଠାରେ ଶ୍ରମ କୋଡ ଅର୍ଥହୀନ ହେବା ସ୍ୱାଭାବିକ । ଯେଉଁଠି ସାପ୍ତାହିକ ଛୁଟି ଦିବସରେ ଦେଶର ପ୍ରଗତି ଓ ବିକାଶ ପାଇଁ କାମ କରିବାକୁ କମ୍ପାନୀର ଏମ୍‌ଡି ଖୋଲା ଆହ୍ୱାନ ଦେଇପାରୁଛନ୍ତି ସେଠାରେ ନ୍ୟାୟୋଚିତ ଦାବି କଥା ପଚାରେ କିଏ । ଏହି ପ୍ରସଙ୍ଗ ଉଲ୍ଲେଖ କଲାବେଳେ ଗୋଟିଏ ଅସମାନତାର ଦୃଶ୍ୟ ଆଖି ଆଗରେ ଜଳ ଜଳ ହୋଇ ପରିଲକ୍ଷିତ ହୁଏ । ଗୋଟିଏ ସଂସ୍ଥାରେ ସ୍ଥାୟୀ ଓ ଠିକା କର୍ମଚାରୀ ଏକାଠି ସମାନ କାମ କରୁଥିବା ବେଳେ ଠିକା କର୍ମଚାରୀଙ୍କୁ ଆବଶ୍ୟକତାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇବାକୁ ପଡ଼େ । ଅଥଚ ସେ ସ୍ଥାୟୀ କର୍ମଚାରୀଙ୍କ ବେତନର ୫୦ ଶତାଂଶ ମଧ୍ୟ ପାଏନି । ଏହି ତାରତମ୍ୟ ଓ ବୈଷମ୍ୟ ଧର୍ମଘଟ ଓ ଆନ୍ଦୋଳନ ପାଇଁ ପ୍ରେରିତ କରେ । ଆମେ ଏଠି ବ୍ୟର୍ଥ ପ୍ରୟାସ ତ କରିବାନି, କିଛି ଆଶା ଓ ସମ୍ଭାବନାର ନିର୍ଣ୍ଣୟ ଅଙ୍କ କଷିବା ।

ବ୍ୟାଙ୍କ ସମେତ ରାଷ୍ଟ୍ରାୟତ୍ତ ସଂସ୍ଥାର ଘରୋଇକରଣ ବନ୍ଦ କରିବା, ସମସ୍ତଙ୍କୁ ସର୍ବନିମ୍ନ ୯ ହଜାର ଟଙ୍କା ପେନସନ ଦେବା, ଠିକା ବଦଳରେ ସ୍ଥାୟୀ ନିଯୁକ୍ତି ପ୍ରଦାନ, ସମାନ କାମକୁ ସମାନ ଦରମା, ବିଭିନ୍ନ ସଂସ୍ଥାରେ ଶୂନ୍ୟ ପଡ଼ିଥିବା ସ୍ଥାନରେ ନୂତନ ନିଯୁକ୍ତି, ସର୍ବନିମ୍ନ ମାସିକ ମଜୁରୀ ୨୬ ହଜାର ଟଙ୍କା ଓ ପୁରୁଣା ପେନସନ ସ୍କିମ ପୁନଃପ୍ରଚଳନ ଭଳି କିଛି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପସ୍ଥାପନ କରାଯାଇଛି । କର୍ପୋରେଟ ସଂସ୍ଥାରେ କମ ଖର୍ଚ୍ଚରେ ଅଧିକ କାମ ଉଠାଇ ଲାଭବାନ ହେବାର ମାନସିକତାକୁ ପ୍ରୋତ୍ସାହନ ମିଳୁଥିବାରୁ ସେମାନେ ବା ଶୁଣିବେ କାହିଁକି? ୪ ଶ୍ରମ କୋଡ ବାତିଲ ପଛରେ ସେମାନଙ୍କ ସ୍ୱାର୍ଥ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇଛି । ସବୁଠାରୁ ଉଲ୍ଲେଖଯୋଗ୍ୟ ହେଲା, ବ୍ୟାଙ୍କର ସାଧାରଣ ଗ୍ରାହକଙ୍କ ଉପରୁ ସେବାକର ପ୍ରତ୍ୟାହାର ଦାବି । ବ୍ୟାଙ୍କର ତିନିଟି ଯାକ ସଂଗଠନ ଏହି ପ୍ରସଙ୍ଗ ଉପସ୍ଥାପନ କରି ବାଧାପ୍ରାପ୍ତ ବ୍ୟାଙ୍କ କାରବାରରେ କ୍ଷତିଗ୍ରସ୍ତ ଗ୍ରାହକଙ୍କ ମନ ଜିଣିବାର ପ୍ରୟାସ କରିଛନ୍ତି । ତେବେ ଏକଥା ସତ ଯେ କ୍ରମାଗତ ସୁଧହାର ହ୍ରାସ ଘଟୁଥିବା ବେଳେ ଜମାକାରୀଙ୍କୁ ଦେବାକୁ ପଡୁଥିବା ସେବାକର କଟାଘା'ରେ ଚୂନ ଲଗାଇଲା ଭଳି ହୋଇଛି । ବ୍ୟାଙ୍କ ଅଫିସର ଓ କର୍ମଚାରୀ ସଂଗଠନ ଧର୍ମଘଟକୁ ସମର୍ଥନ କରିଥିବାରୁ ସେବା ବାଧାପ୍ରାପ୍ତ ହୋଇଛି । ଯେତେଦୂର ମନେ ହୁଏ ଖୁବ୍ ଶୀଘ୍ର ଦାବିଗୁଡ଼ିକ ଆଲୋଚନା ପରିସରକୁ ଆସିପାରେ । ଏନେଇ ସବୁଜ ସଙ୍କେତ ମଧ୍ୟ ମିଳିଛି ।

ଦେଶର ୧୦ଟି କେନ୍ଦ୍ରୀୟ ଟ୍ରେଡ ୟୁନିୟନ ଓ ଶତାଧିକ କେନ୍ଦ୍ରୀୟ ଫେଡେରେସନର ମିଳିତ ମଞ୍ଚ ଏକତ୍ର ହେବା ବ୍ୟବସ୍ଥାକୁ ସୁଧାରିବାରେ ନିଶ୍ଚୟ ସହାୟକ ହେବ । ଦାବିଗୁଡ଼ିକ ଯେ ଯଥାର୍ଥ ନୁହେଁ ଏକଥା କୁହାଯାଇପାରିବନି । ଦେଶରେ ବେକାରୀ ଏକ ଉତ୍କଟ ସମସ୍ୟା ହୋଇଥିବାରୁ ତାହାର ସ୍ଥାୟୀ ସମାଧାନ ସ୍ୱରୂପ ଖାଲି ପଡ଼ିଥିବା ସ୍ଥାନ ପୂରଣ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବା ଉଚିତ । ଠିକା ନିଯୁକ୍ତି ସମସ୍ୟାର ସମାଧାନ ନୁହେଁ, ବରଂ ଏହାକୁ ଶୋଷଣ କୁହାଯାଇପାରେ । ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ସେମାନଙ୍କୁ ସ୍ଥାୟୀ କରାଯାଇପାରିଲେ ସମସ୍ୟ ଓ ସଂକଟ ଦୂର ହେବା ପାଇଁ ପଥ ପରିଷ୍କାର ହୋଇପାରିବ । ଏଠାରେ ଆମକୁ ଦର୍ଶାଇବାକୁ ପଡୁଛି ଯେ କର୍ପୋରେଟ ସଂସ୍ଥା ସରକାରଙ୍କଠାରୁ ଟିକସରେ ରିହାତି ଓ ସୁବିଧାରେ ଋଣ ପାଉଥିବା ବେଳେ ଠିକା ନିଯୁକ୍ତି ଓ କର୍ମସଂସ୍କୃତିର ଉଲ୍ଲଙ୍ଘନ ଭଳି ବେଆଇନ କାର୍ଯ୍ୟରୁ ନିବୃତ୍ତ ରହିବା ଉଚିତ୍ । ଏ ଦିଗରେ ସରକାରଙ୍କ ପକ୍ଷରୁ ଚାପ ପ୍ରୟୋଗ ଜରୁରୀ ହୋଇପଡ଼ିଛି । ଏମିତିରେ ଯେଉଁ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ହାସଲ ସକାଶେ ସରକାର ସେମାନଙ୍କୁ ପ୍ରୋତ୍ସାହନ ଦେଇ ଚାଲିଛନ୍ତି ତାହା ପୂରଣ ହେଉ ନଥିବା ବେଳେ ସେମାନେ ଅନ୍ତତଃ ଶୋଷଣମୁକ୍ତ ଅବ୍ୟସ୍ଥାକୁ ଆଗେଇନେବା ଉଚିତ୍ ।

ଗତ କିଛି ବର୍ଷ ହେଲା ଟ୍ରେଡ ୟୁନିୟନ କାର୍ଯ୍ୟକ୍ରମ ଥମି ଯାଇଛି । ପରିବର୍ତ୍ତିତ ପରିସ୍ଥିତି ଓ ପରିବେଶରେ ସେମାନଙ୍କ ଭୂମିକା ଗୌଣ ହୋଇପଡୁଥିବାର ଲକ୍ଷ୍ୟ କରାଯାଇଛି । ଦୀର୍ଘ ବ୍ୟବଧାନରେ ଏହି ମିଳିତ ଆହ୍ୱାନ ଆଗାମୀ ଦିନରେ ଫଳପ୍ରଦ ହେବ ବୋଲି ଆଶା କରିବା ସ୍ୱାଭାବିକ ।

## ଉଦ୍ଭିଦର ଇନ୍ଦ୍ରିୟାନୁଭବ

ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା

ଗଛକୁ ଆମେ ବୃକ୍ଷଦେବତା ବୋଲି କହୁ । ଅତଏବ ଆମେ ପରୋକ୍ଷରେ ସ୍ୱୀକାର କରୁ ଯେ ଏହାର ରହିଛି ମଣିଷଠାରୁ ଅଧିକ ଚେତନା ଶକ୍ତି । ପ୍ରକୃତରେ ଏହା କିଛିମାତ୍ରାରେ ସତ୍ୟ । ମଣିଷଠାରୁ ଅଧିକ ନ ହେଲେ ବି ଏହାର କୌଣସି ପ୍ରକାର ଇନ୍ଦ୍ରିୟାନୁଭବ ଶକ୍ତି ଥିବାର ଏବେ ସ୍ୱୀକାର କଲେଣି ଉଦ୍ଭିଦ ବିଜ୍ଞାନୀମାନେ ।

ମଣିଷ ତା'ର ଦୈନନ୍ଦିନ ଜୀବନଯାତ୍ରା ସୁରୁଖୁରୁରେ ସଂପାଦନ କରିଥାଏ ପାଞ୍ଚୋଟି ଇନ୍ଦ୍ରିୟମାନଙ୍କ ଉପରେ ମୁଖ୍ୟତଃ ନିର୍ଭର କରି । ସେଗୁଡ଼ିକ ତାକୁ ସକ୍ଷମ କରିଥା'ନ୍ତି ସ୍ପର୍ଶ, ଦୃଷ୍ଟି, ଧ୍ୱନି, ଗନ୍ଧ ଓ ସ୍ୱାଦ ମାଧ୍ୟମରେ ତା' ପରିବେଶର ଏକ ଛବି ପ୍ରସ୍ତୁତି କରିବାରେ । ଫଳରେ ସେ ହଠାତ୍ ଆସୁଥିବା ଯେକୌଣସି ପରିସ୍ଥିତି ପ୍ରତି ପ୍ରତିକ୍ରିୟା ପ୍ରକଟ କରିବାକୁ ସମର୍ଥ ହୁଏ । ଅଧିକାଂଶ ଜୀବ ସେମାନଙ୍କୁ ଶିକାର କରିବାକୁ ଆସୁଥିବା ଜୀବମାନଙ୍କଠାରୁ ଆତ୍ମରକ୍ଷା, ଖାଦ୍ୟ ଅନ୍ୱେଷଣ ଏବଂ ନିରାପଦ ଆଶ୍ରୟ ଖୋଜିବା ପାଇଁ ଏହା ବ୍ୟବହାର କରିଥା'ନ୍ତି । ଗଛଲତାମାନେ ମଧ୍ୟ ସେମାନଙ୍କ ପରିବେଶ ସଂପର୍କରେ ଅନେକ କଥା ଅନୁଭବ କରିପାରନ୍ତି । ଏହା ସେମାନଙ୍କଠାରେ ଚାପ ସୃଷ୍ଟି କରେ । ଅଧିକାଂଶ ପ୍ରାଣୀମାନଙ୍କ ଭଳି ସେମାନେ ଆକ୍ରମଣ, ସଂକ୍ରମଣ, କ୍ଷୟକ୍ଷତି କିମ୍ବା ପ୍ରତିକୂଳ ପରିବେଶର ସମ୍ମୁଖୀନ ହେଲେ ନିଜକୁ ସୁରକ୍ଷାଦେବା ପାଇଁ ସ୍ଥାନଟି ଛାଡ଼ି ପଳାୟନ କରିପାନ୍ତି ନାହିଁ ସିନା ବଞ୍ଚିରହିବା ଲାଗି ତାଙ୍କଠାରେ ବିଶ୍ୱାସ କରି ନ ହେଲା ଭଳି ପ୍ରତିକ୍ରିୟାମାନ ପ୍ରକାଶ ପାଏ । ଏହା ମୂଳରେ ରହିଛି ସେମାନଙ୍କ 'ଇନ୍ଦ୍ରିୟାନୁଭବ' ଶକ୍ତି ।

**ସ୍ପର୍ଶ:** ଉଦ୍ଭିଦବିଜ୍ଞାନୀମାନଙ୍କ ମତରେ ବହୁ ଶିମ୍ବଜାତିର ଲତାମାନେ ସ୍ପର୍ଶ ଜନିତ ଅନୁଭବ ମାଧ୍ୟମରେ ଉପଯୁକ୍ତ ଆଶ୍ରୟ ବାଛିଲା ବେଳେ ଆରାବିଡ୍‌ଓପ୍‌ସିସ୍ ଭଳି ଗଛକୁ ଛୁଇଁ ଦେଲେ ତାହା ଚାପ ଅନୁଭବ କରେ ଏବଂ ଏହାର ଅଭିବୃଦ୍ଧି ହ୍ରାସ ପାଏ । ସେହିପରି ଲାଜକୁଳୀ ଲତାର ପତ୍ରଗୁଡ଼ିକୁ ସ୍ପର୍ଶ ମାତ୍ରକେ ବୁଜି ହୋଇଯାଆନ୍ତି । ଏହାଦ୍ୱାରା ସେଗୁଡ଼ିକ ନିଜକୁ ସୁରକ୍ଷା ଦିଅନ୍ତି । ପୁନଶ୍ଚ ଏପରି ଅନେକ ପ୍ରଜାତିର ଗଛଲତା ଅଛନ୍ତି ଯାହାର ଚେର ଭୂମିକୁ ଛୁଇଁ ସେଠାରେ ମାଟି ଅଛି କି ନାହିଁ ସ୍ଥିର କରି ଏବଂ ପଥର, ବାଲି ତଥା ବିଷାକ୍ତ ପଦାର୍ଥକୁ ଏଡ଼ାଇ ବଢ଼ିଥା'ନ୍ତି । ସ୍ପର୍ଶ ପ୍ରତି ଗଛଲତାଙ୍କ ସଂପୃକ୍ତିର ଅନ୍ୟଏକ ଉଦାହରଣ ହେଲା ଭେନସ୍‌ଫ୍ଲାଏଟ୍ରାପ୍ । ଏହାର ଯନ୍ତା ଭଳି କାର୍ଯ୍ୟକରୁଥିବା ପତ୍ରଗୁଡ଼ିକ ଉପରେ କୀଟପତଙ୍ଗ ପଡ଼ିବା ସଂଗେ ସଂଗେ ତାହା ବନ୍ଦ ହୋଇଥାଏ । ଅନ୍ୟପକ୍ଷରେ, ତା' ଉପରେ ଧୂଳି କଣା କିମ୍ବା ଅନ୍ୟକିଛି ପଦାର୍ଥ ପଡ଼ିଗଲେ ଏ ପ୍ରତିକ୍ରିୟା ପ୍ରକାଶ ହୁଏ ନାହିଁ । ଅତଏବ ଏହି କୀଟରକ୍ଷା ଉଦ୍ଭିଦଟି ସ୍ପର୍ଶ ମାଧ୍ୟମରେ ହିଁ ଏଗୁଡ଼ିକ ମଧ୍ୟରେ ଥିବା ପ୍ରଭେଦତା ଅନୁଭବ କରିପାରେ । ଏହାର ପତ୍ରଗୁଡ଼ିକ ପୃଷ୍ଠଭୂମିରେ ଥାଏ ସୂକ୍ଷ୍ମ ସମ୍ବେଦନଶୀଳ କେଶରାଜି । ସେଗୁଡ଼ିକ ତା'କୁ ଏ ପ୍ରକ୍ରିୟାରେ ସହାୟତା କରନ୍ତି ।

**ଧ୍ୱନି:** ଆଜି ପର୍ଯ୍ୟନ୍ତ ଗଛଲତାମାନଙ୍କ ବିଭିନ୍ନ ଧ୍ୱନି ପ୍ରତି କିପରି ପ୍ରତିକ୍ରିୟା ପ୍ରକଟ କରନ୍ତି ସେହି ସଂପର୍କରେ ଖୁବ୍ କମ ଜଣାଥିଲା । କିନ୍ତୁ ଏବେ ବୈଜ୍ଞାନିକମାନେ ପ୍ରଦର୍ଶନ କଲେ ଯେ ସେଗୁଡ଼ିକ କେବଳ ଯେ ନିକଟରେ ଥିବା ପରାଗସଂଗମକାରୀ ଏବଂ ଆକ୍ରମଣକାରୀ କୀଟପତଙ୍ଗ ସ୍ଥାନକୁ ଶୁଣିପାରନ୍ତି, ତା' ନୁହେଁ । ସେମାନେ ସୃଷ୍ଟି କରୁଥିବା ଧ୍ୱନି ବା ଶବ୍ଦ ମଧ୍ୟରେ ଥିବା ତାରତମ୍ୟ ଜାଣିପାରନ୍ତି ଏବଂ ସେମାନଙ୍କ ଆଗମନ ଲାଗି ପ୍ରସ୍ତୁତ ହୋଇଯାନ୍ତି ।

୨୦୧୪ ମସିହାରେ ମିଶୋରୀ ବିଶ୍ୱବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନୀ ହେଇଡି ଆପେଲ ଏବଂ ରେଗିନାଲ୍ଡ୍ କୋକ୍ରେଫ୍ଟ ଏ ସଂପର୍କରେ ଗବେଷଣାପତ୍ରଟିଏ ପ୍ରକାଶ କରିଥିଲେ । ଏଥିରେ ସେମାନେ ସୂଚୀତ କରଇଥିଲେ କେତେକ ବିଶେଷ ଯନ୍ତ୍ରପାତି ସାହାଯ୍ୟରେ ଶଂବାଳୁଆମାନେ ପତ୍ର ଚୋବାଇଲା ବେଳର ଧ୍ୱନିକୁ ଲିପିବଦ୍ଧ କରୁଥିବାର । ତତ୍ପରେ ତାହାକୁ ଏବଂ ବାୟୁ ପ୍ରବାହର ତଥା ଅଣଆକ୍ରମଣକାରୀ କୀଟମାନଙ୍କ ଧ୍ୱନିକୁ ଲିପିବଦ୍ଧ କରି କିଛି ସୁସ୍ଥ ତଥା ଅକ୍ଷତ ଆରାବିଡୋପ୍‌ସିସ୍ ଗଛଙ୍କୁ ଶୁଣାଇଥିଲେ । ଏଥିରୁ ଜଣାପଡ଼ିଲା ଯେ ଯେଉଁସବୁ ଗଛମାନଙ୍କୁ ଶଂବାଳୁଆ ପତ୍ର ଚୋବାଇବାର ଧ୍ୱନି ଶୁଣାଯାଇଥିଲା ସେମାନେ ଏହାଦ୍ୱାରା ପ୍ରକୃତରେ ଆକ୍ରମଣର ଶିକାର ହୋଇଥିବା ଗଛଲତାଙ୍କ ଭଳି ପ୍ରତିରକ୍ଷା ଲାଗି ରସାୟନମାନ ନିର୍ଗତ କରାଇବାକୁ ଲାଗିଲେ । କିନ୍ତୁ ଅନ୍ୟଗୁଡ଼ିକ ସେପରି କଲେ ନାହିଁ ।

ନିକଟରେ ତେଲ୍‌ଆଭିଭ୍ (ଇସ୍ରାଏଲ) ବିଶ୍ୱବିଦ୍ୟାଳୟର ଗବେଷକ ଲିଲାଚ୍ ହାଡାନି ଏବଂ ତାଙ୍କ ସହଯୋଗୀମାନେ ଆବିଷ୍କାର କରିଛନ୍ତି 'ବିଚ୍ ଇଭିନିଂ ପ୍ରାଇମୋରୋଜ୍' ନାମକ ଉଦ୍ଭିଦ ପରାଗ ସଂଗମକାରୀ କୀଟମାନଙ୍କୁ ପ୍ରତ୍ୟକ୍ଷଭାବେ 'ଶ୍ରବଣ' କରିପାରିବାର । ତାଙ୍କ ପରୀକ୍ଷାରେ ଯେତେବେଳେ ବୃକ୍ଷମାନଙ୍କୁ ଆଗରୁ ଲିପିବଦ୍ଧ (ରେକର୍ଡିଂ) ହୋଇଥିବା ମହୁମାଛିର ଗୁଣୁଗୁଣୁ ଶବ୍ଦ ଶୁଣିବାକୁ ଦିଆଗଲା, ସେତେବେଳେ ଫୁଲଗୁଡ଼ିକ ତନ୍ମଧ୍ୟରେ ଥିବା ମହୁରେ ଶର୍କରାର ପରିମାଣ ବୃଦ୍ଧି କରି ତାହାକୁ ଅଧିକ ମଧୁର କରିବାକୁ ଲାଗିଲେ । ତେବେ ଗଛଲତାମାନେ ଏପରି ଧ୍ୱନିକୁ କେଉଁ କ୍ରିୟାବିଧି ଅନୁସାରେ ଶୁଣନ୍ତି ତାହା ଆଜି ପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ରୂପେ ଜଣାପଡ଼ିନାହିଁ ।

**ସ୍ୱାଦ ଓ ଗନ୍ଧ:** ଗଛଲତାମାନେ ଆଲୋକ ସଂଶ୍ଲେଷଣ ମାଧ୍ୟମରେ ସେମାନଙ୍କ ଖାଦ୍ୟ ପ୍ରସ୍ତୁତ କରନ୍ତି । ତେଣୁ ଆମ ଭଳି ସ୍ୱାଦ ବା ଗନ୍ଧ ବାରିବା ତାଙ୍କ ପାଇଁ ଅନାବଶ୍ୟକ । ତେବେ ବୃକ୍ଷଲତା ତାହା ଅନୁଭବ କରି ଭିନ୍ନ କାମରେ ଲଗାନ୍ତି । ସେଥିପାଇଁ ତାଙ୍କଠାରେ ରହିଛି କିଛି ବିଶେଷଧରଣର ସଂବେଦକ । ଏହାରି ସାହାଯ୍ୟରେ ସ୍ୱାଦ ଓ ଗନ୍ଧ ବାରି ସେଗୁଡ଼ିକ ମାଟିରେ ଥିବା ବିଭିନ୍ନ ପୁଷ୍ଟିର ସନ୍ଧାନ କରିବା କିମ୍ବା ବିଷାକ୍ତ ପଦାର୍ଥ ଥିବା ସ୍ଥାନରେ ଚେରଗୁଡ଼ିକୁ ବିସ୍ତାର ହେବାକୁ ନଦେବା ଭଳି କାର୍ଯ୍ୟ କରନ୍ତି । ପୁନଶ୍ଚ ବିଶ୍ୱାସ କରି ନହେଲେ ବି ଏକଥା ସତ ଯେ ଗଛଲତାମାନେ ତାଙ୍କ ପ୍ରତିବେଶୀମାନଙ୍କୁ ଆଘ୍ରାଣ କରି ସେମାନଙ୍କ ମଧ୍ୟରୁ ନିଜ ସଂପର୍କୀୟମାନଙ୍କୁ (ଏକା ଜାତିର ଗଛଲତା) ଚିହ୍ନଟ କରିଥା'ନ୍ତି । ଏପରିକି ତାଙ୍କ ଚାରାଗଛଗୁଡ଼ିକ ପାଇଁ ଚେର ସାହାଯ୍ୟରେ ପୁଷ୍ଟି ଓ ଜଳ ପ୍ରେରଣ କରନ୍ତି ବୋଲି କୁହାଯାଏ । ଏହା ଜଙ୍ଗଲମାନଙ୍କରେ ସେମାନଙ୍କ ପ୍ରଜାତିର ବିସ୍ତାର ଦିଗରେ ସହାୟକ ହୁଏ । କେତେକ ଜାତିର ଗଛ ଆକ୍ରମଣ ସମୟରେ ପଡ଼ୋଶୀମାନଙ୍କୁ ସତର୍କ କରାଇ ଦେବା ପାଇଁ ଉଦ୍‌ବାହୀ ରସାୟନମାନ ସୃଷ୍ଟି କରି ବାୟୁରେ ଛାଡ଼ିଥା'ନ୍ତି । ସେମାନେ ତାହା ଆଘ୍ରାଣକରି ନିଜଠାରେ ପ୍ରତିରୋଧୀ ରସାୟନମାନ ସୃଷ୍ଟି କରିବାକୁ ସକ୍ଷମ ହୁଅନ୍ତି ।

**ଦୃଷ୍ଟି:** ଅଧିକାଂଶ ନିମ୍ନଶ୍ରେଣୀର ପ୍ରାଣୀ ମୁଖ୍ୟତଃ ଗନ୍ଧ ଉପରେ ନିର୍ଭର କରିଥା'ନ୍ତି ସେମାନଙ୍କ ପରିବେଶ ମଧ୍ୟରେ ଚଳପ୍ରଚଳ ହେବାକୁ । କେବଳ ମଣିଷ ଏବଂ କେତେକ ଉଚ୍ଚଶ୍ରେଣୀର ଜୀବଙ୍କର ଦୃଷ୍ଟି ବା ଦର୍ଶନ ଶକ୍ତି ହେଲା ଏଥିପାଇଁ ପ୍ରଧାନ ଅବଲମ୍ବନ । ଗଛଲତାମାନେ ଏମାନଙ୍କ ପରି ଦେଖିବାକୁ ସକ୍ଷମ ନୁହନ୍ତି । ତେବେ ସେଗୁଡ଼ିକ ନାନା ପ୍ରକାର ଆଲୋକକୁ ଅଲଗା ଅଲଗା ରୂପେ ବାରିପାରନ୍ତି ତାହା ଅଲଟ୍ରା ଭାଓଲେଟ୍ (ଅତିଘନ ବାଇଗଣୀ) ହେଉ, ଦୃଶ୍ୟମାନ ହେଉ କିମ୍ବା ଇନ୍‌ଫ୍ରାରେଡ୍(ପାରଲୋହିତ) ହେଉ । ଏହାର ଏକ ଜଣାଶୁଣା ଉଦାହରଣ ହେଲା କମ୍ ବୟସରେ ସୂର୍ଯ୍ୟମୁଖୀ ଗଛ ସୂର୍ଯ୍ୟଲୋକ ଆଡ଼କୁ ମୁହଁ କରି ବଢ଼ିବା । ଏହାଫଳରେ ତାହା ସର୍ବାଧିକ ଆଲୋକପ୍ରାପ୍ତ ହୋଇଥାଏ ସଫଳ ଭାବେ ଆଲୋକ ସଂଶ୍ଲେଷଣ ସଂପାଦନ ଲାଗି । ସେହିଭଳି ଏକ ମନମୁଗ୍ଧକାରୀ ଲତା ହେଲା ଚିଲି ଏବଂ ଆର୍ଣ୍ଟରାଟିକାର 'ବୋକ୍ୟୁଇଲା ଟ୍ରାଇଫୋଲିଏଟ୍' । ନିଜ ପତ୍ରର ଆକୃତି, ଆକାର, ରଙ୍ଗ ଏବଂ ଏପରିକି ତହିଁରେ ଥିବା ଶିରାପ୍ରସିରା ବ୍ୟବସ୍ଥାର ରୂପ ବଦଳାଇ ଏହା ଆଶ୍ରୟଦାତା ଗଛକୁ ଅନୁକରଣ କରି ବଢ଼େ । ମନେ କରାଯାଏ ଯେ ଆକ୍ରମଣକାରୀ କୀଟଙ୍କ ଦୃଷ୍ଟି ଏଡ଼ାଇବା ପାଇଁ ଏହା ଏପରି କରେ । ୨୦୨୧ ମସିହାରେ ଏହା ଉପରେ ଅଧ୍ୟୟନ କରିଥିଲେ ଆର୍ଜେଣ୍ଟିନାର ଏର୍ନେଷ୍ଟୋ ଗିଆନିଲି ଏବଂ ଫର୍ଣ୍ଣାଣ୍ଡୋ କାରାସ୍କୋ ୟୁରା । ସେଥିରେ ସେମାନେ ଲତାଟିକୁ ଏକ କୃତ୍ରିମ ପ୍ଲାଷ୍ଟିକ ନିର୍ମିତ ଗଛ ଉପରେ ମାଡ଼ିବାକୁ ହେଲେ । ଫଳରେ ଦେଖାଗଲା ଯେ ଏହା ତା'କୁ ମଧ୍ୟ ଅନୁକରଣ କରିଛି । ଅବଶ୍ୟ ତା'ର ଏ ପ୍ରକାର ଆଚରଣ ମୂଳରେ ଥିବା କ୍ରିୟାବିଧି ନିଶ୍ଚିତ କରିପାରି ନାହାନ୍ତି । ତେବେ ଏଥିସହିତ ତାହାର କୌଣସି ପ୍ରକାର ଦୃଷ୍ଟି ଶକ୍ତି ବା ଦର୍ଶନେନ୍ଦ୍ରୀୟ ଜଡ଼ିତ ଥିବାର ସେମାନେ ଅନୁମାନ କରିଛନ୍ତି ।

**ଚାପ ଅନୁଭବ:** ଗଛଲତାମାନେ ମଧ୍ୟ ମଣିଷ ଭଳି ଚାପ ଅନୁଭବ କରନ୍ତି ବୋଲି ମନେ କରନ୍ତି କେତେକ ଉଦ୍ଭିଦ ବିଜ୍ଞାନୀ । ସେମାନଙ୍କ ମତରେ ସେଗୁଡ଼ିକଙ୍କର ସଂବେଦନକାରୀ କ୍ରିୟାବିଧି ସମ୍ପର୍କରେ ସଠିକ୍ ଜଣାପଡ଼ି ନଥିଲେ ହେଁ କେତେକ ପାରିପାର୍ଶ୍ୱିକ ଅବସ୍ଥାରେ ଅତ୍ୟଧିକ କ୍ରିୟାଶୀଳ ଏବଂ ଚାପଗ୍ରସ୍ତ ହେଲା ଭଳି ମନେ ହୁଏ । ସେଗୁଡ଼ିକୁ ଶାନ୍ତ କରିବା ପାଇଁ ଅର୍ଥାତ୍ ତାଙ୍କର ସଂବେଦନଶୀଳତା ହ୍ରାସ ଲାଗି ନିଶାଦ୍ରବ୍ୟ ବ୍ୟବହାର କରାଯାଇ ପାରିବ ବୋଲି ଜଣାପଡ଼ିଛି ବ୍ରିଟିଶ୍ ବୈଜ୍ଞାନିକ ଡବ୍ଲୁ ଏଫ୍ କ୍ଲେମେନ୍‌ସଙ୍କ ଗବେଷଣାରୁ । ଅନ୍ୟପକ୍ଷରେ କୀଟପତଙ୍ଗମାନଙ୍କ ଦ୍ୱାରା ଆକ୍ରମଣର ସମ୍ମୁଖୀନ ହେଲେ ସେଗୁଡ଼ିକ କ୍ଷତଗୁଡ଼ିକୁ କମ କରିବା ପାଇଁ ନିଜେ ନିଜର ନିଶାକାରୀ ରାସାୟନମାନ ମଧ୍ୟ ସୃଷ୍ଟି କରନ୍ତି ।

ଗଛଲତାମାନଙ୍କ ଅନୁଭବ ଶକ୍ତି ଆମ ତୁଳନାରେ କମ ହେଲେ ହେଁ ଏହା ପ୍ରକୃତରେ ଜଟିଳ ଏବଂ ସଦା ପରିବର୍ତ୍ତନଶୀଳ । ସେମାନେ ତାଙ୍କ ବନ୍ଧୁ ବା ଶତ୍ରୁମାନଙ୍କୁ ଶୁଣିପାରନ୍ତି । ପରିବାର ସହିତ ସଂପର୍କ ରଖନ୍ତି । ସଂପ୍ରଦାୟ ସୃଷ୍ଟି କରନ୍ତି । ଆକ୍ରମଣରୁ ନିଜକୁ ସୁରକ୍ଷାଦେବାର ବ୍ୟବସ୍ଥା କରିପାରନ୍ତି ଏବଂ ପରିବର୍ତ୍ତିତ ପରିବେଶ ସହିତ ଖାପଖୁଆଇ ପାରନ୍ତି । ଅତଏବ ଏ ଦୃଷ୍ଟିରୁ ଅର୍ଥାତ୍ ଇନ୍ଦ୍ରିୟାନୁଭବ ସାମର୍ଥ୍ୟ ଦୃଷ୍ଟିରୁ ସେଗୁଡ଼ିକ ସମ୍ଭବତଃ ଆମଠାରୁ ବିଶେଷ ଭିନ୍ନ ନୁହନ୍ତି ।

ଭୁବନେଶ୍ୱର, ମୋ-୯ ୯୩୭୩୦୧୪୬୦

## ଆମ୍ବେଦକରଙ୍କ ଚିନ୍ତନରେ ଚାଷୀ ଓ ଶ୍ରମିକ

ଦୀନବନ୍ଧୁ ଅଧିକାରୀ

ଭାରତରେ ଡ. ଭୀମରାଓ ବାବାସାହେବ ଆମ୍ବେଦକର ହିଁ ପ୍ରଥମେ ଚାଷୀ ଓ ଶ୍ରମିକଙ୍କ ପାଇଁ ଚିନ୍ତା କରିଥିଲେ ଏବଂ ସେହି ଅନୁଯାୟୀ ଅନେକ କାର୍ଯ୍ୟ କରିଥିଲେ । ୧୯୩୭ରେ ସେ ସ୍ୱତନ୍ତ୍ର ମଜଦୂର ଦଳ ଗଠନ କରିଥିଲେ । ୧୯୩୮ ରେ ବମ୍ବେ ବିଧାନସଭାରେ ଶିଳ୍ପାଞ୍ଚଳ ବିବାଦୀୟ ବିଲ୍ ସରକାରଙ୍କ ତରଫରୁ ଉପସ୍ଥାପନ କରାଯାଇଥିଲା । ସେ ଏହାକୁ ବିରୋଧ କରିଥିଲେ, କାରଣ ସେଥିରେ ଧର୍ମଘଟ ପାଇଁ ବ୍ୟବସ୍ଥା ନଥିଲା । ସେହିବର୍ଷ ଶ୍ରମିକଙ୍କ ଦାବିକୁ ସମର୍ଥନ କରି ଧର୍ମଘଟ ଓ ରାଲି କରିଥିଲେ ଆମ୍ବେଦକର ।

ଜାତି ପ୍ରଥାର ଉଚ୍ଛେଦ, ଜମିଦାରୀ ପ୍ରଥାର ଉଚ୍ଛେଦ, ବେଠି ପ୍ରଥାର ଉଚ୍ଛେଦ, ପୁଞ୍ଜିବାଦର ଉଚ୍ଛେଦ ପାଇଁ ସେ କିଶାନ ଓ ମଜଦୂରମାନଙ୍କୁ ଏକାଠି ହେବାକୁ ଆହ୍ୱାନ ଦେଇଥିଲେ । ୧୯୪୨-୪୬ ରେ ମଧ୍ୟବର୍ତ୍ତୀକାଳୀନ ସରକାରରେ ସେ ଶ୍ରମିକ ପ୍ରତିନିଧି ଥିଲେ । ପ୍ରଥମେ ୧୨ ଘଣ୍ଟାର କାମକୁ ୮ ଘଣ୍ଟାରେ ପରିବର୍ତ୍ତନ କରିଥିଲେ । ଏହାବ୍ୟତୀତ ପ୍ରଥମ ଶ୍ରମ ସମ୍ମିଳନୀ, ଶ୍ରମ ଆଇନଗୁଡ଼ିକର ସଂଶୋଧନ କରି ଶ୍ରମିକ ଅନୁକୂଳ ଏବଂ କଲ୍ୟାଣ ପାଇଁ ଅନେକ କାର୍ଯ୍ୟ କରିଛନ୍ତି ଆମ୍ବେଦକର । କୃଷିକୁ ଶିଳ୍ପର ମାନ୍ୟତା ଦେବା ପାଇଁ ପ୍ରଥମେ ଦାବି କରିଥିଲେ ଏବଂ ହଳିଆକୁ ଚାଷ ଜମିର ମାଲିକାନା ପାଇଁ ମଧ୍ୟ ଦାବି କରିଥିଲେ । ବାସ୍ତବିକ ଚାଷୀ ଓ ଶ୍ରମିକ ତାଙ୍କ ବିଷୟ ଅଧିକ ଜାଣିବା ଦରକାର ।

ବାବାସାହେବ ଶିଳ୍ପାଞ୍ଚଳ ବିବାଦୀୟ ଆଇନ -୧୯୪୭ ଏବଂ ସର୍ବନିମ୍ନ ମଜୁରୀ ଆଇନ- ୧୯୪୮ ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ଶ୍ରମ ଆଇନମାନ ଲେଖିଯାଇଛନ୍ତି, ଯାହାଦ୍ୱାରା ଶ୍ରମିକ ସମାଜ ବହୁମାତ୍ରାରେ ଉପକୃତ ହୋଇଛନ୍ତି । ବାବାସାହେବ ଯେତେବେଳେ ଜାତୀୟ ଶ୍ରମ ସମ୍ମିଳନୀର ଅଧ୍ୟକ୍ଷ ଥିଲେ, ସେ ଟିପାର୍ଟିଟେ କମିଟି ଗଠନ କରିଥିଲେ । ସେ ଶ୍ରମିକ ପ୍ରତିନିଧି ଭାବେ ଡବ୍ଲ୍ୟୁ, ବିଏନ୍. ବିଏନ୍ ଗିରିଙ୍କୁ ସୁଯୋଗ ଦେଇଥିଲେ । ଡବ୍ଲ୍ୟୁ, ବିଏନ୍, ବିଏନ୍ ଗିରି ଶ୍ରମିକ ସଂଘନେତାରୁ ରାଷ୍ଟ୍ରପତି ହେବାର ସୌଭାଗ୍ୟ ଲାଭ କରିଥିଲେ । ଡ. ଗିରି ଶ୍ରମିକଙ୍କ ମଙ୍ଗଳ ପାଇଁ ବହୁ ଉପାଦେୟ ପୁସ୍ତକ ରଚନା କରିଥିଲେ । ସେଥିମଧ୍ୟରୁ କୋଟି କୋଟି ଲୋକଙ୍କ ପାଇଁ ନିଯୁକ୍ତି, ଅନ୍ୟଟି ଭାରତରେ ଶ୍ରମିକ ସଂଘ ଆନ୍ଦୋଳନ ବିଷୟରେ ରଚିତ । ଡ. ଗିରି ବାବାସାହେବ ଆମ୍ବେଦକରଙ୍କୁ ବ୍ରହ୍ମପୁର ବୁଲାଇ ଆଣିଥିଲେ । ଆଜି ଆମେ ଯେଉଁ ଚାଷୀ ଓ ଶ୍ରମିକମାନଙ୍କ ସମ୍ମିଳନୀ କରୁଛୁ ସେଠାରେ ଡ. ବାବାସାହେବ ଏବଂ ଡ. ଗିରିଙ୍କ ଫଟୋ ରହିବା କଥା । କାରଣ ସେମାନଙ୍କ ପାଇଁ ଚାଷୀ ଓ ଶ୍ରମିକମାନେ ସମାଜରେ ଉପଯୁକ୍ତ ସ୍ଥାନ ପାଇଛନ୍ତି ।

ବାବାସାହେବ ମଧ୍ୟ ଶ୍ରମିକମାନଙ୍କ ସ୍ୱାର୍ଥ ପାଇଁ ଭାରତର ସମ୍ବିଧାନରେ ବ୍ୟବସ୍ଥା କରିଛନ୍ତି । ତାହା ହେଲା ଧାରା ୧୫(୩), ୨୧, ୨୩, ୨୪, ୩୯(ଉ), (ଔ), ୪୧, ୪୨, ୪୩(କ), ୪୫, ୪୬ ଏବଂ ୪୭ । ୨୦୧୬ ଜୁଲାଇରେ କେନ୍ଦ୍ର ସରକାର ସଂସଦରେ କହିଥିଲେ ଯେ, ୧୫ ବର୍ଷ ମଧ୍ୟରେ ଗୋତି ଶ୍ରମିକ ପ୍ରଥାରେ ସମ୍ପୂର୍ଣ୍ଣ ବିଲୋପନ ସକାଶେ ୨୦୩୦ ସୁଦ୍ଧା ୧ କୋଟି ୮୦ ଲକ୍ଷ ଗୋତି ଶ୍ରମିକଙ୍କୁ ଚିହ୍ନଟ କରି ସେମାନଙ୍କୁ ମୁକ୍ତି କରିବା ପରେ ପୁନଃ ଥଇଥାନ କରାଯିବ । ୧୯୮୭ ରୁ ୨୦୨୩ ମଧ୍ୟରେ ସମୁଦାୟ ୩, ୧୫, ୩୦୨ ଗୋତି ଖଟିବାର ଅମାନବୀୟ ବାଧ୍ୟବାଧକତାରୁ ମୁକ୍ତ କରାଯାଇ ସେମାନଙ୍କ ମଧ୍ୟରୁ ୯୪% ସଫଳ ଭାବେ ପୁନଃ ଥଇଥାନ କରାଯାଇଛି ।

ବାବାସାହେବ ଶ୍ରମିକ କଲ୍ୟାଣ ପାଇଁ ସ୍ୱାଧୀନ ଭାରତରେ ଯେଉଁ ମୂଳଦୁଆ ପକାଇଥିଲେ ତାହା ଉପରେ ତାଙ୍କ ଅବର୍ତ୍ତମାନରେ ମଧ୍ୟ ଶ୍ରମିକଙ୍କ କଲ୍ୟାଣ ପାଇଁ ଅନେକ ଆଇନ ପ୍ରଣୀତ ହୋଇଛି । ଗୋତି ଶ୍ରମିକଙ୍କ କଲ୍ୟାଣ ପାଇଁ ବଣ୍ଡେଡ୍ ଶ୍ରମିକ (ଉଚ୍ଛେଦ) ଆଇନ ୧୯୭୬ ରହିଛି । ଅଶୀ ଦଶକରେ ଗୋତିମୁକ୍ତି ଆନ୍ଦୋଳନର କର୍ଣ୍ଣଧାର ମହାନ ଦାର୍ଶନିକ ଏବଂ ମାନବିକ ଅଧିକାର କର୍ମୀ ସ୍ୱାମୀ ଅଗ୍ନିବେଶ ଗଠନ କରିଥିଲେ 'ବନ୍ଧୁଆ ମୁକ୍ତି ମୋର୍ଚ୍ଚା' । ସେ ବ୍ରହ୍ମପୁର ମେଡିକାଲରେ ଜନ୍ମଗ୍ରହଣ କରିଥିଲେ । ସେହିପରି ଦାଦନ ଶ୍ରମିକଙ୍କ ପାଇଁ ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ (ଆରଇ ଓ ସିଏସ) ଆଇନ ୧୯୭୯ କାର୍ଯ୍ୟକାରୀ ହୋଇଛି । ୨୦୧୧ ଜନଗଣନା ଅନୁଯାୟୀ ଭାରତରେ ୪୫.୬ କୋଟି ଦାଦନ ଶ୍ରମିକ ଥିବା ଜଣାଯାଏ । ନିର୍ମାଣ ଶ୍ରମିକଙ୍କ ପାଇଁ ମଧ୍ୟ ବିଓସି ଡବ୍ଲୁଡବ୍ଲ୍ୟୁ (ଆରଇ ଓ ସିଏସ) ଆଇନ୍ ୧୯୯୬ ଏବଂ ଏହା ସହିତ ଓଡ଼ିଶାର ଯୋଜନା କାର୍ଯ୍ୟକାରୀ ହୋଇଛି । ମତ୍ସ୍ୟଜୀବୀମାନେ ହେଲେ ଅଣସଂଗଠିତ ଶ୍ରମିକ । ଏମାନଙ୍କ ପାଇଁ ବୀମା ବ୍ୟବସ୍ଥା ଅଛି । ସେମାନଙ୍କ କଲ୍ୟାଣ ପାଇଁ ଜାତୀୟ ମତ୍ସ୍ୟନୀତି -୨୦୨୦ ପ୍ରଣୀତ ହୋଇଛି । ସରକାର କମ୍ପେଣ୍ଡିଅମ୍ ଅଫ୍ ଗାଇଡଲାଇନ୍ ଅଣ୍ଡର ପିଏମଏମଏକୱାଇ ଯୋଜନା ପ୍ରସ୍ତୁତ କରିଛନ୍ତି ।

(ପ୍ରାକ୍ତନ ଉପ-ଶ୍ରମକମିଶନର)
ଭୁବନେଶ୍ୱର, ମୋ: ୮୦୯୩୧୮୪୨୮୮

## ଓଡ଼ିଆ ନାଟକର ରୈବତକ ରାମଶଙ୍କର

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ସାହିତ୍ୟ ସରିତ୍

ଓଡ଼ିଆ ନାଟକକୁ ଏକ ସୁଦୃଢ଼ ପାର୍ବତ୍ୟ-ଶକ୍ତି ଭାବରେ ପ୍ରତିଷ୍ଠିତ ତଥା ମହିମାନ୍ୱିତ କରିଦେଇ ପାରିଲେ ଯିଏ, ସେ ହେଉଛନ୍ତି ରାମଶଙ୍କର ରାୟ । କଲେଜ ଛାତ୍ର ଥିବା ବେଳେ ହିଁ ତାଙ୍କ ହୃଦୟରେ ସୃଷ୍ଟି ହୋଇଥିଲା ତୁମୁଳ ଆଲୋଡ଼ନ । ବଙ୍ଗଳା ନାଟକ ଦେଖିବାରେ ଅଭ୍ୟସ୍ତ ଚିତ୍ତବିନୋଦନ-ପ୍ରିୟ ଦର୍ଶକମଣ୍ଡଳୀଙ୍କ ଚେତନାରେ ନବୀନ ସ୍ୱାଭିମାନ ଜାଗରଣ ନିମିତ୍ତ ତାଙ୍କ ଅନ୍ତଃସତ୍ତା ହୋଇଯାଇଥିଲା ସଂକଳ୍ପବଦ୍ଧ । କେବଳ ମନୋରଞ୍ଜନ ସକାଶେ କିପରି ବା ଲେଖିପାରନ୍ତେ ନାଟକ ଏପରି ତଲ୍ଲୀନତରୁଣ? ତାଙ୍କ ହୃଦୟର ଉଚ୍ଚାକାଂକ୍ଷା ଉଦ୍‌ବେଳିତ ହୋଇ ଉଠୁଥିଲା ଯେଉଁ ପ୍ରଚଣ୍ଡ ତାଣ୍ଡବରେ ତାହା ଥିଲା ନୂତନ ଯୁଗସୃଷ୍ଟିର ବଳିଷ୍ଠ ସଂକେତ । ଜାତୀୟତାବୋଧର ମହାମନ୍ତ୍ରରେ ଦୀକ୍ଷିତ ରାମଶଙ୍କର ଏପରି କଥାବସ୍ତୁ-ସମୃଦ୍ଧ ନାଟକ ରଚନା ଓ ଉପସ୍ଥାପନା କରିବାକୁ ଥିଲେ ପ୍ରସ୍ତୁତ, ଯାହା ଏ ଜାତିର ଚିନ୍ତନ ମନନକୁ କରିଦେଇପାରେ ପ୍ରଶସ୍ତତର ।

ଗୋଟିଏ ରାତ୍ରିରେ 'କାଞ୍ଚିକାବେରୀ' ନାଟକର ଅଭିନୟ ସରିଯାଏ ସିନା; ମାତ୍ର ଏଥିପାଇଁ ଯୁଗସ୍ରଷ୍ଟା ରାମଶଙ୍କରଙ୍କ କେତେ ବିନିଦ୍ର ରଜନୀ ଉଦଯାପିତ ହୋଇଥିବ ତାହା କ'ଣ ସହଜରେ କଳ୍ପନା କରାଯାଇପାରେ? ପୁରୁଷୋତ୍ତମ ଦେବଙ୍କ ପରି ଚରିତ୍ରଠାରୁ ଆଉ କେଉଁ ଚରିତ୍ର ହୋଇପାରନ୍ତି ଏପରି ପ୍ରାଣବନ୍ତ, ଯିଏ ଦର୍ଶକମାନଙ୍କ ରକ୍ତପ୍ରବାହକୁ କରିଦେଇପାରନ୍ତି ପ୍ରଖର ଓ ଅପୂର୍ବ ଉଷ୍ମତାରେ ତେଜପୂର୍ଣ୍ଣ! ଶ୍ରୀଜଗନ୍ନାଥ ନାଟକର ମୂଳ ଉତ୍ସ । ଏପରି ଗୋଟିଏ ନାଟକର ସୃଜନ ସକାଶେ ଲେଖକ ଯେପରି ଅସଂଖ୍ୟ ରାତ୍ରି ଉଜାଗର ରହିପାରନ୍ତି, ନାଟକ ଦେଖି ସାରିବା ପରେ ସେହିପରି ଅଗଣିତ ଦର୍ଶକଙ୍କ ଆଖିରୁ ହଜି ଯାଇପାରେ ଯୁଗଯୁଗର ଜଡ଼ତା, ନିଦ୍ରାମଗ୍ନତା, ସ୍ଥାଣୁତା ଆଉ ଅଚେତନତା । ଏହାର ଚିରସ୍ଥାୟୀ ଦୃଷ୍ଟାନ୍ତ ପ୍ରୋଥିତ କରିଦେଲେ ରାମଶଙ୍କର ।

ଏକବିଂଶ ଶତାବ୍ଦୀରେ ମଧ୍ୟ 'କାଞ୍ଚିକାବେରୀ'ଏକ କ୍ଲାସିକ କୃତି ଭାବରେ ଲାଭ କରିଛି ଅମାପ ଶ୍ରଦ୍ଧା ଓ ସମ୍ମାନ । ରାମଶଙ୍କର ରଚନା କଲେ 'ବନବାଳା', 'କଳିକାଳ', 'ରାମ ବନବାସ', 'ବୁଢ଼ାବର', 'ବିଷମୋଦକ', 'ଚୈତନ୍ୟ ଲୀଳା' ଆଦି ପ୍ରାୟ ତିରିଶ ନାଟକ । ସବୁଥିରେ ରହିଛି ଆଧୁନିକ ସମାଜ ଗଠନର ପରିକଳ୍ପନା ଓ ପ୍ରତିଶ୍ରୁତିବଦ୍ଧତା । ତାଙ୍କ ସୁଦୀପ୍ତ ଜାତୀୟତା-ଉଦବୋଧକ ସାମାଜିକ ଅଙ୍ଗୀକାରବଦ୍ଧତା ରହିଛି ତେଣୁ ଅମ୍ଳାନ ।

ରଙ୍ଗମଞ୍ଚ ପରିଚାଳନା ହେଉ କିମ୍ବା ନାଟ୍ୟ ରଚନା, ତା'ପଛରେ ନଥିଲା ଅର୍ଥ ଉପାର୍ଜନର ଉଦ୍ଦେଶ୍ୟ । ଏ ଦିଗରେ ସେ ଥିଲେ ଉତ୍ସର୍ଗୀକୃତ ଆଲୋକବର୍ତ୍ତିକା ସଦୃଶ । ପୁରାଣ ପ୍ରସିଦ୍ଧ ରୈବତକ ପର୍ବତ ପରି ଥିଲେ ସେ ଅଟଳ ଓ ଶୁଭଙ୍କର କଲ୍ୟାଣମୟ ବିଶାଳତାର ବିସ୍ମୟ । ପୁରୁଷୋତ୍ତମ-ପଦ୍ମାବତୀ କୈନ୍ଦ୍ରିକ ଜନଶ୍ରୁତି ସୁଖକର କାହାଣୀ ଆଧାରରେ ଉତ୍କଳର ଐତିହାସିକ ଗୌରବଦୀପ୍ତ ଅଧ୍ୟାୟକୁ ଯେଉଁ ଶୈଳ୍ପିକ ମର୍ଯ୍ୟାଦାର ସହ ଉପସ୍ଥାପନା କଲେ ସେ 'କାଞ୍ଚିକାବେରୀ'ରେ, ତାହାହିଁ ତେଣୁ ଆଦୃତ ହେଲା ପ୍ରଥମ ଆଧୁନିକ ଓଡ଼ିଆ ନାଟକ ଭାବରେ । ଆଧୁନିକତା କହିଲେ ଜଗତରେ ଘଟିଚାଲିଥିବା ସମସ୍ତ ପରିବର୍ତ୍ତନ ସତ୍ତ୍ୱେ ହୃଦୟକୁ ଯାହା ନିରନ୍ତର ମଣ୍ଡିତ କରିବାକୁ ସମର୍ଥ ବୋଲି ଯଦି କୁହାଯାଏ, ତା' ହେଲେ 'କାଞ୍ଚିକାବେରୀ' ଏକବିଂଶ ଶତାବ୍ଦୀରେ ମଧ୍ୟ ଆଧୁନିକ ନାଟ୍ୟକୃତିର ସମ୍ମାନ ଲାଭ କରିବ । ୧୮୮୦ମସିହାରେ ରଚିତ ଏ ନାଟକର କଳାତ୍ମକ କୌଶଳ ହୋଇପାରେ କି ସଂହତ, ସଂଳାପ ହୋଇପାରେ କି ଅନ୍ତର୍ଭେଦୀ, ସୌନ୍ଦର୍ଯ୍ୟ ବିମଣ୍ଡିତ ଓ ସରସ ତାହା ନବ ନବ ଉନ୍ମୋଚନର ଅପେକ୍ଷା ରଖେ ।

ନିଜସ୍ୱ ମୌଳିକ ପ୍ରତିଭାର ଦ୍ୟୁତିରେ ତାଙ୍କ ନାଟ୍ୟସମଗ୍ର ଭାସ୍ୱର । ରାମଶଙ୍କର କେବଳ ପ୍ରଥମ ଆଧୁନିକ ଓଡ଼ିଆ ନାଟକର ପ୍ରଣେତା ଭାବରେ ଯେ ସ୍ମରଣୀୟ ସେତିକି ନୁହେଁ, ସେ ମଧ୍ୟ ହେଉଛନ୍ତି ପ୍ରଥମ ଆଧୁନିକ ରଙ୍ଗମଞ୍ଚର ସଫଳ ନିର୍ମାତା । ଏପରି ଜଣେ ସମର୍ପିତ ମହାନ ଶିଳ୍ପୀ ଓଡ଼ିଆ ଜାତିଠାରୁ ଯେଉଁ ପ୍ରୋତ୍ସାହନ, ପ୍ରେରଣା ଓ ସୁଦୃଢ଼ ସମର୍ଥନ ସହ ମୁକ୍ତହସ୍ତର ଆର୍ଥିକ ସହାୟତା ପାଇବା କଥା ତାହାର ବ୍ୟତିକ୍ରମ ପରିଲକ୍ଷିତ ହୋଇଥାଏ । ଅଥଚ କୋଠପଦାର ଜଣେ ମହନ୍ତ ନିଜକୁ ଅନ୍ତରାଳରେ ରଖି ଯେପରି ଅଯାଚିତ ଭାବରେ ଦେଇଚାଲିଥିଲେ ଅଜସ୍ର ଅର୍ଥ ତାହା ତ ସତକୁ ସତ ଈଶ୍ୱର-ଦତ୍ତ । ଓଡ଼ିଆ ନାଟକ ରଚନାରେ ରାମଶଙ୍କର ନିଜକୁ ସମର୍ପିତ କରି ଓଡ଼ିଶାର ସାମାଜିକ ଜୀବନର ଦୃଶ୍ୟାୟନରେ ଯେଉଁ ପରିବର୍ତ୍ତନ ଆଣି ପାରିଛନ୍ତି, ସେଥିପାଇଁ ସେ ଆମ ଚିର ପ୍ରଣମ୍ୟ ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉକ୍ତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୧୩ ମୃତ...

୪୫ ବର୍ଷ ତଳ ନିର୍ମିତ ଏହି ପୋଲ ମଧ୍ୟ ଗୁଜରାଟକୁ ସୌରାଷ୍ଟ୍ର ସହ ଯୋଡୁ ଥିଲା। ଏହି ଦୁର୍ଘଟଣା ପାଇଁ ସ୍ଥାନୀୟ ଲୋକେ ପ୍ରଶାସନକୁ ଦାୟୀ କରିଛନ୍ତି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଥିଲେ। ମାତ୍ରରେ ଏଥିରେ ପ୍ରଶାସନ ଏବଂ ଅଧିକାରୀମାନେ କୌଣସି ସହାୟତା କରି ନ ଥିଲା। ଦୀର୍ଘ ସମୟ ପରେ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଥିଲା।

୪୫ ବର୍ଷ ତଳର ପୁରୁଣା ଏହି ପୁରୁଣା ପୋଲ ମରାମତି ପାଇଁ ବାରମ୍ବାର ପ୍ରଶାସନକୁ ସୂଚନା ଦିଆଯାଇଥିଲା। କିନ୍ତୁ ପ୍ରଶାସନ ନିଦାବିଷ୍ଟୁ ପାଲଟି ଯାଇଥିଲା। ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ଆଜି ଏଭଳି ଦୁର୍ଘଟଣା ଘଟିଲା। ଏହି ଦୁର୍ଘଟଣା ପାଇଁ ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ଦାୟୀ। ଏହି ଦୁର୍ଘଟଣାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଗଭୀର ଶୋକ ପ୍ରକାଶ କରିଛନ୍ତି। ମୋଦୀ ପିଏମଏନଆରଏଫ ପାଣ୍ଠିରୁ ମୃତକଙ୍କ ସମ୍ପର୍କୀୟଙ୍କୁ ୨ ଲକ୍ଷ ଟଙ୍କା ଲେଖାଏଁ ଏବଂ ଆହତଙ୍କୁ ୫୦ ହଜାର ଲେଖାଏଁ ଅନୁକମ୍ପାମୂଳକ ସହାୟତା ଦେବାକୁ ଘୋଷଣା କରିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ମୃତକଙ୍କ ପରିବାର ପାଇଁ ୪ ଲକ୍ଷ ଟଙ୍କା ଏବଂ ଆହତଙ୍କ ଲାଗି ୫୦ ହଜାର ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ସେ ମାମଲାର ତଦନ୍ତ ନିର୍ଦ୍ଦେଶ ଦେଇ ବିସ୍ତୃତ ରିପୋର୍ଟ ମାଗିଛନ୍ତି। ଦୁର୍ଘଟଣାକୁ ୮ ଘଣ୍ଟାରୁ ଅଧିକ ସମୟ ବିତି ଯାଇଥିଲେ ବି ତେଲ ଟ୍ୟାଙ୍କର ସେମିତି ଫସି ରହିଛି। ଡ୍ରାଇଭର ସେଥିରୁ ସୁରକ୍ଷିତ ଭାବେ ବାହାରି ଆସି ଯାଇଛନ୍ତି। ତେବେ ସେ ନିଖୋଜ ଅଛନ୍ତି।

## ଉଦ୍‌ଘାଟନ ପୂର୍ବରୁ...

ଏଥିଯୋଗୁଁ କାଟଲି ନଦୀ ଫୁଲି ଯାଇଥିଲା। ଏହା ପ୍ରଖର ସୁଅ ନୂଆ କରି ନିର୍ମାଣ ହୋଇଥିବା ଏହି ରାସ୍ତାକୁ ଧୋଇ ନେଇଥିଲା। ରାସ୍ତା ବଡ଼ ଅଂଶ ନଦୀରେ ମିଶି ଯାଇଥିଲା। ଏହାର ଭିଡିଓ ଖୁବ ଭାଇରାଲ ହେବାରେ ଲାଗିଛି। ନିମ୍ନମାନର କାର୍ଯ୍ୟ ପାଇଁ ଏପରି ହେଲା ବୋଲି ସ୍ଥାନୀୟ ଅଧିବାସୀ ଅଭିଯୋଗ କରିଛନ୍ତି। ରାସ୍ତାର ଧୋଇଥିବା ଅଂଶରେ ଖାଲି ବାଲି ଥିବା ଦେଖାଯାଉଛି। ତଳେ ଖାଲି ବାଲି ଭର୍ତ୍ତି କରି ଉପରେ ପିଚୁ ପକାଇ ଦିଆଯାଇଥିବା ଅଭିଯୋଗ ହୋଇଛି।

## ପରିବହନ ବନ୍ଦ..

ରାଜ୍ୟରେ ପ୍ରତିଦିନ ପ୍ରାୟ ୩୬ ଲକ୍ଷ ଲିଟର ପେଟ୍ରୋଲ ଓ ୮୫ ଲକ୍ଷ ଲିଟର ଡିଜେଲ ବିକ୍ରି ହୋଇଥାଏ । କେବଳ ଭୁବନେଶ୍ୱର ସହରରେ ଉପଭୋକ୍ତାମାନେ ଦୈନିକ ୩ ଲକ୍ଷ ୧୨ ହଜାର ଲିଟର ପେଟ୍ରୋଲ ଓ ୨ ଲକ୍ଷ ୧୫ ହଜାର ଲିଟର ଡିଜେଲ ବ୍ୟବହାର କରିଥାଆନ୍ତି । ତେଣୁ ସାଧାରଣତଃ ଭାବେ ରାଜ୍ୟର ଟାଙ୍କିଗୁଡିକ ଦୁଇ ଦିନ ପାଇଁ ତେଲ ମହଜୁଦ ରଖିଥାଆନ୍ତି। ଆନ୍ଦୋଳନ ଯୋଗୁଁ ଯୋଗୁ ଡିପୋଗୁଡିକରୁ ଟ୍ୟାଙ୍କର ଆସି ପହଞ୍ଚିବାରେ ସମସ୍ୟା ଉପୁଜିଛି ଓ ଅଧିକାଂଶ ଟାଙ୍କି ଖାଲି ହୋଇ ଯାଇଛି ।

ଏ ସମ୍ପର୍କରେ ସର୍ବଭାରତୀୟ ପେଟ୍ରୋଲିୟମ୍ ଡିଲର୍ସ ମହାସଂଘର ମହାସଚିବ ସଞ୍ଜୟ ଲାଠ୍ କହିଛନ୍ତି ଯେ, ଡ୍ରାଇଭରଙ୍କ ଷ୍ଟିଅରିଂ ଛାଡ ଆନ୍ଦୋଳନ ଯୋଗୁ ବର୍ତ୍ତମାନ ପରିସ୍ଥିତି ସଙ୍ଗୀନ୍ ରହିଛି। ଆଜି ରାତି ସୁଦ୍ଧା ଟାଙ୍କିରେ ତେଲ ଟ୍ୟାଙ୍କର ନ ପହଞ୍ଚିଲେ ପରିସ୍ଥିତି ଅଣାୟତ୍ତ ହେବ। ଗୁରୁବାର ସକାଳ ୧୦ଟା ପରେ ଚାରିଆଡେ ତେଲ ଶେଷ ହୋଇଯିବ। ଏ ସମ୍ପର୍କରେ ପେଟ୍ରୋଲିୟମ୍ ଡିଲର୍ସ ମହାସଂଘ ରାଜ୍ୟ ସରକାରଙ୍କୁ ଅବଗତ କରାଇସାରିଛି। ଆଜି ପାରାଦୀପରୁ ଭୁବନେଶ୍ୱର ଆସୁଥିବା ତେଲ ଟ୍ୟାଙ୍କରକୁ ଜଗତ୍‌ସିଂହପୁରଠାରେ ଅଟକାଇ ଦିଆଯାଇଛି। ଫଳରେ ସାରା ରାଜ୍ୟରେ ପରିସ୍ଥିତି ଅଣାୟତ୍ତ ହେବାକୁ ଯାଉଛି। ଏକପକ୍ଷରେ ପେଟ୍ରୋଲିୟମ ସାମଗ୍ରୀର ଅଭାବ ପରିବହନ ବ୍ୟବସ୍ଥାକୁ କେବଳ ବାଧାପ୍ରାପ୍ତ କରିବ ନାହିଁ; ସାମଗ୍ରୀ ବ୍ୟବହାର ମଧ୍ୟ ବାଧାପ୍ରାପ୍ତ ହେବ । ଫଳରେ ଅନ୍ୟାନ୍ୟ ସାମଗ୍ରୀର ମୂଲ୍ୟବୃଦ୍ଧି ହେବ ଓ ବଜାରରେ ଖାଦ୍ୟ ସାମଗ୍ରୀ ମଧ୍ୟ ମିଳିବ ନାହିଁ ।

## ଡ୍ରାଇଭର ମହାସଂଘ...

ସଙ୍ଘ ସହ ବୈଠକ ପରେ ପରିବହନ ମନ୍ତ୍ରୀ ଶ୍ରୀ ଜେନା ଡ୍ରାଇଭରମାନଙ୍କ ଦାବି ପୂରଣ ଦିଗରେ କାର୍ଯ୍ୟ କରାଯିବ ବୋଲି କହିଥିଲେ। ବିଭିନ୍ନ ଶିଳ୍ପରେ ଡ୍ରାଇଭରଙ୍କୁ ନିଯୁକ୍ତି, ରାଜ୍ୟ ରାଜପଥରେ ସେମାନଙ୍କ ପାଇଁ ରେଷ୍ଟ ରୁମ ଆଦି ନିର୍ମାଣ କରିବା ଦିଗରେ ଆଲୋଚନା ହୋଇଛି ବୋଲି ଉଲ୍ଲେଖ କରି ସେମାନେ ଆନ୍ଦୋଳନରୁ ଓହରିଯିବେ ବୋଲି କହିଥିଲେ। ସରକାର କୌଣସି ଲିଖିତ ପ୍ରତିଶ୍ରୁତି ନ ଦେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଂଘର କୋଷାଧ୍ୟକ୍ଷ କହିଛନ୍ତି।

ମହାସଂଘ ପକ୍ଷରୁ ରହିଥିବା ଦାବି ମଧ୍ୟରେ ଡ୍ରାଇଭର ଉନ୍ନୟନ ବୋର୍ଡରେ ଅଟୋ ଚାଳକଙ୍କୁ ସାମିଲ କରିବା ସହ ଜନ ସାଧାରଣଙ୍କ ଆକ୍ରୋଶର ଶିକାର ହେଉଥିବା ଡ୍ରାଇଭରଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ୍, ୬୦ ବର୍ଷ ପରେ ଭତ୍ତା, ଗାଡ଼ି ପାଇଁ ପାର୍କିଂ ସ୍ଥଳି ଓ ଡ୍ରାଇଭରଙ୍କ ବିଶ୍ରାମ ପାଇଁ ସ୍ଥାନ, ଖଣି ଖାଦାନ ଏବଂ କାରଖାନାରେ ୭୦ ପ୍ରତିଶତ ଓଡ଼ିଆ ଡ୍ରାଇଭର ନିଯୁକ୍ତି ଓ ସେପ୍ଟେମ୍ବର ୧କୁ ଡ୍ରାଇଭର ଦିବସ ଘୋଷଣା ଦାବି କରିଛନ୍ତି। ପୂର୍ବରୁ ବିଜେଡି ସରକାର ସମୟରେ ଡ୍ରାଇଭରମାନଙ୍କ ପାଇଁ କଲ୍ୟାଣ ବୋର୍ଡ ଗଠନ ହୋଇଛି। ମାତ୍ର ନିର୍ବାଚନ ଯୋଗୁଁ ଡ୍ରାଇଭରମାନଙ୍କ ଅନ୍ୟ ଦାବି ପୂରଣ ହୋଇ ପାରି ନ ଥିଲା। ତେଣୁ ଅବଶିଷ୍ଟ ଦାବିଗୁଡ଼ିକ ପୂରଣ ପାଇଁ ଡ୍ରାଇଭର ସଂଘ ଦାବି କରିଛି।

ଅନ୍ୟପକ୍ଷରେ କେତେକ ସ୍ଥାନରେ ଅନ୍ୟ ଯାତ୍ରୀବାହୀ ଗାଡ଼ିଗୁଡ଼ିକୁ ଡ୍ରାଇଭର ସଂଘ ହଇରାଣ କରୁଥିବା ଅଭିଯୋଗ ହୋଇଛି। ତେଣୁ କୌଣସି ସ୍ଥାନରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ କରିବାକୁ ସଂଘର ସଭାପତି ସଦସ୍ୟମାନଙ୍କୁ ଅନୁରୋଧ କରିଛନ୍ତି । ଏହାସହିତ ଯେଉଁ ସ୍ଥାନରେ ଅଧିକ ସଂଖ୍ୟକ ଡ୍ରାଇଭର ଏକତ୍ରିତ ହେଉଛନ୍ତି, ସେଠାରେ ରକ୍ତଦାନ ଶିବିରମାନ ଆୟୋଜନ କରିବାକୁ ସଂଘ ପକ୍ଷରୁ ନିଷ୍ପତ୍ତି ହୋଇଛି।

## ଓଡ଼ିଶାରେ 'ଭାରତ ବନ୍ଦ'...

ଶ୍ରମିକଙ୍କ ସମେତ ବିଭିନ୍ନ ସଂଗଠନ ପକ୍ଷରୁ ପଟୁଆର ,ଧାରଣା, ପିକେଟିଂ, ରାସ୍ତା ଓ ରେଳ ଅବରୋଧ କରାଯାଇଥିଲା। ମୋଦୀ ସରକାର ବିରୋଧରେ ନାରାବାଜି କରିବା ସହ ତୁରନ୍ତ ସେମାନଙ୍କର ନ୍ୟାଯ୍ୟ ଦାବି ପୂରଣ କରିବାକୁ ସଂଗଠନର କର୍ମକର୍ତ୍ତା ଦାବି କରିଥିଲେ। ସେହିପରି ଭାବେ ଶହ ଶହ ସଂଖ୍ୟାରେ ଶ୍ରମିକଓଡ଼ିଶାର ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଓ କାରଖାନା ଗେଟ୍ ସାମ୍ନାରେ ବିକ୍ଷୋଭ ଓ ପିକେଟିଂ ପ୍ରଦର୍ଶନ କରିଥିଲେ। ଆନ୍ଦୋଳନ କାରଣରୁ କିଛି ସମୟ ପାଇଁ ସାଧାରଣ ଲୋକଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଏହି ଭାରତ ବନ୍ଦକୁ ବିଜୁ ଜନତା ଦଳର ଛାମୁଆ ସଂଗଠନ ବିଜୁ ଶ୍ରମିକ ସାମ୍ମୁଖ୍ୟ ସମର୍ଥନ ଜଣାଇବା ସହ ଆନ୍ଦୋଳନକୁ ଓହ୍ଲାଇଥିବା ଜଣାପଡ଼ିଛି। ରାଜ୍ୟ ବିଜୁ ଶ୍ରମିକ ସାମ୍ମୁଖ୍ୟ ସଭାପତି ପ୍ରଫୁଲ୍ଲ ସାମଲଙ୍କ ସମେତ ସଂଗଠନର ଅନେକ କର୍ମକର୍ତ୍ତା ଗିରଫ ହୋଇଥିଲେ। ଅପରପକ୍ଷେ ଏହି ଆନ୍ଦୋଳରେ ସିପିଆଇ(ଏମଏଲ) ରେଡଷ୍ଟାର ରାଜ୍ୟ କମିଟିର ୫ ଜଣ ସଦସ୍ୟ ଗିରଫ ହୋଇଥିବା ବେଳେ ବିଭିନ୍ନ ସ୍ଥାନରେ ଆନ୍ଦୋଳନକାରୀଙ୍କୁ ଗିରଫ କରି ପରେ ପୁଲିସ ସେମାନଙ୍କୁ ନୋଟିସ ଦେଇ ଛାଡ଼ିଥିବା ଜଣାପଡ଼ିଛି। ଏଆଇଟିୟୁସି ପକ୍ଷରୁ କୁହାଯାଇଛି ଯେ ଏହି ସଂଗଠିତ ଧର୍ମଘଟ ଆନ୍ଦୋଳନ ଓଡ଼ିଶାର ଶ୍ରମଜୀବୀ ଲୋକଙ୍କ ଅସନ୍ତୋଷ, ଦାବି ଓ ଆଶାକୁ ପ୍ରତିଫଳିତ କରିଛି। ଆମେ ଏହି ସଫଳତାକୁ ଶ୍ରମିକ-କୃଷକ ଶ୍ରେଣୀ ଏକ ଐତିହାସିକ ଧର୍ମଘଟ ର ସାଫଲ୍ୟ ଭାବେ ବିବେଚନା କରୁଛୁ ବୋଲି ପ୍ରେସ ବିଜ୍ଞପ୍ତିରେ କୁହାଯାଇଛି।

## ମନ୍ତ୍ରୀ ଅସ୍ଥିର...

ମନ୍ତ୍ରୀ ପରିଷଦରେ ୬ଟି ପଦ ଖାଲି ପଡ଼ିଥିବା ବେଳେ ବୋର୍ଡ, ନିଗମ, ଅକାଦେମୀ ଓ କମିଶନରେ ସରକାର ଏଯାବତ୍ ନିଯୁକ୍ତି ଦେଇପାରି ନାହାନ୍ତି। ଦଳର ଛାମୁଆ ନେତାଙ୍କ ମଧ୍ୟରେ ଛକାପଞ୍ଝା, ଗୋଷ୍ଠୀକନ୍ଦଳ ଏବଂ ଲବି ରାଜନୀତି କାରଣରୁ ସମ୍ପ୍ରସାରଣ ଓ ନିଯୁକ୍ତି ପ୍ରକ୍ରିୟା ବିଳମ୍ବିତ ହେବାରେ ଲାଗିଛି। ତେବେ ମନମୋହନ ଦଳରେ ପୁନର୍ବାର ଦାୟିତ୍ୱ ନେବା ପରେ ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ ସହ ନିଗମ ନିଯୁକ୍ତି ଶୀଘ୍ର କରାଯିବାର ଯଥେଷ୍ଟ ସମ୍ଭାବନା ରହିଛି। ଅନ୍ୟ ଏକ ସୂଚନା ଅନୁଯାୟୀ ସମ୍ପ୍ରସାରିତ ମନ୍ତ୍ରିମଣ୍ଡଳର ସ୍ୱରୂପ ପୂର୍ବରୁ ନିର୍ଦ୍ଧାରିତ ହୋଇ ରହିଛି। ଦଳରେ ଲୋକସଭା ଆସନୱାରୀ ପ୍ରତିନିଧିତ୍ୱକୁ ଗୁରୁତ୍ୱ ମିଳିବାକୁ ଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଚଳିତ ସପ୍ତାହରେ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ସଭାପତି ମନ୍ତ୍ରିମଣ୍ଡଳର ଚୂଡ଼ାନ୍ତ ସ୍ୱରୂପ ନେଇ ଏକ କବାଟକିଳା ବୈଠକ କରିପାରନ୍ତି। ବୈଠକରେ ଚୂଡ଼ାନ୍ତ ନିଷ୍ପତ୍ତି ପରେ ଆସନ୍ତା ସପ୍ତାହରେ ସମ୍ପ୍ରସାରଣ କରାଯିବ। ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପରେ ନିଗମ, ବୋର୍ଡ, ଅକାଦେମୀ ଏବଂ ଅନ୍ୟାନ୍ୟ ନିଯୁକ୍ତି ନେଇ ପରବର୍ତ୍ତୀ କାର୍ଯ୍ୟପନ୍ଥା ସ୍ଥିର କରାଯିବ ବୋଲି ଜଣାପଡ଼ିଛି।

## ପଞ୍ଚମ, ଅଷ୍ଟମରେ...

ଦିଆଯିବ। ପରୀକ୍ଷାଫଳ ପ୍ରକାଶ ପାଇବାର ଦୁଇମାସ ମଧ୍ୟରେ ପରୀକ୍ଷା ହେବ। ଦ୍ୱିତୀୟ ପରୀକ୍ଷାରେ ମଧ୍ୟ ପାସ୍ କରି ନପାରିଲେ, ସେମାନଙ୍କୁ ପୁନଃ ସେହି ଶ୍ରେଣୀରେ ପଢ଼ିବାକୁ ହେବ। ହେଲେ ପ୍ରାଥମିକ ଶିକ୍ଷା ପୂର୍ବରୁ କୌଣସି ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟରୁ ବାହାର କରାଯିବ ନାହିଁ ବୋଲି ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି।

ପୁଣିଥରେ ପାସ୍-ଫେଲ୍ ବ୍ୟବସ୍ଥାକୁ ଶିକ୍ଷାବିତ୍‌ମାନେ ସ୍ୱାଗତ କରିଛନ୍ତି। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍‌ଇ) ପୂର୍ବତନ ଉପାଧ୍ୟକ୍ଷ କମଳାକାନ୍ତ ମହାପାତ୍ର କହିଛନ୍ତି ଯେ ପାସ୍-ଫେଲ୍ ବ୍ୟବସ୍ଥା ନଥିବାରୁ ପିଲାଙ୍କ ମଧ୍ୟରେ ଦାୟିତ୍ୱହୀନତା ବଢୁଥିଲା। ପାଠପଢ଼ା ପ୍ରତି ଆଗ୍ରହ କମୁଥିଲା। ପରୀକ୍ଷାରେ ଫେଲ୍ ହେବାର ଆଶଙ୍କା ନଥିବାରୁ ମୋବାଇଲ୍ ପ୍ରତି ଅହେତୁକ ଆଗ୍ରହ ଦେଖାଉଥିଲେ। ନୂତନ ବ୍ୟବସ୍ଥା ଏଥିରେ ପରିବର୍ତ୍ତନ ଆଣିବ। ପିଲାଙ୍କୁ ପାଠ ପ୍ରତି ଆଗ୍ରହୀ କରିବା ସହ ଶୈକ୍ଷିକ ଦକ୍ଷତା ବଢ଼ାଇବାରେ ସହାୟକ ହେବ। ପିଲାଙ୍କୁ ଚାପ ନଦେଇ ଶିକ୍ଷାପ୍ରତି ଆକୃଷ୍ଟ କରିବା ପାଇଁ ଏହା ଉତ୍ତମ ପ୍ରୟାସ। ପ୍ରତିଦ୍ୱନ୍ଦ୍ୱିତାମୂଳକ ପରୀକ୍ଷା ପାଇଁ ସେମାନଙ୍କୁ ପ୍ରସ୍ତୁତ କରିବା ସହ ଜାତୀୟ ସ୍ତରରେ ମଧ୍ୟ ଉତ୍ତମ ପ୍ରଦର୍ଶନ କରିପାରିବେ। ପଞ୍ଚମ ଓ ଅଷ୍ଟମରେ ବାର୍ଷିକ ପରୀକ୍ଷା ବଦଳରେ ବୋର୍ଡ ପରୀକ୍ଷା କରାଗଲେ, ଛାତ୍ରଛାତ୍ରୀମାନେ ଅଧିକ ସଜାଗ ହେବା ସହ ସ୍ୱଚ୍ଛତା ମଧ୍ୟ ରହିବ ବୋଲି ଶ୍ରୀ ମହାପାତ୍ର ମତବ୍ୟକ୍ତ କରିଛନ୍ତି।

ଅପରପକ୍ଷେ, ପରୀକ୍ଷା ଏବଂ ଖାତାଦେଖାରେ ସ୍ୱଚ୍ଛତା ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହି ବିଦ୍ୟାଳୟର ଶିକ୍ଷକ ଖାତା ଦେଖିଲେ ପିଲାଙ୍କୁ ପ୍ରକୃତ ମାର୍କ ବଦଳରେ ପାସ୍ କରିବାକୁ ପ୍ରୟାସ କରିବାର ଆଶଙ୍କା ରହିଛି। ଏଣୁ ପୂର୍ବରୁ ପଞ୍ଚମ, ସପ୍ତମ ଓ ଏକାଦଶରେ ହେଉଥିବା ବୋର୍ଡ ପରୀକ୍ଷା ପରି ଏହି ଦୁଇ ଶ୍ରେଣୀର ପରୀକ୍ଷା ବ୍ୟବସ୍ଥା କରାଗଲେ ସ୍ୱଚ୍ଛତା ରହିବ ଏବଂ ପ୍ରକୃତ ଲକ୍ଷ୍ୟ ସାଧିତ ହୋଇପାରିବ ବୋଲି ମତପ୍ରକାଶ ପାଇଛି।

## ଦକ୍ଷିଣ ଓଡ଼ିଶାରେ...

ନ ଥିବା ବିଭାଗ କହିଛି। ହେଲେ ଏବେ ଜଟଣୀ ବେଣାପଞ୍ଜୁରୀ ଅଞ୍ଚଳରେ ଝାଡ଼ାବାନ୍ତିରେ ଜଣଙ୍କର ମୃତ୍ୟୁ ଏବଂ ଶତାଧିକ ଆକ୍ରାନ୍ତ ହୋଇ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ପ୍ରତ୍ୟେକ ଦିନ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଡାଇରିଆରେ ଲୋକମାନେ ଆକ୍ରାନ୍ତ ହେଉଛନ୍ତି। ବିଶେଷକରି ଦୂଷିତ ପାଣି ଯୋଗୁଁ ରୋଗ ବ୍ୟାପୁଛି। ସରକାର ଲୋକଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଇବାରେ ବିଫଳ ହୋଇଛନ୍ତି ବୋଲି ସାଧାରଣରେ ଅଭିଯୋଗ ହେଉଛି।

ଝାଡ଼ାବାନ୍ତିର ଭୟାବହତାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କିଛି ଦିନ ତଳେ ସମୀକ୍ଷା ବୈଠକ କରିଥିଲେ। ଏଥିରେ ସ୍ୱାସ୍ଥ୍ୟ, ପାନୀୟ ଜଳ ଆଦି ବିଭାଗ ସାମିଲ ହୋଇଥିଲେ। ଦୁର୍ଗାପୂଜା ପର୍ଯ୍ୟନ୍ତ ଡାଇରିଆ ଉପରେ ନଜର ରଖିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏବେ ପୁଣି ଝାଡ଼ାବାନ୍ତି ବ୍ୟାପିବା ଓ ଲୋକଙ୍କ ପ୍ରାଣ ଯିବା ପରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ବିଭାଗୀୟ ଅଧିକାରୀମାନେ ଖାତିର୍ କରୁ ନ ଥିବା ସ୍ପଷ୍ଟ ହୋଇଛି। ସ୍ୱାସ୍ଥ୍ୟ ବିଭାଗ କେବଳ 'ଷ୍ଟପ୍ ଡାଇରିଆ ଅଭିଯାନ' ଆରମ୍ଭ କରି ଚୁପ୍ ବସିଯାଇଛି। ତୃଣମୂଳସ୍ତରରେ ସ୍ୱାସ୍ଥ୍ୟ କର୍ମୀ, ଅଙ୍ଗନବାଡ଼ି କର୍ମୀ, ଆଶା ଦିଦିଙ୍କୁ ଡାଇରିଆ ସଚେତନତା ଦାୟିତ୍ୱ ଦିଆଯାଇଛି। ଲୋକଙ୍କ ଭିତରେ ଖାଦ୍ୟ ଓ ପାନୀୟକୁ ନେଇ ସଚେତନ କରିବା ସହ ହାଲୋଜିନ୍ ବଟିକା, ଓଆର୍‌ଏସ୍ ପାଉଡର ଆଦି ବଣ୍ଟନ କରିବା ପାଇଁ କୁହାଯାଇଛି। ପାନୀୟଜଳ ବିଭାଗ ପକ୍ଷରୁ ଜଳ ଉତ୍ସଗୁଡ଼ିକ ସଫା କରିବା ସହ ବ୍ଲିଚିଂ ପକାଇବା ଆଦି ବିଭିନ୍ନ ଦିଗ ଉପରେ ଧ୍ୟାନ ଦେବା ପାଇଁ କୁହାଯାଇଛି। ମାତ୍ର ଜୁନ୍ ମାସରେ ଡାଇରିଆ ବ୍ୟାପିବାବେଳେ ଏସବୁ କରାଯାଉଥିଲା। ଏବେ ଆଦୌ କରାଯାଉ ନାହିଁ। ଗ୍ରାମାଞ୍ଚଳଠାରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ଡାଇରିଆକୁ ନେଇ ସଚେତନତା କାର୍ଯ୍ୟକ୍ରମ ସଂପୂର୍ଣ୍ଣ ଠପ୍ ହୋଇଯାଇଛି।

ବିଶେଷକରି ଦୂଷିତ ପାଣି ଯୋଗୁଁ ପ୍ରତିବର୍ଷ ଡାଇରିଆ ବ୍ୟାପୁଥିବା ବିଶେଷଜ୍ଞ କହୁଛନ୍ତି। ଏହାସତ୍ତ୍ୱେ ନିୟମିତ ବ୍ୟବଧାନରେ ଜଳର ଗୁଣବତ୍ତା ପରୀକ୍ଷା କରାଯାଉନି। ପ୍ରତି ଜିଲ୍ଲାରେ ଜଳ ପରୀକ୍ଷାଗାର ଅଛି; ହେଲେ ସରକାରୀ ସ୍ତରରେ ଜଳର ନମୁନା ପରୀକ୍ଷାକୁ ବିଶେଷ ଗୁରୁତ୍ୱ ଦିଆଯାଉନାହିଁ। ନିୟମିତ ଜଳର ଗୁଣବତ୍ତା ପରୀକ୍ଷା ହିଁ ଏଭଳି ସ୍ଥିତିକୁ ଏଡ଼ାଇ ପାରିବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ କହୁଛନ୍ତି। ସ୍ୱାସ୍ଥ୍ୟ ବିଭାଗ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମିଳିତ ଭାବେ ଏହାର ନିରାକରଣ ଦିଗରେ କାମ କରିବାରେ ଟାଳଟୂଳ ନୀତି ଅବଲମ୍ବନ କରୁଛନ୍ତି। ଫଳସ୍ୱରୂପ ସାଧାରଣ ନିରୀହ ଲୋକଙ୍କ ଜୀବନହାନୀ ଘଟୁଛି। ତେଣୁ ଡାଇରିଆ ରୋକିବା ଦିଗରେ ରାଜ୍ୟ ସରକାର ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି।

## ଓଡ଼ିଶାର ଦାବି...

ଉପରେ ସମସ୍ତଙ୍କ ନଜର ରହିଛି। କେନ୍ଦ୍ର ସରକାର ଓଡ଼ିଶାରୁ ବିପୁଳ ମାତ୍ରାରେ କୋଇଲା ଉତ୍ତୋଳନ କରୁଥିଲେ ହେଁ ଦୀର୍ଘବର୍ଷ ଧରି ରାଜ୍ୟକୁ ନିଜର ହକ୍‌ରୁ ବଞ୍ଚିତ କରି ଆସୁଛନ୍ତି। ପ୍ରତି ୩ ବର୍ଷରେ ଥରେ କୋଇଲା ରାଜଭାଗ ବୃଦ୍ଧି ପାଇଁ ନିୟମ ଥିଲେ ହେଁ ଗତ ୨୦୧୨ ମସିହାରୁ ଏଥିରେ ବୃଦ୍ଧି ହୋଇନାହିଁ। ବର୍ତ୍ତମାନ କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଚାଲୁଥିବା ବେଳେ ଦେଶର ବିକାଶରେ ଓଡ଼ିଶାର ସିଂହଭାଗ ରହିବ ବୋଲି ନିଜେ ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତି ପ୍ରଦାନ କରି ଆସୁଛନ୍ତି। ମାତ୍ର ଓଡ଼ିଶାର ଏହି ନ୍ୟାଯ୍ୟ ଦାବିକୁ ପୂରଣ କରାଯାଉ ନାହିଁ। ବର୍ତ୍ତମାନ ଦାବି ପୂରଣ ପାଇଁ ପ୍ରକୃଷ୍ଟ ସମୟ ଏବଂ ସୁଯୋଗ ଥିବାବେଳେ ରାଜ୍ୟ ସରକାର ଏଥିରୁ ଭରପୂର ଫାଇଦା ଉଠାନ୍ତୁ ବୋଲି ରାଜ୍ୟର ତଥ୍ୟାଭିଜ୍ଞ ମହଲ ଯୁକ୍ତି ଦର୍ଶାଇଛି। ସେହିପରି ରାଜ୍ୟର ୧୬୦ ସମ୍ପ୍ରଦାୟକୁ ଜନଜାତି ମାନ୍ୟତା ପ୍ରଦାନ ପାଇଁ ମଧ୍ୟ ଓଡ଼ିଶା ଲଗାତାର ଭାବେ ଦାବି କରି ଆସୁଛି। ୨୦୧୧ ପରଠାରୁ ଓଡ଼ିଶା ବାରମ୍ବାର ଦାବି କରି ଆସୁଛି। ମାତ୍ର କିଛି ସମ୍ପ୍ରଦାୟକୁ ଛାଡ଼ି ଦେଲେ ଅଧିକାଂଶ ସମ୍ପ୍ରଦାୟକୁ କେନ୍ଦ୍ର ସରକାର ଏଯାବତ୍ ମାନ୍ୟତା ଦେଇନାହାନ୍ତି। ତେଣୁ ସେମାନଙ୍କୁ ତୁରନ୍ତ ଜନଜାତି ମାନ୍ୟତା ପ୍ରଦାନ କରିବାକୁ ବୈଠକରେ ଓଡ଼ିଶା ଦାବି କରିବାର ଆବଶ୍ୟକତା ଅଛି। ଏତଦ ବ୍ୟତୀତ ଗତ ୫-୬ ବର୍ଷ ହେବ କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଜ୍ୟମାନଙ୍କୁ ଦିଆଯାଉଥିବା କେନ୍ଦ୍ରୀୟ ସହାୟତା ପାଣ୍ଠି ଲଗାତାର ଭାବେ ହ୍ରାସ ପାଉଛି। ସେହିପରି ବିଭିନ୍ନ କେନ୍ଦ୍ରୀୟ ଯୋଜନା ଏବଂ କାର୍ଯ୍ୟକ୍ରମ ଅଧିନରେ ମିଳୁଥିବା ଅର୍ଥ ସଠିକ୍ ସମୟରେ ମିଳୁନାହିଁ। ଯାହାଫଳରେ ରାଜ୍ୟର ବିକାଶ ପ୍ରକ୍ରିୟା ବାଧାପ୍ରାପ୍ତ ହେଉଛି। ତେଣୁ ମୁଖ୍ୟମନ୍ତ୍ରୀ ଏନେଇ ବୈଠକରେ ଗୃହମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ତଥ୍ୟଭିତ୍ତିକ ମହଲରେ ଦାବି ହୋଇଛି।


**AFFIDAVIT**

By virtue of an affidavit sworn before Notary Public Titilagarh, dated 09.07.2025 I, Laxmidhar Pradhani, Address At-Majhipada, Sanpatrapali, Po-Lenjha, Ps- Titilagarh, Dist-Balangir, Odisha, Pin- 767033 declare that I have changed my name from Ranjit Pradhani to Laxmidhar Pradhani. Henceforth, I shall be known as Laxmidhar Pradhani for all purposes.
**Laxmidhar Pradhani**

**NOTICE**

By virtue of an affidavit sworn before Executive Magistrate, Banki, Dt.: 09.07.2025, I, **Chinmayee Panda**, aged about 63 years, W/o: Late Sahadev Panda, Resident of Village/P.O.: Chakapada, Dist.: Kandhamal, PIN-762028, Odisha, declare that I have changed my name from Chinmayee Debi to **Chinmayee Panda.** Henceforth, I shall be known as **Chinmayee Panda** for all purposes.
**Chinmayee Panda**

**AFFIDAVIT**

By virtue of an affidavit before the Executive Magistrate, Ramanaguda, I, **PUSPANJALI NIMALA,** W/o- CHANDRABHUSHAN NIMALA of Village: Rajbikrampur, Po.- Penkam, PS.- Gunupur, Tahasil: Ramanaguda, Dist.- Rayagada, Odisha, No.196 dtd.08.7.2025 declared that, in my Addhar Card my name has been mentioned as PUSHPA NIMALA. **PUSPANJALI NIMALA** and PUSHPA NIMALA both the names are of same and one person.

**AFFIDAVIT**

By virtue of an affidavit CF No.:114 sworn before Executive Magistrate, Bhubaneswar on Dt. 07.07.2025 I, Sita Meher, D/o: Aditya Mishra, At: Shiva Nagar, Chilipokhari, Badagada Brit Colony, Bhubaneswar, Khordha- 751018 declare that I have changed my name from Pujarani Mishra to Sita Meher. Henceforth, I shall be known as **Sita Meher** for all purposes.

**AFFIDAVIT**

I, Pritimayee Lenka, aged about 39 years, D/o- Hata Kishore Lenka, resident of Plot No.241, Shastri Nagar, PO- GPO, PS-Kharvel Nagar, Bhubaneswar, Dist-Khordha, PIN-751001, Odisha declared by this affidavit C.F. No. 06, dtd-27/02/2025 that now onwards I shall be known as **PREETIMAYEE LENKA** for all future purposes.

**AFFIDAVIT**

By virtue of an affidavit before the Executive Magistrate, Ramanaguda, I, **GITANJALI KADRAKA, W/o- DILESHWAR KADRAKA** of village: Badabangi, Po.- Goseigulumunda, PS.- Ramanaguda, Dist.- Rayagada, Odisha, No.195 dtd.08.7.2025 declared that, my son's correct name is **SUBHANKAR KADRAKA. SUBHANKAR KADRAKA** and **SIBA KADRAKA** both the names are of same and one person.

**AFFIDAVIT**

I Sefali Jena, W/o: Khageswar Sahoo, Flat No.: 202, Near Dalkhai Mandir, Jharapada, Laxmisagar, Bhubaneswar-751006, Dist.: Khorda, Odisha. PassportNo: Y9835662. Declare by this Affidavit No: 333/2025, 08.07.2025, that onwards. I shall be known as **Sefali Sahoo.** For all future purpose.
**Sefali Sahoo**

**AFFIDAVIT**

I, **Pratima Behera,** D/o- Bilasini Behera (mother) and Gopinath Behera (father), aged about 31yrs, resident of At- Keshpur, PO/PS- Kandarpur, Dist-Cuttack, Odisha PIN- 754100 vide affidavit done before the Executive Magistrate, Cuttack on 29/10/2024 do hereby state that, I have changed my name to **Ajaya Kumar Behera** (Transgender). Henceforth, I shall hereafter be known as **Ajaya Kumar Behera,** S/o- **Gopinath Behera & Bilasini Behera** for all purposes.
**Ajay Kumar Behera**

**AFFIDAVIT**

I Smt. Sangeeta Maheshwari, W/o- Sanjay Gupta, R/o-Keshab-405, Balaji Complex, Jharapada, Bhubaneswar-751006, Dist.- Khordha, Odisha declare by this affidavit No-15AA879469, Dated 17 April 2025, that now onwards I shall be change my surname from **MAHESHWARI** to **BHANSALI**. Henceforth I shall be known as **Sangeeta Bhansali** for all official & non-official purposes.

**AFFIDAVIT**

By virtue of an affidavit sworn before the Executive Magistrate, Baramba on dtd. 30.06.2025 I, Sena Bibi W/o Kayamuddin Khan of Vill-Nizigarh Baramba, Po/Ps-Baramba Dist-Cuttack declare by this affidavit No-5545/30.06.2025 than now onward I shall be known as **SAINA BIBI**,W/o- Kayamuddin Khan for all future purposes.

**AFFIDAVIT**

By virtue of an affidavit before the Notary Public, Titilagarh, on dated-09/07/2025. I, **Pirabati Majhi** (Applicant name), Wife of Brajaraj Majhi, Permanent resident of At-Gunchitara, P.O. Tentulikhunti, P.S. Titilagarh, Dist- Balangir, (Odisha), PIN-767037 now residing at the same place affirm that I have changed my minor daughter's name from **Sarthi Majhi** (old name) To **Sathi Majhi** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she will be known as **Sathi Majhi** (new name).
**Pirabati Majhi**

**AFFIDAVIT**

By virtue of an affidavit sworn before The Executive Magistrate, Cuttack, dated- 02/12/2024, I, Niranjan Rout, DOB- 04/08/1977, S/o- Basanta Rout, At- Dadhibamanpur, P.S- 42 Mouza, Bentkar, P.O- Dadhibamanpur, Dist.-Cuttack - 754112, Odisha, declare that I myself Niranjan Patra, S/o- Rajendra Patra and Niranjan Rout, S/o- Basanta Rout is one and same person. Hence-forth, I shall be known as Niranjan Rout, S/o- Basanta Rout for all purposes.This affidavit to the before the concerned authority The LIC of India D.B.O Branch Cuttack for confirmation. If there is an objection, same may be reported to Branch Manager , LIC of India with in 15 days from the publication of affidavit.
**Sd/- Niranjan Rout**

**AFFIDAVIT**

By virtue of an affidavit sworn before Notary Public Titilagarh, dated 09.07.2025 I, Jitendra Padhan, Adress At-Mathanpala, Po- Rigdol, Ps-Titilagarh, Dist- Balangir, Odisha, Pin- 767033 declare that I have changed my daughter's name from Aisha Padhan to Roshni Padhan. Henceforth, she shall be known as Roshni Padhan for all purposes.
**Jitendra Padhan**

**AFFIDAVIT**

By virtue of an affidavit before the Notary Public, Titilagarh, on dated-08/07/2025. I, **Gajapati Majhi** (Applicant name), Son of Parsu Majhi, Permanent resident of At- Sukunabhata, P.O. Marlad, P.S. Titilagarh, Dist-Balangir, (Odisha), PIN- 767066 now residing at the same place affirm that I have changed my minor daughter's name from **Shabesree Majhi** (old name) To **Sabitri Majhi** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she will be known as **Sabitri Majhi** (new name).
**Gajapati Majhi**

**RAJA MADHUSUDAN DEV DEGREE COLLEGE**
**PATIA, BHUBANESWAR**
**(NAAC B+ Accredited & Govt. Aided College)**
**e-Admission: 2025**

Apply for UG Hons. (NEP) in Arts, Science & Commerce.

**Subjects:** Economics, Education, English, History, Home Science, Odia, Pol. Science, Sanskrit, Sociology / Physics, Chem., Math., Computer Science, Botany & Zoology / Commerce Hons.

**APPOINTMENT**

Lecturer in Computer Science (B.Sc.), Sanskrit & Sociology are required. Candidates with minimum 55% score in PG may apply online in college website Appointment Link. NET / M.Phil. & Ph.D. qualified candidates will be preferred.

**N.B.:** All Posts are self-financing & will not receive any GIA from Govt.

Website: **www.rmddc.ac.in**
E-mail: **rajamddegreecollege@gmail.com**

**Dr. Prasant Raut**
**Principal**

**AFFIDAVIT**

I, Meherun Nesa Bibi, aged about 65 years, W/o- Shaikh Nasimuddin, resident of At- Quazi Mohalla, Mir Sahi, Po/Ps-Purunabazar, Dist-Bhadrak, Odisha, PIN-756100 declare by this affidavit No.1204, dtd. 08/07/2025, that now onwards I shall be known as **MEHERUN NESA** for all future purposes.

**AFFIDAVIT**

I, Syed Mohammed Tariq Rasheed Umar, S/o.: Mr. Syed Rasheed S, resident of At Quarter No.: 1108 A, IOCL Paradip Refinery Township, Dist.: Jagatsinghpur, PIN-754141, Odisha, declare by this affidavit No.: 2357, dated-07/07/2025, that now onwards I shall be known as **SYED MOHAMMED TARIQ R** for all future purposes.

**ODISHA LIFT IRRIGATION CORPORATION LIMITED**
**(A GOVERNMENT OF ODISHA UNDERTAKING)**
**OFFICE OF THE EXECUTIVE ENGINEER LIFT IRRIGATION DIVISION, BALASORE**
**E-mail – eelidvnbls@yahoo.com**
**e - Procurement Notice**
**Bid Identification No: 03/2025-26 /DT. 04.07.2025**

1. Name of the Tender inviting Officer-Executive Engineer, L.I. Division, Balasore representing Odisha Lift Irrigation Corporation Ltd., Bhubaneswar.
2. Name of the Work- Revival of Defunct & Reinforcement of old Operable L.I.Ps 44 nos. (Revival - 41 nos. & Reinforcement - 03nos.) CLIP in Sadar, Remuna, Nilagiri, Oupada, Bahanaga, Soro, Khaira & Simulia Block of Balasore District.
3. No. of Package:- 41Nos. - State Plan (Revival–2024-25) & 03Nos. - State Plan (Reinforcement – 2024-25).
4. Cost of Tender Amount :- Varies from Rs.15,98,414/- to Rs.6,77,836/-
5. Date and time of availability of bid document in portal for on-line biding from 09.07.2025 at.11.00 hrs to dated. 19.07.2025 at 17.00 hrs.
6. Last date and time of receipt of bid in the portal dated 19.07.2025 upto 17.00 hrs.
7. Last date & time to seek clarification dated 18.07.2025 upto 17.00 hrs.
8. Date of opening of Technical bid (Cover-1) dated 21.07.2025 at 11.00 hrs.
9. Date of opening of Financial bid will be informed after evaluation of Technical bid.
10. Further details can be seen from the e-procurement portal of Govt. of Odisha i.e.www.tenderodisha.gov.in.
11. Subsequent Corrigendum/addendum/Cancellation if required shall be available in above portal.

-Sd-
Er. S.C. Munda
Executive Engineer,
L.I. Division, Balasore.

OIPR-32150/11/0004/2526 CAD-1053

**ଶପଥନାମା**

ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍, ହାଟଡ଼ିହୀଙ୍କ ସମ୍ମୁଖରେ ଶପଥନାମା ସଂଖ୍ୟା ୦୪/ତା: ୦୪.୦୭.୨୦୨୫ ଅନୁଯାୟୀ, ମୁଁ ମମତାମୟୀ ସାମନ୍ତରାୟ (ବିବାହ ପରେ ପ୍ରିୟଙ୍କା ପରିଡ଼ା ନାମରେ ପରିଚିତ ଥାଇ), ସ୍ୱାମୀ- ରଞ୍ଜନ କୁମାର ପରିଡ଼ା, ଗ୍ରାମ- ବୋଇଲୋ, ପୋଷ୍ଟ- ପୁରୁଣାହାଟ, ଥାନା- କିଶନନଗର, ପିନ୍ କୋଡ଼-୭୫୪୧୩୧, ଜିଲ୍ଲା- କଟକ, ମୋର ନାମ ପ୍ରିୟଙ୍କା ପରିଡ଼ା ରୁ ମମତାମୟୀ ସାମନ୍ତରାୟକୁ ପରିବର୍ତ୍ତନ କରିଥିବାରୁ ଏବେ ଠାରୁ ମୁଁ ସମସ୍ତ ଉଦ୍ଦେଶ୍ୟ ପାଇଁ ମମତାମୟୀ ସାମନ୍ତରାୟ ନାମରେ ପରିଚିତ ହେବି ।
**ମମତାମୟୀ ସାମନ୍ତରାୟ**


## ଆଜିର ରାଶିଫଳ

**ମେଷ:** ଆୟର ନୂତନ ମାର୍ଗ ଉନ୍ମୋଚନ ହେବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ନୂଆ ଯୋଜନା ପାଇଁ ଗୁରୁଜନଙ୍କ ପରାମର୍ଶ ନେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ବୃଷ:** ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି। ବ୍ୟବସାୟରୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ଉଧାର ଧନ ଫେରିପାଇବେ। ସରକାରୀ କ୍ଷେତ୍ରରେ ସଫଳତା ଲାଭ କରିବେ। ଲୋକ ସମ୍ପର୍କ ବଢ଼ିବ।

**ମିଥୁନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ଚିନ୍ତାରେ ରହିପାରନ୍ତି। ଧନ ଆଗମନ ଯୋଗ ଅଛି। ପରିବାର ସଦସ୍ୟଙ୍କ ସହିତ ମତାନ୍ତର ହେବ। ବ୍ୟବସାୟୀ ଦୂର ସ୍ଥାନକୁ ଯାତ୍ରା କରିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**କର୍କଟ:** ଅଫିସ୍ କାମରେ ବ୍ୟସ୍ତ ରହିବେ। ଅତିରିକ୍ତ ଦାୟିତ୍ୱ ତୁଲାଇବେ। ବନ୍ଧୁଙ୍କ ସାହାଯ୍ୟରେ ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ସଫଳତା ପାଇଁ କଠିନ ପରିଶ୍ରମ କରିବେ।

**ସିଂହ:** କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ବନ୍ଧୁଙ୍କ ସହ ବୁଲିବା ପାଇଁ ନୂଆ ଯୋଜନା କରିବେ। ଧାର କରଜରୁ ଦୂରେଇ ରହିବେ। ସମାଜରେ ପ୍ରତିଷ୍ଠା ବଢ଼ିବ। ମାନ ସମ୍ମାନ ବୃଦ୍ଧି ହେବ।

**କନ୍ୟା:** ଯାତ୍ରାରୁ ଲାଭ ମିଳିପାରେ। ଦିନଟିରେ କର୍ମଚଞ୍ଚଳ ରହିବେ। ପାରିବାରିକ ଜୀବନରେ ତିକ୍ତତା ଦେଖା ଦେବ। ବ୍ୟବସାୟରେ ସଫଳତା ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ।

**ତୁଳା:** ସାମାଜିକ କାର୍ଯ୍ୟରେ ସାମିଲ ହେବେ। ଅଫିସ୍‌ରେ ସହକର୍ମୀଙ୍କ ସହ ବ୍ୟକ୍ତିଗତ କଥା ଆଲୋଚନା କରିବେ ନାହିଁ। ଯାତାୟତ ସମୟରେ ଧ୍ୟାନ ଦିଅନ୍ତୁ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ବିଛା:** ଦିନଟି ଶୁଭଫଳ ପ୍ରଦାନ କରିବ। ଉତ୍‌ଫୁଲ୍ଲିତ ରହିବେ। ଦୀର୍ଘ ଦିନର ଆଶା ପୂରଣ ହୋଇପାରେ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ପାରିବାରିକ ବିବାଦରୁ ଦୂରେଇ ରହିବେ।

**ଧନୁ:** କାର୍ଯ୍ୟରେ ଉନ୍ନତି ଘଟିବ। ଦାମ୍ପତ୍ୟ ଜୀବନ ହସଖୁସିରେ ଅତିବାହିତ କରିବେ। ଇଚ୍ଛା ପୂରଣ ହେବ। ଗରିବ, ଅସହାୟଙ୍କୁ ସାହାଯ୍ୟ କରିବେ। ଗୁରୁଜନଙ୍କ ଆଦେଶ ପାଳନ କରିବେ।

**ମକର:** ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ବଦଭ୍ୟାସ ପରିତ୍ୟାଗ କରିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବିବାହ ପ୍ରସ୍ତାବ ସ୍ଥିର ହେବ। ବିଦ୍ୟାର୍ଥୀ ପ୍ରବେଶିକା ପରୀକ୍ଷା ଲାଗି ପ୍ରସ୍ତୁତି ଜାରି ରଖିବେ।

**କୁମ୍ଭ:** ଦୀର୍ଘ ଦିନ ସମସ୍ୟାର ସମାଧାନ ହେବ। ଅଫିସ୍ କାମ ସୂଚାରୁରୂପେ ତୁଲାଇବେ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। କୋର୍ଟ କଚେରୀ ମାମଲାର ଶୁଣାଣି ହେବ। ଦାନଧର୍ମ କରନ୍ତୁ।

**ମୀନ:** କଥା ଓ କାମ ମଧ୍ୟରେ ଲୋକଙ୍କୁ ପ୍ରଭାବିତ କରିପାରନ୍ତି। ବନ୍ଧୁଙ୍କ ସାହାଯ୍ୟ ମିଳିବ। ଆର୍ଥିକ ମାମଲାରେ ସୁଧାର ଆସିବ। ମାଆଙ୍କ ସ୍ୱାସ୍ଥ୍ୟାବସ୍ଥା ପାଇଁ ଚିନ୍ତାରେ ରହିବେ। ଦାନ ଧର୍ମ କରିବେ।

### ଗଳିକନ୍ଦିରେ ଚାଲିଛି ବେଆଇନ ମଦ ବେପାର

# ମହୁଲ ବଦଳରେ ଚିନି, ଗୁଡ଼ରେ ମଦ ପ୍ରସ୍ତୁତି




### ଅବକାରୀ ବିଭାଗ ଚୁପ୍

ବିଷମକଟକ, ୯।୭ (ସମିସ): ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ ଆଖପାଖ ଅଞ୍ଚଳରେ ଦିନକୁ ଦିନ ବେଆଇନ ମଦ କାରବାର ବୃଦ୍ଧିପାଉଛି। ଅବକାରୀ ବିଭାଗ ଓ ପୁଲିସର ନୀରବତା ଯୋଗୁ ନିର୍ଭୟରେ କାରବାର ଚାଲିଥିବା ଅଭିଯୋଗ ହେଉଛି। ବିଷମକଟକ ବ୍ଲକର ୨୧ ପଞ୍ଚାୟତର ବିଭିନ୍ନ ଅଞ୍ଚଳରେ ରହିଥିବା ବିଭିନ୍ନ ଢାବା, ପାନଦୋକାନ, ଜଳଖିଆ ଦୋକାନ, ହୋଟେଲ, ସାହି ସାହିରେରେ ବେଆଇନ ଭାବେ ଦେଶୀ ଓ ବିଦେଶୀ ମଦ ବିକ୍ରି ହେଉଛି। ସମସ୍ତ ସ୍ଥାନରେ ବିଦେଶୀ ଠାରୁ ଆରମ୍ଭ କରି ସରକାରୀପ୍ରାପ୍ତ ଭାଟିମଦ ଏବଂ ବିଷାକ୍ତ ରନ୍ଧାମଦ ବ୍ୟବସାୟ ଦିନକୁ ଦିନ ବଢ଼ିଚାଲିଛି। ଏମିତିକି ମଦ ବିକ୍ରିର ସମୟ ସୀମା ରହୁନାହିଁ। ୨୪ ଘଣ୍ଟା ମଦ ବିକ୍ରି ଯୋଗୁ ଆଇନଶୃଙ୍ଖଳା ପରିସ୍ଥିତି ମଧ୍ୟ ବିଗିଡ଼ିବାରେ ଲାଗିଛି। ଯୁବଗୋଷ୍ଠୀ ନିଶାରେ ଅପରାଧ ଦୁନିଆରେ ପାଦଦେବା ସହ ଦୁର୍ଘଟଣା, ଚୋରୀ ମଧ୍ୟ ବଢ଼ି ଚାଲିଛି। ବେଆଇନ ମଦ କାରବାରକୁ ରୋକିବା ଅବକାରୀ ବିଭାଗ ଓ ପୁଲିସର ଦାୟିତ୍ୱ। ହେଲେ ବିଷମକଟକ ବ୍ଲକରେ ଏଭଳି ବେଆଇନ ମଦ କାରବାରରେ ରୋକ ଲାଗିପାରୁ ନ ଥିବାରୁ ଉଭୟ ବିଭାଗର କାର୍ଯ୍ୟକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବ୍ଲକ ଅନ୍ତର୍ଗତ ୨୧ ପଞ୍ଚାୟତର ସମସ୍ତ ୨୭୧ ଗାଁରେ ଛୋଟ ପାନ ଦୋକାନ ଠାରୁ ଆରମ୍ଭ କରି ସହରରେ ଥିବା ପ୍ରତ୍ୟେକ ସାହି ଓ ବିଷମକଟକ ଦେଇ ଯାଉଥିବା ମୁଖ୍ୟରାସ୍ତା, ରାୟଗଡ଼ାରୁ କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତା ସ୍ଥିତ ସମସ୍ତ ଢାବା, ମନ୍ଦିର ପାଖରେ, ମେଡିକାଲ ସାମ୍ନା, ଚାଟିକଣା, ହଟାମୁନିଗୁଡ଼ା, ଡୁକୁମ, ସାହାଡ଼ା, କାଙ୍କୁବାଡ଼ି, ଭାତପୁର ଭଳି ଅନେକ ପଞ୍ଚାୟତରେ ଦେଶୀ, ବିଦେଶୀ ଓ ବିଷାକ୍ତ ରନ୍ଧାମଦ ଦୋକାନ ଖୋଲିଛି। ବ୍ଲକର ଅଧିକାଂଶ ଗାଁରେ ଏଭଳି ଦୋକାନ ରହିଛି। ବିଷମ କଟକ ସଦରରେ ଅବକାରୀ କାର୍ଯ୍ୟାଳୟ ରହିଥିଲେ ସୁଦ୍ଧା ବିଭାଗୀୟ ଅଧିକାରୀଙ୍କ ନାକ ତଳେ ଦିନର ୨୪ ଘଣ୍ଟା ସାହି, ଗଳିରେ ଚାଲିଛି ମଦ ବିକ୍ରି। ଏ ସମ୍ପର୍କରେ ସ୍ଥାନୀୟ ଲୋକେ ଅବକାରୀ ବିଭାଗର ଦୃଷ୍ଟି ଆକର୍ଷଣ କଲେ ମଧ୍ୟ ଅବକାରୀ ବିଭାଗ ନିରବଦ୍ରଷ୍ଟା ସାଜୁଛି, ଆଉ ବେଆଇନ ମଦ ବ୍ୟବସାୟ ଚାଲୁଛି। ଅପମିଶ୍ରିତ ବିଶାକ୍ତ ମଦରୁ ଲୋକଙ୍କୁ ରକ୍ଷା କରିବା ପାଇଁ ସରକାର ବିଷମ କଟକ ସଦରରେ ଏକ ସରକାରୀ ସିକୃତିପ୍ରାପ୍ତ ମଦ ଭାଟି ଖୋଲିଛନ୍ତି। ହେଲେ ଏହି ସ୍ୱୀକୃତିପ୍ରାପ୍ତ ମଦ ଭାଟିରେ ହିଁ ମହୁଲ ପରିବର୍ତ୍ତେ ଚିନି ଓ ଗୁଡ଼ରେ ଅପମିଶ୍ରିତ ମଦ ପ୍ରସ୍ତୁତ ହେଉଥିବାର ଅଭିଯୋଗ ହେଉଛି। ଏହି ଭାଟିରେ ପ୍ରସ୍ତୁତ ମଦକୁ ବିକ୍ରି କରିବା ନିମନ୍ତେ ଦୁର୍ଗୀ, ଚାଟିକୋଣା, ଭାତପୁର, ଡୁକୁମ୍‌ରେ ସବ୍ କାଉଣ୍ଟର ଖୋଲିଛନ୍ତି। ଏହି ଭାଟିରେ ପ୍ରସ୍ତୁତ ମଦକୁ ସବ୍ କାଉଣ୍ଟର ବ୍ୟତୀତ ବ୍ଲକର ସମସ୍ତ ଗ୍ରାମରେ ବିକ୍ରି ହେଉଛି। ଦିନ ତମାମ ମଦ ଭାଟିର କର୍ମଚାରୀ ମାନେ ମଟର ସାଇକଲ ଯୋଗେ ବିଭିନ୍ନ ଗ୍ରାମକୁ ମଦ ପହଞ୍ଚାଉଛନ୍ତି। ଲୋକଙ୍କ ହାତ ପାହାନ୍ତାରେ ଅପମିଶ୍ରିତ ମଦ ଉପଲବ୍ଧ ହେଉଥିବାରୁ ଲୋକେ ନିଶାସକ୍ତ ହୋଇ ଘୁରି ବୁଲୁଛନ୍ତି। ନିଶାସକ୍ତ ଅବସ୍ଥାରେ ଦିବାଲୋକରେ ଘରେ ପଶି ଚୋରି କରୁଛନ୍ତି। ରାସ୍ତାକଡ଼ରୁ ମୋଟରସାଇକଲ୍ ଚୋରି ଭଳି ଘଟଣା ସବୁ ଘଟାଉଛନ୍ତି। ଏହା ବ୍ୟତୀତ ବ୍ଲକର କାଙ୍କୁବାଡି, ଚାଟିକୋଣା, ସାହାଡା ଗ୍ରାମପଞ୍ଚାୟତର ବିଭିନ୍ନ ଗ୍ରାମରେ ବିଷାକ୍ତ ଏବଂ ଅପମିଶ୍ରିତ ମଦ ପ୍ରସ୍ତୁତ କରି ବିଭିନ୍ନ ସ୍ଥାନକୁ ବିକ୍ରି ନିମନ୍ତେ ମଧ୍ୟ ପଠାଯାଉଛି। ଦିବାଲୋକରେ ଗଳି କନ୍ଦିରେ ମଦ ବିକ୍ରି ସାଙ୍ଗକୁ ମଦ ରନ୍ଧା ଯାଉଥିବା ଅବକାରୀ ବିଭାଗ କେମିତି ଜାଣିପାରୁ ନାହିଁ, ତାହାକୁ ନେଇ ପ୍ରଶ୍ନ ଉଠିଛି। ମଦ ଭାଟିର ଇସାରାରେ ଏହି ମଦ କାଉଣ୍ଟର ସବୁ ଖୋଲିଥିବାରୁ ଏମାନଙ୍କୁ ହାତ ମାରୁନି ଅବକାରୀ ବିଭାଗ। ଉପରିସ୍ଥ ବିଭାଗୀୟ ଅଧିକାରୀଙ୍କ ଆଖିରେ ଧୂଳି ମାରିବା ପାଇଁ ମାସରେ କିଛି କୋଚିଆ ବ୍ୟବସାୟୀଙ୍କ ନାମରେ ମାମଲା ରୁଜୁ କରୁଛି ବିଭାଗ। ସେମାନଙ୍କୁ ମଦଭାଟି ତରଫରୁ ଜାମିନରେ ବାହାର କରାଯାଉଥିବାର ସଂଗୀନ ଅଭିଯୋଗ ମଧ୍ୟ ରହିଛି। ମଦର ବେଆଇନ କାରବାର ଏବଂ ଚିନି ଗୁଡର ମଦ ପ୍ରସ୍ତୁତି ଅଭିଯୋଗ ସମ୍ପର୍କରେ ଅବକାରୀ ଓଆଇସି ଛବିରାଜ ତାଣ୍ଡିଙ୍କ ସହ ଯୋଗାଯୋଗ କରାଯିବାରେ ଏଭଳି ଭାଟି ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ବୋଲି ପ୍ରକାଶ କରିଛନ୍ତି। ବିଷମ କଟକ ବ୍ଲକରେ ଯେପରି ଭାବେ ଅପମିଶ୍ରିତ ଓ ବିଶାକ୍ତ ମଦ ର ବିକ୍ରି ଚାଲିଛି ଆଗକୁ ଏ ଅଞ୍ଚଳରେ ମଦମୃତ୍ୟୁର ବିଭୀଷିକା ଦେଖାଯିବାର ଆଶଙ୍କା ରହିଛି। ଅବକାରୀ ବିଭାଗର ପଦକ୍ଷେପକୁ ଲୋକେ ଚାହିଁ ରହିଛନ୍ତି।

## ମହାପ୍ରଭୁଙ୍କ ନୀଳାଦ୍ରୀ ବିଜେ



କୋରୁକୋଣ୍ଡା/ବାଲିମେଳା, ୯।୭ (ସମିସ): ନବଦିନାତ୍ମକ ଯାତ୍ରା ସାରି ଜନ୍ମବେଦୀକୁ ବାହୁଡ଼ି ଆସିଛନ୍ତି ଦାରୁଦିଅଁ। ଭଉଣୀ ଭାଇଙ୍କ ସହ ଭକ୍ତଙ୍କ ଗହଣରେ ଶ୍ରୀ ମନ୍ଦିରରେ ପହଁଞ୍ଚିଲେ ମହାପ୍ରଭୁ। ମାଲକାନଗିରି ଜିଲ୍ଲା ବାଲିମେଳା ସହରରେ ମଙ୍ଗଳବାର ଶ୍ରୀଜୀଉଙ୍କ ନୀଳାଦ୍ରୀ ବିଜେ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନରୁ ରଥରେ ଠାକୁରଙ୍କ ପୂଜାର୍ଚ୍ଚନା ପରେ ଅପରାହ୍ନରେ ଅନ୍ନ ପ୍ରସାଦ ଭୋଗ ଜରାଯାଇଥିଲା। ଏହାପରେ ସେବକମାନେ ଠାକୁରଙ୍କୁ ପହଣ୍ଡି କରି ମନ୍ଦିରକୁ ନେଇଥିଲେ। ସନ୍ଧ୍ୟାରେ ଜନ୍ମବେଦୀରେ ଆଳତି ସହ ପୂଜାର୍ଚ୍ଚନା ବିଧି ଅନୁଷ୍ଠିତ ହୋଇଛି। ଠାକୁରଙ୍କ ନୀଳାଦ୍ରୀବିଜେ ଦେଖିବା ପାଇଁ ବାଲିମେଳା ସହର ସମେତ ଆଖ ପାଖ ଅଞ୍ଚଳରୁ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

## ନୂତନ ଜାତୀୟ ଶିକ୍ଷା ନୀତି ନେଇ କର୍ମଶାଳା

ନବରଙ୍ଗପୁର, ୯।୭ (ସମିସ): କେନ୍ଦ୍ର ସରକାରଙ୍କ ନୂତନ ଜାତୀୟ ଶିକ୍ଷାନୀତି ବିଷୟରେ ଏକ କର୍ମଶାଳା ତଥା ପାଠଚକ୍ର ପିଏମଉଷା ଅଧୀନରେ ନବରଙ୍ଗପୁର ମହାବିଦ୍ୟାଳୟର ୪୯ ନମ୍ବର ସ୍ମାର୍ଟ କ୍ଲାସ ରୁମ୍ ଠାରେ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଅଧ୍ୟକ୍ଷ ଡି .ଗୋବିନ୍ଦା ରାଓ ଉଦ୍‌ଘାଟନ କରି ନୂତନ ଜାତୀୟ ଶିକ୍ଷାନୀତି ୨୦୨୦ ସମ୍ପର୍କରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ। ମହାବିଦ୍ୟାଳୟର ଏକାଡେମିକ୍ ବର୍ସର୍ ଶମ୍ଭୁ ପ୍ରସାଦ ହୋତା ଗତ ଦିନର ପାଠ୍ୟକ୍ରମ ଓ ନୂତନ ଶିକ୍ଷାନୀତି ରେ ଥିବା ପାଠ୍ୟକ୍ରମ ମଧ୍ୟରେ ଥିବା ତାରତମ୍ୟ ସମ୍ପର୍କେର ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଜିତେନ୍ଦ୍ର କୁମାର ରଥ ଏକ ବୃତ୍ତଚିତ୍ର ମାଧ୍ୟମରେ ଶିକ୍ଷା ନୀତିର ପାଠ୍ୟକ୍ରମ, ପରୀକ୍ଷା ଓ ବିଭିନ୍ନ ସେମିଷ୍ଟାର ସମ୍ପର୍କରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ। ପଦାର୍ଥ ବିଜ୍ଞାନର ଅଧ୍ୟାପକ ଜାହାଙ୍ଗୀର ମହମ୍ମଦ କାର୍ଯକ୍ରମ ପରିଚାଳନା କରିଥିବା ବେଳେ ଅଧ୍ୟାପକ ସଚିନ ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଯୋଗାଣ ନିଗମ କେନ୍ଦ୍ରୀୟ ଟିମ୍‌ର ପଦ୍ମପୁର ବ୍ଲକ୍ ପରିଦର୍ଶନ



ପଦ୍ମପୁର, ୯।୭ (ସମିସ): ରାୟଗଡ଼ା ଜିଲ୍ଲାର ପଦ୍ମପୁର ବ୍ଲକ୍ ପରିଦର୍ଶନରେ କେନ୍ଦ୍ରୀୟ ଯୋଗାଣ ନିଗମର ଏକ ପ୍ରତିନିଧି ଆସିଥିଲେ। କେନ୍ଦ୍ରୀୟ ଯୋଗାଣ ନିଗମ ଡାଇରେକ୍ଟର ସୁନିଲ୍ ଶେଷଦେବ, ସେକ୍ସନ ଅଫିସର ସଚିନ୍ କୁମାର, ରାୟଗଡ଼ା ଏଡିଏମ୍ ନବୀନ ନାୟକ, ସିଏସ୍‌ଓ ଦାଶରଥି ସୁରେନ୍, ରାୟଗଡ଼ା ହେଡ୍‌କ୍ୱାର୍ଟର ଏଏସିଏସଓ ସରୋଜ କୁମାର ସାହୁ ପ୍ରମୁଖ ପଦ୍ମପୁର ବସ୍‌ଷ୍ଟାଣ୍ଡ ପାଖରେ ପହଞ୍ଚିବା ପରେ ପଦ୍ମପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ କୁରେଶୁ କୁମାର ଜାନୀ, ପଦ୍ମପୁର ଯୋଗାଣ ଅଧିକାରୀ ଅମର ଶବର, ସରପଞ୍ଚ ପ୍ରକାଶ କଣ୍ଡାଗୀରି, ପଦ୍ମପୁର ବ୍ଲକ୍ ଉପାଧ୍ୟକ୍ଷ ରମେଶ ସାହୁ, ପଦ୍ମପୁର ଗ୍ରାମପଞ୍ଚାୟତ ଅଧିକାରୀ ପ୍ରତିଭା ଗମାଙ୍ଗ, ପୂର୍ବତନ ପଞ୍ଚାୟତ ଅଧିକାରୀ ଶ୍ୟାମସୁନ୍ଦର ପାଣିଗ୍ରାହୀ ଓ ଯୋଗାଣ ସହାୟକ ଅକ୍ଷୟ କୁମାର ରଣା ପ୍ରମୁଖ ପଞ୍ଚାୟତ ସଭାଗୃହକୁ ପାଛୋଟି ନେବା ପରେ ଅଧିକାରୀ ମାନେ ଜନସାଧାରଣ ସହ ଆଲୋଚନା କରିଥିଲେ। ଲୋକେ ଚାଉଳରେ ପ୍ଲାଷ୍ଟିକ ଚାଉଳ ମିଶୁଥିବା ଅଭିଯୋଗ କରିବା ପରେ ଲୋକଙ୍କ ସନ୍ଦେହ ଦୂର କରିବା ପାଇଁ ଚାଉଳ ଗୁଡ଼ିକ ତଦାରଖ କରି ଏହି ଚାଉଳ ପ୍ଲାଷ୍ଟିକ ଚାଉଳ ନୁହେଁ, ଏହା ପୁଷ୍ଟିସାର ଜାତୀୟ ଚାଉଳ ବୋଲି ଲୋକଙ୍କ ସନ୍ଦେହ ଦୂର କରିଥିଲେ। ବିଭିନ୍ନ ରେକର୍ଡ ପତ୍ର ଯାଞ୍ଚ କରାଯାଇଥିଲା। ସେଠାରୁ ପଦ୍ମପୁର ନିୟନ୍ତ୍ରିତ ବଜାର କମିଟି (ଆର୍‌ଏମ୍‌ସି ରେ ପହଞ୍ଚିବା ପରେ ନିୟନ୍ତ୍ରିତ ବଜାର କମିଟି ସଂପାଦକ ଦଳପତି କାର୍ଜୀ, ଏକାଉଣ୍ଟାଣ୍ଟ ପ୍ରଶାନ୍ତ କୁମାର ପଣ୍ଡା, କିରାଣୀ କୃଷ୍ଣଚନ୍ଦ୍ର ଗୌଡ଼, ଲ୍ୟାମ୍ପ୍‌ସ ଏମ୍‌ଡି ଗୁପ୍ତ ଆଚାରୀ, ପଦ୍ମପୁର ଆକାଂକ୍ଷା ବ୍ଲକ୍ ପ୍ରୋଗାମର ସୀମା ସ୍ୱାରକୀ, ଅଦିତ୍ୟ ମିଶ୍ର ପ୍ରମୁଖ ଅଧିକାରୀମାନଙ୍କୁ ବଜାର କମିଟି ପ୍ରାଗଣକୁ ନେବା ପରେ ସେଠାରେ ଅଧିକାରୀମାନେ କର୍ମଚାରୀ ମାନଙ୍କ ସହ ଆଲୋଚନା କରିଥିଲେ। ସେଠାରେ ଆଖୁସିଙ୍ଗ୍ ଠାରେ ଥିବା ସଦ୍‌ଗୁରୁ ଶିରିଡ଼ି ସାଇ ରାଇସ୍ ମିଲ୍‌କୁ ଯାଇ ମିଲ୍ ମାଲିକ୍ ରଞ୍ଜିତ କୁମାର ପାଣିଗ୍ରାହୀଙ୍କ ସହ ଆଲୋଚନା କରିଥିଲେ। ମିଲ୍‌ର ଯନ୍ତ୍ରପାତି, ଚାଉଳର ଗୁଣବତ୍ତା, ମିଲ୍‌ର ଯନ୍ତ୍ରପାତି ଗୁଡିକ ନିରୀକ୍ଷଣ କରି ଅସନ୍ତୋଷ ପ୍ରକାଶ କରିଥିଲେ। ମିଲ୍ ପାଶ୍ୱର୍ରେ ବୃକ୍ଷରୋପଣ କରାଯାଇଥିଲା। ଅପରାହ୍ନରେ ଡେରିଗା ଗ୍ରାମପଞ୍ଚାୟତକୁ ଯାଇ ପଞ୍ଚାୟତ ଅଧିକାରୀ ଗୈରାଙ୍ଗ ଚରଣ କାଦମ୍ବୁଲୁ ଓ ସରପଞ୍ଚ ମାଗୁଣି ଶବର ଏବଂ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ଆଶାକର୍ମୀ, ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଓ ଅଂଚଳବାସୀ ଉପସ୍ଥିତ ଥିଲେ।

## ମିଳିତ ଶ୍ରମିକ ସଂଗଠନର ଧର୍ମଘଟ




ଗୁଣୁପୁର, ୯।୭ (ସମିସ): ଗୁଣପୁର ଠାରେ ଦକ୍ଷିଣ ଓଡ଼ିଶା ପାଚିକା ଓ ସହାୟିକା ମହାସଂଘ (ଏଆଇସିସିଟିୟୁ) ଓ ଅଖିଳ ଭାରତ ଗ୍ରାମୀଣ କ୍ଷେତ ମଜଦୁର ସଭା (ଏଆଇଏଆରଏଲଏ) ତରଫରୁ ଗୁଣପୁର ନାଗଭୂଷଣ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ବାଇପାସ୍ ଛକଠାରେ ରାସ୍ତା ଅବରୋଧ କରାଯାଇଥିଲା। ଏକ ଶୋଭାଯାତ୍ରା ବାହାରି ଗୁଣପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏକ ୧୭ ଦଫା ସମ୍ବଳିତ ଦାବି ପତ୍ର ଉପଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ସ୍କିମ୍ ଶ୍ରମିକ ମାନଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ଓ ମାସିକ ୨୬ ହଜାର ଟଙ୍କା, ପେନସନ ପ୍ରଦାନ, ପାଚିକାମାନଙ୍କୁ ସାମାଜିକ ନିରାପତ୍ତା ପ୍ରଦାନ, ୪ଟି ଶ୍ରମ କୋଡ଼ ବାତିଲ କରିବା, ନୂତନ ଶିକ୍ଷା ନିତି ୨୦୨୦କୁ ବାତିଲ କରିବା, ୨୦୨୨ ବିଦ୍ୟୁତ୍‌ର ଘରୋଇକରଣ ବନ୍ଦ କରିବା, କୃଷକ ବିରୋଧି କୃଷି ଆଇନ୍ ବାତିଲ କରିବା, ଓପିଏସ୍‌କୁ ଲାଗୁ କରିବା ଓ ଏନ୍‌ପିଏସ ଓ ୟୁପିଏସକୁ ବାତିଲ କରିବା, ୨୦୦ ଦିନ କାମ ଦୈନିକ ୬୦୦ ମଜୁରୀ ପ୍ରଦାନ କରିବା, କର୍ପୋରେଟ ଲୁଟ ବନ୍ଦ କରିବା, ଜଙ୍ଗଲ ଆଇନ ୨୦୨୩ ବାତିଲ କରିବା, ସମସ୍ତଙ୍କୁ ମାଗଣା ବୈଜ୍ଞାନିକ ଶିକ୍ଷା ପ୍ରଦାନ କରିବା, ଇପିଏଫ, ଇଏସଆଇସିରେ ମଜୁରୀ ସୀମା ଉଚ୍ଛେଦ କରିବା, କୃଷି ଋଣ ଉପରେ ସବ୍‌ସିଡି ପ୍ରଦାନ କରିବା, କୃଷି ଉତ୍ପାଦନ ସର୍ବନିମ୍ନ ସହାୟକ ମୂଲ୍ୟ ଆଇନଗତ ଗ୍ୟାରେଣ୍ଟି ପ୍ରଦାନ କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ମୁନି ଶବର, ମୁକ୍ତି ଲତା ଶବର, କୈଳାସ ଶବର, ନିରଞ୍ଜନ ବିଡିକା, ମୋଜେସ ବିଡିକା, ସିମାଦ୍ରୀ ପାତିକା, ମୁରଲୀ ମୁଟୁକା ମୋହନ, ମୀନ ଶବର, ମୁଟୁକା ତ୍ରିପତି, ପ୍ରତିମା ଶବର, ସମ୍ବରା ଶବର, ଅଗୟ ଶବର ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ଦକ୍ଷିଣ ଓଡିଶା ପାଚିକା ଓ ସହାୟିକା ମହାସଂଘର ରାୟଗଡ଼ା ଜିଲ୍ଲା ଉପଦେଷ୍ଟା ତିରୁପତି ଗମାଙ୍ଗଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା।

## ଏବିଭିପିର ପ୍ରତିଷ୍ଠା ଦିବସ, ବୃକ୍ଷରୋପଣ

ଗୁଣପୁର, ୯।୭ (ସମିସ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ପ୍ରତିଷ୍ଠା ଦିବସ ଗୁଣପୁର ଶାଖା ପକ୍ଷରୁ ପାଳନ କରାଯାଇଛି। ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ ଶତପଥୀଙ୍କ ତତ୍ତ୍ୱାବଧାନରେ ପରିଷଦର ପତାକା ଉତ୍ତୋଳନ କରାଯାଇଛି। ନଗର ସଭାପତି ତଥା ଅଧ୍ୟାପକ ଲକ୍ଷ୍ମୀ ମହାଙ୍କୁଡ ପତାକା ଉତ୍ତୋଳନ କରିଥିବା ବେଳେ ବିଭାଗ ପ୍ରମୁଖ ଉମା ଶଙ୍କର ଦାଶ ମାର୍ଗଦର୍ଶନ କରିଥିଲେ। ବିଭାଗ ପ୍ରମୁଖ ଉମା ଶଙ୍କର ଦାଶ ପୌରହିତ୍ୟ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟର୍ଥୀ ପରିଷଦର ଅଧ୍ୟାପକ ପୂଣ୍ୟଶ୍ଲୋକ ସାହୁ, ସଂଯୋଜକ ବି ସତୀଶ କୁମାର, ଦେବାଶିଷ ସେନାପତି, ପ୍ରିୟବ୍ରତ ରଥ, ରୂପେଶ ଶତପଥୀ, ଏସ୍ ଶିବାଜୀ, ଆଦିତ୍ୟ ପାଢ଼ୀ, ନିଖିଳ ଗମାଙ୍ଗ, ପବିତ୍ର ଶବର, କିରଣ ଶବର, ବବୁଲ ଶବର, ଆକାଶ ଶବର, ଲିୟାଂଶ ଶବର ପ୍ରମୁଖ ଉପସ୍ଥିତ ରହି ସଞ୍ଚାଳନ କରିଥିଲେ। ଏହି ଅବସରରେ ସମସ୍ତ କାର୍ଯ୍ୟକର୍ତ୍ତା ଓ ବିଦ୍ୟାର୍ଥୀ ମାନଙ୍କୁ ଶିଶୁ ମନ୍ଦିର ପରିସରରେ ବିଭିନ୍ନ କିସମର ଚାରା ବନ ବିଭାଗ ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ପାତ୍ରଙ୍କ ସହୋଯାଗରେ ରୋପଣ କରାଯାଇଥିଲା।

## ବରିଷ୍ଠ ନାଗରିକ ସଂଘର ବନ ମହୋତ୍ସବ



ସେମିଳିଗୁଡା, ୯।୭ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ବନମହୋତ୍ସବ ପାଳିତ ହୋଇଯାଇଛି। ସଭାପତି ବିନୟ ଚନ୍ଦ୍ର ପଟ୍ଟନାୟକଙ୍କ ନେତୃତ୍ୱରେ ସଂଘ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସୁନାବେଡା ପୌର ପରିଷଦ ୧୮ ନଂ ୱାଡର୍‌ର କାଉନସିଲର ସୁଶ୍ରୀ ମମତା ରାୟ ମୁଖ୍ୟ ଅତିଥି ଭାବେ ଯୋଗ ବନମହୋତ୍ସବ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବରିଷ୍ଠ ନାଗରିକ ମାନେ ପ୍ରତିକୂଳ ପାଗ ସତ୍ତ୍ୱେ ପରିବେଶର ସୁରକ୍ଷା ନିମନ୍ତେ ଏକତ୍ରିତ ହୋଇ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ସେମାନଙ୍କୁ ପ୍ରଶଂସା କରିଥିଲେ। ସେମିଳିଗୁଡା ସହରର ବିଭିନ୍ନ ସ୍ଥାନରେ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ବୃକ୍ଷ ରୋପଣ କରାଯିବ ବୋଲି ସଂଘର ସଭାପତି ଶ୍ରୀଯୁକ୍ତ ପଟ୍ଟନାୟକ ଘୋଷଣା କରିଥିଲେ। ସଂଘର ବରିଷ୍ଠ କର୍ମକର୍ତ୍ତା ରଘୁନାଥ ପାଣିଗ୍ରାହୀ, ଈଶ୍ୱର ଚନ୍ଦ୍ର ଗୁରୁ, ପାନୁ ଚରଣ ସାହୁ, ନୀଳମଣି ନାୟକ, ନୀଳକଣ୍ଠ ଧୀବର, ନୀଳକଣ୍ଠ ଡୋଲିଆ, ଚିନ୍ତାମଣି ପୃଷ୍ଟି, ପ୍ରଶାନ୍ତ ଚନ୍ଦ୍ର ବେହେରାଙ୍କ ସମେତ ଅନେକ ମହିଳା ସଦସ୍ୟା ବନମହୋତ୍ସବ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ବୃକ୍ଷ ରୋପଣ କରିଥିଲେ। ସଂଘର କାର୍ଯ୍ୟକାରୀ ସଭାପତି ପ୍ରତାପ ଚନ୍ଦ୍ର ପାତ୍ର ସେମିଳିଗୁଡା ବନ ବିଭାଗର ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରମିକ ସଂଗଠନର ଧର୍ମଘଟ ଶାନ୍ତିପୂର୍ଣ୍ଣ




ଗୁଡାରି, ୯।୭ (ସମିସ): ଦଶଟି କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନର ମିଳିତ ମଞ୍ଚର ଆହ୍ୱାନରେ ଦେଶବ୍ୟାପି ଧର୍ମଘଟ ଗୁଡାରି ସହରରେ ଶାନ୍ତି ପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଛି। ଏହାର ପ୍ରଭାବ ଗୁଡ଼ାରି ସହରରେ କିଛି ପରିମାଣରେ ପଡ଼ିଥିବା ଦେଖିବାକୁ ମିଳୁଛି। ବିଭିନ୍ନ ୧୭ ଦଫା ଦାବିରେ ୨୪ ଘଣ୍ଟିଆ ଆନ୍ଦୋଳନ ହୋଇଥିଲା। ଗୁଡାରି ସହରକୁ ବସ୍ ଚଳାଚଳ ସମ୍ପୂର୍ଣ ବନ୍ଦ ଥିବାବେଳେ ଦୋକାନ ବଜାର କିଛି ମାତ୍ରରେ ବନ୍ଦ ରହିଛି। ସ୍କୁଲ, କଲେଜ, ବ୍ଲକ ଅଫିସ, ତହସିଲ, ବନ ବିଭାଗ ସମସ୍ତ ସରକାରୀ କାର୍ଯ୍ୟାଳୟ ଖୋଲା ରହିଥିବା ଦେଖିବାକୁ ମିଳିଛି।

### ପାନୀୟ ଜଳ ସଂଯୋଗୀକରଣ ପ୍ରକଳ୍ପର ଶିଳାନ୍ୟାସ

# ବିଷମ କଟକ ସହରକୁ ସ୍ୱତନ୍ତ୍ର ଜଳ ସଂଯୋଗୀକରଣ




ବିଷମ କଟକ, ୯।୭ (ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ସଦର ବ୍ଲକ ମେଗା ଜଳ ପ୍ରକଳ୍ପରୁ ବାଦ୍ ପଡିଥିବା ବେଳେ ରାଜ୍ୟ ସରକାର ଏହି ଗାଁକୁ ସ୍ୱତନ୍ତ୍ର ଜଳ ସଂଯୋଗୀକରଣ ଯୋଜାନର ଅର୍ନ୍ତଭୂକ୍ତ କରିଛନ୍ତି। ବିଷମ କଟକ ଗାଁରେ ପାନୀୟ ଜଳ ଯୋଗାଣ ନିମନ୍ତେ ୪ କୋଟି ୩୯ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷିରେ ଆଜି ବିଷମ କଟକ ଗୁଣ୍ଡିଚା ମନ୍ଦିର ନିକଟରେ ଏହି ପ୍ରକଳ୍ପ ଆରମ୍ଭ ପାଇଁ ଶିଳାନ୍ୟାସ ହୋଇଯାଇଛି। ବିଷମ କଟକ ବିଧାୟକ ନିଳମାଧବ ହିକକା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂଜାର୍ଚ୍ଚନା କରି ପ୍ରକଳ୍ପ ନିର୍ମାଣ ପାଇ ଶୁଭ ଦେଇଛନ୍ତି। ଏହି ପ୍ରକଳ୍ପ ମାଧ୍ୟମରେ ବିଷମ କଟକ ସହରର ପ୍ରତ୍ୟେକ ପରିବାରକୁ ସ୍ୱଚ୍ଛ ଓ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ହୋଇପାରିବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି ଅବସରରେ ସାଂସଦ ପ୍ରତିନିଧି ଦିଲୀପ କୁମାର ପଟ୍ଟନାୟକ, ବିଷମ କଟକ ସରପଞ୍ଚ ନମିତା କୁଲସିକା, ନାଏବ ସରପଞ୍ଚ ପ୍ରଦୀପ କୁମାର ଗୁଡଲା, ବ୍ଲକ ଅଧକ୍ଷା ଯଶୋଦା ହୁଇକା, ଉପାଧକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ, ତହସିଲଦାର କେ.ଭେଙ୍କେଟେଶ୍ୱର ରେଡି, ଥାନା ଅଧିକାରୀ ସୂର୍ଯ୍ୟଚନ୍ଦ୍ର ପାଢି, ଜଳ ଓ ପରିମଳ ବିଭାଗର ସହକାରୀ ଯନ୍ତ୍ରୀ ଜିତେନ୍ଦ୍ର ପାତ୍ର, ଯନ୍ତ୍ରୀ ରାଜଶ୍ରୀ ପାତ୍ର, ଅମିତାଭ ପଟ୍ଟନାୟକ, ତ୍ରିନାଥ ଗୌଡ, ଶୁଭେନ୍ଦୁ କୁମାର ଚୌଧୁରୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ବିଷମ କଟକ ବିଧାୟକ ନୀଳମାଧବ ହିକ୍‌କାଙ୍କ ପ୍ରଚେଷ୍ଟାରେ ବିଷମ କଟକ ସହର ପାନୀୟ ଜଳ ସଂଯୋଗୀକରଣ ଯୋଜନାରେ ସାମିଲ ହୋଇଥିବାରୁ ତାଙ୍କୁ ଜନସାଧାରଣ ସାଧୁବାଦ ଜଣାଇଛନ୍ତି।

### ବେତନ ପ୍ରଦାନରେ ଅନିୟମିତତା

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ସିକ୍ୟୁରିଟି ଗାର୍ଡଙ୍କ ଆନ୍ଦୋଳନ



ମାଲକାନଗିରି, ୯।୭ (ସମିସ): ପୂର୍ବ ସରକାର ଓ ଜିଲ୍ଲା ପ୍ରଶାସନ ଶିକ୍ଷିତ ବେରୋଜଗାର ଓ ତୃତୀୟ ଲିଙ୍ଗୀଙ୍କ ସହ ପୂର୍ବତନ ମାଓବାଦୀଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ତାଲିମ ଦେଇ ସିକ୍ୟୁରିଟି ଗାର୍ଡ ଭାବେ ନିଯୁକ୍ତି କରିଥିଲେ। ବର୍ତ୍ତମାନ ସେମାନେ ସଠିକ୍ ଭାବେ ଦରମା ପାଉ ନଥିବା ଅଭିଯୋଗ କରିଛନ୍ତି। ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ସିକ୍ୟୁରିଟି ଗାର୍ଡଙ୍କ ପକ୍ଷରୁ ଏଭଳି ଅଭିଯୋଗ ଆସିଥିବା ବେଳେ ଦରମା ସଠିକ ଭାବେ ମିଳୁନଥିବାରୁ ସେମାନେ ଧାରଣା ଦେଇଛନ୍ତି। ସଠିକ ସମୟରେ ଦରମା ନ ମିଳିବା, ଦରମା ମାଗିଲେ ଏଜେନ୍ସି ପକ୍ଷରୁ ଧମକଚମକ ଦେବା ଭଳି ଅଭିଯୋଗ ଆଣି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପ୍ରବେଶ ଦ୍ୱାର ସମ୍ମୁଖରେ ଧାରଣାରେ ବସିଛନ୍ତି ସିକ୍ୟୁରିଟି ଗାର୍ଡ ମାନେ। ଗତ ଦୁଇ ମାସରୁ ଅଧିକ ସମୟ ଧରି ଦରମା ଦିଆଯାଇ ନଥିବା ଅଭିଯୋଗ ଆଣିଛନ୍ତି ସିକ୍ୟୁରିଟି କର୍ମଚାରୀ। ଭୁବନେଶ୍ୱରର କେୟାର ନାମକ ସିକ୍ୟୁରିଟି ସଂସ୍ଥା ପକ୍ଷରୁ ମାଲକାନଗିରି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗରେ ପ୍ରାୟ ୧୮୦ ଜଣ କାର୍ଯ୍ୟରତ। ସମସ୍ତ ସିକ୍ୟୁରିଟି ଗାର୍ଡଙ୍କୁ ନିୟମିତ ଭାବେ ଦରମା ପ୍ରଦାନ କରାଯାଉ ନଥିବାରୁ ଆଜି ମାଲକାନଗିରି ଜିଲ୍ଲା ହସ୍ପିଟାଲ ସମ୍ମୁଖରେ ଧାରଣା ଦେଇ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ସେମାନଙ୍କୁ ମାତ୍ର ୧୨ ହଜାର ଟଙ୍କା ମିଳୁଥିବା ବେଳେ ଗତ ଦୁଇ ମାସର ଦରମା ନ ପାଇ ସେମାନେ ବହୁତ ହଇରାଣ ହେଉଛନ୍ତି। ପରିବାର କିପରି ଚଳିବ ସେ ନେଇ ଚିନ୍ତିତ ହୋଇ ପଡିଛନ୍ତି। ପ୍ରତିମାସ ୫ ତାରିଖ ସୁଦ୍ଧା ବେତନ ପ୍ରଦାନ କରାଯାଉ ବୋଲି ସେମାନେ ଦାବି କରିଛନ୍ତି। ଏହା ସହ ପୂର୍ବରୁ ଏହି ସିକ୍ୟୁରିଟି ଗାର୍ଡ ମାନେ ବର୍ଷା ଦିନ ପାଇଁ ରେନ୍‌କୋର୍ଟ ଓ ଅତିରିକ୍ତ ୟୁନିଫର୍ମ ପ୍ରଦାନ କରାଯାଉ ବୋଲି ଜିଲ୍ଲା ମୂଖ୍ୟ ସ୍ୱାସ୍ଥ୍ୟ ଅଧିକାରୀଙ୍କ ନିକଟରେ ଦାବି ଜଣାଇଥିଲେ। ଜିଲ୍ଲାର ସ୍ୱାସ୍ଥ୍ୟ ବିଭାଗର ସମସ୍ତ ସୁରକ୍ଷା କର୍ମୀ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଥିବାରୁ ସ୍ୱାସ୍ଥ୍ୟ କେନ୍ଦ୍ର ମାନଙ୍କରେ କିଛି ସମୟ ପାଇଁ ସୁରକ୍ଷା ବ୍ୟବସ୍ଥା ଅଚଳ ହୋଇପଡ଼ିଥିଲା। ଆନ୍ଦୋଳନର କିଛି ଘଣ୍ଟା ପରେ ସେମାନଙ୍କ ଆକାଉଣ୍ଟକୁ ଗୋଟିଏ ମାସର ଦରମା ଟଙ୍କା ଆସିଥିଲା। ସୂଚନାଯୋଗ୍ୟ ଯେ ନିଯୁକ୍ତି ପାଇବା ଦିନ ଠାରୁ ସେମାନଙ୍କୁ କେବେ ନିୟମିତ ଭାବେ ଦରମା ମିଳେ ନାହିଁ। ଆନ୍ଦୋଳନ ଆରମ୍ଭ କଲେ ସଂସ୍ଥା ପକ୍ଷରୁ ଦରମା ମିଳେ ବୋଲି ସୁରକ୍ଷା କର୍ମୀ ମାନେ କହିଛନ୍ତି। ଚଳିତ ମାସରୁ ସଠିକ ଭାବେ ଦରମା ପୈଠ କରା ନଗଲେ ଗାର୍ଡ କାର୍ଯ୍ୟ ଛାଡି ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ନାଳକୁ ଖସିଲା କାର, ମହିଳା ଆହତ

ପୋଡ଼ାଗଡ଼, ୯।୭ (ସମିସ): କୋରାପୁଟ- ରାୟଗଡା ୩୨୬ ନଂ ଜାତୀୟ ରାଜପଥ ବଙ୍ଗଳାଗୁଡ଼ା ଛକ ନିକଟରେ କାରଟି ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଡ୍ରେନ୍‌ରେ ଖସି ପଡିଥିଲା। ଦୁର୍ଘଟଣାରେ ଜଣେ ମହିଳା ଆହତ ହୋଇଥିବା ବେଳେ ସ୍ଥାନୀୟ ବଙ୍ଗଳାଗୁଡ଼ା ଗ୍ରାମର ଯୁବକମାନେ କାରରୁ ମହିଳାଙ୍କୁ ଉଦ୍ଧାର କରି ପୋଡ଼ା ଗଡ଼ ମେଡ଼ିକାଲକୁ ପଠାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସ୍ୱାସ୍ଥ୍ୟବସ୍ଥା ଠିକ୍ ଥିବା ସୂଚନା ମିଳିଛି। ସେହିପରି ପୋଡ଼ାଗଡ଼ ପେଟ୍ରୋଲ ପମ୍ପ ସମ୍ମୁଖରେ ଦୁଇ ବାଇକ୍ ଧକ୍କା ହେବାରୁ ଦୁଇ ଆହତ ହୋଇଛନ୍ତି। ପୋଡ଼ାଗଡ଼ ପେଟ୍ରୋଲ ପମ୍ପ ସମ୍ମୁଖରେ ପେଟ୍ରୋଲ ପକାଇବାକୁ ଯାଉଥିବା ସମୟରେ ପଛପଟୁ ଅନ୍ୟ ଏକ ବାଇକ୍ ଦ୍ରୁତଗତିରେ ଆସି ଏକ ବାଇକ୍‌କୁ ଧକ୍କା ଦେଇଥିଲା। ଦୁଇ ଆହତଙ୍କୁ ତୁରନ୍ତ ପୋଡ଼ାଗଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରିଥିବା ବେଳେ ଜଣେ ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କୋରାପୁଟ ମେଡିକାଲ ସ୍ଥାନାନ୍ତର କରାଯାଇଛି। ପେଟ୍ରୋଲ ପମ୍ପ ପକ୍ଷରୁ କୌଣସି ସୂଚନା ଫଳକ ନଥିବାରୁ ଦୁର୍ଘଟଣା ଘଟୁଥିବା ଜନସାଧାରଣରେ ଚର୍ଚ୍ଚା ହେଉଛି।

# ଉମରକୋର୍ଟରେ ଧର୍ମଘଟ



ଉମରକୋଟ, ୯।୭ (ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଠାରେ ସର୍ବଭାରତୀୟ ଧର୍ମଘଟ ପାଳିତ ହୋଇଯାଇଛି। ଉମରକୋଟ ଠାରେ ସକାଳ ୬ ଘଣ୍ଟା ଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ବନ୍ଦ ପାଳନ କରାଯାଇଥିଲା। ଏହି ସମୟରେ ସମସ୍ତ ସରକାରୀ, ଘରୋଇ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ଅନ୍ୟାନ୍ୟ ପ୍ରତିଷ୍ଠାନ, ଦୋକାନ ବଜାର, ଶିଳ୍ପସଂସ୍ଥା, ବ୍ୟବସାୟିକ ପ୍ରତିଷ୍ଠାନ ଏବଂ ଗାଡ଼ିମୋଟର ଚଳାଚଳ ବନ୍ଦ ରହିଥିଲା। ଫଳରେ ଯାତ୍ରୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ତେବେ ଆମ୍ବୁଲାନ୍ସ, ଅଗ୍ନିଶମ ସମେତ ଜରୁରୀ ସେବାଗୁଡ଼ିକୁ ବାଦ ଦିଆଯାଇଥିଲା। ଉମରକୋଟ ସହରର ବିଭିନ୍ନ ସ୍ଥାନରେ ପିକେଟିଂ କରି ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରାଯାଇଥିଲା। ଏହି ଆନ୍ଦୋଳନରେ ନାରୀନେତ୍ରୀ ହାରାବତୀ ଗଣ୍ଡ, ପର୍ଶୁରାମ ନାୟକ, ଏସ ବିଜୟ, ବିଭିନ୍ନ ସଙ୍ଗଠନ, ଚାଷୀ, ଶ୍ରମିକ, ଦିନ ମଜୁରିଆ ପ୍ରମୁଖ ସାମିଲ ହୋଇଥିଲେ।

# ସିଟୁର ଭାରତ ବନ୍ଦ ଆନ୍ଦୋଳନ




ଦାମନଯୋଡି, ୯।୭ (ସମିସ): ନାଲ୍‌କୋ ମୁଖ୍ୟ ଫାଟକ ସମ୍ମୁଖରେ ସମ୍ମିଳିତ ହେଲେ ସହସ୍ରାଧିକ ଶ୍ରମିକ। ଆଜି କୃଷକ ଓ ଶ୍ରମିକ ବିରୋଧ ନୀତି ପ୍ରତ୍ୟାହାର ନେଇ ସିଟୁ ପକ୍ଷରୁ ସାରା ଦେଶରେ ବନ୍ଦ ଡାକରା ଦିଆଯାଇଥିଲା। ଏହାର ପ୍ରଭାବ ଦେଖିବାକୁ ମିଳିଛି କୋରାପୁଟ ଜିଲ୍ଲା ଶିଳ୍ପାଞ୍ଚଳ ଦାମନଯୋଡିରେ। ନାଲକୋ ମୁଖ୍ୟ ଫାଟକ ସମ୍ମୁଖରେ ଗେଟ୍ ମିଟିଂ କରି ଦଶ ଗୋଟି ଶ୍ରମିକ ସଂଗଠନର ସହସ୍ରାଧିକ ଠିକା ଶ୍ରମିକ ଏକତ୍ରିତ ହୋଇ ଶ୍ରମିକ ବିରୋଧ ଆଇନ୍ ପ୍ରତ୍ୟାହାର ପାଇଁ ନାଲକୋ ଓ କେନ୍ଦ୍ର ସରକାର ବିରୁଦ୍ଧରେ ସ୍ଲୋଗାନ ଦେଇଥିଲେ। ଶ୍ରମିକ ମାନଙ୍କର ଅନ୍ୟୁନ ମାସିକ ବେତନ ୨୬ ହଜାର ଟଙ୍କା, ଅବସର ପରେ ମାସିକ ଭତ୍ତା ୯ ହଜାର ଟଙ୍କା, ଶ୍ରମିକ ମାନଙ୍କ ପାଇଁ ଉଦ୍ଦିଷ୍ଟ ଇଏସଆଇ ମେଡିକାଲରେ ଅର୍ଥ କାରବାର କରିବା ଆଦି ଦାବି କରିଛନ୍ତି। ତେବେ ନାଲକୋର ସ୍ଥାୟୀ କର୍ମଚାରୀମାନଙ୍କୁ ନିଜ କର୍ମକ୍ଷେତ୍ରକୁ ଯିବାରେ ଶ୍ରମିକ ମାନେ ବାଧା ଦେଇନଥିବା ଦେଖିବାକୁ ମିଳିଛି। ସକାଳ ୮ଟା ଠାରୁ ଗେଟ୍ ମିଟିଂ ଆରମ୍ଭ ହେଇଥିବା ବେଳେ ସାଢ଼େ ନଅଟାରେ ସ୍ୱାଭାବିକ ହୋଇଥିଲା। ଅନ୍ୟ ପକ୍ଷରେ ଗତକାଲିଠାରୁ ଚାଲିଥିବା ଘରୋଇ ମୋଟର ଚାଳକ ସଂଘର ଧର୍ମଘଟ ଆଜି ମଧ୍ୟ ବଳବତ୍ତର ରହିଥିବା ଦେଖାଯାଇଛି। ଘରୋଇ ବସ୍ ଚଳାଚଳ ବନ୍ଦ ରହିଥିବା ବେଳେ ମାଲ ପରିବହନ ମଧ୍ୟ ବନ୍ଦ୍ ରହିଛି।

# ଜିଲ୍ଲା କ୍ରୀଡ଼ା ସଂଘ କର୍ମକର୍ତ୍ତା ନିର୍ବାଚନ ସ୍ଥଗିତ

କୋରାପୁଟ/ଜୟପୁର, ୯।୭ (ସମିସ): କୋରାପୁଟ ଜିଲ୍ଲା କ୍ରୀଡା ସଂଘ କର୍ମକର୍ତ୍ତା ନିର୍ବାଚନକୁ ଜିଲ୍ଲାପାଳ ତଥା କ୍ରୀଡା ସଂଘ ଏକ୍ସ ଅଫିସିଓ ସଭାପତି ଭି କୀର୍ତ୍ତି ୱାସନ ସ୍ଥଗିତ ରଖିଛନ୍ତି। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ନିର୍ବାଚନକୁ ସ୍ଥଗିତ ରଖାଯାଇଥିବା ଏକ ବିଜ୍ଞପ୍ତି ଜରିଆରେ ସେ ସୂଚନା ଦେଇଛନ୍ତି। ୧୧ ତାରିଖରେ କୋରାପୁଟ ଜିଲ୍ଲା କ୍ରୀଡା ସଂଘର ସାଧାରଣ ପରିଷଦ ବୈଠକ ସହ ୧୩ ଗୋଟି ପଦବୀ ପାଇଁ ନିର୍ବାଚନ ହେବାର ଥିଲା। ଶେଷ ଥର ପାଇଁ ଜିଲ୍ଲା କ୍ରୀଡା ସଂଘର ନିର୍ବାଚନ ୨୦୧୫ରେ ହୋଇ ୨୦୧୯ରେ କର୍ମକର୍ତ୍ତାଙ୍କ କାର୍ଯ୍ୟକାଳ ଶେଷ ହୋଇଛି। କୋର୍ଟରେ ଏକ କେସ ରହିଥିବାରୁ ନିର୍ବାଚନ ସ୍ଥଗିତ ରଖା ଯାଇଛି। ଜିଲ୍ଲା କ୍ରୀଡା ସଂଘର ନିର୍ବାଚନରେ ୫୪ ଜଣ ଭୋଟର ମତଦାନ କରିଥାନ୍ତେ । କାର୍ଯ୍ୟକାରୀ କମିଟିର ୧୬ ଜଣ , କୋରାପୁଟ ଉପଖଣ୍ଡ କ୍ରୀଡା ସଂଘ ୧୧, ଜୟପୁର ଉପଖଣ୍ଡ କ୍ରୀଡା ସଂଘ ୧୧ ଏବଂ ଆଜୀବନ ସଦସ୍ୟ ୧୬ ଏହିପରି ସମୁଦାୟ ୫୪ ଜଣ ଭୋଟର ରହିଛନ୍ତି। ଅନ୍ୟ ପକ୍ଷରେ କୋରାପୁଟ ଜିଲ୍ଲାରେ କ୍ରୀଡାର ବିକାଶ ପାଇଁ କ୍ରୀଡା ସଂଘର ବାଇଲ ପରିବର୍ତ୍ତନ କରି ନୂତନ ବାଇଲ ପ୍ରସ୍ତୁତ କରାଯାଉ, ଯେଉଁଥିରେ ଜିଲ୍ଲାର ୧୪ଟି ବ୍ଲକର ଶ୍ରେଷ୍ଠ କ୍ରୀଡ଼ାବିତଙ୍କୁ ସଦସ୍ୟ ଭାବେ ନିଆଯାଉ। ଯଦ୍ୱାରା ଜିଲ୍ଲାର ସହରାଞ୍ଚଳ ଓ ଗ୍ରାମାଞ୍ଚଳର କ୍ରୀଡାବିତ ମାନେ ସଂଘରେ ସାମିଲ ହେବେ ଓ ଜିଲ୍ଲାର କ୍ରୀଡାର ବିକାଶ ପାଇଁ କାର୍ଯ୍ୟ କରିବେ ବୋଲି ସାଧାରଣରେ ଦାବି ହେଉଛି।

## ଶକ୍ତି ସଦନ ଗୃହରୁ ନାବାଳିକାର ଝୁଲନ୍ତା ମୃତଦେହ ଉଦ୍ଧାର

# ପରିବାର ଲୋକେ ଆଣିଲେ ହତ୍ୟା ଅଭିଯୋଗ



ମାଲକାନଗିରି, ୯।୭ (ସମିସ): ମାଲକାନଗିରି ଶକ୍ତି ସଦନ ଗୃହରେ ରହୁଥିବା ଜଣେ ନାବାଳିକାର ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ଏହାକୁ ମୃତ ନାବାଳିକାର ପରିବାର ଲୋକେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ ଏମ୍‌ଭି ୮୧ ଗ୍ରାମର ଜୈନିକା ୧୫ ବର୍ଷୀୟ ନାବାଳିକା ଝିଅକୁ ଜଣେ ଯୁବକ ଭଲ ପାଉଥିଲେ। ଉକ୍ତ ପ୍ରେମିକ ତାଙ୍କୁ ଅପହରଣ କରି ଚାଲି ଯାଇଥିଲା। ଯାହାକୁ ନେଇ ପରିବାର ଲୋକେ ମୋଟୁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଉକ୍ତ ପ୍ରେମିକକୁ କାବୁ କରିବା ସହ ନାବାଳିକାକୁ ଉଦ୍ଧାର କରିବା ସହ ଜିଲ୍ଲା ସଦରରେ ଥିବା ଶକ୍ତି ସଦନ ଗୃହରେ ଆଣି ରଖିଥିଲେ। ଗତ କିଛି ମାସ ଧରି ଝିଅଟି ଏଠାରେ ରହିଥିବା ବେଳେ ଗତକାଲି ସ୍ୱଧର ଗୃହର ରୋଷେଇୟା ତାଙ୍କୁ ମାଡ଼ ମାରିଥିବା ନେଇ ସେ ପରିବାର ଲୋକଙ୍କୁ ଜଣାଇଥିଲେ। ଆଜି ପରିବାର ଲୋକେ ଝିଅ ନିକଟକୁ ଆସୁଥିବା ବେଳେ ଝିଅ ଶକ୍ତି ସଦନ ଗୃହରେ ଆତ୍ମହତ୍ୟା କରିଥିବା ଜାଣିବାକୁ ପାଇଥିଲେ। ଝିଅର ଝୁଲନ୍ତା ମୃତଦେହ ଦେଖି ପରିବାର ଲୋକେ ଭାଙ୍ଗି ପଡିଥିବା ବେଳେ ପରିବାର ଲୋକେ ଝିଅକୁ ମାରି ଦିଆଯାଇଥିବା ନେଇ ଅଭିଯୋଗ ଆଣିଛନ୍ତି। ଘଟଣାକୁ ନେଇ ଚାପା ଉତ୍ତେଜନା ଲାଗି ରହିଥିବା ବେଳେ ଘଟଣା ସ୍ଥଳରେ ଜିଲ୍ଲା ବିଜୁ ଜନତା ଦଳର ସଭାପତି ମାନସ ମାଡକାମି ପହଞ୍ଚି ଘଟଣାକୁ ନେଇ କ୍ଷୋଭ ପ୍ରକାଶ କରିବା ସହ ଘଟଣାର ତଦନ୍ତ ଏବଂ ନାବାଳିକାର ପରିବାରକୁ ୩୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି। ଏହି ଶକ୍ତି ସଦନ ଗୃହକୁ ପରିଚାଳନା କରୁଥିବା ସଂସ୍ଥା ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ସେ ଦାବି କରିଛନ୍ତି। ଏନେଇ ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ କୋରାପୁଟରୁ ସାଇଣ୍ଟିଫିକ ଟିମ ଆସି ଘଟଣାର ତଦନ୍ତ କରୁଥିବା ମାଲକାନଗିରି ଥାନା ଅଧିକାରୀ ରିଗାନ କିଣ୍ଡୋ ପ୍ରକାଶ କରିଛନ୍ତି। ତେବେ ଘଟଣା ସ୍ଥଳରେ ଜିଲ୍ଲା ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷା ସଞ୍ଜୁକ୍ତା ପ୍ରଧାନ ପହଞ୍ଚି ତଦନ୍ତ କରିବା ସହ ସେ ପ୍ରକାଶ କରିଛନ୍ତି ଯେ, ନାବାଳିକା ଜଣଙ୍କ ଏକ କଠୋରୀ ମଧ୍ୟରେ ଭିତରୁ କବାଟ ଦେଇ ରହିଥିବା ବେଳେ କବାଟ ଫାଙ୍କରେ ଦେଖିବା ସମୟରେ ଝିଅଟିର ଝୁଲନ୍ତା ମୃତଦେହ ଦେଖିଥିଲୁ। ତେବେ ଝିଅଟି ଆତ୍ମହତ୍ୟା କରିଥିବା ଅନୁମାନ କରି ପୋଲିସକୁ ଖବର ଦିଆଯାଇଛି। ଶକ୍ତି ସଦନ ଗୃହରେ ମାଡ କିମ୍ବା ଦୁର୍ବ୍ୟବହାର ହୋଇଥିବା ନେଇ ଝିଅଟି ତାଙ୍କ ନିକଟରେ କେବେ କୌଣସି ଅଭିଯୋଗ କରି ନଥିଲା ବୋଲି ସେ କହିଛନ୍ତି।

# ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଚୋରି, ୩ ଗିରଫ



ବାଲିମେଳା/କୋରୁକୋଣ୍ଡା, ୯।୭ (ସମିସ): ମାଲକାନଗିରି ଜିଲ୍ଲା ବାଲିମେଳା ସହରର ୨ ନଂ ୱାର୍ଡର ଗଦବାଗୁଡା ଅଞ୍ଚଳର ଏ ସୁରି ପ୍ରକାଶଙ୍କ ଘରୁ ସମସ୍ତ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଚୋରି ମାମଲାରେ ୨ ଜଣ ଚୋର ସମେତ ଜଣେ କ୍ରୟ କରିଥିବା ଯୁବକଙ୍କୁ ଗିରଫ କଲା ଓରକେଲ ପୋଲିସ। ମିଳିଥିବା ସୂଚନାନୁଯାୟୀ, ଗତ ମେ ମାସରେ ଏ ସୁରି ପ୍ରକାଶ ନିଜର ବ୍ୟକ୍ତିଗତ କାର୍ଯ୍ୟରେ ସପରିବାର ଆନ୍ଧ୍ରପ୍ରଦେଶର ନର୍ସିପାଟନାମ୍‌କୁ ଯାଇଥିଲେ। ନିଜର କାର୍ଯ୍ୟ ସାରି ସେ ଗତ ୫ ତାରିଖରେ ପୁଣି ବାଲିମେଳା ସ୍ଥିତ ନିଜ ଘରକୁ ଫେରିଥିବା ବେଳେ ଘରର ମୁଖ୍ୟ ଫାଟକର ତାଲା ଭାଙ୍ଗି ଯାଇଥିବା ଦେଖିଥିଲେ। ଘର ଭିତରକୁ ଯାଇ ଦେଖିଲା ବେଳକୁ ଆଲମାରୀରୁ ନିଜର ରୁପା ସାମଗ୍ରୀ ସମେତ ଏଲଇଡି ଟିଭି, ଇଣ୍ଡୋର ଏସି, ଷ୍ଟାଣ୍ଡ ଫ୍ୟାନ, ଲ୍ୟାପ୍‌ଟପ, ମୋଟର ପମ୍ପ, ଇନଭର୍ଟର, ବ୍ୟାଟେରୀ, ଆଇରନ ବକ୍ସ ଏବଂ ତାଙ୍କର ଜମିଜମା ମାମଲାର ୧୮ ଗୋଟି ଫାଇଲ ଚୋରି ହୋଇଥିବା ଦେଖିଥିଲେ। ସେ ବାଧହୋଇ ଓରକେଲ ଥାନାର ଦ୍ୱାରସ୍ଥ ହୋଇ ଏକ ଲିଖିତ ଅଭିଯୋଗପତ୍ର ପ୍ରଦାନ କରିଥିଲେ। ମାମଲା ଅନୁଯାୟୀ ଥାନାଧିକାରୀ ଧୀରେନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଏସଆଇ ମିଲନ ବରିହାଙ୍କ ନେତୃତ୍ୱରେ ଏକ ଟିମ ଗଠନ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ତଦନ୍ତ ପରେ ଏହି ଘଟଣାରେ ସମ୍ପୃକ୍ତି ଥିବା ୨ ଜଣଙ୍କୁ ପୁଲିସ ଗିରଫ କରିଥିଲା। ଗିରଫ ୨ ଚୋର ହେଲେ ବାଲିମେଳା ସହରର ଗଦବାଗୁଡା ଅଞ୍ଚଳର ଦେବରାଜ ସୁରୁଜା(୧୮) ଏବଂ ମେଡ଼ିକାଲ ସାହିର ଦିଲ୍ଲୀପ ନାଗ(୧୯)। ତେବେ ଏହି ୨ ଜଣ ଚୋର ସମେତ ସେମାନଙ୍କ ଠାରୁ ଏହି ଚୋରି ସାମଗ୍ରୀ କ୍ରୟ କରିଥିବା ଯୁବକ ରୂପେଶ ବାଘ(୨୨) ଙ୍କୁ ଗିରଫ କରିଛି ଓରକେଲ ପୋଲିସ। ତେବେ ଆଜି ଏହି ୩ ଅଭିଯୁକ୍ତ ଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି।

● ଲକି ଡ୍ର ଲଟେରୀ ଆଳରେ ଠକେଇ !

# ଜୟ ବଜରଙ୍ଗ ମଲ୍‌କୁ ନେଇ ଗ୍ରାହକ ଅସନ୍ତୋଷ

କାଳିମେଳା, ୯।୭ (ସମିସ): ମାଲକାନଗିରି ଜିଲ୍ଲା କାଳିମେଳା ମୁଖ୍ୟ ରାସ୍ତା କଡ଼ରେ ଥିବା ଜୟ ବଜରଙ୍ଗ ମଲ୍‌କୁ ନେଇ ଗ୍ରାହକ ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। ଲୋଭନୀୟ ଅଫର୍ ଆଳରେ ମାସ ମାସ ଧରି ବେପାର ଚଳାଇ ଗ୍ରାହକଙ୍କୁ ଠକୁଥିବା ଅଭିଯୋଗ ହୋଇଛି। ମଲ୍‌ଟି କିଛି ମାସ ତଳେ ଉଦ୍‌ଘାଟନ ହୋଇଥିଲା। ମଲ୍ କର୍ତ୍ତୃପକ୍ଷ ଅଧିକ ବେପାର ଆଶାରେ ଗ୍ରାହକଙ୍କୁ ୧୦ ହଜାର ଟଙ୍କା ଜିନିଷ କ୍ରୟ କଲେ ଏକ ଲଟେରୀ କୁପନ୍ ଦିଆଯିବ ବୋଲି ଲୋଭନୀୟ ଅଫର୍ ଦେଇଥିଲେ। ଅଫର୍‌ରେ ଟିଭିଏସ ମୋଟରସାଇକେଲ, ଫ୍ରିଜ୍, ୱାସିଂ ମେସିନ, ମୋବାଇଲ, ଟିଭି, କୁଲର୍ ଭଳି ବିଭିନ୍ନ ପ୍ରକାରର ସାମଗ୍ରୀ ରଖିଥିଲେ। ଏହାକୁ ଦେଖି ବହୁ ସଂଖ୍ୟାରେ ଗ୍ରାହକ ବିଭିନ୍ନ ସାମଗ୍ରୀ କ୍ରୟ କରିଥିଲେ। ଏହା ୧ ମାର୍ଚ୍ଚ ୨୦୨୫ ରୁ ୩୦ ମେ ୨୦୨୫ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ମଲ୍ ତରଫରୁ ସ୍ପଷ୍ଟ ଘୋଷଣା କରିବା ସହ ଲଟେରୀ ଟିକେଟରେ ଦର୍ଶା ଯାଇଛି। ଜୁନ ମାସ ୧ ତାରିଖରେ ଏହି କୁପନ୍ ଉଠାଣ କରାଯିବ ବୋଲି ଟିକେଟ୍‌ରେ ଉଲ୍ଲେଖ ହେବା ସହ ବିଭିନ୍ନ ଉପାୟରେ ପ୍ରଚାର ପ୍ରସାର କରିଥିଲେ। କିନ୍ତୁ ଟିକେଟ୍‌ରେ ଦର୍ଶା ଯାଇଥିବା ସମୟ ସୀମା ସରି ମାସ ମାସ ବିତିଗଲେ ମଧ୍ୟ ମଲ୍ କର୍ତ୍ତୃପକ୍ଷ ବିଭିନ୍ନ ବାହାନା ଦେଖାଇ ଗ୍ରାହକ ମାନଙ୍କୁ ଭୂଆଁ ବୁଲାଉଥିବା ଅଭିଯୋଗ ହୋଇଛି। କାଳିମେଳା ସହରରେ ମଲ୍ କର୍ତ୍ତୃପକ୍ଷଙ୍କ ଏତାଦୃଶ କାର୍ଯ୍ୟକୁ ନେଇ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ବନ୍ଧରେ ମଲ୍ ମ୍ୟାନେଜର ଗୋବିନ୍ଦ ଢ଼ାଲିଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ସୁଦ୍ଧା ତାହା ସମ୍ଭବ ହୋଇ ପାରି ନଥିବାରୁ ପ୍ରତିକ୍ରିୟା ମିଳି ପାରିନାହିଁ।

# ବୁଥସ୍ତରୀୟ ଅଧିକାରୀଙ୍କୁ ଜାତୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଡାବୁଗାଁ, ୯।୭ (ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ ଠାରେ ବୁଥସ୍ତରୀୟ ଅଧିକାରୀ ମାନଙ୍କୁ ଜାତୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଶିକ୍ଷକ ଭାବେ ପ୍ରକାଶ କୁମାର ପଣ୍ଡା ଯୋଗଦେଇ ତାଲିମ ଦେଇଥିଲେ। ନୂତନ ଭୋଟର ପରିଚୟ ପତ୍ର ଆବେଦନ, ସ୍ଥାନାନ୍ତରିତ, ସଂଶୋଧନ, ଆବେଦନ ପତ୍ର କିପରି ପୂରଣ କରାଯିବ ଓ ବୁଥସ୍ତରୀୟ ଅଧିକାରୀ ମାନଙ୍କ ବିଭିନ୍ନ କାର୍ଯ୍ୟ ଓ ଦାୟିତ୍ୱ ଉପରେ ତାଲିମ ଦିଆଯାଇଥିଲା। ଏଥିରେ ନବରଙ୍ଗପୁର ଜିଲ୍ଲା ପରିଷଦ ଉନ୍ନୟନ ଅଧିକାରୀ ତଥା ଭୋଟର ତାଲିକା ପଞ୍ଜିକରଣ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଡାବୁଗାଁ ବିଡିଓ ତଥା ଅତିରିକ୍ତ ଭୋଟର ତାଲିକା ପଞ୍ଜୀକରଣ ଅଧିକାରୀ ଶରତ ମାଝି, ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନାଭ ଭାଲ୍ଲା, ସିପି ପ୍ରବୀଣ ପଟ୍ଟନାୟକ, ସୁପରଭାଇଜର କୃଷ୍ଣଚନ୍ଦ୍ର ପଣ୍ଡା, ରାଇସିଂ ପୂଜାରୀ, ବିକାଶ ରଞ୍ଜନ ନିଶଙ୍କ, ରତିକାନ୍ତ ନାୟକ, ଧନସିଂ ତନ୍ତୀ ଓ ୫୫ ଜଣ ବୁଥ ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ଏ.ଡି ପ୍ରସାଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜିଲ୍ଲାରେ ବିଭିନ୍ନ ସଂଗଠନ ପକ୍ଷରୁ ବିକ୍ଷୋଭ




ମାଲକାନଗିରି, ୯।୭ (ସମିସ): ସାରା ଭାରତରେ ଟ୍ରେଡ୍ ୟୁନିଅନ ପକ୍ଷରୁ କେନ୍ଦ୍ର ସରକାରଙ୍କ ବିଭିନ୍ନ ନୀତିକୁ ବିରୋଧ କରି ଧର୍ମଘଟ ଜାରି ରହିଛି। ଏହାକୁ ନେଇ ମାଲକାନଗିରି ଜିଲ୍ଲାର ବିଭିନ୍ନ ସଙ୍ଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଥିବା ବେଳେ ଜିଲ୍ଲା ସଦରରେ ଏହାର ଆଂଶିକ ପ୍ରଭାବ ଦେଖିବାକୁ ମିଳିଛି। ଜିଲ୍ଲା ସଦର ସ୍ଥିତ ବସଷ୍ଟାଣ୍ଡ ଠାରେ ମୋଟ ୧୭ ଗୋଟି ଦାବି ନେଇ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ମୁଖ୍ୟତ ୪ଟି ଲେବର କୋଡକୁ ବାତିଲ, ନୂତନ ଶ୍ରମ ଆଇନ ସଂଶୋଧନକୁ ବାତିଲ, ଠିକା କର୍ମଚାରୀ, ପାଚିକା, ଆସା କର୍ମୀ ଆଦି ମାନଙ୍କୁ ଅନୁନ୍ୟ ୨୬ ହଜାର ଦରମା, ସରକାରୀ ଚାକିରିର ମାନ୍ୟତା ଦେବା, ୧୨ ଘଣ୍ଟା ବଦଳରେ ୮ ଘଣ୍ଟା କାର୍ଯ୍ୟ କରିବା ବହଳି ଅନେକ ଦାବି ନେଇ ଏଆଇଟିୟୁସି, ଏଚଏମଏସ, ସିଆଇଟିୟୁ, ଆଶା , ଅଙ୍ଗନବାଡି ଭଳି ବିଭିନ୍ନ ସଂଗଠନ ସାମିଲ ଥିଲେ। ତେବେ ଜିଲ୍ଲାରେ ଯଦିଓ ବନ୍ଦର ବିଶେଷ ପ୍ରଭାବ ପଡି ନଥିଲା କିନ୍ତୁ ଗୋଟିଏ ପଟେ ଟ୍ରେଡ ୟୁନିୟନର ବନ୍ଦ ଡାକରା ସାଙ୍ଗକୁ ଡ୍ରାଇଭର ସଂଘର ଆନ୍ଦୋଳନ ଫଳରେ ମାଲକାନଗିରି ଜିଲ୍ଲାରେ ସମସ୍ତ ଘରୋଇ ବସ ଚଳାଚଳ ପ୍ରଭାବିତ ହୋଇଛି। ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଆଜିର ବନ୍ଦ ପାଳନରେ ସିଆଇଟିୟୁର ଜିଲ୍ଲା ସଭପତି ବ୍ରଜ ମାଝୀ, କୃଷକ ମୋର୍ଚ୍ଚାର ଭୁପେଶ କର୍ମକାର, ଏଆଇଟିୟୁସିର ଜିଲ୍ଲା ସମ୍ପାଦକ ଦୁର୍ଗା ମହାନନ୍ଦିଆ, ଆଇଏନଟିୟୁସିର ଜିଲ୍ଲା ସମ୍ପାଦକ ହାରେନ ମଣ୍ଡଳ ପ୍ରମୁଖଙ୍କ ସହ ବହୁ ସଦସ୍ୟ ଉପସ୍ଥିତ ରହି ବିକ୍ଷୋଭ କରିଥିଲେ।

# ସମବାୟ ବିଭାଗର ଚାରାରୋପଣ



କୁଡୁମୁଲୁଗୁମ୍ମା, ୯।୭ (ସମିସ): ସମବାୟ ବର୍ଷର ପାଳନ ଅବସରରେ ମାଲକାନଗିରି ଜିଲ୍ଲାର କୁଡୁମୁଲୁଗୁମ୍ମା ଆଦର୍ଶ ସମବାୟ ସମିତି ଓ ରାଜ୍ୟ ସମବାୟ ବିଭାଗର ମିଳିତ ଆନୁକୁଲ୍ୟରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମାଲକାନଗିରି ଜିଲ୍ଲା ସମବାୟ ସମିତି ସମୂହର ଉପ ନିବନ୍ଧକ ଥିଓଫିଲ୍ ଶବର, ସହକାରୀ ଉପ ନିବନ୍ଧକ ଚନ୍ଦ୍ର ସେଠୀଆ, ବି.ଭେଙ୍କେଟ ରାଓ, ସଞ୍ଜୟ କୁମାର ଦାସ, ଲ୍ୟାମ୍ପ୍‌ସ ସଭାପତି ଗୋପୀ ପାଙ୍ଗୀ, ଲ୍ୟାମ୍ପ୍‌ସ ପରିଚାଳନା ନିର୍ଦ୍ଦେଶକ ରମେଶ ଚନ୍ଦ୍ର ରାଉତ, ସମିତି ସଦସ୍ୟ ସାଧୁ ହନ୍ତାଳ, ଭଗବାନ ସାହୁ, ହରି ମାଢୀ ପ୍ରମୁଖ ଉପସ୍ଥିତ ଥିଲେ। କୁଡୁମୁଲୁଗୁମ୍ମା ସ୍ଥିତ ସ୍ଥାନୀୟ ଧାନ ମଣ୍ଡିର ଚତୁର୍ପାଶ୍ୱର୍ରେ ଓ ଏହା ନିକଟରେ ଥିବା ଖାଲି ପଡିଆରେ ୨୦୦ରୁ ଅଧିକ ବିଭିନ୍ନ ପ୍ରକାରର ଚାରା ରୋପଣ କରାଯାଇଛି। ସବୁଜିମା ବଳୟ ସୃଷ୍ଟି କରିବାରେ କୁଡୁମୁଲୁଗୁମ୍ମା ଲ୍ୟାମ୍ପ୍‌ସ ଏକ ଅଗ୍ରଣୀ ଭୂମିକା ନେବ ବୋଲି କହିବା ସହ ସମସ୍ତଙ୍କୁ ଗୋଟିଏ ବୃକ୍ଷ ନିଜ ମା'ଙ୍କ ନାମରେ ଲଗେଇବା ପାଇଁ ଉପ ନିବନ୍ଧକ ଶ୍ରୀ ଶବର ଆହ୍ୱାନ ଦେଇଛନ୍ତି। ଏହି ଚାରାରୋପଣ କାର୍ଯ୍ୟକ୍ରମରେ ଲ୍ୟାମ୍ପ୍‌ସ କର୍ମଚାରୀ ଅନୀଲ ସ୍ୱାଇଁ, ସୁନୀଲ ପଟ୍ଟନାୟକ, ରାଜେନ୍ଦ୍ର ଦଳପତି, ନରହରି ସ୍ୱାଇଁ, ବଳରାମ ଦଳପତି ଓ ଅଶୋକ କୁମାର ପ୍ରମୁଖ ସହଯୋଗ କରିଥିଲେ।

## ଶ୍ରମିକ ସଂଗଠନର ଭାରତ ବନ୍ଦ ଡାକରା

# ଯାନବାହନ ଚଳାଚଳ ଠପ୍



ରାୟଗଡ଼ା, ୯।୭ (ସମିସ): ୧୮ ଦଫା ଦାବିକୁ ନେଇ ଆଜି ୧୦ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନର ମିଳିତ ମଞ୍ଚର ଆହ୍ୱାନରେ ଭାରତ ବନ୍ଦ ଯୋଗୁଁ ରାୟଗଡାରେ ଜନଜୀବନ ପ୍ରଭାବିତ ହୋଇଛି। ରାୟଗଡା ସଦର ସ୍ଥିତ କପିଳାଶ ଛକ ଓ ସେରୀଗୁଡାଠାରେ ଜାତୀୟ ରାଜପଥ ୩୨୬କୁ ସକାଳୁ ଅବରୋଧ କରାଯାଇଥିଲା। ଫଳରେ କୋରାପୁଟ, କଳାହାଣ୍ଡି, ଗଞ୍ଜାମ ଓ ଆନ୍ଧ୍ରପ୍ରଦେଶକୁ ଗମନାଗମନ ବାଧାପ୍ରାପ୍ତ ହୋଇଥିଲା। ଶିକ୍ଷାନୁଷ୍ଠାନ, ବ୍ୟାଙ୍କ ଏବଂ ସରକାରୀ କାର୍ଯ୍ୟାଳୟ ଗୁଡିକୁ ଶ୍ରମିକ ସଂଗଠନର କର୍ମକର୍ତ୍ତାମାନେ ପିକେଟିଂ କରି ବନ୍ଦ କରିଥିବା ଦେଖିବାକୁ ମିଳିଥିଲା। ଜାତୀୟ ରାଜପଥ ପାଶ୍ୱର୍ରେ ଥିବା ବିଭିନ୍ନ ବ୍ୟବସାୟିକ ସଂଗଠନକୁ ଶ୍ରମିକ ନେତା ମାନେ ପିକେଟିଂ କରି ବନ୍ଦ କରି ଦେଇଥିଲେ। ଦିନ ୩ଟା ଯାଏଁ ଏହି ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା ରାୟଗଡା ସହରରେ। ବିଜେପି ସରକାର ଶାସନକୁ ଆସିବାର ୧୧ ବର୍ଷ ମଧ୍ୟରେ ଶିଳ୍ପପତିଙ୍କୁ ପ୍ରାଧାନ୍ୟ ଦେଇ ଶ୍ରମିକ ମାନଙ୍କୁ, ଚାଷୀମାନଙ୍କୁ ନିର୍ଯ୍ୟାତନା ଦେଉଛନ୍ତି ଏବଂ ଲାଭଜନକ ସରକାରୀ ସଂସ୍ଥାକୁ ଘରୋଇ ଅନୁଷ୍ଠାନକୁ ଟେକିଦେଉଛନ୍ତି ଏବଂ ଧନୀ ଲୋକଙ୍କ ପେଟ ପୋଷି ଗରିବର ପେଟ ମାରୁଛନ୍ତି ବୋଲି ଏଆଇଟିୟୁସି ରାୟଗଡା ସଭାପତି ଭବାନୀ ଶଙ୍କର ଜେନା ପ୍ରକାଶ କରିଛନ୍ତି। ଚାରୋଟି ଶ୍ରମକୋର୍ଡକୁ ଲାଗୁ କରିବା ଉପରେ ପ୍ରତିବନ୍ଧ, ରାଷ୍ଟ୍ରିୟ ସଂପତ୍ତିକୁ ଘରୋଇକରଣ, ୩ ମାସିକ ସର୍ବନିମ୍ନ ମଜୁରି ୪୧,୦୦୦ ଟଙ୍କା ଡିଏ ସହିତ ଦିଆଯିବା, ମାସିକ ୧୫୦୦୦ ଟଙ୍କା ପେନସନ ପ୍ରଭୃତି ବିଭିନ୍ନ ଦାବିରେ ଶ୍ରମିକ ସଂଗଠନ ବନ୍ଦ ଡାକରା ଦେଇଥିଲେ ବୋଲି ଶ୍ରୀ ଜେନା ପ୍ରକାଶ କରିଛନ୍ତି।

# ମ୍ୟାଲେରିଆ, ଡେଙ୍ଗୁ ଓ ଡାଇରିଆ ନିୟନ୍ତ୍ରଣ ନେଇ ବୈଠକ




ମାଲକାନଗିରି, ୯।୭ (ସମିସ): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଞ୍ଚମ ମହଲା ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ମ୍ୟାଲେରିଆ, ଡେଙ୍ଗୁ ଓ ଡାଇରିଆ ନିୟନ୍ତ୍ରଣ ନିମନ୍ତେ ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ବ୍ଲକ, ଗ୍ରାମ ଓ ପୌରାଞ୍ଚଳରେ ମ୍ୟାଲେରିଆ, ଡେଙ୍ଗୁ ଓ ଡାଇରିଆ ପାଇଁ ବ୍ୟାପକ ଜନ ସଚେତନତା କରାଯିବା ଉପରେ ଗୁରୁତାରୋପ କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ବ୍ରଜବନ୍ଧୁ ଦାସ ପ୍ରତ୍ୟେକ ବିଦ୍ୟାଳୟରେ ପ୍ରାର୍ଥନା ପୂର୍ବରୁ ଜଳବାହିତ ରୋଗ ଓ ଭେକ୍ଟର ବାହିତ ରୋଗ ବିଷୟରେ ଆଲୋଚନା କରାଯିବ ଓ ପ୍ରତି ଆଦିବାସୀ ଆବାସିକ ବିଦ୍ୟାଳୟରେ ମେଲେରିଆ ପାଇଁ ରକ୍ତ ପରୀକ୍ଷା କରାଯିବ ବୋଲି ସୂଚନା ଦେଇଥିଲେ। ଏତଦ୍ ବ୍ୟତୀତ ଆଶା ଓ ଅଙ୍ଗନବାଡି ଘରକୁ ଘର ବୁଲି ଓଆରଏସ, ଜିଙ୍କ ଓ କୀଟନାଶକ ଉପଚାରିତ ମଶାରୀ ବଣ୍ଟନ କରିବେ। ଆସନ୍ତା ମାସ ଅର୍ଥାତ୍ ଅଗଷ୍ଟ ୧୧ରେ ସ୍ୱଛତା ଦିବସ ପାଳନ କରାଯିବ। ଉକ୍ତ ଦିନ କିଭଳି ନିଜେ ପରିଷ୍କାର ରହିବେ ଓ କୀଟନାଶକ ଉପଚାରିତ ମଶାରୀ ବ୍ୟବହାର କରିବେ ସେସବୁ ବିଷୟରେ ସଚେତନ କରାଯିବ। ଏହି ବୈଠକରେ ରାଜ୍ୟ ନୋଡାଲ ଅଧିକାରୀ ଡ଼ା ମୋଦନ ମୋହନ ପ୍ରଧାନ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା ହୁସେନ୍, ଭିବିଡି ନୋଡାଲ ଅଧିକାରୀ ଡ଼ା ରଣସିଂହ, ଡା. ନିହାର ରଞ୍ଜନ ପ୍ରହରାଜ, ଡିପିଏମ ଡ.ମୌସୁମୀ ମିଶ୍ର ଓ ମହାମାରୀ ବିଶେଷଜ୍ଞ ଡା. ଦୁର୍ଗା ପ୍ରସାଦ ରାଜ୍ ଉପସ୍ଥିତ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାରୀ, ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପ୍ରୋଗ୍ରାମ ଅଫିସର ଇନ୍ଦିରା ପ୍ରଧାନଙ୍କ ସମେତ ସମସ୍ତ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡିକାଲ ଅଧିକାରୀ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

# ୧୪ରୁ ଦୁଇ ଦିନିଆ ଓଡ଼ିଶା ଗସ୍ତରେ ରାଷ୍ଟ୍ରପତି

**ଭୁବନେଶ୍ୱର, ୯ ।୭(ସମିସ):** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ୧୪ ଓ ୧୫ରେ ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସିବେ। ଏହି ପରିପ୍ରେକ୍ଷୀରେ ଏକ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ବୁଧବାର ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆଲୋଚିତ ସୂଚନା



ଅନୁସାରେ, ଜୁଲାଇ ୧୪ ସନ୍ଧ୍ୟାରେ ରାଷ୍ଟ୍ରପତି ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ(ଏମ୍ସ) ଭୁବନେଶ୍ୱରର ପଞ୍ଚମ ସମାବର୍ତ୍ତନ ସମାରୋହରେ ଯୋଗ ଦେବେ। ୧୫ ତାରିଖ ପୂର୍ବାହ୍ନରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ତ୍ରୟୋଦଶ ବାର୍ଷିକ ସମାବର୍ତ୍ତନ ଉତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହାପରେ ରାଷ୍ଟ୍ରପତି କଟକ ରେଭେନ୍ସା ବାଳିକା ଉଚ୍ଚ ବିଦ୍ୟାଳୟ ଉନ୍ନତିକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଅପରାହ୍ଣରେ ରାଷ୍ଟ୍ରପତି କଟକ ତୁଳସୀପୁର ବିଜୁ ପଟ୍ଟନାୟକ ଛକସ୍ଥିତ ଶାରଳା ଭବନରେ ଆଦିକବି ଶାରଳା ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ସେଠାରେ ଶାରଳା ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ଆଦିକବି ଶାରଳା ଦାସଙ୍କ ୬୦୦ତମ ଜୟନ୍ତୀରେ ମୁଖ୍ୟ ଅତିଥିଭାବେ ଯୋଗଦାନ କରିବା ସହ 'କଳିଙ୍ଗ ରତ୍ନ ପୁରସ୍କାର-୨୦୨୪' ପ୍ରଦାନ କରିବେ। ସେହିଦିନ ସନ୍ଧ୍ୟାରେ ରାଷ୍ଟ୍ରପତି ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ। ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୁଲିସ ମହା ନିର୍ଦ୍ଦେଶକ ୱାଇ ବି ଖୁରାନିଆଙ୍କ ସମେତ ସମ୍ପୃକ୍ତ ବିଭିନ୍ନ ବିଭାଗର ସଚିବ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ, କଟକ ଓ ଖୋର୍ଦ୍ଧା ଜିଲ୍ଲାପାଳ ଓ ଅନ୍ୟ ସମ୍ପୃକ୍ତ କାର୍ଯ୍ୟାଳୟର ଉଚ୍ଚ କର୍ତ୍ତୃପକ୍ଷମାନେ ଯୋଗ ଦେଇଥିଲେ।

# ଜେଲ୍‌ରୁ ବାହାରିଲେ ଜଗନ୍ନାଥ



**ଭୁବନେଶ୍ୱର, ୯।୭(ସମିସ):** ବିଏମସି ଅତିରିକ୍ତ କମିସନର ରତ୍ନାକର ସାହୁଙ୍କୁ ଆକ୍ରମଣ ଘଟଣାରେ ଗିରଫ ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କୁ ଜାମିନ ମିଳିଛି। ୩୦ ହଜାର ଟଙ୍କା ମୁଚାଲିକା ଓ ଜଣେ ଜାମିନଦାରଙ୍କ ବଦଳରେ ଖୋର୍ଦ୍ଧା ଜିଲ୍ଲା ଓ ଦୌରାଜଜ୍ ଜଗନ୍ନାଥଙ୍କୁ ଜାମିନ ପ୍ରଦାନ କରିଛନ୍ତି। ଫଳରେ ବୁଧବାର ସନ୍ଧ୍ୟାରେ ଜଗନ୍ନାଥ ଝାରପଡ଼ା ଜେଲରୁ ମୁକୁଳିଛନ୍ତି।

ଗତମାସ ୩୦ ତାରିଖ ଦିନ ବିଏମସିର ଅତିରିକ୍ତ କମିସନର ରତ୍ନାକର ସାହୁଙ୍କୁ ବିଏମସି କାର୍ଯ୍ୟାଳୟରେ ଆକ୍ରମଣ ହୋଇଥିଲା। ଶ୍ରୀ ସାହୁଙ୍କ ଏତଲା ଆଧାରରେ ଖାରବେଳ ନଗର ଥାନା ପୁଲିସ ମାମଲା ରୁଜୁ କରିବା ସହିତ ୫ ଜଣଙ୍କୁ ଗିରଫ କରିଥିଲା। ହେଲେ ଆକ୍ରମଣର ଷଡ଼ଯନ୍ତ୍ର ପଛରେ ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କ ସଂପୃକ୍ତି ରହିଥିବା ଓଏଏସ୍ ସଙ୍ଘ ଅଭିଯୋଗ କରି କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲା।

ଗତ ୩ ତାରିଖ ଦିନ ଜଗନ୍ନାଥ ଭୁବନେଶ୍ୱର ଡିସିପିଙ୍କ କାର୍ଯ୍ୟାଳୟରେ ଆତ୍ମସମର୍ପଣ କରିବା ପରେ ପୁଲିସ ତାଙ୍କୁ ଗିରଫ କରିଥିଲା। କୋର୍ଟ ଏସଡିଜେଏମ ଜଗନ୍ନାଥଙ୍କ ଜାମିନ ଆବେଦନ ନାମଞ୍ଜୁର କରିବାରୁ ତାଙ୍କୁ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଯାଇଥିଲା। ୪ ତାରିଖ ଦିନ ଜଗନ୍ନାଥଙ୍କ ଓକିଲ ଜିଲ୍ଲା ଓ ଦୌରାଜଜଙ୍କ ନିକଟରେ ଜାମିନ ଆବେଦନ କରିଥିଲେ। କୋର୍ଟ ତାଙ୍କ ଆବେଦନକୁ ଗ୍ରହଣ କରିବା ସହିତ ୮ ତାରିଖ ସୁଦ୍ଧା ସିଡି (କେସ୍ ଡାଏରୀ) ଦାଖଲ କରିବାକୁ ପୁଲିସକୁ ନିର୍ଦ୍ଦେଶ ଦେଇଥିଲେ। ଗତକାଲି ପୁଲିସ ସିଡି ଦାଖଲ କରିବା ଆଜି ମାମଲାର ଶୁଣାଣି ହୋଇଥିଲା। ଉଭୟପକ୍ଷର ଯୁକ୍ତି ଶୁଣିବା ପରେ କୋର୍ଟ ଜଗନ୍ନାଥ ପ୍ରଧାନଙ୍କୁ ଜାମିନ୍ ପ୍ରଦାନ କରିଥିଲେ। ଜେଲରୁ ବାହାରିଲା ପରେ ତାଙ୍କ ସମର୍ଥକମାନେ ଫୁଲମାଳ ପକାଇ, ବାଣ ଫୁଟାଇ ଜଗନ୍ନାଥଙ୍କୁ ସ୍ୱାଗତ କରିଥିଲେ।

# ପରିବା ବଜାରରେ ନିଆଁ

**ଭୁବନେଶ୍ୱର, ୯ ।୭(ସମିସ):** ରାଜ୍ୟବ୍ୟାପୀ ଡ୍ରାଇଭର ମହାସଂଘରର ଆନ୍ଦୋଳନ ପାଇଁ ପ୍ରଭାବିତ ହୋଇଛି ପରିବା ବଜାର। ଗାଡ଼ି ବନ୍ଦ ଯୋଗୁଁ ପରିବା ଦର ଆକାଶ ଛୁଆଁ ହୋଇଛି। କେତେକ ସ୍ଥାନରେ ପରିବା କଳାବଜାରୀ ହେଉଥିବା ମଧ୍ୟ ସୂଚନା ରହିଛି। ଆଜି (ବୁଧବାର) ସକାଳୁ ସକାଳୁ ଅଧିକାଂଶ ପରିବା ଦର ୧୦୦ଟଙ୍କା ଟପିଥିବା ବେଳେ ଆସନ୍ତାକାଲି ଦର ଆହୁରି ବଢ଼ିବାର ଆଶଙ୍କା ରହିଥିବା କଞ୍ଚା ପରିବା ମହାସଂଘ

**ଦିନକରେ ବଢ଼ିଲା ୩୦ ପ୍ରତିଶତ**

ପକ୍ଷରୁ କୁହାଯାଇଛି। ଫଳରେ ଖାଉଟିମାନେ ଚିନ୍ତାରେ। ଗୋଟେପଟେ ଲଗାଣ ବର୍ଷା ଯୋଗୁଁ ପରିବା ଦର ବୃଦ୍ଧି ଘଟୁଥିବା ବେଳେ ଗତକାଲିଠାରୁ ଡ୍ରାଇଭରଙ୍କ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ପାଇଁ ଆନ୍ଧ୍ର, ପଶ୍ଚିମବଙ୍ଗରେ ପରିବା ଗାଡ଼ି ଅଟକି ରହିଛି। ଯାହାର ପ୍ରଭାବ ମଧ୍ୟ ରାଜଧାନୀ ପରିବା ବଜାରରେ ଦେଖିବାକୁ ମିଳିଛି। ଫଳରେ ଅନେକଙ୍କ ଖାଇବା ଥାଳିରୁ ଏବେ ପରିବା ଉଭାନ୍ ହୋଇଗଲାଣି।

ଗତକାଲିଠାରୁ ଓଡ଼ିଶା ରାଜ୍ୟ ଡ୍ରାଇଭର ମହାସଂଘ ପକ୍ଷରୁ ୭ ଦଫା ଦାବୀ ନେଇ ସାରା ରାଜ୍ୟରେ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଚଳାଇଥିବାରୁ ଗମନାଗମନ ଓ ପରିବହନ ବ୍ୟବସ୍ଥା ଗୁରୁତର ପ୍ରଭାବିତ ହୋଇଛି। ବିଶେଷକରି ଏହାର ପ୍ରଭାବ ରାଜ୍ୟର ବିଭିନ୍ନ ପରିବା ମାର୍କେଟରେ ଦେଖିବାକୁ ମିଳିଛି। ବ୍ୟବସାୟୀମାନେ ମନଇଚ୍ଛା ଦର ନେଉଛନ୍ତି। ଯାହା ପାଟିକୁ ଯାହା ଆସିଲା ଦର ହାକୁଛନ୍ତି। ଦିନକ ମଧ୍ୟରେ ପରିବା ଦର କିଲୋପିଛା ୨୦ ଟଙ୍କା ବୃଦ୍ଧି ପାଇଥିବା ବେଳେ ଧର୍ମଘଟ ବନ୍ଦ ନ ହେବା ଯାଏ ଦର ଆହୁରି ବଢ଼ିବ ବୋଲି ବ୍ୟବସାୟୀମାନେ କହିଛନ୍ତି। ପୂର୍ବରୁ



ଯେଉଁ ପରିବା ଦର କିଲୋ ପିଛା ୫୦ ମଧ୍ୟରେ ସୀମିତ ରହିଥିଲା ଏବେ ତାହା ୮୦ ଛୁଇଁଛି। ଆଉ କେତେକ ପରିବା ୧୫୦ଟଙ୍କାରେ ପହଞ୍ଚିଛି। ଟମାଟୋ କିଲୋ ୫୦ରୁ ୬୦, ପୋଟଳ ୮୦, ଭେଣ୍ଡି ୮୦, କଖାରୁ ୪୦, କ୍ୟାପସିକମ୍ ୧୨୦, ଗାଜର ୬୦, ବିନ୍‌ସ ୨୦୦, କାକୁଡ଼ି ୮୦, ଜହ୍ନି ୬୦, କାଙ୍କଡ଼ ୧୫୦, ଫୁଲକୋବି ୭୦, ବାଇଗଣ କିଲୋ ୧୦୦ ଟଙ୍କାରେ ବିକ୍ରି ହେଉଛି। ମହାରାଷ୍ଟ୍ର, କର୍ଣ୍ଣାଟକ, ରାଞ୍ଚି, ବିହାର, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, ପଶ୍ଚିମବଙ୍ଗ ଆଦି ରାଜ୍ୟରୁ ଆଳୁ, ପିଆଜ, କଖାରୁ, ବାଇଗଣ, ଟମାଟୋ, ଜହ୍ନି, ପୋଟଳ, କ୍ୟାପ୍‌ସିକମ୍, କୋବି, ବିନ୍‌ସ, ଗାଜର, ଫୁଲକୋବି, ବନ୍ଧାକୋବି, ବିଟ୍ ଆଦି ଅଧିକାଂଶ ପରିବା ଆମଦାନୀ କରାଯାଇଥାଏ। ହେଲେ ଦୁଇଦିନ ହେବ ଗାଡ଼ି ଯାତାୟାତ ବନ୍ଦ ରହିଥିବାରୁ ଅନେକ ବ୍ୟବସାୟୀ ସ୍ଥାନୀୟ ଚାଷୀଙ୍କ ପରିବାକୁ ଆଇ ଦ୍ୱିଗୁଣା ଦରରେ ବିକ୍ରି କରୁଥିବା ଅଭିଯୋଗ ହୋଇଛି।

ଏ ନେଇ କଞ୍ଚା ପରିବା ସଂଘର ସମ୍ପାଦକ କବିରାଜ ସ୍ୱାଇଁ କହିଛନ୍ତି ଯେ, ପ୍ରତିଦିନ ଭୁବନେଶ୍ୱରକୁ ରାଜ୍ୟ ବାହାରୁ ପ୍ରାୟ ୩୦ରୁ ୩୫ଟି ପରିବା ଟ୍ରକ୍ ଆସୁଥିବା ବେଳେ ଦୁଇଦିନ ହେବ ଆନ୍ଧ୍ର ଏବଂ ପଶ୍ଚିମବଙ୍ଗରୁ କୌଣସି ପରିବା ଗାଡ଼ି ଆସିପାରୁ ନାହିଁ। ତେଣୁ ପରିବାର ଅଭାବ ସୃଷ୍ଟି ସାଙ୍ଗକୁ ଦର ବୃଦ୍ଧି ହେଉଛି। ଯେଉଁ ସ୍ୱଳ୍ପ ପରିମାଣରେ ଲୋକାଲ ପରିବା ଆସୁଛି, ତାହା ସମୁଦ୍ରକୁ ଶଙ୍ଖେ। ତେଣୁ ଦିନକରେ ବିଭିନ୍ନ ପରିବା ଦର ପ୍ରାୟ ୩୦ ପ୍ରତିଶତ ବଢ଼ିଥିବା ବେଳେ ଆସନ୍ତାକାଲି ଏହା ୬୦ ପ୍ରତିଶତ ମଧ୍ୟ ଛୁଇଁପାରେ। କାରଣ ଆବଶ୍ୟକ ପରିମାଣରେ ପରିବା ଆମଦାନୀ ହୋଇପାରୁ ନାହିଁ। ଯେଉଁ କେତୋଟି ଗାଡ଼ି ଆସୁଛି, ତାହା ଚାହିଦା ଅନୁସାରେ ଅଭାବ ପଡୁଛି। ଓଡ଼ିଶାରେ ପରିବା ଅମଳ ହେଉ ନ ଥିବାରୁ ବାହାର ରାଜ୍ୟରୁ ଆମଦାନୀ କରାଯାଉଛି। ତେଣୁ ଧର୍ମଘଟ ଚାଲିଥିବା ଯାଏ ପରିବା ଦର ସ୍ଥିତି ଏମିତି ରହିବ ବୋଲି ବ୍ୟବସାୟୀ ସଂଘ କହିଛି।

# ହାଇଦ୍ରାବାଦରେ ଓଡ଼ିଆ ଶ୍ରମିକ ମୃତ

**କୋକସରା, ୯ ।୭(ସମିସ):** ହାଇଦ୍ରାବାଦକୁ କାମ କରିବାକୁ ଯାଇଥିବା କଳାହାଣ୍ଡି ଜିଲ୍ଲା କୋକସରା ଅଞ୍ଚଳର ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତ ଶ୍ରମିକ ହେଲେ, କାଉଡୋଲା ପଞ୍ଚାୟତ ଅଧୀନ କୁମୁଡ଼ାମୁଣ୍ଡା ଗ୍ରାମର ଭୁବନେଶ୍ୱର ବେଶ୍ରାଙ୍କ ପୁଅ ରାଜକିଶୋର ବେଶ୍ରା। କିଛି ଦିନ ତଳେ ସେ ହାଇଦ୍ରାବାଦକୁ




କାମ ଅନ୍ୱେଷଣରେ ଯାଇଥିଲେ। ସେଠାକାର ବାହାଦୂରପାଲିଠାରେ ଏକ ଠିକାସଂସ୍ଥାରେ ଶ୍ରମିକ ଭାବେ ନିୟୋଜିତ ରହିଥିଲେ। ମଙ୍ଗଳବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ତାଙ୍କର ମୃତ୍ୟୁ ଘଟିଥିବା ପରିବାରଲୋକେ କହିଛନ୍ତି। ଠିକାସଂସ୍ଥା ସହାୟତାରେ ରାଜକିଶୋରଙ୍କ ମରଶରୀର ନିଜ ଭିଟାମାଟିକୁ ଫେରୁଛି। ଭେଣ୍ଡିଆ ପୁଅକୁ ହରାଇ ପରିବାର ଭାଙ୍ଗି ପଡିଛି।

■ ଅନଲାଇନ ଟ୍ରେଡ଼ିଂ ନାମରେ ୯ କୋଟି ଠକେଇ

# ପଞ୍ଜାବରୁ ୨ସାଇବର୍ ଠକ ଗିରଫ

**କଟକ, ୯ ।୭ (ସମିସ):** ଅନଲାଇନ୍ ଟ୍ରେଡିଂ ଆଳରେ ଦୁଇଜଣଙ୍କଠାରୁ ପୃଥକ୍ ପୃଥକ୍ ଭାବେ ମୋଟ ୯ କୋଟି ଟଙ୍କା ଠକେଇ ଘଟଣା ୨ ସାଇବର୍ ଠକଙ୍କୁ ପଞ୍ଜାବରୁ ଗିରଫ କରିଛି କ୍ରାଇମବ୍ରାଞ୍ଚ। ସେମାନେ ହେଲେ, ଅମ୍ରିତ ପାଲ୍ ଓ ପରଦୀପ ସୋନି(୨୫)।





ଦୁହିଁଙ୍କୁ ସ୍ଥାନୀୟ ଅଦାଲତରେ ହାଜର କରାଯିବା ସହ ଓଡ଼ିଶାକୁ ଟ୍ରଞ୍ଜିଟ୍ ରିମାଣ୍ଡରେ ଆଣିଛି କ୍ରାଇମବ୍ରାଞ୍ଚ। ସେମାନଙ୍କ ନିକଟରୁ ମୋବାଇଲ, ସିମ୍ କାର୍ଡ, ଆଧାର କାର୍ଡ, ପାନ୍ କାର୍ଡ ଆଦି ଜବତ ହୋଇଛି। ସେମାନଙ୍କର ଏକାଧିକ ବ୍ୟାଙ୍କ ଜମାଖାତାକୁ ଅଚଳ କରିଦିଆଯାଇଛି। ଅନଲାଇନ୍ ଟ୍ରେଡିଂ ଜରିଆରେ କମ୍ ଦିନରେ ଅଧିକ ସୁଧ ପାଇବାର ପ୍ରଲୋଭନ ଦେଖାଇ ଅଭିଯୁକ୍ତଦ୍ୱୟ ଜଣେ ବ୍ୟକ୍ତିଙ୍କଠାରୁ ବିଭିନ୍ନ ପର୍ଯ୍ୟାୟରେ ୭ କୋଟି ୫୦ଲକ୍ଷ ଟଙ୍କା ଠକି ନେଇଥିଲେ। ଠକେଇର ଶିକାର ହେବା ଜାଣିବା ପରେ ବ୍ୟକ୍ତିଜଣଙ୍କ କ୍ରାଇମବ୍ରାଞ୍ଚରେ ଅଭିଯୋଗ କରିଥିଲେ। ଅନୁରୂପ ଭାବେ, ଆଉ ଜଣେ ବ୍ୟକ୍ତିଙ୍କଠାରୁ ୧କୋଟି୫୫ଲକ୍ଷ ଟଙ୍କା ଠକିନେଇଥିଲେ ପରଦୀପ। ଇନ୍ସପେକ୍ଟର୍ ନମିତା ମଞ୍ଜରୀ ସାହୁଙ୍କ ନେତୃତ୍ୱରେ କ୍ରାଇମବ୍ରାଞ୍ଚର ଏକ ତଦନ୍ତକାରୀ ଦଳ ଅଭିଯୁକ୍ତଦ୍ୱୟଙ୍କୁ ଟ୍ରାକ୍ କରି ପଞ୍ଜାବରୁ ଗିରଫ କରିଛି।

# ହୀରାକୁଦ ଜଳସ୍ତର ୬୦୫.୭୩ ଫୁଟ୍

**ସମ୍ବଲପୁର, ୯।୭ (ସମିସ):** ହୀରାକୁଦ ଜଳଭଣ୍ଡାରର ଜଳସ୍ତର କ୍ରମାଗତ ଭାବେ ଖସିବାରେ ଲାଗିଛି। ହୀରାକୁଦ ନଦୀବନ୍ଧ କର୍ତ୍ତୃପକ୍ଷଙ୍କ ପୂର୍ବ ନିଷ୍ପତ୍ତି ଅନୁଯାୟୀ, ଗତ ୬ ତାରିଖ ପୂର୍ବାହ୍ଣ ୧୦ଟାରେ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ଆରମ୍ଭ ହୋଇଥିଲା। ବୁଧବାର ଜଳସ୍ତର ୬୦୫.୭୩ ଫୁଟ୍ ଥିବା ବେଳେ ୧୬ଟି ଗେଟ୍ ଦେଇ ଜଳ ନିଷ୍କାସନ ଜାରି ରହିଛି। ଉଲ୍ଲେଖଯୋଗ୍ୟ ଯେ ହୀରାକୁଦ ନଦୀବନ୍ଧର କର୍ଭରୁଲ୍ ଅନୁଯାୟୀ ଜୁଲାଇ ୩୧ ତାରିଖ ସୁଦ୍ଧା ଜଳସ୍ତର ୬୦୫ଫୁଟ୍ ରହିବା ଆବଶ୍ୟକ। ବୁଧବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୦୫.୭୩ ଫୁଟ ରହିଛି। ନଦୀବନ୍ଧର ବାମପଟର ୧୧ଟି ଓ ଡାହାଣ ପଟର ୫ଟି ଏହିପରି ୧୬ଟି ସ୍ଲୁଇସ ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି।

# ଆଇଏଏସ୍ ଅଧିକାରୀ ଧୀମାନ ଚକମାଙ୍କ ଜାମିନ ଶୁଣାଣି ଘୁଞ୍ଚିଲା

**କଟକ/ଭବାନୀପାଟଣା, ୯ ।୭(ସମିସ):** ଭିଜିଲାନ୍ସ ଦ୍ୱାରା ଗିରଫ ହୋଇ ଜେଲ୍‌ରେ ଥିବା ଆଇଏଏସ୍ ଅଧିକାରୀ ଧୀମାନ ଚକମାଙ୍କ ଜାମିନ ଆବେଦନ ଶୁଣାଣି ଘୁଞ୍ଚିଛି। ଆଜି ଜଷ୍ଟିସ୍ ଗୌରୀଶଙ୍କର ଶତପଥୀ ତାଙ୍କ ଜାମିନ ଆବେଦନର ପ୍ରାରମ୍ଭିକ ଶୁଣାଣି କରିଥିଲେ। ଏହି ମାମଲାରେ ଭିଜିଲାନ୍ସ ତରଫରୁ ତଦନ୍ତର ସ୍ଥିତି ନେଇ ଅବଗତ କରାଯାଇଥିଲା। ଜୁଲାଇ ୧୪କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଉପଜିଲ୍ଲାପାଳ ଥିବା ବେଳେ ଧୀମାନ ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିଲେ। ଜଣେ କ୍ରସର୍ ମାଲିକଙ୍କ ନିକଟରୁ ୧୦ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ସେ ଧରା ପଡ଼ିଥିଲେ। ଏହାସହ ତାଙ୍କ ବାସଭବନରୁ ୪୭ଲକ୍ଷ ୪୭ହଜାର ୬ଶହ ଟଙ୍କା ଜବତ ହୋଇଥିଲା। ଭବାନୀପାଟଣା ଭିଜିଲାନ୍ସ ଅଦାଲତରେ ଜାମିନ ଆବେଦନ ଖାରଜ ହେବା ପରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଦେବାଶିଷ ପଣ୍ଡା ମାମଲା ପରିଚାଳନା କରୁଛନ୍ତି।

# ଦୁଇ ଦୁର୍ଘଟଣାରେ ୪ ମୃତ; ୨ ଗୁରୁତର

**ପାଲଲହଡ଼ା/ତାଳଚେର ସହର, ୯ ।୭(ସମିସ):** ୪୯ ନଂ ଜାତୀୟ ରାଜପଥର ଦେବଗଡ଼ ଜିଲ୍ଲା ବାରକୋଟ ଥାନା ଗୋଳାବନ୍ଧ ଗାଁ ଓ ୧୪୯ ନଂ ଜାତୀୟ ରାଜପଥର ଅନୁଗୋଳ ଜିଲ୍ଲା ତାଳଚେର ବହ୍ଲର ଛକ-ବଅଁରପାଳ ମଧ୍ୟବର୍ତ୍ତୀ ସ୍ଥାନରେ ବୁଧବାର ସଡ଼କ ଦୁର୍ଘଟଣା ଘଟି ୪ ଜଣଙ୍କ ମୃତ୍ୟୁ ହୋଇଛି। ଏଥିସହ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ଗୋଳାବନ୍ଧ ଗାଁ ନିକଟରେ ଦୁଇ ବାଇକ୍



ମୁହାଁମୁହିଁ ଧକ୍କା ହେବାରୁ ଦୁଇଜଣଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ, ପାଲଲହଡ଼ା ଅଞ୍ଚଳର ସଞ୍ଜୟ ପ୍ରଧାନ ଓ ପିଣ୍ଟୁଲା ମହାନ୍ତ। ଏହି ଦୁର୍ଘଟଣାରେ ଗୁରୁତର ଆହତ ବିଜୟ ପ୍ରଧାନ ଓ ଅରୁଣ ମହାନ୍ତଙ୍କୁ ପାଲଲହଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେହିପରି ବହ୍ଲର ଛକ-ବଅଁରପାଳ ରାସ୍ତାର ଜିଓ ପେଟ୍ରୋଲ ପମ୍ପ ନିକଟରେ ଦୁର୍ଘଟଣା ଘଟି ଦୁଇଜଣଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ, ତାଳଚେର ଅଞ୍ଚଳର ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଓ ରାଜେଶ ବେହେରା। ଉଭୟ ସ୍କୁଟିରେ ବଅଁରପାଳ ଅଭିମୁଖେ ଯାଉଥିବା ବେଳେ ଏକ କାର୍ ସେମାନଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ପୂର୍ଣ୍ଣଚନ୍ଦ୍ରଙ୍କ ମୃତ୍ୟୁ ହୋଇଯାଇଥିଲା। ଗୁରୁତର ଅବସ୍ଥାରେ ରାଜେଶଙ୍କୁ ଉଦ୍ଧାର କରାଯାଇ ମେଡିକାଲ ନିଆଯାଉଥିବା ବେଳେ ବାଟରେ ତାଙ୍କ ମୃତ୍ୟୁ ହୋଇଛି। ଏହି ଦୁର୍ଘଟଣା ପରେ ସେଠାରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ବଅଁରପାଳ ଥାନା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ହିର୍ଲିପାଲିରେ ମାଡ଼ୁଛି ଡାଇରିଆ

**ବରଗଡ଼, ୯।୭(ସମିସ):** ବରଗଡ଼ ଜିଲ୍ଲା ଅତାବିରା ବ୍ଲକ୍ ହିର୍ଲିପାଲି ଗାଁରେ ଝାଡ଼ାବାନ୍ତି (ଡାଇରିଆ) କାୟା ମେଲାଇବାରେ ଲାଗିଛି। ୬ଦିନ ତଳେ ଏଠାରେ ପାଦ ଥାପିଥିବା ଡାଇରିଆରେ ବୁଧବାର ସୁଦ୍ଧା ୬୦ଜଣ ଆକ୍ରାନ୍ତ ହୋଇସାରିଲେଣି। ଏହି ଖବର ପଦାକୁ ଆସିବା ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗାଁରେ ଅସ୍ଥାୟୀ କ୍ୟାମ୍ପ

**୬୦ ଟପିଲା ରୋଗୀ ସଂଖ୍ୟା**



ଖୋଲାଯାଇଛି। ଗାଁରେ ଥିବା ଓଭରହେଡ୍ ଟାଙ୍କିର ଦୂଷିତ ପାଣି ପିଇ ଝାଡ଼ାବାନ୍ତି ବ୍ୟାପୁଥିବା ଜଣାଯାଇଛି। ହେଲେ ଘଟଣାର ଏତେଦିନ ପରେ ବି ଗାଁକୁ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା ହୋଇପାରିନାହିଁ। ଏହାକୁ ନେଇ ଗ୍ରାମବାସୀ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହି ଘଟଣାରେ ଆପ୍ ରାଜ୍ୟ ସମ୍ପାଦକ ଭବାନୀ ସାହୁ କହିଛନ୍ତି ଯେ ଡାକ୍ତରୀ ଦଳ ପହଞ୍ଚି ଔଷଧ ଓ ଚିକିତ୍ସା ସେବା ଯୋଗାଇ ଦେଇ ଆସୁଥିଲେ ହେଁ ତାହା ପର୍ଯ୍ୟାପ୍ତ ନୁହେଁ ବୋଲି ସେ କହିଛନ୍ତି। ସେହିପରି, ଯେଉଁ ସ୍ଥାନରେ ଆକ୍ରାନ୍ତମାନଙ୍କୁ ରଖାଯାଇଛି, ତାହା ବର୍ଷା କାରଣରୁ ଓଦା ରହୁଛି। ରୋଗୀଙ୍କୁ ତଳେ ଶୋଇବାକୁ ପଡୁଛି, ଶଯ୍ୟା ବ୍ୟବସ୍ଥା ନାହିଁ। ଅଧିକାଂଶ ରୋଗୀଙ୍କୁ ବୁର୍ଲା ପଠାଯାଉଛି। ତେଣୁ ସେମାନଙ୍କୁ ଅତାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଗଲେ ଉପକୃତ ହୁଅନ୍ତେ ବୋଲି ସେ କହିଛନ୍ତି। ଆକ୍ରାନ୍ତଙ୍କ ନିମନ୍ତେ ଉନ୍ନତ ସେବା ଯୋଗାଇଦେବାକୁ ଦାବି କରି ପାର୍ଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ଅପରପକ୍ଷେ, ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ କୁବେର ଚନ୍ଦ୍ର ମୋହନ୍ତ କହିଛନ୍ତି ଯେ ହିର୍ଲିପାଲି ଗାଁରେ ଗତ ୫ଦିନ ହେଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅସ୍ଥାୟୀ କ୍ୟାମ୍ପ ଖୋଲାଯାଇଛି। ଯେଉଁ ୬୦ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ, ସେମାନଙ୍କ ମଧ୍ୟରୁ ୫୪ଜଣ ଆଜି ସୁଦ୍ଧା ସୁସ୍ଥ ହୋଇଛନ୍ତି। ଆଉ ୬ ଜଣଙ୍କ ବର୍ତ୍ତମାନ ଚିକିତ୍ସା ଚାଲିଛି।

# ଭିଜିଲାନ୍ସ ଜାଲରେ ଯୋଗାଣ ଅଧିକାରୀ

**ଛତ୍ରପୁର/ଭବାନୀପାଟଣା, ୯।୭(ସମିସ):** ଗଞ୍ଜାମ ଜିଲ୍ଲା ଭାରପ୍ରାପ୍ତ ମୁଖ୍ୟ ଯୋଗାଣ ଅଧିକାରୀ ପୁଷ୍ପା ମୁଣ୍ଡା ଆଜି ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଆଜି ସେ ଘରୁ ଅଫିସ୍ ଯାଉଥିବା ବେଳେ କଲେଜ ଛକ ନିକଟରେ ଭିଜିଲାନ୍ସର ଦୁଇ ଅଧିକାରୀ ତାଙ୍କ ଗାଡ଼ିକୁ

**■ ଅଫିସ ଗାଡ଼ି ଡିକିରୁ ୩ ଲକ୍ଷ ଜବତ**
**■ ଭବାନୀପାଟଣାସ୍ଥିତ ସ୍ତ୍ରୀଙ୍କ ଘରେ ବି ଚଢ଼ଉ**

ଅଟକାଇଥିଲେ। ସଙ୍ଗେସଙ୍ଗେ ଆଉ କିଛି ଭିଜିଲାନ୍ସର ଅଧିକାରୀମାନେ ସେଠାରେ ପହଞ୍ଚି ଶ୍ରୀ ମୁଣ୍ଡାଙ୍କ ଗାଡ଼ି ତନ୍ନତନ୍ନ କରି ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ଅଧିକାରୀମାନେ ଗାଡ଼ି ଡିକିରୁ ୩ଟି ପ୍ୟାକେଟ୍‌ରେ ୫ଶହ ଟଙ୍କିଆ ୬ଟି ବଣ୍ଡଲ (୩ଲକ୍ଷ ଟଙ୍କା) ଜବତ କରିଥିଲେ। ତେବେ ଏତେ ଟଙ୍କା ସେ କେଉଁଠୁ ଆଣିଲେ, ତା'ର ଉତ୍ତର ଦେଇନପାରିବାରୁ ଭିଜିଲାନ୍ସ ଅଧିକାରୀମାନେ ସେ ରହୁଥିବା ଛତ୍ରପୁରସ୍ଥିତ ବ୍ୟାଙ୍କ କଲୋନୀ ଆଶୀର୍ବାଦ ଆପାର୍ଟମେଣ୍ଟ ଏ-୭ ଘରେ ପହଞ୍ଚି ତଦନ୍ତ କରିଥିଲେ। ସେଠାରେ ଲାଗିଥିବା ସିସିଟିଭି ଯାଞ୍ଚ କରି କିଏ ଏହି ଟଙ୍କା ଦେଇଛି, ତାହା ଦେଖିଥିଲେ। ପରେ ତାଙ୍କୁ ଅଫିସକୁ ଅଣାଯାଇ ପଚରାଉଚରା କରାଯାଇଥିଲା। ଏହି ଘଟଣାରେ ଅଫିସର କର୍ମଚାରୀ, ରାତ୍ର ଜଗୁଆଳି ସମେତ ସୁରକ୍ଷାକର୍ମୀଙ୍କୁ ଭିଜିଲାନ୍ସ ତଦନ୍ତ ପରିସରଭୁକ୍ତ କରିଛି। ନିଜେ ଭିଜିଲାନ୍ସ ଏସ୍‌ପି ପ୍ରଦୀପ କୁମାର ପ୍ରଧାନ ମଧ୍ୟ ଛାନ୍‌ଭିନ୍ କରିଛନ୍ତି।

ସେହିପରି, ଏହି ଘଟଣାରେ କଳାହାଣ୍ଡି ଭିଜିଲାନ୍ସ ଏକ ଟିମ୍ ଶ୍ରୀ ମୁଣ୍ଡାଙ୍କ ସ୍ତ୍ରୀ ଦିବ୍ୟାନା ସାଙ୍ଗାଙ୍କ ଭବାନୀପାଟଣାସ୍ଥିତ ବାସଭବନରେ ମଧ୍ୟ ଚଢ଼ଉ କରି କାଗଜପତ୍ର ଯାଞ୍ଚ କରିଛି। ଏହାସହ ଦିବ୍ୟାନାଙ୍କୁ ମଧ୍ୟ ଜେରା କରିଛି। ଦିବ୍ୟାନା ସେଠାରେ ଡେପୁଟି ନର୍ସିଂ ଅଫିସର୍ ଭାବେ କାର୍ଯ୍ୟରତ। ଥୁଆମୂଳ ରାମପୁର ରାସ୍ତାରେ ତାଙ୍କର ୧୯ଏକର ଏକ ଜମିର କାଗଜାତ୍ ଭିଜିଲାନ୍ସ ହାତରେ ଲାଗିଛି।



ସୂଚନାଯୋଗ୍ୟ, ଶ୍ରୀ ମୁଣ୍ଡା ୨୦୨୩ ଅଗଷ୍ଟ ୩୧ରୁ ଗଞ୍ଜାମ ଜିଲ୍ଲା ଭାରପ୍ରାପ୍ତ ମୁଖ୍ୟ ଯୋଗାଣ ଅଧିକାରୀ ଭାବେ ଦାୟିତ୍ୱ ତୁଲାଉଥିଲେ। କିଛି ଦିନ ଭିତରେ ତାଙ୍କର ଗଞ୍ଜାମରୁ ବଦଳି ହୋଇଥା'ନ୍ତା ଏବଂ ସେ ନୂଆପଡ଼ା ଜିଲ୍ଲା ଯୋଗାଣ ଅଧିକାରୀ ଭାବେ ଯୋଗ ଦେଇଥାଆନ୍ତେ। କିନ୍ତୁ ତା' ପୂର୍ବରୁ ଆଜି ସେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଆଜିର ଏହି ଚଢ଼ଉରେ ଇନ୍ସପେକ୍ଟର ସୌମ୍ୟ ପଣ୍ଡା, ଯୁଗଳ ପ୍ରଧାନ, ରାଜେନ୍ଦ୍ର ନାୟକ, ଏଏସ୍‌ଆଇ ଡି. ସଞ୍ଜୀବ ରେଡ୍ଡି, ଏଏସ୍‌ଆଇ ଦୁର୍ଗା ପ୍ରସାଦ ହୋତା, ହାବିଲ୍‌ଦାର ଜି. ସୁଦର୍ଶନ ଦୋରା, କନେଷ୍ଟବଳ ସଞ୍ଜୁକ୍ତା ପଟ୍ଟନାୟକ ସାମିଲ ଥିଲେ। ଗତ ୩ ଦିନ ହେଲା ଭିଜିଲାନ୍ସ ତାଙ୍କ ଉପରେ ନଜର ରଖିଥିଲା ବୋଲି ଜଣାଯାଇଛି।

# ଏମ୍‌କେସିଜିରେ ଦ୍ୱିତୀୟ ଓପନ ହାର୍ଟ ସର୍ଜରୀ ସଫଳ

**ବ୍ରହ୍ମପୁର, ୯।୭(ସମିସ):** ଏମ୍‌କେସିଜି ମେଡିକାଲ ସିଟିଭିଏସ୍ (କାର୍ଡିଓ ଥୋରାସିସ ଓ ଭାସ୍କୁଲାର ସର୍ଜରୀ) ବିଭାଗ ପକ୍ଷରୁ ଚଳିତବର୍ଷ ଦ୍ୱିତୀୟଥର ନିମନ୍ତେ ସଫଳ ଭାବେ ଓପନ ହାର୍ଟ ସର୍ଜରୀ କରାଯାଇଛି। କବିସୂର୍ଯ୍ୟନଗର ଅଞ୍ଚଳର ରାଧାକୃଷ୍ଣ ବେହେରୁକ(୩୯) ନାମକ ଜଣେ ରୋଗୀଙ୍କୁ ଏହି ସର୍ଜରୀ କରାଯାଇଥିବା ବେଳେ ମେଡିକାଲର ଆଇସିୟୁରେ ତାଙ୍କୁ ଚିକିତ୍ସା ଜାରି ରହିଛି। ରାଧାକୃଷ୍ଣଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ଡାକ୍ତର କହିଛନ୍ତି।

ଗଞ୍ଜାମ ଜିଲ୍ଲାର କବିସୂର୍ଯ୍ୟନଗର ରାଧାକୃଷ୍ଣଙ୍କ ହୃତ୍‌ପିଣ୍ଡକୁ ରକ୍ତପ୍ରବାହ କମ୍ ହେବା ସହ ନିଃଶ୍ୱାସପ୍ରଶ୍ୱାସ ନେବାରେ ସମସ୍ୟା ହେଉଥିଲା। କିଛି ମାସ ତଳେ ଏମ୍‌କେସିଜି ମେଡିକାଲ ଡାକ୍ତରଙ୍କ ନିକଟରେ ଚିକିତ୍ସା କରାଇଥିଲେ। ଅସ୍ତ୍ରୋପଚାର କରିବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ଗତ ୩୦ ତାରିଖରେ ଏମ୍‌କେସିଜିରେ ଭର୍ତ୍ତି ହୋଇଥିବା ବେଳେ ପରୀକ୍ଷା ପରେ ଅସ୍ତ୍ରୋପଚାର କରାଯାଇଛି। ବିଭାଗୀୟ ମୁଖ୍ୟ ଡା. ସାରଦା ପ୍ରସନ୍ନ ସାହୁଙ୍କ ନେତୃତ୍ୱରେ ଏମ୍‌କେସିଜିର ବିଭିନ୍ନ ବିଭାଗର ବରିଷ୍ଠ ଡାକ୍ତରଙ୍କୁ ନେଇ ଏକ ଟିମ୍ ଅସ୍ତ୍ରୋପଚାର କରିଥିଲେ। ଅସ୍ତ୍ରୋପଚାର ଜରିଆରେ ରୋଗୀଙ୍କ ଶରୀରରେ ମେକାନିକାଲ ମାଇଟ୍ରାଲ ଭାଲଭ୍ ସଫଳ ପ୍ରତିରୋପଣ କରାଯାଇଛି। ବର୍ତ୍ତମାନ ରୋଗୀ ସୁସ୍ଥ ଅଛନ୍ତି। ଅସ୍ତ୍ରୋପଚାରରେ ଡା. ବେରିୟନ ସ୍ୱାଇଁ, ଡା. ପ୍ରଦୀପ୍ତ କୁମାର ସାହୁ, ଡା. ପ୍ରଭାତ କୁମାର ପାଣିଗ୍ରାହୀ, ଡା. ସଞ୍ଜୀବ ପାତ୍ରଙ୍କ ସମେତ ବିଭାଗର ସମସ୍ତ ସ୍ୱାସ୍ଥ୍ୟକର୍ମୀ ସହଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ଗତ ମାସରେ ବିଭାଗ ପକ୍ଷରୁ ଜଣେ ମହିଳାଙ୍କ ସଫଳ ଓପନ୍ ହାର୍ଟ ସର୍ଜରୀ କରାଯାଇଥିଲା।

**ଏସିଏଫ୍ ସୌମ୍ୟରଂଜନ ମୃତ୍ୟୁ ମାମଲା**

# ପତ୍ନୀ, ରୋଷେୟା, ଡିଏଫ୍‌ଓଙ୍କୁ ନିସ୍ତାର ନାହିଁ

**କଟକ, ୯।୭(ସମିସ):** ବହୁଚର୍ଚ୍ଚିତ ପାରଳା ଏସିଏଫ୍ (ଆସିଷ୍ଟାଣ୍ଟ କନଜରଭେଟର ଅଫ ଫରେଷ୍ଟ) ସୌମ୍ୟରଂଜନ ମହାପାତ୍ରଙ୍କ ମୃତ୍ୟୁ ଘଟଣାରେ ନିମ୍ନ ଅଦାଲତଙ୍କ ଦ୍ୱାରା ଆଇପିସିର ଦଫା ୩୦୨ ଓ ୧୨୦-ବି ଅନୁସାରେ ମାମଲା ଗ୍ରହଣ ନିର୍ଦ୍ଦେଶକୁ ଚାଲେଞ୍ଜ କରି ରୁଜୁ ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ହାଇକୋର୍ଟ। ପାରଳାଖେମୁଣ୍ଡି ଏସଡିଜେଏମ୍ ଅଦାଲତଙ୍କ ଗତ ୨୦୨୩ ଏପ୍ରିଲ ୧୨ର ଉପରୋକ୍ତ ନିର୍ଦ୍ଦେଶ ବିରୋଧରେ ଦୁଇଜଣ ଅଭିଯୁକ୍ତ ତଥା ପାରଳାଖେମୁଣ୍ଡିର ତତ୍କାଳୀନ ଡିଏଫ୍‌ଓ ସଂଗ୍ରାମ କେଶରୀ ବେହେରା ଓ ମୃତ ଏସିଏଫ ସୌମ୍ୟରଂଜନଙ୍କ ପତ୍ନୀ ବିଦ୍ୟାଭାରତୀ ପଣ୍ଡାଙ୍କ ପକ୍ଷରୁ ଦାୟର ମାମଲାରେ ହସ୍ତକ୍ଷେପ କରିବାକୁ ମନା କରିଛନ୍ତି ହାଇକୋର୍ଟ। ଜଷ୍ଟିସ୍ ଶିବଶଙ୍କର ମିଶ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ତେବେ ଆବେଦନକାରୀ ଅଭିଯୁକ୍ତ ନିମ୍ନ ଅଦାଲତରେ ଏନେଇ ଉପରୋକ୍ତ ପ୍ରସଙ୍ଗରେ ଉପଯୁକ୍ତ ଆବେଦନ କରିପାରିବେ ଏବଂ ନିମ୍ନ ଅଦାଲତ ମଧ୍ୟ ସମସ୍ତ ଦିଗକୁ ଦୃଷ୍ଟିରେ ରଖି ଏହାର ବିଚାର କରିବେ ବୋଲି ହାଇକୋର୍ଟ କହିଛନ୍ତି।

**ହସ୍ତକ୍ଷେପ ପାଇଁ ମନାକଲେ ହାଇକୋର୍ଟ**


**ବିଚାର କରିବେ ନିମ୍ନ ଅଦାଲତ**

ପ୍ରକାଶଥାଉକି ଆବେଦନକାରୀଙ୍କ ବିରୋଧରେ ଆଇପିସିର ଧାରା ୨୮୫ ଓ ୩୦୪-ଏ ଅନୁସାରେ ପୁଲିସ ଚୂଡ଼ାନ୍ତ ଚାର୍ଜସିଟ୍ ଦାଖଲ କରିସାରିଥିବା ବେଳେ ପ୍ରତିପକ୍ଷ ମୃତ ଏସିଏଫ୍ ସୌମ୍ୟରଞ୍ଜନଙ୍କ ବାପା ଅଭିରାମ ମହାପାତ୍ରଙ୍କ ପ୍ରୋଟେଷ୍ଟ ପିଟିସନ୍ ଆଧାରରେ ଏସ୍‌ଡିଜେଏମ୍ ଅଦାଲତ ଆଇପିସିର ଦଫା ୩୦୨(ହତ୍ୟା) ଓ ୧୨୦(ବି)ଅନୁସାରେ ସାନି ମାମଲା ଗ୍ରହଣ କରିଥିଲେ। ଏସ୍‌ଡିଜେଏମ୍ ଅଦାଲତଙ୍କ ଆଦେଶ ବେଆଇନ ଏଣୁ ଏହାକୁ ରଦ୍ଦ କରିବା ପାଇଁ ପ୍ରାର୍ଥନା କରି ଉଭୟ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାରୁ ପ୍ରକାଶ ଯେ ୨୦୨୧, ଜୁଲାଇ ୧୨ ତାରିଖ ରାତିରେ ଫରେଷ୍ଟ କଲୋନୀସ୍ଥିତ ନିଜ ସରକାରୀ କ୍ୱାର୍ଟର୍ସରେ ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ର ସନ୍ଦେହଜନକ ଅବସ୍ଥାରେ ପୋଡ଼ି ହୋଇ ପ୍ରାଣ ହରାଇଥିଲେ। ପୁଲିସ ଓ କ୍ରାଇମବ୍ରାଞ୍ଚର ତଦନ୍ତରେ ୨୦୨୨ ମସିହାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ହତ୍ୟା ମାମଲାରୁ କ୍ଲିନ୍‌ଚିଟ୍ ମିଳିଥିଲା। ପିତା ଅଭିରାମ କିନ୍ତୁ ତାଙ୍କ ପୁତ୍ରଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗରେ ଏସଡିଜେଏମ ଅଦାଲତରେ ଅଭିଯୋଗ କରିଥିଲେ। ପାରଳାଖେମୁଣ୍ଡି ଏସଡିଜେଏମ୍ ଅଦାଲତ ତତ୍କାଳୀନ ପାରଳାଖେମୁଣ୍ଡି ଡିଏଫ୍‌ଓ ଶ୍ରୀ ବେହେରା, ସୌମ୍ୟରଞ୍ଜନଙ୍କ ପତ୍ନୀ ବିଦ୍ୟାଭାରତୀ ଓ ରୋଷେୟା ମନ୍ମଥ କୁମ୍ଭଙ୍କ ବିରୋଧରେ କଗ୍ନିଜାନ୍ସ ଗ୍ରହଣ କରିଥିଲେ।

# ହଜିଗଲେଣି ଦେଶୀ ମାଛ; ଚାହିଦା ମେଣ୍ଟାଉଛି ଆନ୍ଧ୍ର

**ଭୁବନେଶ୍ୱର, ୯ ।୭(ସମିସ):** ଦିନ ଥିଲା ଘରମାନଙ୍କରେ ଦେଶୀ ମାଛକୁ ସମସ୍ତେ ପସନ୍ଦ କରୁଥିଲେ। ହେଲେ ଏବେ ଦେଶୀ ମାଛ ଆଉ ଦେଖିବାକୁ ମିଳୁନାହିଁ। ବିଶେଷକରି କଉ, ଗଡ଼ିଶା, ରଡା, ଶେଉଳ, ମାଗୁର, କେରାଣ୍ଡି, କଣ୍ଟିଆ, ଚେଙ୍ଗ, ମାଛକୁ ବିଲ, ଗଡ଼ିଆରୁ ଧରି ହାଟ ବଜାରରେ ବିକ୍ରି ହୋଇ ପାରୁଥିଲା। ବର୍ଷା ସମୟରେ ଦେଶୀ ମାଛ ଅଧିକ ସଂଖ୍ୟାରେ ଦେଖବାକୁ ମିଳୁଥିଲା। ବର୍ଷା ଟିକେ ହେଉ ହେଉ ଦେଶୀ ମାଛ ସବୁ ରାସ୍ତା ଉପରକୁ ଉଠି ଆସୁଥିଲେ। ହେଲେ ଏବେ ଦେଶୀ ମାଛ ବଂଶ ଲୋପ ପାଇଯିବାକୁ ବସିଲାଣି।

ଗାଁ ମାନଙ୍କରେ ଯେତିକି ବି ବିଲ ରହିଛି, ସେଥିରେ ଅଧିକ ଅମଳ ପାଇଁ ଚାଷୀମାନେ ସାର, କୀଟନାଶକ ଆଦି ବହୁଳ ବ୍ୟବହାର କରୁଛନ୍ତି। ଫଳରେ ଗଡ଼ିଆ, ପୋଖରୀ, ନଈ-ନାଳରୁ ବର୍ଷାପାଣିରେ ଉଠିଆସୁଥିବା ମାଛମାନେ ବିଲରେ ଅଧିକ ଦିନ ବଞ୍ଚୁନାହାନ୍ତି କି ବଂଶ ବିସ୍ତାର କରିପାରୁ ନାହାନ୍ତି। ପୁଣି ଚାଷଜମିର ଏହି ରାସାୟନିକ ଓ ବିଷପାଣି ବୋହିଯାଇ ଗଡ଼ିଆ, ପୋଖରୀ, ନଈ, ନାଳରେ ମିଶିବା ଫଳରେ ସେଠାରେ



**ଆଜି ଜାତୀୟ ମତ୍ସ୍ୟ ଚାଷୀ ଦିବସ**

ମଧ୍ୟ ମାଛ ବଂଶ ଲୋପ ପାଇବାକୁ ବସିଲେଣି। ତେଣୁ ସଂପ୍ରତି ଗାଁଗଣ୍ଡାର ନଈ, ପୋଖରୀରେ ଦେଶୀ ମାଛ ସ୍ୱପ୍ନ ହୋଇଗଲାଣି। ଯେଉଁଥିପାଇଁ ସହରର ଦୋକାନବଜାରରେ ଏବେ ଆଉ ଦେଶୀ ମାଛ ଦେଖିବାକୁ ମିଳୁନାହାନ୍ତି। ସହର ଉପକଣ୍ଠରେ ବି ଏବେ ଆଉ ବିଲ ବା ଚାଷଜମି ନାହିଁ। ଯେତିକି ବି ଥିଲା, ତା'ଉପରେ ବଡ଼ ବଡ଼ କୋଠାମାନ ଠିଆ ହୋଇଛି। ତେଣୁ ଏବେ ସହରୀ ଲୋକମାନେ ମୁଖ୍ୟତଃ ଆନ୍ଧ୍ର ମାଛ ଉପରେ ନିର୍ଭର କରୁଛନ୍ତି।

ଓଡ଼ିଶାରେ ୧୮୦ ପ୍ରଜାତିର ମଧୁର ଜଳ ମାଛ ରହିଛନ୍ତି। ସେମାନଙ୍କ ମଧ୍ୟରେ ରୋହି, ଭାକୁର, ମିରିକାଳି ଅନ୍ୟତମ। ଏହା ବ୍ୟତୀତ ଚିଲିକା ହ୍ରଦରେ ୩୧୭ ପ୍ରଜାତିର ସାମୁଦ୍ରିକ ମାଛ ଦେଖାଯାଅନ୍ତି। ୨୦୨୨-୨୩ ମସିହାର ତଥ୍ୟ ଅନୁଯାୟୀ, ୪୮୦ କିଲୋ ମିଟର ପରିବ୍ୟାପ୍ତ ଓଡ଼ିଶାର ସାମୁଦ୍ରିକ ପରିସୀମା ମଧ୍ୟରେ ୧୦.୫୨ ଲକ୍ଷ ମେଟ୍ରିକ ଟନ୍ ମାଛ ଉତ୍ପାଦନ ହୋଇଥିଲା। ଏଥିମଧ୍ୟରେ ଆଭ୍ୟନ୍ତରୀଣ ମାଛ ଚାଷ ଉତ୍ପାଦନ ୬.୯ ଲକ୍ଷ ମେଟ୍ରିକ୍ ଟନ୍ ଥିବାବେଳେ ସାମୁଦ୍ରିକ ମାଛ ଉତ୍ପାଦନ ୨.୧୩ ଲକ୍ଷ ମେଟ୍ରିକ ଟନ୍ ହୋଇଛି। ମାଛ ଉତ୍ପାଦନରେ ଦେଶରେ ଓଡ଼ିଶାର ସ୍ଥାନ ଚତୁର୍ଥ ରହିଛି। ଓଡ଼ିଶାରେ ମୋଟ ଜିଡିପିର ଶତକଡ଼ା ୨.୭୩ ଭାଗ ମାଛ ଚାଷରୁ ଆସିଥାଏ। ଓଡ଼ିଶାରେ ପାଖାପାଖି ୧୬ ଲକ୍ଷ ଲୋକ ମାଛ ଚାଷ ଉପରେ ନିର୍ଭରଶୀଳ। ସେଥିରୁ ପ୍ରାୟ ୧.୧୫ ଲକ୍ଷ ଲୋକଙ୍କ ପରିବାରକୁ ସାମୁଦ୍ରିକ ମାଛ ଚାଷ ରୋଜଗାର ଯୋଗାଇ ଦେଇଥାଏ।

# ମନ୍ତ୍ରମୁଗ୍ଧ କରିବ 'ମନ୍ତ୍ରମୁଗ୍ଧ'



ଓଡ଼ିଆ ସିନେମା 'କର୍ମ'ର ଅଭୂତପୂର୍ବ ସଫଳତା ପରେ ଏବେ ଜାତୀୟ ପୁରସ୍କାରପ୍ରାପ୍ତ ଫିଲ୍ମ ନିର୍ମାତା ଅନୁପମ ପଟ୍ଟନାୟକ 'ମନ୍ତ୍ରମୁଗ୍ଧ' କରିବାକୁ ଯାଉଛନ୍ତି। ମହୁରତ ପୂଜା ସହିତ ଅନୁପମ ନିଜର ଆଗାମୀ ଚଳଚ୍ଚିତ୍ର 'ମନ୍ତ୍ରମୁଗ୍ଧ'ର ଘୋଷଣା କରିଛନ୍ତି । ସାଙ୍କେତିକ ଭାବେ 'ଏମ୍‌ଏମ୍' ନାମରେ ବିଗତ କିଛି ସପ୍ତାହ ମଧ୍ୟରେ ବେଶ୍ ଚହଳ ଓ ଉତ୍କଣ୍ଠା ସୃଷ୍ଟି କରିଥିଲା। ଏବେ ଏହି ଚଳଚ୍ଚିତ୍ର ଏକ ଅଭିନବ ରୋମାଞ୍ଚକର କମେଡି ଫିଲ୍ମ ଭାବରେ ଓଡ଼ିଆ ସିନେମାର କାହାଣୀରେ ନୂଆ ଫର୍ଦ୍ଦ ଯୋଡ଼ିବାକୁ ଯାଉଛି। ଅମିୟ ପଟ୍ଟନାୟକ ପ୍ରଡକ୍ସନ ବ୍ୟାନରରେ ନିର୍ମିତ ଏହି ସିନେମାର ପ୍ରଯୋଜନା ଭାର ସମ୍ଭାଳିଛନ୍ତି ବର୍ଷା ପଟ୍ଟନାୟକ। ଅନୁପମ ପୁଣି ଥରେ ସନୋଜ କୁମାର, ମନ୍ମୟ ଦେ, ଦୀପନ୍‌ବିତ ଦାଶମହାପାତ୍ରଙ୍କୁ ପ୍ରମୁଖ ଭୂମିକାରେ ନେବା ସହିତ ଉଦୀୟମାନ ନବାଗତା ସାର୍ଥକ ଭରଦ୍ୱାଜଙ୍କୁ ଏଥିରେ ସ୍ଥାନ ଦେଇଛନ୍ତି। ଅନ୍ୟ ପ୍ରମୁଖ କଳାକାରଙ୍କ ମଧ୍ୟରେ ହର ରଥ, ଚୌଧୁରୀ ଜୟପ୍ରକାଶ ଦାସ, ନିଶାନ୍ତ ମଜିଠିଆ, ସୋମା ହୋତା ଓ ଭକ୍ତି ଦାସ ରହିଛନ୍ତି। ଟେଲି ଅଭିନେତ୍ରୀ ପିହୁ ମହାପାତ୍ର ଓ ଡିଜିଟାଲ କ୍ରିଏଟର ମିଷ୍ଟର ରାଉତଙ୍କୁ ବି ଫିଲ୍ମରେ ନିଆଯାଇଛି । ପ୍ରଥମ ଥର ପାଇଁ ଭୂମିକା ଦାଶ ପ୍ରଯୋଜନା ସଂସ୍ଥା ସହ ଯୋଡ଼ି ହୋଇଛନ୍ତି। ତେବେ ଅଭିନେତ୍ରୀ ସୂର୍ଯ୍ୟମୟୀ ମହାପାତ୍ର ଏଥିରେ ଦମ୍‌ଦାର ଭୂମିକାରେ ଆସୁଛନ୍ତି। ଏହାର କାହାଣୀ ଅନୁପମ ଓ ରୋଶନ ବିଶ୍ୱୋଲ ଲେଖିଥିବା ବେଳେ ଚିତ୍ରନାଟ୍ୟରେ ସଜାଇଛନ୍ତି ରୋହିତ ଗେହଲୋଟ ଓ ଅନୁପମ ପଟ୍ଟନାୟକ । ପ୍ରଣବ ରଥ ସଂଳାପ ଏବଂ ଅତିରିକ୍ତ ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ନିଶାନ୍ତ ମଜିଠିଆ। ଫିଲ୍ମର ସଙ୍ଗୀତକୁ ସଜେଇଛନ୍ତି ପାଞ୍ଚ ଜଣ ସଙ୍ଗୀତ ନିର୍ଦ୍ଦେଶକ ଆଶିଷ ପ୍ରଧାନ, ଅନୁରାଗ ପଟ୍ଟନାୟକ, ସଂଗୀତ ପଟ୍ଟନାୟକ, ଅନୁରାଗ ପଣ୍ଡା ଓ ରୌମ୍ୟ ରାଜ ପ୍ରଧାନ। ଯାହା ଏହି ଚଳଚ୍ଚିତ୍ରକୁ ଆହୁରି ସମୃଦ୍ଧ କରିଛି। ଫିଲ୍ମରେ କେବଳ ହାସ୍ୟ ରସ କି ରୋମାଞ୍ଚ ନୁହେଁ, ବରଂ ପ୍ରଚଳିତ ସାମାଜିକ ବିଧି ବ୍ୟବସ୍ଥାକୁ ଆହ୍ୱାନ ଦେଉଥିବା ଏକ କାହାଣୀ ରହିଛି। ■

## କପିଳଙ୍କ କାଫେ






ଲୋକପ୍ରିୟ ହାସ୍ୟାଭିନେତା କପିଳ ଶର୍ମା ସବୁବେଳେ ବୃତ୍ତିଗତ ଜୀବନକୁ ନେଇ ଚର୍ଚ୍ଚାରେ ରହି ଆସିଛନ୍ତି। ଏବେ ସେ ତାଙ୍କ ବ୍ୟକ୍ତିଗତ ଜୀବନ ପାଇଁ ଚର୍ଚ୍ଚା ସାଉଁଟୁଛନ୍ତି। ନିଜ କଥା ମାଧ୍ୟମରେ ଲୋକଙ୍କୁ ହସି ହସି ବେଦମ କରୁଥିବା କପିଳ ଏବେ ବ୍ୟବସାୟ ଦୁନିଆରେ ପାଦ ରଖିଛନ୍ତି। କାନାଡ଼ାରେ ତାଙ୍କର ନୂଆ କାଫେ ଖୋଲିଛି। ଏହାର ନାଁ 'କ୍ୟାପ୍ସ କାଫେ।' ଏହି କାଫେ ତାଙ୍କ ସ୍ତ୍ରୀ ଗିନ୍ନି ଖୋଲିଛନ୍ତି। କାଫେର ଇଣ୍ଟେରିୟର ହିଁ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। କାଫେ ଭିତର ଗୋଲାପି ରଙ୍ଗ ହୋଇଥିବା ବେଳେ ମେନ୍ୟୁ ମଧ୍ୟ ଚର୍ଚ୍ଚା ସାଉଁଟୁଛି। କାଫେରେ ସମୁଦାୟ ୨୦ଟି ମେନ୍ୟୁ ରହିଛି। ସେହିପରି ଏହାର ଡିଜାଇନ୍ ଓ ଇଣ୍ଟେରିୟର୍ ଲୋକଙ୍କୁ ଷ୍ଟାଇଲିସ୍ ଲାଗିବା ସହ ଶାନ୍ତି ମଧ୍ୟ ପ୍ରଦାନ କରିବ। ସାମାଜିକ ଗଣମାଧ୍ୟମରେ ଏହାର ଫଟୋ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି। ■

## 'ରାମାୟଣ'ରେ ନାହାନ୍ତି ବବି



ନୀତେଶ ତିୱାରୀଙ୍କ ଆଗାମୀ ହିନ୍ଦୀ ସିନେମା 'ରାମାୟଣ'କୁ ନେଇ ରୀତିମତ ଚର୍ଚ୍ଚା ଲାଗି ରହିଛି। ନିର୍ମାତା ଏହାର ପ୍ରଥମ ପ୍ରମୋ ଜାରି କରିସାରିଛନ୍ତି। ଏଥିରେ ରଣବୀର ଓ ଯଶଙ୍କ ଝଲକ ଦେଖିବାକୁ ମିଳିଥିଲା। ତେବେ ଏହି ସିନେମାରେ ରଣବୀର ରାମ ଚରିତ୍ରରେ ନଜର ଆସିବେ। ପ୍ରମୋରେ ତାଙ୍କର ଚରିତ୍ର ଖୁବ୍ ପ୍ରଭାବଶାଳୀ ଲାଗୁଛି। ସେହିପରି ସୀତା ଚରିତ୍ରରେ ଅଭିନୟ କରିଛନ୍ତି ସାଇ ପଲ୍ଲବୀ। ତେବେ କୁମ୍ଭକର୍ଣ୍ଣ ଚରିତ୍ରରେ ବବି ଦେଓ୍ୱଲ ଅଭିନୟ କରିବା କୁହାଯାଉଥିଲା। ହେଲେ ଏହି କଥା ସତ ନୁହେଁ, ଏହା କେବଳ ଗୁଜବ। ଅଚାନକ ବବିଙ୍କ ନାଁ ସାମ୍ନାକୁ ଆସିଛି। ଏଥିରେ କୌଣସି ସତ୍ୟାସତ୍ୟ ନ ଥିବା କୁହାଯାଇଛି। ତେଣୁ ଏକଥା ସ୍ପଷ୍ଟ ହେଉଛି ଯେ, ରାମାୟଣରେ ବବି ସାମିଲ ନାହାନ୍ତି। ଅନ୍ୟପଟେ ଏହି ସିନେମାର ପ୍ରଥମ ଭାଗ ୨୦୨୬ ଏବଂ ଦ୍ୱିତୀୟ ଭାଗ ୨୦୨୭ ଦୀପାବଳି ଅବସରରେ ମୁକ୍ତିଲାଭ କରିବ। ■

## ଜୁଲାଇ ୧୧ରେ 'ଆଇ ଆମ୍ କାଳିଆ'



ଜୁଲାଇ ୪ ତାରିଖରେ ପ୍ରେକ୍ଷାଳୟକୁ ଆସିଥାନ୍ତା ନୂଆ ଓଡ଼ିଆ ସିନେମା 'ଆଇ ଆମ୍ କାଳିଆ'। ତେବେ ଏହା ଜୁଲାଇ ୧୧ ତାରିଖରେ ମୁକ୍ତିଲାଭ କରିବ। ବନ୍ୟା ଓ ବର୍ଷା ଯୋଗୁଁ ସିନେମା ରିଲିଜ୍ ତାରିଖ ଘୁଞ୍ଚାଇ ଦିଆଯାଇଥିବା ଜଣାପଡ଼ିଛି। ସିନେମାଟି ମହାପ୍ରଭୁଙ୍କୁ ସମ୍ପୂର୍ଣ୍ଣ ସମର୍ପିତ। ପ୍ରେମ ବୈରାଗ୍ୟକୁ ନେଇ ଏହାର କାହାଣୀ ଗତିଶୀଳ। ସିନେମାର ମୁଖ୍ୟ ଚରିତ୍ରରେ ଅଭିନୟ କରିଛନ୍ତି ହରିହର ମହାପାତ୍ର। ସିନେମାର ଅନ୍ୟାନ୍ୟ ଭୂମିକାରେ ଅଛନ୍ତି ଋଷିଆର ଥିଏଟର ଅଭିନେତ୍ରୀ ଅନିୟା, ପୁଷ୍ପା ପଣ୍ଡା, କୁନା ତ୍ରିପାଠୀ, ସାତ୍ୱିକ ମିଶ୍ର ପ୍ରମୁଖ । ସୁବାସ ସାହୁ ପ୍ରଯୋଜିତ ଏହି ସିନେମାର ନିର୍ଦ୍ଦେଶନା ଏବଂ ଚିତ୍ରନାଟ୍ୟରେ ନିଜେ ହରିହର ଅଛନ୍ତି। ଏହାର କାହାଣୀ ମୋନାଲିସା ମହାପାତ୍ର ଲେଖିଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନାରେ ବୈଦ୍ୟନାଥ ଦାସ ଅଛନ୍ତି। ବିଭିନ୍ନ ଗୀତରେ କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, ଅସୀମା, ପ୍ରଜ୍ଞା, ଶ୍ରୀଚରଣ, ସୁକାନ୍ତ, ସଞ୍ଜୁ। ଶ୍ରୀକ୍ଷେତ୍ର ପୁରୀରେ ସିନେମାଟି ସୁଟିଂ ହୋଇଛି। ଏହାକୁ ଦର୍ଶକେ ବେଶ୍ ପସନ୍ଦ କରିବା ଆଶା କରାଯାଉଛି। ■

## "ଶିଖିବା ମନୋବୃତ୍ତି ଅଭିନୟକୁ ମାର୍ଜିତ କରେ"



**ସତ୍ୟଜିତ ବେହେରା, ଅଭିନେତା**

ସାମାଜିକ ଗଣମାଧ୍ୟମ ଏବେ ମନୋରଞ୍ଜନର ମାଧ୍ୟମ ପାଲଟିଛି। ଇନ୍‌ଷ୍ଟାଗ୍ରାମ୍‌ଠାରୁ ଆରମ୍ଭ କରି ଫେସ୍‌ବୁକ୍ ଯାଏ ସବୁଠି ଏବେ ରିଲ୍ସ ମାୟା। କିଏ ନୃତ୍ୟ କରି ତ ଆଉ କିଏ ରୋଷେଇ କରିବା ଭିଡ଼ିଓ ସେୟାର୍ କରୁଛି। ଆଉ କିଏ ମଡେଲିଂ ତଥା ପ୍ରେରଣାତ୍ମକ ଭିଡିଓ ସେୟାର୍ କରି ରାତାରାତି ତାରକା ପାଲଟି ଯାଉଛନ୍ତି। ଏଥିରୁ ବାଦ୍ ପଡ଼ିନଥିଲେ ଭଦ୍ରକ ଜିଲ୍ଲା ଯାମୋଯୋଡ଼ି ପଞ୍ଚାୟତ ଅନ୍ତର୍ଗତ ସପନିବିନ୍ଧା ଗ୍ରାମର ସତ୍ୟଜିତ୍ ବେହେରା। ଇନ୍‌ଷ୍ଟାଗ୍ରାମ୍‌ରେ ମନୋରଞ୍ଜନଭିତ୍ତିକ ଭିଡିଓ ପ୍ରସ୍ତୁତ କରୁ କରୁ ଭାଗ୍ୟ ତାଙ୍କୁ ଟାଣି ଆଣିଥିଲା ରଙ୍ଗିନ ଦୁନିଆକୁ। ମ୍ୟୁଜିକ୍ ଭିଡିଓରୁ ତାଙ୍କ ଯାତ୍ରା ଆରମ୍ଭ ହୋଇଥିଲା। ଏହା ପରେ ଅଡିସନ୍ ଦେଇ ସେ ଟେଲି ଫିଲ୍ମ 'ମୋ ଜେଜେଙ୍କ ଲଭ୍ ଷ୍ଟୋରୀ'ରୁ କାମ ଆରମ୍ଭ କରିଥିଲେ। ଏକାଧିକ ମ୍ୟୁଜିକ୍ ଭିଡିଓରେ କାମ କରିଥିବା ସତ୍ୟଜିତ ଏବେ 'ଅତୁଟ ବନ୍ଧନ' ଧାରାବାହିକରେ ମୁଖ୍ୟ ଚରିତ୍ରରେ ଘରେ ଘରେ ପରିଚିତ। ତେବେ ତାଙ୍କର ଅଭିନୟ ଯାତ୍ରା କେମିତି ଥିଲା ଜାଣିବା ତାଙ୍କ ମୁହଁରୁ।

**ଅଭିନେତା ହେବାକୁ କାହିଁକି ମନ ବଳାଇଲେ?**

● ପିଲାଦିନରୁ ଅଭିନେତା ହେବା ସ୍ୱପ୍ନ ଥିଲା। ବାପା ମା'ଙ୍କ ସହ ମୁଁ ଦିଲ୍ଲୀରେ ରହୁଥିଲି, ପାଠ ପଢ଼ା ବି ସେଠି। ତେବେ ସାମାଜିକ ଗଣମାଧ୍ୟମରେ ବିଭିନ୍ନ ପ୍ରକାର ଭିଡିଓ ସେୟାର୍ କରୁଥିଲି। ଦର୍ଶକଙ୍କ ପ୍ରଶଂସା ମୋତେ ଏ ଲାଇନ୍‌କୁ ଟାଣି ଆଣିଥିଲା। ପ୍ରଥମେ ମ୍ୟୁଜିକ୍ ଭିଡିଓ ଆଉ ପରେ 'ତରଙ୍ଗ' ଚ୍ୟାନେଲରୁ 'ମୋ ଜେଜେଙ୍କ ଲଭ ଷ୍ଟୋରୀ'ରେ ମୁଖ୍ୟ ଚରିତ୍ରରେ ଅଭିନୟ କରିବାର ସୁଯୋଗ ମିଳିଲା। ଏଥିପାଇଁ ଅଡିସନ୍ ଦେଇ ମନୋନୀତ ହୋଇଥିଲି। ବାପା ଶରତ କୁମାର ବେହେରା ଏବଂ ମା' ଚମ୍ପାମଣି ବେହେରାଙ୍କ ପ୍ରେରଣା ଓ ସହଯୋଗରେ ମୁଁ କ୍ୟାରିୟରରେ ଆଗକୁ ବଢ଼ୁଛି। 'ପ୍ରେମ ହୁଏ ଆଖି ଆଖିରେ', 'ରିଙ୍ଗା ରିଙ୍ଗା ରୋଜ୍' ଆଦି ୬ରୁ ଊର୍ଦ୍ଧ୍ୱ ମ୍ୟୁଜିକ୍ ଭିଡିଓ କରିଛି। 'ଅତୁଟ ବନ୍ଧନ' ମୋର ପ୍ରଥମ ଧାରାବାହିକ। ଏଥିରେ ମୁଁ ନାୟକ ଭୂମିକାରେ ଦର୍ଶକଙ୍କ ପ୍ରଶଂସା ପାଇଛି।

**ପ୍ରଥମ ପାରିଶ୍ରମିକ କ'ଣ କରିଥିଲେ?**

● ପ୍ରଥମ ମ୍ୟୁଜିକ୍ ଭିଡ଼ିଓ ପାଇଁ ମୁଁ ପାରିଶ୍ରମିକ ନେଇ ନ ଥିଲି। ପରେ ଟେଲିଫିଲ୍ମ ପାଇଁ ବି ସ୍ୱଳ୍ପ ପାରିଶ୍ରମିକ ନେଇଥିଲି। ବାପା ମା'ଙ୍କୁ ଛୋଟ ଉପହାର ଦେଇଥିଲି।

**"ଅତୁଟ ବନ୍ଧନ" ବିଷୟରେ କ'ଣ କହିବେ?**

● ମୋର ପତ୍ନୀ ତ୍ରିଷ୍ଟାଙ୍କୁ ଖଳନାୟକ ନେଇ ଏବେ ପାଖରେ ରଖିଛନ୍ତି। ତ୍ରିଷ୍ଟା ସବୁ ପଛକଥାକୁ ଭୁଲି ଯାଇଛି। ମୁଁ ମୋର ସ୍ତ୍ରୀର ପୂର୍ବକଥାକୁ ମନେ ପକାଇ ପୁଣି ମୋ ଘରକୁ ଫେରାଇ ଆଣିବାକୁ ଯୋଜନା କରୁଛି। ହେଲେ ଏହାକୁ ମୋ' ଘର ଲୋକ କି ତ୍ରିଷ୍ଟାର ଭାଇ ବିଶ୍ୱାସ କରିପାରୁନାହାନ୍ତି। କାରଣ ସେମାନଙ୍କୁ ଲାଗୁଛି ତ୍ରିଷ୍ଟା ଆଉ ଏ ଦୁନିଆରେ ନାହିଁ। ଆଗକୁ ଦର୍ଶକ ଏହି ଧାରାବାହିକରେ ଆହୁରି ଟ୍ୱିଷ୍ଟ ଦେଖିବାକୁ ପାଇବେ।

**ଅଭୁଲା ମୁହୂର୍ତ୍ତ?**

● ଟେଲି ଫିଲ୍ମ କି ଧାରାବାହିକ ସୁଟିଂ ସେଟ୍‌ର ପ୍ରଥମ ଦିନରେ ମୁଁ ଡରିଥିଲି। ହେଲେ ବରିଷ୍ଠ କଳାକାରମାନେ ଯେଉଁପରି ମୋତେ ସାହସ ଦେଇଥିଲେ ତାହାକୁ ମୁଁ କେବେ ବି ଭୁଲି ପାରିବିନି। ଆଉ ଗୋଟେ କଥା, ଓଡ଼ିଶା ପାଣି ପବନରେ ବଢ଼ିଲେ ବି ଦିଲ୍ଲୀରେ ରହିବା ହେତୁ ମୁଁ ଓଡ଼ିଆ ବହୁତ ଶୀଘ୍ର କହିପାରୁନଥିଲି। ହେଲେ ଧୀରେ ଧୀରେ ଅଭିନୟ ଦ୍ୱାରା ମୋର ଏହି ଅଭ୍ୟାସ ବି ବଦଳାଇ ଦେଇଥିଲି। ସବୁବେଳେ ମୁଁ ଗୋଟେ କଥାକୁ ବିଶ୍ୱାସ କରେ ଯେ ଶିଖିବା ମନୋବୃତ୍ତି ରହିଲେ ଅଭିନୟ ମାର୍ଜିତ ହୁଏ।



**ସୁଟିଂ ନ ଥିଲେ କ'ଣ କରନ୍ତି?**


● ନିଜ ଅଭିନୟ ଆହୁରି ଉଚ୍ଚକୋଟୀର ଓ ହୃଦୟସ୍ପର୍ଶୀ କରିବା ପାଇଁ ବହୁ ଭାଷାଭାଷୀର ଚଳଚ୍ଚିତ୍ର ଦେଖିଥାଏ। ମୋର ନିଜ ଅଭିନୟକୁ ଦେଖି କେଉଁଠି ଭୁଲ୍ ରହିଲା କେମିତି ତାକୁ ସଜାଡ଼ି ହେବ ଗୁରୁତ୍ୱ ଦିଏ। ଭୁଲ୍ ହେଲେ ଦୁଃଖ ଲାଗେ, ଏହା ଆହୁରି ଭଲ ହୋଇ ପାରିଥାନ୍ତା ବୋଲି ଭାବେ । ଏହି ମନୋବୃତ୍ତି ପ୍ରତ୍ୟେକ କଳାକାରଙ୍କର ରହିବା ଦରକାର।

**ଆଗାମୀ ଯୋଜନା ?**

ବଡ଼ ପ୍ରୋଜେକ୍ଟରେ କାମ କରିବାର ଯୋଜନା ରହିଛି। ଯେହେତୁ ଦିଲ୍ଲୀରେ ରହି ଆସିଛି। ମୋତେ ବଲିଉଡ୍‌ରେ କାମ କରିବାର ଇଚ୍ଛା ଅଛି। ଓଡ଼ିଶା ମୋର ଜନ୍ମ ଭୂମି। ଏଠି କାମ କରିବା ସହଜ ହେଉଛି। ତେଣୁ ଏହି ପ୍ଲାଟ୍‌ଫର୍ମରେ କାମ ଶିଖି ବଲିଉଡ୍‌ରେ କାମ କରିବି। ଅଭିନୟ କରୁଥିବା ଯାଏଁ ବଲିଉଡ୍ ଏବଂ ଓଲିଉଡ୍‌କୁ ନେଇ ଚାଲିବି। ■

**ପରଦା ପଛର କାହାଣୀ**

## ସୁଟିଂ ସେଟ୍‌ରେ ଚାଲିଗଲା ଅଭିନେତାଙ୍କ ସ୍ମରଣଶକ୍ତି



ହିନ୍ଦୀ ଚଳଚ୍ଚିତ୍ର ଜଗତରେ ଅମରୀଶ ପୁରୀ ଜଣେ ପ୍ରତିଷ୍ଠିତ କଳାକାର ଭାବେ ପରିଚିତ। କେବଳ ଅଭିନୟ ନୁହେଁ, ତାଙ୍କ ସଂଳାପ ଉଚ୍ଚାରଣ ଶୈଳୀକୁ ମଧ୍ୟ ଲକ୍ଷ ଲକ୍ଷ ଦର୍ଶକ ପ୍ରଶଂସା କରୁଥିଲେ। ଥରେ ସୁଟିଂ ସମୟରେ ତାଙ୍କର ସ୍ମରଣ ଶକ୍ତି ଚାଲିଯାଇଥିଲା। ତାଙ୍କୁ ଦେଖି ସମସ୍ତେ ସମସ୍ୟାରେ ପଡ଼ି ଯାଇଥିଲେ। ନିକଟରେ ଅଭିନେତ୍ରୀ କାଜୋଲ ଏକ ସାକ୍ଷାତକାରରେ ଏହି ଘଟଣା ପ୍ରକାଶ କରିଛନ୍ତି। ଏହି ସାକ୍ଷାତକାରରେ କାଜୋଲ କହିଥିଲେ, "ଫିଲ୍ମ 'କୁଛ୍ କୁଛ୍ ହୋତା ହୈ'ର ସୁଟିଂ ସମୟରେ ସ୍ୱଳ୍ପ ସମୟ ପାଇଁ ଅମରୀଶ ପୁରୀଙ୍କ ସ୍ମରଣଶକ୍ତି ଚାଲିଯାଇଥିଲା। ଅଜୟ ଦେବଗନଙ୍କ ସହିତ ସେ ଏକ ସଟ୍ ଦେବାର ଥିଲା। ଯେଉଁଥିରେ ସେ ଏକ ଜଳପ୍ରପାତ ତଳ ଦେଇ ଯାଉଥିବାର ଦୃଶ୍ୟ ଥିଲା। ଜଳପ୍ରପାତର ସ୍ରୋତ ବହୁତ ପ୍ରଖର ଥାଏ। ଅଜୟ ମତେ କହିଲେ ସେତେବେଳେ ତାଙ୍କ ମୁଣ୍ଡ ଉପରେ କୌଣସି ଆବରଣ ନ ଥିଲା । ଯେତେବେଳେ ସଟ୍ ଦେଇ ସେ ବାହାରକୁ ଆସିଥିଲେ କୌଣସି କଥା ତାଙ୍କର ମନେ ନ ଥିଲା। ମୁଁ କିଏ ? କ'ଣ କରୁଛି ? ବୋଲି ଅମରୀଶ ପୁରୀ ବାରମ୍ବାର ପ୍ରଶ୍ନ କରୁଥିଲେ। ଏହା ଦେଖି ସେଟ୍‌ରେ ଥିବା ସମସ୍ତ କଳାକାର ତାଙ୍କୁ ନେଇ ଚିନ୍ତିତ ହୋଇପଡ଼ିଥିଲେ। ପାଖାପାଖି ତିନି ଘଣ୍ଟା ପରେ ତାଙ୍କ ସ୍ମରଣଶକ୍ତି ଫେରିଥିଲା।" ଏହି କାହାଣୀ ଶୁଣିବାକୁ କୌତୁକିଆ ଲାଗିଲେ ମଧ୍ୟ ସେ ସମୟରେ ଏହା ସଭିଙ୍କ ପାଇଁ ଚିନ୍ତାଜନକ ଥିଲା। ଅମରୀଶ ପୁରୀ ଓ ଅଜୟ ଦେବଗନ ଏକାଠି ଅନେକ ଫିଲ୍ମରେ ଅଭିନୟ କରିଛନ୍ତି। ସେଥିମଧ୍ୟରୁ 'ଟାର୍ଜନ୍ ଦି ୱାଣ୍ଡର କାର', 'ଫୁଲ୍ ଅର୍ କାଣ୍ଟେ', 'ହଲ୍‌ଚଲ୍' ଆଦି ଫିଲ୍ମ ଅନ୍ୟତମ। ଅଜୟଙ୍କୁ ଅମରୀଶ ପୁରୀ ଖୁବ୍ ପସନ୍ଦ କରୁଥିଲେ। ଅମରୀଶ ପୁରୀ ୧୯୮୦-୯୦ ଦଶକ ମଧ୍ୟରେ ଖଳନାୟକ ଚରିତ୍ର ପାଇଁ ଖୁବ୍ ପ୍ରସିଦ୍ଧ ଥିଲେ। ■

# ଆଣ୍ଡରସନ-ତେନ୍ଦୁଲକର ଟ୍ରଫି
# ଆଜିଠୁ ଲର୍ଡ୍ସ ଲଢ଼େଇ



ଲର୍ଡ୍ସ, ୯।୭ (ଏଜେନ୍ସି): ଘରୋଇ ଇଂଲଣ୍ଡ ଓ ଭାରତ ମଧ୍ୟରେ ଚାଲିଥିବା ଆଣ୍ଡରସନ୍-ତେନ୍ଦୁଲକର ଟ୍ରଫିର ୩ୟ ଟେଷ୍ଟ ଗୁରୁବାରଠାରୁ ଆରମ୍ଭ ହେବାକୁ ଯାଉଛି। କ୍ରିକେଟ୍‌ର ମକ୍କା ଭାବେ ପରିଚିତ ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଏହି ଗୁରୁତ୍ୱପୂର୍ଣ୍ଣ ୩ୟ ଟେଷ୍ଟ ମ୍ୟାଚ୍ ଖେଳାଯିବ। ବେନ୍ ଷ୍ଟୋକ୍ସଙ୍କ ନେତୃତ୍ୱାଧୀନ ଇଂଲଣ୍ଡ ହେଡିଂଲୀରେ ଅନୁଷ୍ଠିତ ପ୍ରଥମ ଟେଷ୍ଟକୁ ୫ ୱିକେଟ୍‌ରେ ଜିତିଥିଲା। ଏହାପରେ ଅଧିନାୟକ ଶୁବମନ ଗିଲ୍‌ଙ୍କ ଦମ୍‌ଦାର ବ୍ୟାଟିଂ ବଳରେ ଏଜ୍‌ବାଷ୍ଟନରେ ଖେଳାଯାଇଥିବା ୨ୟ ଟେଷ୍ଟକୁ ୩୩୬ ରନର ବୃହତ୍ ବ୍ୟବଧାନରେ ଜିତି ଭାରତ ଇତିହାସ ସୃଷ୍ଟି କରିଥିଲା। ସିରିଜ ଏବେ ୧-୧ରେ ବରାବର୍ ସ୍ଥିତିରେ ରହିଛି। ତେଣୁ ଏବେ ଉଭୟ ଦଳର ନଜର ଲର୍ଡ୍ସ ଲଢ଼େଇ ଉପରେ ରହିଛି। ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜର ଏହି ୩ୟ ମୁକାବିଲାକୁ ଜିତି ଉଭୟ ଦଳ ସିରିଜରେ ଅଗ୍ରଣୀ ନେବା ଲକ୍ଷ୍ୟରେ ରହିଛନ୍ତି। ତେଣୁ ଏଠାରେ ଆଉ ଏକ ରୋମାଞ୍ଚକ ଲଢ଼େଇ ଦେଖିବାକୁ ମିଳିବ ବୋଲି କ୍ରିକେଟ୍ ପଣ୍ଡିତ ଆକଳନ କରିଛନ୍ତି।

ଏହି ଟେଷ୍ଟ ସିରିଜର ପ୍ରଥମ ଦୁଇ ମ୍ୟାଚ୍‌ରେ ବ୍ୟାଟର୍‌ଙ୍କ ବେଶ୍ ପ୍ରଭାବ ଦେଖିବାକୁ ମିଳିଥିଲା। ପ୍ରଥମ ଟେଷ୍ଟରେ ୭ଟି ଶତକ ଦେଖିବାକୁ ମିଳିଥିବାବେଳେ ଦୁଇ ଦଳର ମୋଟ୍ ସ୍କୋର ୧୬୭୩ ରନ ହୋଇଥିଲା। ସେହିଭଳି ଦ୍ୱିତୀୟ ଟେଷ୍ଟରେ ୩ଟି ଶତକ ଓ ଗୋଟିଏ ଦ୍ୱିଶତକୀୟ ପାଳି ଦେଖିବାକୁ ମିଳିଥିଲା। ଏଜବାଷ୍ଟନ ଟେଷ୍ଟରେ ଉଭୟ ଦଳର ସ୍କୋର ମିଶି ୧୬୯୨ ରନ ଥିଲା। ଫଳରେ ଦୁଇଟି ଟେଷ୍ଟରେ ରେକର୍ଡ ୩୩୬୫ ରନ ହୋଇଛି। ପ୍ରଥମ ଦୁଇ ଟେଷ୍ଟର ପିଚ୍‌କୁ ନେଇ ସମାଲୋଚନାର ଶିକାର ହେବା ପରେ ଏଥର ଆୟୋଜକ ଇଂଲଣ୍ଡ ଲର୍ଡ୍ସରେ ସମ୍ପୂର୍ଣ୍ଣ ଦ୍ରୁତ ବୋଲିଂକୁ ସହାୟତା କରୁଥିବା ୱିକେଟ୍ ପ୍ରସ୍ତୁତ କରିଛି। ଫଳରେ ଇଂଲଣ୍ଡର ପାରମ୍ପରିକ ଫାଷ୍ଟ ବୋଲିଂ ଫ୍ରେଣ୍ଡଲୀ ୱିକେଟ୍ ଚଳିତ ସିରିଜରେ ପ୍ରଥମଥର ଦେଖିବାକୁ ମିଳିବ। ଏଭଳି କ୍ଷେତ୍ରରେ ଦୁଇ ଦଳର ଦ୍ରୁତ ବୋଲରଙ୍କ ମଧ୍ୟରେ ଲଢ଼େଇ ଜୋର୍‌ଦାର ହେବ ବୋଲି ଅନୁମାନ କରାଯାଉଛି। ଉଭୟ ଦଳ ମଧ୍ୟ ସେମାନଙ୍କ ପ୍ରମୁଖ ବୋଲିଂ ଅସ୍ତ୍ର ଯଥାକ୍ରମେ ଯଶପ୍ରୀତ୍ ବୁମ୍‌ରା ଓ ଜୋଫ୍ରା ଆର୍ଚରଙ୍କୁ ଏହି ଟେଷ୍ଟ ଲାଗି ଦଳରେ ସାମିଲ କରିଛନ୍ତି। ଆର୍ଚର ୪ ବର୍ଷର ବ୍ୟବଧାନ ପରେ ଟେଷ୍ଟ ଫର୍ମାଟ୍‌କୁ ଫେରିଛନ୍ତି। ତାଙ୍କର ଦ୍ରୁତ ବୋଲିଂ ସହ ବାଉନ୍ସ ଭାରତୀୟ ବ୍ୟାଟର୍‌ଙ୍କ ପାଇଁ ନିଶ୍ଚୟ ଚ୍ୟାଲେଞ୍ଜ ସୃଷ୍ଟି କରିବ। ଅପରପକ୍ଷରେ ୨ୟ ଟେଷ୍ଟରେ ବିଶ୍ରାମ ଦେଇଥିବା ବୁମ୍‌ରା ଏହି ଟେଷ୍ଟରେ ଖେଳିବା ଏକପ୍ରକାର ନିଶ୍ଚିତ ହୋଇଛି। ବୁମ୍‌ରାଙ୍କ ସମେତ ଏଜ୍‌ବାଷ୍ଟନ ହିରୋ ଆକାଶଦୀପ୍, ମହମ୍ମଦ ସିରାଜ ପେସ୍ ବୋଲିଂ ସମ୍ଭାଳିବେ। ଦୁଇ ସ୍ପିନ ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡେଜା ଓ ୱାଶିଂଟନ ସୁନ୍ଦରଙ୍କୁ ନେଇ ଭାରତ ପଡ଼ିଆକୁ ଓହ୍ଲାଇବା ନେଇ ଯୋଜନା କରୁଛି। ଏଜ୍‌ବାଷ୍ଟନରେ ଦ୍ୱିଶତକ ଓ ଶତକୀୟ ପାଳି ଖେଳିଥିବା ଅଧିନାୟକ ଗିଲ୍‌ଙ୍କ ଉପରେ ସମ୍ପୂର୍ଣ୍ଣ ବ୍ୟାଟିଂ ଭାର ନ୍ୟସ୍ତ ରହିବ। ତାଙ୍କୁ ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ, କରୁନ ନାୟର, ଋଷଭ ପନ୍ତ ପ୍ରମୁଖ ସହାୟତା କରିବେ।

ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଭାରତ ୯୭ ବର୍ଷ ମଧ୍ୟରେ ୧୯ ଟେଷ୍ଟ ଇଂଲଣ୍ଡ ସହ ଖେଳି ୩ ବିଜୟ ଓ ୧୨ ପରାଜୟବରଣ କରିଛି। ୨୦୨୧ରେ ରାହୁଲଙ୍କ ଶତକ ବଳରେ ଭାରତ ଏଠାରେ ସ୍ମରଣୀୟ ବିଜୟ ହାସଲ କରିଥିଲା। ୪ ବର୍ଷ ପରେ ଗିଲ୍ ସେନା ଏହି ସଫଳତା ଦୋହରାଇପାରୁଛି କି ନାହିଁ ତାହା ଉପରେ ସମସ୍ତଙ୍କ ନଜର ରହିଛି।

**ମ୍ୟାଚ୍ ଆରମ୍ଭ**
**ଅପରାହ୍ଣ ୩:୩୦**
**ପ୍ରସାରଣ: ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ**

**ଇଂଲଣ୍ଡ ଚୂଡ଼ାନ୍ତ ଏକାଦଶ:** ଜାକ୍ କ୍ରାଲୀ, ବେନ୍ ଡକେଟ୍, ଓଲି ପୋପ୍, ଜୋ ରୁଟ୍, ହ୍ୟାରୀ ବ୍ରୁକ୍, ବେନ୍ ଷ୍ଟୋକ୍ସ (ଅଧିନାୟକ), ଜେମି ସ୍ମିଥ୍ (ୱିକେଟ୍‌କିପର), ଜୋଫ୍ରା ଆର୍ଚର, ସୋଏବ ବସିର, ବ୍ରାୟଡନ କ୍ରାସ, କ୍ରିସ୍ ୱକ୍ସ।

**ସମ୍ଭାବ୍ୟ ଭାରତୀୟ ଦଳ:** ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ, କରୁନ ନାୟାର, ଶୁବମନ ଗିଲ୍ (ଅଧିନାୟକ), ଋଷଭ ପନ୍ତ (ୱିକେଟ୍‌କିପର), ରବୀନ୍ଦ୍ର ଜାଡେଜା, ନୀତୀଶ ରେଡ୍ଡୀ, ୱାଶିଂଟନ ସୁନ୍ଦର, ଯଶପ୍ରୀତ୍ ବୁମ୍‌ରା, ଆକାଶଦୀପ୍ ଓ ମହମ୍ମଦ ସିରାଜ।

## ବ୍ରାଡ୍‌ମ୍ୟାନଙ୍କ ୮୮ ବର୍ଷର ରେକର୍ଡ ଭାଙ୍ଗିବା ଲକ୍ଷ୍ୟରେ ଗିଲ୍

ଲର୍ଡ୍ସ, ୯।୭ (ଏଜେନ୍ସି): ଭାରତୀୟ ଅଧିନାୟକ ଶୁବମନ ଗିଲ୍ ଚଳିତ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ଚମତ୍କାର ଫର୍ମରେ ରହିଛନ୍ତି। ଅଦ୍ୟାବଧି ସେ ୨ଟି ଟେଷ୍ଟରେ ୧୪୬.୨୫ ହାରରେ ୫୮୫ ରନ ସଂଗ୍ରହ କରିଛନ୍ତି। ହେଡିଂଲୀରେ ସେ ୧୪୭ ରନର ଶତକୀୟ ପାଳି ଖେଳିଥିଲେ। ଏହାପରେ ଏଜ୍‌ବାଷ୍ଟନରେ ୨୬୯ ଓ ୧୬୧ ରନର ପାଳି ଖେଳି ଦଳକୁ ଐତିହାସିକ ବିଜୟ ଭେଟି ଦେଇଥିଲେ। ଏବେ ଅଧିନାୟକ ଭାବେ ଗୋଟିଏ ଟେଷ୍ଟ ସିରିଜରେ ସର୍ବାଧିକ ରନ ସଂଗ୍ରହ କରିବାର ବିଶ୍ୱରେକର୍ଡ ସୁଯୋଗ ଗିଲ୍‌ଙ୍କ ନିକଟରେ ରହିଛି। ୧୯୩୬-୩୭ ଆସେସ୍ ସିରିଜରେ ଅଷ୍ଟ୍ରେଲୀୟ କିମ୍ବଦନ୍ତୀ ଡନ୍ ବ୍ରାଡ୍‌ମ୍ୟାନ ଅଧିନାୟକ ଥାଇ ୫ଟି ଟେଷ୍ଟରେ ୯୦ ହାରରେ ୮୧୦ ରନ କରିଥିଲେ। ୮୮ ବର୍ଷ ତଳେ ବ୍ରାଡ୍‌ମ୍ୟାନ ପ୍ରତିଷ୍ଠା କରିଥିବା ଏହି ରେକର୍ଡଠାରୁ ଗିଲ୍ ଆଉ ୨୨୫ ରନ ଦୂରରେ ରହିଛନ୍ତି। ତାଙ୍କ ଫର୍ମକୁ ଦେଖିଲେ ଲର୍ଡ୍ସରେ ସେ ଏହା ହାସଲ କରିବାର ସମ୍ଭାବନା ରହିଛି। ସେହିଭଳି ଖେଳାଳି ଭାବେ ଗୋଟିଏ ଟେଷ୍ଟ ସିରିଜରେ ସର୍ବାଧିକ ରନ ସଂଗ୍ରହ କରିବାର ରେକର୍ଡ ମଧ୍ୟ ବ୍ରାଡ୍‌ମ୍ୟାନଙ୍କ ନାମରେ ରହିଛି। ୧୯୩୦ ଆସେସ୍ ସିରିଜରେ ସେ ୯୭୪ ରନ କରିଥିଲେ।

## ୪ ବର୍ଷ ପରେ ଖେଳିବେ ଆର୍ଚର



ତୃତୀୟ ଟେଷ୍ଟ ଆରମ୍ଭ ହେବାର ଦିନକ ପୂର୍ବରୁ ଇଂଲଣ୍ଡ ଏହାର ଚୂଡ଼ାନ୍ତ ଏକାଦଶ ଘୋଷଣା କରିଛି। ଏଜ୍‌ବାଷ୍ଟନରେ ଦ୍ୱିତୀୟ ଟେଷ୍ଟ ଖେଳିଥିବା ଇଂଲଣ୍ଡ ଦଳରୁ ଏକମାତ୍ର ଖେଳାଳି ଭାବେ ଦ୍ରୁତ ବୋଲର୍ ଜୋଶ୍ ଟଙ୍ଗ୍‌ଙ୍କୁ ବାଦ୍ ଦିଆଯାଇଛି। ତାଙ୍କ ସ୍ଥାନରେ ଅଭିଜ୍ଞ ଜୋଫ୍ରା ଆର୍ଚରଙ୍କୁ ସାମିଲ କରାଯାଇଛି। ଟଙ୍ଗ୍ ଚଳିତ ସିରିଜରେ ୧୧ ୱିକେଟ୍ ନେଇ ସବୁଠୁ ସଫଳ ବୋଲର୍ ରହିଥିଲେ। ତାଙ୍କୁ ବାଦ୍ ଦେଇ ଟିମ୍ ମ୍ୟାନେଜମେଣ୍ଟ ଏକ ବଡ଼ ରିସ୍କ ଉଠାଇଛି। ଅପରପକ୍ଷରେ ଆର୍ଚର ଦୀର୍ଘ ୪ ବର୍ଷର ବ୍ୟବଧାନ ପରେ ରେଡ୍ ବଲ୍ କ୍ରିକେଟ୍‌କୁ ଫେରିଛନ୍ତି। ଶେଷଥର ଲାଗି ସେ ୨୦୨୧ରେ ସମାନ ଭାରତୀୟ ଦଳ ବିପକ୍ଷରେ ନିଜର ଶେଷ ଟେଷ୍ଟ ମ୍ୟାଚ୍ ଖେଳିଥିଲେ। ୨୦୧୯ରେ ଏହି ଗ୍ରାଉଣ୍ଡରେ ଆସେସ୍ ସିରିଜରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳି ଟେଷ୍ଟ ପଦାର୍ପଣ କରିଥିବା ୩୦ ବର୍ଷୀୟ ଆର୍ଚର କ୍ୟାରିୟରର ଅଧିକାଂଶ ସମୟ ଆଘାତଜନିତ ସମସ୍ୟା ଦେଇ ଗତି କରିଛନ୍ତି। ଫଳରେ ସେ ୬ ବର୍ଷ ମଧ୍ୟରେ ମାତ୍ର ୧୩ଟି ଟେଷ୍ଟ ଖେଳି ୪୨ ୱିକେଟ୍ ନେଇଛନ୍ତି। ଆର୍ଚରଙ୍କ ସାମିଲ ଫଳରେ ଇଂଲଣ୍ଡ ଦଳ ଲର୍ଡ୍ସର ଏହି ଫାଷ୍ଟ ପିଚ୍‌ରେ ଆହୁରି ଶକ୍ତିଶାଳୀ ମନେ ହେଉଛି। ଦଳରେ କ୍ରିସ୍ ୱକ୍ସ, ବ୍ରାୟଡନ କ୍ରାସ୍ ଓ ବେନ୍ ଷ୍ଟୋକ୍ସଙ୍କ ଭାବେ ୩ଜଣ ଅଭିଜ୍ଞ ଦ୍ରୁତ ବୋଲର ରହିଛନ୍ତି।

## ଡାଏମଣ୍ଡ ଲିଗ୍‌ରେ ଭାଗନେବାରେ ଅନିମେଶ ଦେଶର ପ୍ରଥମ ସ୍ପ୍ରିଣ୍ଟର



ଭୁବନେଶ୍ୱର, ୯।୭ (ସମିସ): ଦେଶର ଦ୍ରୁତତମ ଧାବକ ତଥା ଓଡ଼ିଶାର ସ୍ପ୍ରିଣ୍ଟର ଅନିମେଶ କୁଜୁର ଏକ ବଡ଼ ଉପଲବ୍ଧି ହାସଲ କରିବାକୁ ଯାଉଛନ୍ତି। ଦେଶର ପ୍ରଥମ ସ୍ପ୍ରିଣ୍ଟର ଭାବେ ସେ ସମ୍ମାନଜନକ ଡାଏମଣ୍ଡ ଲିଗ୍‌ରେ ଦୌଡ଼ିବାର ସୁଯୋଗ ପାଇଛନ୍ତି। ଗୁରୁବାର ଫ୍ରାନ୍ସର ମୋନାକଠାରେ 'ମୋନାକ ଡାଏମଣ୍ଡ ଲିଗ୍' ଅନୁଷ୍ଠିତ ହେବ। ଏଥିରେ ଅନିମେଶ ୨୦୦ ମିଟର ରେସ୍‌ରେ ଭାଗନେବେ। ୱାର୍ଲ୍ଡ ଆଥ୍‌ଲେଟିକ ପକ୍ଷରୁ ବୁଧବାର ମୋନାକ ଡାଏମଣ୍ଡ ଲିଗର ୨୩ ବର୍ଷରୁ କମ୍ ୨୦୦ ମିଟର ରେସ୍ ଲାଗି ଅଫିସିଆଲ୍ ଲାଇନଅପ୍ ଘୋଷଣା କରାଯାଇଥିବାବେଳେ ଏଥିରେ ଅନିମେଶଙ୍କ ନାମ ରହିଛି। ଫଳରେ ବିଶ୍ୱସ୍ତରରେ ନିଜକୁ ପ୍ରତିଷ୍ଠା କରିବା ଲାଗି ଅନିମେଶଙ୍କ ଲାଗି ଏହା ଏକ ବଡ଼ ସୁଯୋଗ ହେବ। ଉଲ୍ଲେଖଯୋଗ୍ୟ, କଳିଙ୍ଗ ଷ୍ଟାଡିୟମସ୍ଥିତ ରିଲାଏନ୍ସ ଆଥ୍‌ଲେଟିକ୍ ଏଚ୍‌ପିସିରେ ପ୍ରଶିକ୍ଷଣ ନେଉଥିବା ଅନିମେଶଙ୍କ ନାମରେ ଦେଶର ଉଭୟ ୧୦୦ ଓ ୨୦୦ ମିଟର ରେସ୍‌ର ଜାତୀୟ ରେକର୍ଡ ରହିଛି। ଦୁଇ ଦିନ ତଳେ ୧୦୦ ମିଟରକୁ ସେ ୧୦.୧୮ ସେକେଣ୍ଡରେ ଫିନିଶ କରି ନୂଆ ଜାତୀୟ ରେକର୍ଡ ସୃଷ୍ଟି କରିଥିଲେ। ସେହିଭଳି ୨୦୦ ମିଟରକୁ ସେ ୨୦.୩୨ ସେକେଣ୍ଡରେ ଫିନିଶ କରିଥିଲେ।

## ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନରେ ସ୍ନେହା



ଭୁବନେଶ୍ୱର, ୯।୭ (ସମିସ): ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିଅନସିପ୍ (ସିଡବ୍ଲ୍ୟୁସି)ର ପରବର୍ତ୍ତୀ ସଂସ୍କରଣ ଅଗଷ୍ଟ ୨୩ରୁ ୩୧ ତାରିଖ ପର୍ଯ୍ୟନ୍ତ ଅହମ୍ମଦାବାଦ୍‌ରେ ଅନୁଷ୍ଠିତ ହେବ। ଏଥିଲାଗି ବୁଧବାର ଭାରତୀୟ ପୁରୁଷ ଓ ମହିଳା ଭାରୋତ୍ତୋଳନ ଦଳ ଘୋଷଣା କରାଯାଇଛି। ମହିଳାରେ ଓଡ଼ିଶାର ଉଦୀୟମାନ ଭାରୋତ୍ତୋଳିକା ସ୍ନେହା ସୋରେନଙ୍କୁ ସୁଯୋଗ ମିଳିଛି। ସ୍ନେହା ୫୩ କିଗ୍ରା ବିଭାଗରେ ପ୍ରତିନିଧିତ୍ୱ କରିବେ। ସେହିଭଳି ଆଉ ଜଣେ ଓଡ଼ିଆ ରୀମା ଭୋଇଙ୍କୁ ମଧ୍ୟ ରିଜର୍ଭ ଖେଳାଳି ଭାବେ ୫୮ କିଗ୍ରାରେ ନିଆଯାଇଛି। ଆସନ୍ତାବର୍ଷ ଗ୍ଲାସଗୋରେ ସମ୍ମାନଜନକ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଖେଳାଯିବାକୁ ଥିବାବେଳେ ଏହା ଏକ ଯୋଗ୍ୟତା ଅର୍ଜନକାରୀ ପ୍ରତିଯୋଗିତା ହେବ।

## ଅବସରର ଗୁମର ଖୋଲିଲେ କୋହଲି

ଲଣ୍ଡନ, ୯।୭ (ଏଜେନ୍ସି): ଭାରତୀୟ ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲି ଟେଷ୍ଟରୁ ଅବସର ନେବା ସଂକ୍ରାନ୍ତରେ ପ୍ରଥମଥର ପାଇଁ ମୁହଁ ଖୋଲିଛନ୍ତି। ବୟସ ବୃଦ୍ଧି ପାଉଥିବାରୁ ଟେଷ୍ଟରୁ ଅବସର ଘୋଷଣା କରିବାକୁ ନିଷ୍ପତ୍ତି ନେଇଥିଲି ବୋଲି ଲଣ୍ଡନରେ ଆୟୋଜିତ ଚ୍ୟାରିଟି ଇଭେଣ୍ଟରେ ଏକ ପ୍ରଶ୍ନର ଉତ୍ତର ଦେଇ କୋହଲି ଏହା କହିଛନ୍ତି। ଦୁଇଦିନ ତଳେ ଦାଢ଼ି ରଙ୍ଗ କରିଥିଲି। କିନ୍ତୁ ରଙ୍ଗ ଛାଡ଼ିଗଲାଣି। ପ୍ରତି ୪ ଦିନରେ ଥରେ ଦାଢ଼ି ରଙ୍ଗ କରିବାକୁ ପଡୁଛି। ଏଥିରୁ ଅବସର ନେବାର ସମୟ ହୋଇସାରିଥିବା ନିଶ୍ଚିତ ହୋଇଥିଲି ବୋଲି ସେ କହିଥିଲେ। ପୂର୍ବତନ କ୍ରିକେଟର ଯୁବରାଜ ସିଂହଙ୍କ କ୍ୟାନ୍ସର ଏନ୍‌ଜିଓ 'ୟୁୱିକାନ ୱିନ୍ ଫାଉଣ୍ଡେସନ' ପାଇଁ ପାଣ୍ଠି ଯୋଗାଡ଼ କରିବାକୁ ଲଣ୍ଡନରେ ଏକ ଡିନର ପାର୍ଟି ରଖାଯାଇଥିଲା। ଏହି ଅବସରରେ କୋହଲି ତାଙ୍କ ଜାଜ୍ଜ୍ୱଲ୍ୟମାନ କ୍ୟାରିଅର ସମ୍ପର୍କରେ ଅନେକ କଥା କହିଥିଲେ। ଏଥିରେ ଭାରତୀୟ ଟେଷ୍ଟ ଦଳ, ସଚିନ ତେନ୍ଦୁଲକର, କ୍ରିସ ଗେଲ୍, କେଭିନ ପିଟରସନ, ବ୍ରାଏନ ଲାରାଙ୍କ ଭଳି କ୍ରିକେଟର ଯୋଗ ଦେଇଥିଲେ।

## ସେମିରେ ସ୍ୱିଆଟେକ୍, ସିନ୍ନର୍

ଲଣ୍ଡନ, ୯।୭ (ଏଜେନ୍ସି): ପାଞ୍ଚଥରର ଗ୍ରାଣ୍ଡସ୍ଲାମ ଚାମ୍ପିଅନ ପୋଲାଣ୍ଡର ଇଗା ସ୍ୱିଆଟେକ ଓ ସୁଇଜରଲାଣ୍ଡର ବେଲିଣ୍ଡା ବେନିକ କ୍ୟାରିୟରରେ ପ୍ରଥମଥର ଲାଗି ୱିମ୍ବଲଡନ ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ବର୍ଷର ୩ୟ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ୱିମ୍ବଲଡନରେ ବୁଧବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ୮ମ ସିଡ୍ ସ୍ୱିଆଟେକ ୬-୨, ୭-୫ ସିଧାସଳଖ ସେଟ୍‌ରେ ୧୯ତମ ସିଡ୍ ରୁଷିଆର ଲିଉଧମିଲା ସାମସୋନୋଭାଙ୍କୁ ପରାସ୍ତ କରି ଅଗ୍ରଗତି କରିଥିଲେ। ସ୍ୱିଆଟେକ ତାଙ୍କ କ୍ୟାରିୟରରେ ୫ଟି ଗ୍ରାଣ୍ଡସ୍ଲାମ ମଧ୍ୟରୁ ୪ଥର ଫ୍ରେଞ୍ଚ ଓପନ୍ ଓ ଗୋଟିଏ ୟୁଏସ୍ ଓପନ୍ ଟ୍ରଫି ଜିତିଛନ୍ତି।



ୱିମ୍ବଲଡନ

ସେହିଭଳି ଅଷ୍ଟ୍ରେଲିଆନ୍ ଓପନ୍‌ରେ ସେ ଦୁଇଥର ସେମିଫାଇନାଲ ଖେଳିଥିଲେ। କିନ୍ତୁ ୱିମ୍ବଲଡନରେ କେବେ ମଧ୍ୟ ଅନ୍ତିମ-୪ରେ ପହଞ୍ଚି ନ ଥିଲେ। ଅନ୍ୟ ଏକ କ୍ୱାର୍ଟରରେ ବେଲିଣ୍ଡା ବେନିକ ୭-୬ (୩), ୭-୬(୨) ସେଟ୍‌ରେ ରୁଷିଆର ୭ମ ସିଡ୍ ମିରା ଆନ୍ଦ୍ରିଭାଙ୍କୁ ହରାଇ ପ୍ରଥମଥର ସେମିରେ ପହଞ୍ଚିଛନ୍ତି। ୧୯୯୮ ପରେ ସୁଇଜରଲାଣ୍ଡର ପ୍ରଥମ ମହିଳା ଖେଳାଳି ଭାବେ ସେ ୱିମ୍ବଲଡନ ସେମିଫାଇନାଲ ଖେଳିବେ। ସ୍ୱିଆଟେକ ଓ ବେଲିଣ୍ଡାଙ୍କ ମଧ୍ୟରେ ଗୁରୁବାର ସେମିଫାଇନାଲ ଖେଳାଯିବ। ଅପରପକ୍ଷରେ ପୁରୁଷ ବିଭାଗରେ ଟପ୍ ସିଡ୍ ଇଟାଲୀର ଜାନ୍ନିକ ସିନ୍ନର ସେମିଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ସିନ୍ନର ୭-୬ (୭/୨), ୬-୪, ୬-୪ ସେଟ୍‌ରେ ଆମେରିକାର ବେନ୍ ସେଲଟନଙ୍କୁ ହରାଇଥିଲେ। ସେହିଭଳି ସର୍ବିଆ ତାରକା ନୋଭାକ ଜୋକୋଭିଚ୍ ଓ ଇଟାଲୀର ଫାବିଓ କୋବୋଲିଙ୍କ ମଧ୍ୟରେ କ୍ୱାର୍ଟର ଲଢ଼େଇ ଜାରି ରହିଛି।

## ■ ନାଭାଲ ଟାଟା ଗ୍ରାସରୁଟ୍ ହକି ଲିଗ୍
## ନୂଆଗାଁ ଏଚ୍‌ଟିସିର ବଡ଼ ବିଜୟ

ଭୁବନେଶ୍ୱର, ୯।୭ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା ନାଭାଲ ଟାଟା ଗ୍ରାସରୁଟ୍ ହକି ଲିଗ୍ ଚାମ୍ପିଅନସିପ୍ ୫ମ ସଂସ୍କରଣର ଫାଇନାଲ ପର୍ଯ୍ୟାୟର ଦ୍ୱିତୀୟ ଦିବସ ଖେଳ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଦ୍ୱିତୀୟ ଦିବରେ ଉଭୟ ବାଳକ ଓ ବାଳିକରେ ୪ଟି ଲେଖାଏ ମ୍ୟାଚ୍ ଖେଳାଯାଇଥିଲା। ବାଳକରେ ନୂଆଗାଁ ହକି ଟ୍ରେନିଂ ସେଣ୍ଟର (ଏଚ୍‌ଟିସି) ୧୦-୦ ଗୋଲ୍‌ର ବଡ଼ ବ୍ୟବଧାନରେ ଛତ୍ରପୁର ଏଚ୍‌ଟିସିକୁ ପରାସ୍ତ କରିଛି। ସେହିଭଳି ରାଜଗାଙ୍ଗପୁର ଏଚ୍‌ଟିସି ୩-୧ ଗୋଲରେ କୁତ୍ରାକୁ, ସଉନାମୁରା ୬-୩ ଗୋଲରେ ସବଡେଗାକୁ, କୌରମୁଣ୍ଡା ୫-୧ ଗୋଲରେ କରଡ଼ାପାଲକୁ ପରାସ୍ତ କରିଛି। ଅପରପକ୍ଷରେ ବାଳିକା ବର୍ଗରେ କୁତ୍ରା ଏଚ୍‌ଟିସି ୫-୦ ଗୋଲରେ ସଉନାମୁରାକୁ, ବମ୍ରା ଏଚ୍‌ଟିସି ୩-୧ରେ ଯାଜପୁରକୁ, ବଡ଼ଗାଁ ୪-୧ରେ ସବଡେଗା ଏଚ୍‌ଟିସିକୁ ହରାଇଛି। ଲାଠିକଟା ଓ ଗୁରୁଣ୍ଡିଆ ଏଚ୍‌ଟିସି ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ୨-୨ ଗୋଲ୍‌ରେ ଡ୍ର ରହିଛି। ଉଲ୍ଲେଖଯୋଗ୍ୟ ରାଜ୍ୟର ଶ୍ରେଷ୍ଠ ୮ଟି ହକି ଟ୍ରେନିଂ ସେଣ୍ଟରକୁ ନେଇ ଓଡ଼ିଶା ନାଭାଲ ଟାଟା ଗ୍ରାସରୁଟ୍ ହକି ଲିଗ୍‌ର ଫାଇନାଲ ପର୍ଯ୍ୟାୟ ଖେଳାଯାଉଛି।

## ମେଣ୍ଡିସ୍‌ଙ୍କ ଶତକରେ ଶ୍ରୀଲଙ୍କା ସିରିଜ ବିଜୟୀ

ପାଲେକେଲେ, ୯।୭ (ଏଜେନ୍ସି): ୱିକେଟ୍‌କିପର କୁଶଲ ମେଣ୍ଡିସଙ୍କ ଶତକ ବଳରେ ଏଠାରେ ବାଂଲାଦେଶ ବିପକ୍ଷରେ ଅନୁଷ୍ଠିତ ଅନ୍ତିମ ତଥା ୩ୟ ଏକଦିବସୀୟ ମ୍ୟାଚକୁ ଘରୋଇ ଶ୍ରୀଲଙ୍କା ୯୯ ରନରେ ଜିତିନେଇଛି। ଏଥିସହ ଶ୍ରୀଲଙ୍କା ତିନି ମ୍ୟାଚ୍‌ବିଶିଷ୍ଟ ସିରିଜରେ ୨-୧ରେ ବିଜୟୀ ହୋଇଛି। ପୂର୍ବରୁ ପ୍ରଥମ ମ୍ୟାଚକୁ ଶ୍ରୀଲଙ୍କା ୭୭ ରନରେ ଓ ୨ୟ ମ୍ୟାଚକୁ ବାଂଲାଦେଶ ୧୬ ରନରେ ଜିତି ବରାବର୍ କରିଥିଲା। ଦୁଇ ଦେଶ ମଧ୍ୟରେ ୩ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜ ଗୁରୁବାରଠାରୁ ଆରମ୍ଭ ହେବ।



ତୃତୀୟ ଏକଦିବସୀୟ ମୁକାବିଲାରେ ଶ୍ରୀଲଙ୍କା ଅଧିନାୟକ ଚାରିଥ ଆସଲଙ୍କା ଟସ୍ ଜିତି ବ୍ୟାଟିଂ ନେଇଥିଲେ। ବ୍ୟାଟିଂକ୍ରମର ତୃତୀୟ ସ୍ଥାନରେ ଆସିଥିବା କୁଶଲ ମେଣ୍ଡିସ ଏହି ଫର୍ମାଟ୍‌ରେ ୬ଷ୍ଠ ଶତକ ହାସଲ କରି ୧୨୪ ରନର ଶତକୀୟ ପାଳି ଖେଳିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଆସଲଙ୍କା ୫୮, ପାଥୁମ ନିଶାଙ୍କ ୩୫, ୱାନିନ୍ଦୁ ହାସରଙ୍ଗା ୧୮ ରନ କରିବା ଫଳରେ ଘରୋଇ ଦଳ ୫୦ ଓଭରରେ ୭ ୱିକେଟ୍ ହରାଇ ୨୮୫ ରନ କରିଥିଲା। ଜବାବରେ ଭ୍ରମଣକାରୀ ବାଂଲାଦେଶ ପ୍ରତିପକ୍ଷ ବୋଲିଂକୁ ସାମ୍ନା କରି ନ ପାରି ୩୯.୪ ଓଭରରେ ୧୮୬ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ତୋହିଦ ହ୍ରିଦୟ ସର୍ବାଧିକ ୫୧, ଅଧିନାୟକ ମେହଦୀ ହାସନ ମିରାଜ ୨୮, ଜାକର ଅଲି ୨୭ ରନ କରିଥିଲେ। ବିଜୟୀ ଶ୍ରୀଲଙ୍କା ପକ୍ଷରୁ ଅସିଥ୍ ଫର୍ଣ୍ଣାଣ୍ଡୋ ଓ ଦୁସ୍ମନ୍ତ ଚାମିରା ୩ଟି ଲେଖାଏ ୱିକେଟ୍ ନେଇଥିଲେ। କୁଶଲ ଉଭୟ ମ୍ୟାଚ୍ ଓ ସିରିଜର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

## ସର୍ବଭାରତୀୟ ସିନିଅର ବ୍ୟାଡ୍‌ମିଣ୍ଟନ
## ୧୧୨ ଖେଳାଳିଙ୍କୁ ନେଇ ହେବ ମୁଖ୍ୟ ପର୍ଯ୍ୟାୟ

ଭୁବନେଶ୍ୱର, ୯।୭ (ସମିସ): ଓଡ଼ିଶାରେ ପ୍ରଥମଥର ଲାଗି ଆୟୋଜିତ ସର୍ବଭାରତୀୟ ସିନିଅର ର‌୍ୟାଙ୍କିଂ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର ୨ୟ ଦିବସ ଖେଳ ବୁଧବାର ଅନୁଷ୍ଠିତ ହୋଇଯାଇଛି। କଳିଙ୍ଗ ଷ୍ଟାଡିୟମସ୍ଥିତ ଇଣ୍ଡୋର ବ୍ୟାଡ୍‌ମିଣ୍ଟନ ଷ୍ଟାଡିୟମ 'ସଟଲ୍' ଓ ପୋଖରୀପୁଟସ୍ଥିତ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମରେ ପ୍ରଥମ ଦୁଇ ଦିନରେ ଯୋଗ୍ୟତା ପର୍ଯ୍ୟାୟର ମୋଟ୍ ୧୭୦ଟି ମ୍ୟାଚ୍ ଖେଳାଯାଇସାରିଛି। ପୁରୁଷ ଏବଂ ମହିଳା ବିଭାଗରେ ସିଙ୍ଗଲ୍ସ ଓ ଡବଲ୍ସ ସହ ମିକ୍ସଡ ଡବଲ୍ସ ମ୍ୟାଚ୍ ଖେଳାଯାଇଛି। ୧୧୨ ଜଣ ଖେଳାଳିଙ୍କୁ ନେଇ ମୁଖ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ମୁଖ୍ୟ ଡ୍ର'ର ମ୍ୟାଚ୍‌ଗୁଡ଼ିକ 'ସଟଲ୍'ରେ ଅନୁଷ୍ଠିତ ହେବ। ଭାରତୀୟ ବ୍ୟାଡ୍‌ମିଣ୍ଟନ ମହାସଂଘ, ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ ଓ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ମେଗା ଇଭେଣ୍ଟ ଜୁଲାଇ ୧୫ରେ ଉଦ୍‌ଯାପିତ ହେବ। ଏଥିରେ ସାରାଦେଶରୁ ୧୫୦୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଛନ୍ତି।

## ଜାତୀୟ ଜୁନିଅର୍ ରଗ୍‌ବୀରେ ଓଡ଼ିଶାକୁ ରୌପ୍ୟ

ଭୁବନେଶ୍ୱର, ୯।୭ (ସମିସ): ଉତ୍ତରାଖଣ୍ଡରେ ଶେଷ ହୋଇଥିବା ଜାତୀୟ ଜୁନିଅର ବାଳିକା ରଗ୍‌ବୀ-୭ ଚାମ୍ପିଅନସିପ୍‌ରେ ଓଡ଼ିଶା ଦଳ ରନର୍ସଅପ୍ ହୋଇଛି। ବୁଧବାର ଅନୁଷ୍ଠିତ ଫାଇନାଲ ମୁକାବିଲାରେ ଓଡ଼ିଶା ୫-୧୪ରେ ବିହାର ନିକଟରୁ ପରାସ୍ତ ହୋଇ ରୌପ୍ୟ ପଦକରେ ସନ୍ତୁଷ୍ଟ ରହିଛି। ଏଥିପୂର୍ବରୁ ଓଡ଼ିଶା ବାଳିକା ରଗ୍‌ବୀ ଦଳ ସେମିଫାଇନାଲରେ ୩୪-୦ ସ୍କୋରରେ ଏକପାଖିଆ ଭାବେ ମହାରାଷ୍ଟ୍ରକୁ ପରାସ୍ତ କରି ଫାଇନାଲକୁ ଉଠିଥିଲା। ସେହିଭଳି କ୍ୱାର୍ଟରରେ ଅନିତା ମୁର୍ମୁଙ୍କ ହ୍ୟାଟ୍ରିକ ବଳରେ ଓଡ଼ିଶା ୩୨-୦ରେ କେରଳକୁ ପରାସ୍ତ କରିଥିଲା। ଏହି ପ୍ରତିଯୋଗିତାରେ ଓଡ଼ିଶାଗ୍ରୁପ୍-ବି'ରେ ସ୍ଥାନ ପାଇଥିବାବେଳେ ଉତ୍ତରାଖଣ୍ଡକୁ ୪୫-୦ରେ ଓ ଆସାମକୁ ୪୫-୦ ସ୍କୋରରେ ହରାଇ ନକ୍‌ଆଉଟ୍ ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ ହୋଇଥିଲା। ରାଜକିଶୋର ମୁର୍ମୁ ଓଡ଼ିଶା ଦଳର ପ୍ରଶିକ୍ଷକ ଓ ରଜନୀ ଶବର ମ୍ୟାନେଜର ଦାୟିତ୍ୱ ତୁଲାଇଥିଲେ। ସେହିଭଳି ଫିଜିଓ ଭାବେ କୁମ୍‌କୁମ୍ ଦଳ ସହ ଗସ୍ତ କରିଥିଲେ।



**ଓଡ଼ିଶା ଦଳ:** ରଞ୍ଜୁଲତା ନାୟକ, ରାଇମଣି ମୁର୍ମୁ, ମାମାଲି ସିଂ, ବର୍ଷାରାଣୀ ପ୍ରଧାନ, ସନ୍ଧ୍ୟାରାଣୀ ବିଶ୍ୱାଳ, ଅନିତା ମୁର୍ମୁ, ବାସି ଓରାମ, ମନିଷା ମାଲହି, ନମିତା ହେମ୍ବ୍ରମ, ସୁମିତ୍ରା ମୁର୍ମୁ, ସୋନାଲି ମାରାଣ୍ଡି, ପାମା ମୁର୍ମୁ।

● ୟୁରୋପ ଗସ୍ତ
## ବିଜୟରୁ ଭାରତ-ଏ' ହକି ଦଳର ଅଭିଯାନ ଆରମ୍ଭ

ଆମଷ୍ଟରଡାମ, ୯।୭ (ଏଜେନ୍ସି): ୟୁରୋପ୍ ଗସ୍ତରେ ଥିବା ଭାରତ-ଏ ପୁରୁଷ ହକି ଦଳ ବଡ଼ ବିଜୟରୁ ଅଭିଯାନ ଆରମ୍ଭ କରିଛି। ବୁଧବାର ନେଦରଲାଣ୍ଡସରେ ଅନୁଷ୍ଠିତ ଏକ ମ୍ୟାଚରେ ଭାରତ-ଏ ହକି ଦଳ ୬-୧ ଗୋଲ୍‌ରେ ଆୟର୍ଲାଣ୍ଡକୁ ପରାସ୍ତ କରିଛି। ବିଜୟୀ ଭାରତୀୟ ଦଳ ପକ୍ଷରୁ ଆଦିତ୍ୟ ଲାଲାଗେ ଦୁଇଟି ଗୋଲ୍ ଦେଇଥିଲେ। ସେହିଭଳି ଉତ୍ତମ ସିଂହ, ଓଡ଼ିଶାର ଅମନଦୀପ୍ ଲାକ୍ରା, ସେଲ୍‌ଭମ କାର୍ଥୀ ଓ ବବି ସିଂ ଧାମିଙ୍କ ଷ୍ଟିକରୁ ଗୋଟିଏ ଲେଖାଏ ଗୋଲ୍ ବାହାରିଥିଲା। ଆୟର୍ଲାଣ୍ଡ ଦଳ ମାତ୍ର ଗୋଟିଏ ଗୋଲ୍ ଶୁଝିବାରେ ସମର୍ଥ ହୋଇଥିଲା। ଭାରତ-ଏ ପରବର୍ତ୍ତୀ ମ୍ୟାଚରେ ପୁଣିଥରେ ଆୟର୍ଲାଣ୍ଡ ସହ ଖେଳିବ। ସଞ୍ଜୟଙ୍କ ନେତୃତ୍ୱରେ ୟୁରୋପ୍ ଗସ୍ତରେ ଯାଇଥିବା ଭାରତ-ଏ ହକି ଦଳ ଆୟର୍ଲାଣ୍ଡ ସମେତ ଫ୍ରାନ୍ସ, ଇଂଲଣ୍ଡ, ବେଲଜିୟମ ଓ ନେଦରଲାଣ୍ଡସ ବିପକ୍ଷରେ ମୋଟ୍ ୮ଟି ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି।

ନନ୍ଦିଘୋଷ
CAREER Opportunities
Nandighosha Network Pvt. Ltd., a leading & fast-growing Odia News Channel invites applications for its
IT Department.
Candidates having requisite qualifications and experience may send their CV.

| Name of the Post | Experience |
|---|---|
| IT Executive | 1. Diploma/Degree in Hardware & Networking / MCA from a recognized institute/University. 2. Key Responsibilities: • Manage and maintain all IT infrastructure including systems, networks, and broadcast equipment. • Provide technical support to newsroom, production, and editorial teams. • Ensure the smooth operation of broadcasting software, editing systems, and studio setups. • Troubleshoot hardware/software/network issues and ensure minimal downtime. 3. 3 to 5 years of experience in information technology. Priority will be given to electronic / digital media experience. |

Please apply along with your detailed CV with recent passport size photo via e-mail: hr@nandighoshatv.com by 15th July, 2025.
Only shortlisted candidates will be called for Personal Interview.
Contact No. 9437016499 HR Dept.

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS